# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ମାର୍ଚ୍ଚ ୧୧/୨୦୧୯ (୧୬ ପୃଷ୍ଠା) | Balasore, Monday, March 11/2019 | ★★★★

୪୫ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବିବାହ ବନ୍ଧନରେ ସାୟଶା**

ଅଭିନେତା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି।

୦୪

୧୪

**ଟର୍ନରଙ୍କ ଅର୍ଦ୍ଧଶତକରେ ଅଷ୍ଟ୍ରେଲିଆ ବିଜୟୀ**

ଆଷ୍ଟନ ଟର୍ନରଙ୍କ ବିସ୍ଫୋରକ ଅପରାଜିତ ୮୪ ରନ ବଳରେ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୪ ଉଇକେଟରେ ପରାସ୍ତ କରିଛି।



## ■ ୭ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ

# ବାଜିଲା ରଣ ଦୁନ୍ଦୁଭି




ସିଇସି ସୁନୀଲ ଆରୋରା (ମଝି)ଙ୍କ ସହ ଦୁଇ ନିର୍ବାଚନ କମିଶନର ଆଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା।

- ■ ୯୦ କୋଟି କରିବେ ମତଦାନ
- ■ ୧.୫ କୋଟି ନୂଆ ଭୋଟର
- ■ ୧୦ ପ୍ରତିଶତ ମତଦାନ କେନ୍ଦ୍ର ବୃଦ୍ଧି
- ■ ଇଭିଏମ୍‌ରେ ରହିବ ପ୍ରାର୍ଥୀଙ୍କ ମୁହଁ
- ■ ମିଥ୍ୟା ଖବର ପ୍ରସାରଣ ଉପରେ କଡ଼ା ନଜର

ନୂଆଦିଲ୍ଲୀ,୧୦।୩ (ପି.ଟି./ଆଇଏଏନ୍‌ଏସ୍)

ସପ୍ତଦଶ ସାଧାରଣ ନିର୍ବାଚନ ପାଇଁ ରବିବାର ନିର୍ବାଚନ କମିଶନ ତାରିଖ ଓ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏପ୍ରିଲ ୧୧ରୁ ମେ ୧୯ ମଧ୍ୟରେ ୭ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ମତଦାନ ହେବ। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶ (ୟୁପି) ସମେତ ପଶ୍ଚିମବଙ୍ଗ ଓ ବିହାରରେ ସମସ୍ତ ୭ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ମେ ୨୩ରେ ସମସ୍ତ ୫୪୩ ଆସନର ଭୋଟ ଗଣତି କରାଯିବ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ) ସ୍ପଷ୍ଟ କରିଛନ୍ତି। ଏହାସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି (ଏମ୍‌ସିସି) ତତ୍କାଳ ଲାଗୁ ହୋଇଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୩ରେ ଶେଷ ହେବାକୁ ଯାଉଛି। ଏଥିଲାଗି ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଯିବା ଆବଶ୍ୟକ। ନିର୍ବାଚନ ତାରିଖ ଘୋଷଣାକୁ ନେଇ ସାରା ଦେଶରେ ଉତ୍କଣ୍ଠା ଲାଗି ରହିଥିବାବେଳେ ପ୍ରତୀକ୍ଷାର ଅନ୍ତ ଘଟାଇଛନ୍ତି ଇସିଆଇ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏବଂ ଦୁଇ ନିର୍ବାଚନ କମିଶନର ଅଶୋକ ଲାଭାସା ଓ ସୁଶୀଲ ଚନ୍ଦ୍ରା ଏକ ଖବରଦାତା ସମ୍ମିଳନୀରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଭାରତୀୟ ସଂସଦୀୟ ନିର୍ବାଚନକୁ ଗଣତନ୍ତ୍ରର ସର୍ବବୃହତ୍ ଉତ୍ସବ ଭାବେ ଅଭିହିତ କରି ସିଇସି କହିଛନ୍ତି, ୫୪୩ ଲୋକ ସଭା ଆସନ ପାଇଁ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ। ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟରେ ୨୦ ରାଜ୍ୟର ୯୧ ଆସନରେ ନିର୍ବାଚନ ହେବ। ଏପ୍ରିଲ ୧୮ରେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ରାଜ୍ୟର ୯୭ ଆସନରେ ମତଦାନ ହେବ। ସେହିପରି ଏପ୍ରିଲ ୨୩ରେ ତୃତୀୟ ପର୍ଯ୍ୟାୟରେ ୧୪ ରାଜ୍ୟର ୧୧୫ ଲୋକ ସଭା ଆସନରେ ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିବେ। ୯ ରାଜ୍ୟର ୭୧ ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ଏପ୍ରିଲ ୨୯ରେ ହେବ। ମେ ୬ରେ ପଞ୍ଚମ ପର୍ଯ୍ୟାୟରେ ୭ ରାଜ୍ୟର ୫୧ ଆସନରେ ମତଦାନ ହେବ। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ମେ ୧୨ରେ ହେବ। ଏହି ପର୍ଯ୍ୟାୟରେ ୭ ରାଜ୍ୟର ୫୯ ଆସନରେ ଭୋଟ ହେବ। ସପ୍ତମ ତଥା ଶେଷ ପର୍ଯ୍ୟାୟରେ ୮ ରାଜ୍ୟର ୫୯ ଆସନରେ ମତଦାନ କରାଯିବ ବୋଲି ସିଇସି ସୂଚନା ଦେଇଛନ୍ତି। ☞ପୃଷ୍ଠା–୪

# ଓଡ଼ିଶାରେ ୪ ପର୍ଯ୍ୟାୟ ଭୋଟ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ବିଗୁଲ୍ ବାଜିସାରିଛି। ଓଡ଼ିଶାରେ ଲୋକ ସଭା ସହିତ ବିଧାନସଭା ନିର୍ବାଚନ ନେଇ ମଧ୍ୟ ଘୋଷଣା କରାଯାଇଛି। ଚଳିତଥର ୪ଟି ପର୍ଯ୍ୟାୟରେ ରାଜ୍ୟରେ ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୧୧ରେ ୪ ଲୋକ ସଭା , ଏପ୍ରିଲ ୧୮ରେ ୫, ଏପ୍ରିଲ ୨୩ରେ ୬ ଏବଂ ଏପ୍ରିଲ ୨୯ରେ ୬ଟି ଲୋକ ସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଅନୁରୂପ ଭାବେ ଲୋକ ସଭା ଆସନ ଅନ୍ତର୍ଗତ ବିଧାନସଭାଗୁଡ଼ିକରେ ସମାନ ଦିନରେ ଭୋଟ ଗ୍ରହଣ କରାଯିବ। ତେଣୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଯଥାକ୍ରମେ ୨୮, ୩୫, ୪୨ ଏବଂ ୪୨ଟି ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ କରାଯିବ। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭାଗୁଡ଼ିକ ପାଇଁ ମତଦାନ ଅନୁଷ୍ଠିତ ହେବ। ୨ୟ ପର୍ଯ୍ୟାୟରେ

**ଲାଗୁହେଲା ଆଚରଣବିଧି**

ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକ ସଭା, ୩ୟ ପର୍ଯ୍ୟାୟରେ ପୁରୀ, ଭୁବନେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର ଏବଂ ଚତୁର୍ଥ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଲୋକ ସଭା ଏବଂ ତତ୍‌ସଂଲଗ୍ନ ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ।

ସାରା ଦେଶର ଭୋଟ ଗ୍ରହଣ ୭ଟି ପର୍ଯ୍ୟାୟରେ ସରିବା ପରେ ମେ' ୨୩ରେ ଗଣତି କରାଯିବ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ମୁଖ୍ୟ ନିର୍ବାଚନ କମିଶନ(ଇସି)ଙ୍କ ଘୋଷଣା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ରବିବାର ସନ୍ଧ୍ୟାରେ ଏହି ଘୋଷଣା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ମାର୍ଚ୍ଚ ୧୮, ୨ୟ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୧୯, ୩ୟ ପର୍ଯ୍ୟାୟ ପାଇଁ ମାର୍ଚ୍ଚ ୨୮ ଏବଂ ୪ର୍ଥ ପାଇଁ ଏପ୍ରିଲ ୨ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେଣ୍ଟ୍ରାଲ ଆର୍ମ୍ଡ ପାରାମିଲିଟାରୀ ଫୋର୍ସ(ସିଏପିଏଫ୍)ଙ୍କୁ ଯେପରି ସୁଚାରୁରୂପେ ନିର୍ବାଚନରେ ନିୟୋଜିତ କରାଯାଇପାରିବ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ମଧ୍ୟ ୪ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବ ଭାରତର ମାଓବାଦୀପ୍ରବଣ ଜିଲାଗୁଡ଼ିକରେ ଏକସଙ୍ଗରେ ନିର୍ବାଚନ କରାଯାଇଥିବା ସିଇଓ ☞ପୃଷ୍ଠା–୪

## ଓଡ଼ିଶାରେ କେଉଁଠି କେବେ ଭୋଟ

### ପ୍ରଥମ ପର୍ଯ୍ୟାୟ: ୧୧ ଏପ୍ରିଲ ୨୦୧୯

| | |
|---|---|
| ବିଜ୍ଞପ୍ତି ଜାରି: ୧୮ ମାର୍ଚ୍ଚ ୨୦୧୯ | ପ୍ରାର୍ଥିପତ୍ର ଦାଖଲ ଶେଷ ତାରିଖ: ୨୫ ମାର୍ଚ୍ଚ |
| ପ୍ରାର୍ଥିପତ୍ର ଯାଞ୍ଚ: ୨୬ ମାର୍ଚ୍ଚ | ପ୍ରାର୍ଥିପତ୍ର ପ୍ରତ୍ୟାହାର: ୨୮ ମାର୍ଚ୍ଚ |

**୪ ଲୋକ ସଭା ଆସନ:** କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର

**୨୮ ବିଧାନସଭା ଆସନ:** ନୂଆପଡ଼ା, ଖଡିଆଳ, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା, ନର୍ଲା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ, ମାଲକାନଗିରି, ଚିତ୍ରକୋଣ୍ଡା, ଗୁଣପୁର, ବିଷମକଟକ, ରାୟଗଡା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ, ପଟାଙ୍ଗୀ, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା ଏବଂ ପାରଳାଖେମୁଣ୍ଡି

### ଦ୍ୱିତୀୟ ପର୍ଯ୍ୟାୟ: ୧୮ ଏପ୍ରିଲ ୨୦୧୯

**୫ ଲୋକ ସଭା ଆସନ:** ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ, ଆସିକା

**୩୫ ବିଧାନସଭା ଆସନ:** ପଦମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲୀ, ବ୍ରଜରାଜନଗର, ଝାରସୁଗୁଡା, ତଲସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ, ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ, ବଲାଙ୍ଗୀର, ଟିଟିଲାଗଡ, କଣ୍ଟାବାଞ୍ଜି, ବାଲିଗୁଡା, ଜି.ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା, ଭଞ୍ଜନଗର, ପୋଲସରା, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଆସିକା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି

### ତୃତୀୟ ପର୍ଯ୍ୟାୟ: ୨୩ ଏପ୍ରିଲ ୨୦୧୯

**୬ ଲୋକ ସଭା ଆସନ:** ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ, ଭୁବନେଶ୍ୱର

**୪୨ ବିଧାନସଭା ଆସନ:** କୁଚିଣ୍ଡା, ରେଙ୍ଗାଲୀ, ସମ୍ବଲପୁର, ରେଢାଖୋଲ, ଦେବଗଡ଼, ଛେଣ୍ଡିପଦା, ଆଠମଲ୍ଲିକ, ତେଲକୋଇ, ଘଷିପୁରା, ଆନନ୍ଦପୁର, ପାଟଣା, କେନ୍ଦୁଝର, ଚମ୍ପୁଆ, କରଞ୍ଜିଆ, ଢେଙ୍କାନାଳ, ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର, ଅନୁଗୋଳ, ବଡ଼ମ୍ବା, ବାଙ୍କୀ, ଆଠଗଡ଼, ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ଖଣ୍ଡପଡ଼ା, ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, ଚିଲିକା, ରଣପୁର, ନୟାଗଡ଼, ଜୟଦେବ, ଭୁବନେଶ୍ୱର-ମଧ୍ୟ, ଭୁବନେଶ୍ୱର-ଉତ୍ତର, ଏକାମ୍ର-ଭୁବନେଶ୍ୱର, ଜଟଣୀ, ବେଗୁନିଆ ଏବଂ ଖୋର୍ଦ୍ଧା

### ଚତୁର୍ଥ ପର୍ଯ୍ୟାୟ: ୨୯ ଏପ୍ରିଲ ୨୦୧୯

**୬ ଲୋକ ସଭା ଆସନ:** ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର

**୪୨ ବିଧାନସଭା ଆସନ:** ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବାରିପଦା, ମୋରଡ଼ା, ବଡସାହି, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ନିଆଳି, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତ୍‌ସିଂହପୁର, କାକଟପୁର ଏବଂ ନିମାପଡ଼ା

**ଭୋଟ ଗଣତି**

**୨୩ ମେ ୨୦୧୯**



**ଆଜିର ସମ୍ପାଦକୀୟ**

ନିରପେକ୍ଷ ତୃତୀୟ

ଇଥିଓପିଆରେ ବିମାନ ଦୁର୍ଘଟଣା:୧୫୭ ମୃତ | ପୃଷ୍ଠା ୩

**ଆଜିର ମନ୍ତବ୍ୟ**

"ବିଫଳତାକୁ ଲୁଚାଇବା ପାଇଁ ସେନାକୁ ବ୍ୟବହାର କରି ଭାଜପା ବିପଜ୍ଜନକ ମାର୍ଗରେ ଯାଉଛି।

–ଅହମ୍ମଦ ପଟେଲ, ବରିଷ୍ଠ କଂଗ୍ରେସ ନେତା


NECC NATIONAL EGG CO-ORDINATION COMMITTEE | 10.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 83 | 136 | 146 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers








ବହୁତ ହୋଇଗଲା। ଅନନ୍ତ କାଳ ଯାଏ ଆତଙ୍କବାଦକୁ ସହ୍ୟ କରିପାରିବ ନାହିଁ ଭାରତ।

-ନରେନ୍ଦ୍ର ମୋଦି,
ପ୍ରଧାନମନ୍ତ୍ରୀ








## ଏପ୍ରିଲ ୧୧ରୁ ମେ ୧୯: ପ୍ରଚାରରେ ହଜିଯିବ ଅନେକ ପ୍ରସଙ୍ଗ

# ଗଣତନ୍ତ୍ରର ମହାପର୍ବକୁ ମାସେ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନଙ୍କ ଘୋଷଣା ସହ ସାଧାରଣ ନିର୍ବାଚନ ପାଇଁ ଆନୁଷ୍ଠାନିକ ଭାବେ ବିଗୁଲ ବାଜିଛି। ଏବେ ସବୁ ରାଜନୈତିକ ଦଳ ମଇଦାନକୁ ଓହ୍ଲାଇ ନିଜ ନିଜ ରଣନୀତି ଅନୁସାରେ ଗୋଟି ଚାଳନା କରିବେ। ହାଇଭୋଲ୍ଟେଜ୍ ପ୍ରଚାର ବେଳେ ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପ ଓ କାଦୁଅଫିଙ୍ଗା ଆହୁରି ତୀବ୍ରତର ହେବ। ତେବେ ୨୦୧୪ ନିର୍ବାଚନ ଭଳି ଏଥର ଭୋଟ ପ୍ରଚାର ହେବ ନା ରାଜନୈତିକ ଦଳଗୁଡ଼ିକ ନୂଆ ଉପାୟ ଆପଣାଇ ମଇଦାନରେ ଲଢ଼େଇ କରିବେ ତାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା।

ସାଧାରଣ ନିର୍ବାଚନ ଆରମ୍ଭ ହେବାକୁ ଆଉ ମାତ୍ର ମାସେ ସମୟ ରହିଲା। ଭାରତୀୟ ଗଣତନ୍ତ୍ରର ଏହି ବହୁପ୍ରତୀକ୍ଷିତ ମହାପର୍ବରେ ଦେଶର ୯୦ କୋଟି ମତଦାତା ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରି ନିଜ ନିଜ ପ୍ରତିନିଧିଙ୍କୁ ବାଛିବେ ଆଉ ନିର୍ଦ୍ଧାରଣ କରିବେ ସେମାନଙ୍କ ଆଗାମୀ ୫ ବର୍ଷର ଭବିଷ୍ୟତ। ଏହି ପରିପ୍ରେକ୍ଷୀରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବା ପରେ ମତଦାନ ଦିନର ଅବଗଣନା ଆରମ୍ଭ ହୋଇଛି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୁଣିଥରେ କ୍ଷମତାସୀନ ହେବା ପାଇଁ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ଏହାଠାରୁ କ୍ଷମତାର ଡୋରି ଛଡ଼ାଇନେବା ପାଇଁ ଅଣ୍ଟା ଭିଡ଼ିଛି କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା)। ସେହିପରି କେତେକ ଆଞ୍ଚଳିକ ଦଳ ମଧ୍ୟ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଚାଷୀ ଆତ୍ମହତ୍ୟା, ବେକାରି ସମସ୍ୟା, ରାଫାଲ ଦୁର୍ନୀତି ଓ ଆତଙ୍କବାଦୀ ଆକ୍ରମଣ ଭଳି ପ୍ରସଙ୍ଗ ଉଠାଇ ଏନ୍‌ଡିଏକୁ ଘେରିବା ପାଇଁ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି। ଏବେ ସେମାନଙ୍କ ସ୍ୱର ଅଧିକ ଶାଣିତ ହେବ। ସେପଟେ ରାଜନୈତିକ ଦୃଷ୍ଟିରୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଉତ୍ତରପ୍ରଦେଶ ସମେତ କେତେକ ହିନ୍ଦୀଭାଷୀ ରାଜ୍ୟରେ ଭାଜପାର ପାଲା ଭାରି ଥିବାବେଳେ ପୁଲଓ୍ୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନାର ବୋମାମାଡ଼କୁ ନେଇ ଗୈରିକ ଦଳ ସାରା ଦେଶରେ ଫାଇଦା ଉଠାଇବା ପାଇଁ ଉଦ୍ୟମ କରିବ। ଆତଙ୍କବାଦୀଙ୍କ ଉପରେ ଏହି ସୀମାପାର କାର୍ଯ୍ୟାନୁଷ୍ଠାନ ଚଳିତ ନିର୍ବାଚନର ପ୍ରଚାରରେ ନୂଆ ଅଧ୍ୟାୟ ଯୋଡ଼ିଛି। ଏଥିଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ପ୍ରସଙ୍ଗ ଏକପ୍ରକାର ଶୀତଳଭଣ୍ଡାରକୁ ଚାଲିଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି।

> ସାଧାରଣ ନିର୍ବାଚନରେ ଭାରତୀୟ ବାୟୁସେନାର ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ପ୍ରସଙ୍ଗ କରିବ ଭାଜପା।
>
> **-ସୁଷମା ସ୍ୱରାଜ, ବରିଷ୍ଠ ଭାଜପା ନେତ୍ରୀ**



## ୨୦୧୪: କିଛି ତଥ୍ୟ

୨୦୧୪ ସାଧାରଣ ନିର୍ବାଚନ ପାଇଁ ୯ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଏପ୍ରିଲ ୭ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହୋଇଥିବାବେଳେ ମେ ୧୨ରେ ଶେଷ ତଥା ନବମ ପର୍ଯ୍ୟାୟ ମତଦାନ ହୋଇଥିଲା। ୫୪୩ ଆସନ ପାଇଁ ୮,୨୫୧ ପ୍ରାର୍ଥୀ (୬୬୮ ମହିଳା) ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୭,୦୦୦ ପ୍ରାର୍ଥୀ ଅମାନତ ହରାଇଥିଲେ। ୯.୨୭ ଲକ୍ଷ ପୋଲିଂ ଷ୍ଟେଶନରେ ମୋଟ ୫୫ କୋଟି (୬୬.୩%) ମତଦାତା ଭୋଟ ଦେଇଥିଲେ। ଉପର ମଧ୍ୟରୁ କାହାରିକୁ ନୁହେଁ (ନୋଟା)ରେ ୬୦ ଲକ୍ଷ ଭୋଟ ପଡ଼ିଥିଲା। ୫୪୩ ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୬୨ ଜଣ ଥିଲେ ମହିଳା।

## କେଉଁଠି କେବେ ଭୋଟ ଗ୍ରହଣ

| ପର୍ଯ୍ୟାୟ | ତାରିଖ | ରାଜ୍ୟ (ଆସନ) |
|---|---|---|
| ପ୍ରଥମ | ଏପ୍ରିଲ୧୧ | ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) , ଲାକ୍ଷାଦୀପର ଗୋଟିଏ ଆସନରେ ଭୋଟଗ୍ରହଣ କରାଯିବ। |
| ଦ୍ୱିତୀୟ | ଏପ୍ରିଲ୧୮ | ଆସାମ (୫), ବିହାର (୫), ଛତିଶଗଡ଼ (୩), ଜମ୍ମୁ ଓ କଶ୍ମୀର (୨), କର୍ଣାଟକ (୧୪), ମହାରାଷ୍ଟ୍ର (୧୦), ମଣିପୁର (୧), ଓଡ଼ିଶା (୫), ତାମିଲନାଡୁ (୩୯), ତ୍ରିପୁରା (୧), ୟୁପି (୮), ପଶ୍ଚିମବଙ୍ଗ (୩) ଏବଂ ପୁଡୁଚେରୀର ଗୋଟିଏ ଆସନରେ ନିର୍ବାଚନ ହେବ। |
| ତୃତୀୟ | ଏପ୍ରିଲ୨୩ | ଆସାମ (୪), ବିହାର (୫), ଛତିଶଗଡ଼ (୭), ଗୁଜରାଟ (୭), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ଣାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧) ଏବଂ ଡାମନ ଓ ଡିଉର ଗୋଟିଏ। |
| ଚତୁର୍ଥ | ଏପ୍ରିଲ୨୯ | ବିହାର (୫), ଜମ୍ମୁ ଓ କଶ୍ମୀର (୧), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୬), ମହାରାଷ୍ଟ୍ର (୧୭), ଓଡ଼ିଶା (୬), ରାଜସ୍ଥାନ (୧୪), ୟୁପି (୧୩) ଏବଂ ପଶ୍ଚିମବଙ୍ଗ (୮) |
| ପଞ୍ଚମ | ମେ ୬ | ବିହାର (୫), ଜମ୍ମୁ ଓ କଶ୍ମୀର (୨), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୭), ରାଜସ୍ଥାନ (୧୨), ୟୁପି (୧୪), ପଶ୍ଚିମବଙ୍ଗ (୭) |
| ଷଷ୍ଠ | ମେ ୧୨ | ବିହାର (୮), ହରିୟାଣା (୧୦), ଝାଡ଼ଖଣ୍ଡ (୪), ମଧ୍ୟପ୍ରଦେଶ (୮), ୟୁପି (୧୪), ପଶ୍ଚିମବଙ୍ଗ (୮) ଏବଂ ଦିଲ୍ଲୀ-ଏନ୍‌ସିଆର୍ (୭) |
| ସପ୍ତମ | ମେ ୧୯ | ବିହାର (୮), ଝାଡ଼ଖଣ୍ଡ (୩), ମଧ୍ୟପ୍ରଦେଶ (୮), ପଞ୍ଜାବ (୧୩), ପଶ୍ଚିମବଙ୍ଗ (୯), ଚଣ୍ଡିଗଡ଼ (୧) ୟୁପି (୧୩) ଓ ହିମାଚଳ ପ୍ରଦେଶର (୪ ) |

## ସବୁ ବୁଥ୍‌ରେ ଭିଭିପିଏଟି

**ନୂଆଦିଲ୍ଲୀ,୧୦।୩**

ଏଥର ନିର୍ବାଚନରେ ପ୍ରତି ବୁଥ୍‌ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ସହିତ ଭୋଟର ଭେରିଫିଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ରହିବ। ନିର୍ବାଚନ ତାରିଖ ଘୋଷଣା କରିବା ଅବସରରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଏହା କହିଛନ୍ତି। ଫଳରେ ଭୋଟର ଯାହାଙ୍କୁ ଭୋଟ ଦେଲେ ତାହା ତାଙ୍କୁ ମିଳିଲା ବୋଲି ସ୍ପଷ୍ଟ ହୋଇପାରିବେ। ସେହିପରି ରିଜର୍ଭ ଥିବା ଇଭିଏମ ଏବଂ ଭିଭିପିଏଟିଗୁଡ଼ିକର ସୁରକ୍ଷା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସେଗୁଡିକର ପରିବହନରେ ବ୍ୟବହୃତ ଗାଡିଗୁଡିକରେ ଜିପିଏସ୍ ଟ୍ରାକର୍ ଏବଂ ମୋବାଇଲ ଭିତ୍ତିକ ଟ୍ରାକିଂ ସିଷ୍ଟମ୍ ଖଞ୍ଜାଯିବ। ଭିଭିପିଏଟି ଗଚ୍ଛିତ ରଖିବା ଏବଂ ପରିଚାଳନାରେ କଡ଼ା ସୁରକ୍ଷା ନିୟମାବଳୀ ପାଳନ କରାଯିବ। ଇଭିଏମ୍ ସମ୍ପର୍କିତ ଅଭିଯୋଗର ଶୁଣାଣି ଲାଗି ଉଚ୍ଚ କ୍ଷମତାସମ୍ପନ୍ନ କମିଟି ରହିବ।




## ଭୋଟରଙ୍କୁ ଆଶୀର୍ବାଦ ମାଗିଲେ ମୋଦି

ନିର୍ବାଚନ ତାରିଖ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ କ୍ଷମତାସୀନ ହେବା ପାଇଁ ଭୋଟରଙ୍କୁ ଆଶୀର୍ବାଦ ମାଗିଛନ୍ତି। ଜନସାଧାରଣ ବହୁସଂଖ୍ୟାରେ ଭୋଟ ଦେବା ପାଇଁ ସେ ଟୁଇଟ୍ କରି ଅନୁରୋଧ କରିଛନ୍ତି। ଗଣତନ୍ତ୍ରର ଉତ୍ସବ ଲୋକ ସଭା ନିର୍ବାଚନକୁ ସୁଦୃଢ଼ କରିବା ଲାଗି ସମସ୍ତଙ୍କ ସକ୍ରିୟ ଯୋଗଦାନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

## କଂଗ୍ରେସର ସ୍ୱାଗତ

ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଏହାକୁ ସ୍ୱାଗତ କରିଛି। ତାରିଖ ଘୋଷଣା ପରେ କଂଗ୍ରେସ ଦଳ ପକ୍ଷରୁ ଦୁଇ ମିନିଟର ଏକ ଭିଡିଓ ଜାରି କରାଯାଇ ଦଳ ନିର୍ବାଚନ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ବୋଲି କୁହାଯାଇଛି। ଏହି ଲଢ଼େଇରେ ସରକାରରେ ଥିବା ମିଛୁଆମାନେ ପରାଜିତ ହେବେ। ସତ୍ୟର ବିଜୟ ହେବ ଏବଂ ଉପା କ୍ଷମତାକୁ ଆସିବ ବୋଲି କଂଗ୍ରେସ କହିଛି।

## ପ୍ରଚାରରେ କ୍ଷତିକାରକ ସାମଗ୍ରୀ ବ୍ୟବହାର ମନା

**ନୂଆଦିଲ୍ଲୀ,୧୦।୩**

ପରିବେଶ ପ୍ରତି କ୍ଷତି ପହଞ୍ଚାଉଥିବା ସାମଗ୍ରୀକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ଏଭଳି ସାମଗ୍ରୀ ବ୍ୟବହାରରୁ ନିବୃତ୍ତ ରହିବା ଲାଗି ନିର୍ବାଚନ କମିଶନ ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଓବାଦୀ ପ୍ରବଣ ରାଜ୍ୟରେ ଭୋଟଗ୍ରହଣ ଶେଷ ହେବା ପରେ ସେଠାରେ ନିୟୋଜିତ ହୋଇଥିବା ଅତିରିକ୍ତ ସୁରକ୍ଷା ବଳଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ସୁରକ୍ଷା କାରଣରୁ ଜମ୍ମୁ-କଶ୍ମୀରର ଅନନ୍ତନାଗ ଆସନରେ ତିନି ପର୍ଯ୍ୟାୟରେ ନିର୍ବାଚନ କରିବାକୁ ନିଷ୍ପତ୍ତି ହୋଇଛି। ଜମ୍ମୁ-କଶ୍ମୀର ପାଇଁ ୩ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ ହେବେ।

## ୪ ରାଜ୍ୟରେ ଏକକାଳୀନ ନିର୍ବାଚନ



ସାଧାରଣ ନିର୍ବାଚନ ପାଇଁ ଆସାମର ବାସ୍କା ଜିଲାରେ ରବିବାର ଜଣେ ଇଏମ୍‌ଏମ୍ ପ୍ରଶିକ୍ଷକ ପୁଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ୍ ଦେଉଛନ୍ତି।

**ନୂଆଦିଲ୍ଲୀ,୧୦।୩:** ସାଧାରଣ ନିର୍ବାଚନ ସହ ଏକସଙ୍ଗେ ୪ ରାଜ୍ୟର ବିଧାନସଭା ପାଇଁ ଭୋଟଗ୍ରହଣ କରାଯିବ। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମର ମତଦାତା ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଭୋଟ ଦେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ରବିବାର ଘୋଷଣା କରିଛନ୍ତି। ଏପ୍ରିଲ ୧୧ରେ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମରେ ବିଧାନସଭା ନିର୍ବାଚନ ଗୋଟିଏ ପର୍ଯ୍ୟାୟରେ ହେବ। ସେହିପରି ଓଡ଼ିଶାରେ ଏପ୍ରିଲ ୧୧, ୧୮, ୨୩ ଓ ୨୯ ତାରିଖରେ ୪ଟି ପର୍ଯ୍ୟାୟରେ ବିଧାନସଭା ପାଇଁ ଭୋଟ ଗ୍ରହଣ କରାଯିବ।

## ଆଦର୍ଶ ଆଚରଣ ବିଧି କ'ଣ

ଆଦର୍ଶ ଆଚରଣ ବିଧି ହେଉଛି ରାଜନୈତିକ ଦଳଗୁଡ଼ିକର ସହମତିରେ ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ପୋଲିଂ ଏଜେଣ୍ଟମାନଙ୍କୁ କ'ଣ କରିବାକୁ ହେବ ଏବଂ ସେମାନେ କ'ଣ କରିବେ ନାହିଁ ତାହା ଏଥିରେ ଉଲ୍ଲେଖ ରହିଛି। ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି, ନେତାଙ୍କ ଭାଷଣ, ଶୋଭାଯାତ୍ରା ଇତ୍ୟାଦି ବେଳେ ଏହି ନିୟମାବଳୀକୁ ମାନିବାକୁ ହୋଇଥାଏ। ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀ ହୋଇଥାଏ। ଲୋକ ସଭା ଏବଂ ୪ଟି ରାଜ୍ୟ ବିଧାନସଭା ଭୋଟ ଲାଗି ତାରିଖ ଘୋଷଣା ସହିତ ତତ୍କାଳ ଆଚରଣ ବିଧି ଲାଗୁ ହୋଇଛି । ଫଳରେ ଭୋଟରଙ୍କ ନିଷ୍ପତ୍ତିକୁ ପ୍ରଭାବିତ କଲା ଭଳି କୌଣସି ନୀତି ନିଷ୍ପତ୍ତି ସରକାର ଘୋଷଣା କରିପାରିବେ ନାହିଁ।

## ସୋସିଆଲ ମିଡିଆ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟରେ ସାମିଲ ହେବ

**ନୂଆଦିଲ୍ଲୀ,୧୦।୩**

ନିର୍ବାଚନ କମିଶନ ପ୍ରାର୍ଥୀମାନଙ୍କ ଲାଗି ସୋସିଆଲ ମିଡିଆ ଗାଇଡଲାଇନ ଜାରି କରିଛନ୍ତି। ସୋସିଆଲ ମିଡିଆରେ ପ୍ରଚାରଧର୍ମୀ ବିଜ୍ଞାପନ ଖର୍ଚ୍ଚ ପ୍ରାର୍ଥୀଙ୍କ ନିର୍ବାଚନୀ ବ୍ୟୟ ଆକାଉଣ୍ଟରେ ସାମିଲ ହେବ। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟର ବିବରଣୀ ଦେବାକୁ ହେବ। ସୋସିଆଲ ମିଡିଆରେ ରାଜନୈତିକ ବିଜ୍ଞାପନ ପାଇଁ ପ୍ରାର୍ଥୀ ପୂର୍ବରୁ ଅନୁମତି ନେବେ। ରାଜନୈତିକ ବିଜ୍ଞାପନଗୁଡିକୁ ଯାଞ୍ଚ କରିବା ଲାଗି ନିର୍ବାଚନ କମିଶନ ଗୁଗଲ, ଫେସ୍‌ବୁକ, ଟ୍ୱିଟର ଏବଂ ୟୁ-ଟ୍ୟୁବ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସୋସିଆଲ ମିଡିଆରେ ଏଭଳି ବିଜ୍ଞାପନ ସମ୍ପର୍କିତ ଅଭିଯୋଗର ବିଚାର ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତ କରାଯିବ।

## ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ହେବନି

ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ ନାହିଁ। ଗତ ଜୁନ୍ ମାସରେ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ସମର୍ଥନ ପ୍ରତ୍ୟାହାର କରିନେବା ପରେ ସେଠାରେ ରାଜ୍ୟପାଳ ଶାସନ ଚାଲିଛି। ନିୟମ ଅନୁଯାୟୀ ୬ ମାସ ମଧ୍ୟରେ ସେଠାରେ ନିର୍ବାଚନ କରାଯିବା କଥା। ଲୋକ ସଭା ନିର୍ବାଚନ ସହ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ଏକସଙ୍ଗେ ଅନୁଷ୍ଠିତ ହେବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ପୁଲ୍‌ଓ୍ୱାମା ଆକ୍ରମଣ ପରେ ସେଠାରେ ଉତ୍ତେଜନା ଲାଗି ରହିଛି। ନିର୍ବାଚନ କମିଶନ ସୁରକ୍ଷା ସ୍ଥିତି ଅନୁଧ୍ୟାନ କରିବା ପରେ ଏବେ ସେଠାରେ ବିଧାନସଭା ନିର୍ବାଚନ ପାଇଁ ଠିକ୍ ସମୟ ନୁହେଁ ବୋଲି ଅନୁଭବ କରିଥିଲେ। ତେଣୁ ସେଠାରେ କେବଳ ଲୋକ ସଭା ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଧାନସଭା ନିର୍ବାଚନ କରା ନ ଯିବାକୁ ନେଇ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା ଆରମ୍ଭ ହୋଇଯାଇଛି।





୧୯୯୬ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଠିକ୍ ସମୟରେ ହେଉ ନ ଥିବା ନ୍ୟାଶନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା କହିଛନ୍ତି। ଏକସଙ୍ଗେ ନିର୍ବାଚନ କରିବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ସର୍ବଦଳୀୟ ବୈଠକରେ ଦେଇଥିବା ପ୍ରତିଶ୍ରୁତି ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଜମ୍ମୁ-କଶ୍ମୀରରେ କେବଳ ଲୋକ ସଭା ନିର୍ବାଚନ କରାଇବା କେନ୍ଦ୍ର ସରକାରଙ୍କ କୁଟିଳ ମନୋଭାବକୁ ସ୍ପଷ୍ଟ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି କହିଛନ୍ତି। ନିଜକୁ ସୁହାଇଲା ଭଳି କାର୍ଯ୍ୟସୂଚୀ ଜାରି ନିମନ୍ତେ ସରକାର ସମୟ ଗଡାଉଥିବା ସେ ଅଭିଯୋଗ କରିଛନ୍ତି।



## ୯୦ କୋଟି ଭୋଟର

ସପ୍ତଦଶ ଲୋକ ସଭା ନିର୍ବାଚନରେ ପାଖାପାଖି ୯୦ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ଲାଗି ପଞ୍ଜୀକୃତ ଭୋଟରଙ୍କ ତୁଳନାରେ ଏହା ୮ କୋଟି ୪୩ ଲକ୍ଷ ଅଧିକ। ସେମାନଙ୍କ ମଧ୍ୟରୁ ଦେଢ଼ କୋଟି ଭୋଟରଙ୍କ ବୟସ ୧୮ରୁ ୧୯ ବର୍ଷ ମଧ୍ୟରେ। ଭୋଟଦାନ ସୁବିଧା ପାଇଁ ୫୪୩ଟି ନିର୍ବାଚନ ମଣ୍ଡଳୀରେ ୧୦ ଲକ୍ଷ ବୁଥ୍‌ର ବ୍ୟବସ୍ଥା କରାଯିବ। ୨୦୧୪ ତୁଳନାରେ ଏଥର ଭୋଟଗ୍ରହଣ କେନ୍ଦ୍ର ସଂଖ୍ୟା ୧୦ ପ୍ରତିଶତ ଅଧିକ ବୋଲି ଜଣାପଡିଛି।





## ସଂକ୍ଷେପରେ

### ମଧ୍ୟପ୍ରଦେଶରେ ଓବିସି ସଂରକ୍ଷଣ ୨୭ ପ୍ରତିଶତକୁ ବୃଦ୍ଧି

**ଭୋପାଳ,୧୦।୩ :** ଲୋକ ସଭା ନିର୍ବାଚନ ଆଚରଣ ବିଧି ଘୋଷଣା ହେବା ପୂର୍ବରୁ ମଧ୍ୟପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ରବିବାର ସରକାରଙ୍କ ୧୪ରୁ ୨୭ ପ୍ରତିଶତ ଓବିସି କୋଟା ବୃଦ୍ଧି ଅଧାଦେଶକୁ ମଞ୍ଜୁର କରିଛନ୍ତି। ଫଳରେ ଦେଶର ପ୍ରଥମ ରାଜ୍ୟ ଭାବେ ମଧ୍ୟପ୍ରଦେଶରେ ଓବିସି କୋଟା ୨୭ ପ୍ରତିଶତରେ ପହଞ୍ଚିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ରାଜ୍ୟର ପଛୁଆ ବର୍ଗ ମତଦାତାଙ୍କୁ ହାତମୁଠାକୁ ନେବା ପାଇଁ କମଲନାଥ ସରକାର ଏହି ଅଧାଦେଶ ଆଣିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ରଖିଛନ୍ତି। ଶୁକ୍ରବାର ରାଜ୍ୟପାଳ ପଟେଲଙ୍କ ନିକଟକୁ ଏହା ପଠାଯାଇଥିଲା। ସେ ଏହି ଅଧାଦେଶକୁ ସ୍ୱୀକୃତି ଦେଇଥିବାବେଳେ ମୁଖ୍ୟମନ୍ତ୍ରୀ କମଲନାଥ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଚୌହାନ ତାଙ୍କ ୧୫ ବର୍ଷ ଶାସନ କାଳରେ ପଛୁଆ ବର୍ଗଙ୍କୁ ଅଣଦେଖା କରିଥିବା କହିଛନ୍ତି।

## ଇଥିଓପିଆରେ ବିମାନ ଦୁର୍ଘଟଣା

# ୪ ଭାରତୀୟଙ୍କ ସମେତ ୧୫୭ ମୃତ

**ଆଡିସ୍ ଆବାବା (ଇଥିଓପିଆ),୧୦।୩**

ଇଥିଓପିଆ ଏୟାରଲାଇନ୍ସର ଏକ ବିମାନ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ସମସ୍ତ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ଭାରତୀୟ ରହିଛନ୍ତି। ଦୁର୍ଘଟଣାର କାରଣ ଜଣାପଡିନାହିଁ। ବୋଇଂ ୭୩୭-୮ ମାକ୍ସ ବିମାନଟି ଇଥିଓପିଆ ରାଜଧାନୀ ଆଡିସ୍ ଆବାବାରୁ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେନିଆ ରାଜଧାନୀ ନାଇରୋବି ଅଭିମୁଖେ ଯାଉଥିବା ଉକ୍ତ ବିମାନରେ ୧୪୯ ଯାତ୍ରୀ ଓ ୮ ଜଣ କର୍ମଚାରୀ ଥିଲେ।

ଅନ୍ୟ ମୃତକଙ୍କ ମଧ୍ୟରେ କେନିଆର ୩୨, କାନାଡାର ୧୮, ଆମେରିକାର ୮ ଜଣ, ଚୀନ୍‌ର ୮, ବ୍ରିଟେନର ୭, ଇଟାଲୀର ୮ ଏବଂ ଇଥିଓପିଆର ୯ ଯାତ୍ରୀଙ୍କ ସମେତ ଅନ୍ୟ ଦେଶର ନାଗରିକ ଅଛନ୍ତି। ସ୍ଥାନୀୟ ସମୟ ସକାଳ ୮ଟା ୪୪ରେ ଆଡିସ ଆବାବାଠାରୁ ୫୦ କି.ମି. ଦୂରରେ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଗତ ନଭେମ୍ବର ମାସରେ ଏହି ବିମାନ କିଣାଯାଇଥିଲା। ଦୁର୍ଘଟଣାକୁ ନେଇ ବୋଇଂ କମ୍ପାନୀ ଗଭୀର ଦୁଃଖ ପ୍ରକାଶ କରିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଟେକ୍ନିକାଲ ସହାୟତା ଯୋଗାଇ ଦେବ ବୋଲି କମ୍ପାନୀ କହିଛି। ଗତବର୍ଷ ଅକ୍ଟୋବରରେ ଇଣ୍ଡୋନେସିଆ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସମସ୍ତ ୧୮୯ ଜଣଙ୍କର ମୃତ୍ୟୁ ହୋଇଥିଲା। ବିମାନର ଏୟାରସ୍ପିଡ୍ ଇଣ୍ଡିକେଟର ଏବଂ ଆଙ୍ଗଲ୍ ଅଫ ଆଟାକ୍ ସେନ୍ସର୍‌ସରେ ସମସ୍ୟା ଥିବା ତଦନ୍ତରୁ ଜଣାପଡିଥିଲା।




ଦୁର୍ଘଟଣାଗ୍ରସ୍ତ ବିମାନ।

## କଲମ୍ବିଆ ବିମାନ ଦୁର୍ଘଟଣାରେ ୧୨ ନିହତ

**ବୋଗଟା,୧୦।୩ (ଏଏଫ୍‌ପି) :** କଲମ୍ବିଆରେ ଶନିବାର ଏକ ବିମାନ ଦୁର୍ଘଟଣାରେ ଜଣେ ମେୟର ଓ ତାଙ୍କ ପରିବାର ସମେତ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଡଗଲାସ୍ ଡିସି-୩ ବିମାନ ସାନ୍ ଜୋସ୍ ଡେଲ୍ ଗୁଆଭିଏର୍ ଏବଂ ଭିଲାଭିସେନ୍‌ସିଓ ସହର ମଧ୍ୟରେ ଚଳାଚଳ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭିଲାଭିସେନ୍‌ସିଓ ନିକଟରୁ ବିମାନର ଭଗ୍ନାବଶେଷ ମିଳିଛି। ଉକ୍ତ ବିମାନରେ ଟାରାଇରା ମ୍ୟୁନିସିପାଲିଟିର ମେୟର, ତାଙ୍କ ସ୍ୱାମୀ ଓ ଝିଅ, ବିମାନର ମାଲିକ, ଦୁଇ ପାଇଲଟ ଏବଂ ଜଣେ ବିମାନ ଟେକ୍ନିସିଆନ ଥିଲେ। ଇଞ୍ଜିନ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି।






## ଆଜିଠୁ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ସୋମବାରଠାରୁ ରାଜ୍ୟରେ ବଢ଼ିବ ତାପମାତ୍ରା। ଅଧିକାଂଶ ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ରାଜ୍ୟରେ ଗରମ ଅନୁଭୂତ ହେବ। ସୋମବାରଠାରୁ ତାପମାତ୍ରା ଧୀରେ ଧୀରେ ବଢ଼ି ଆସନ୍ତା ୧୫ତାରିଖ ସୁଦ୍ଧା ଏହା ୫ରୁ ୬ ଡିଗ୍ରୀ ବୃଦ୍ଧି ପାଇବ। ବର୍ତ୍ତମାନ ବାୟୁ ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟ ଆଡ଼କୁ ପ୍ରବାହିତ ହେଉଛି। ଏହାପରେ ଓଡ଼ିଶା ଉପରେ ଏକ ଗୁରୁଚାପ ବଳୟ ସୃଷ୍ଟି ହେବ। ଏହି ସମୟରେ ଦିନବେଳା ଅପେକ୍ଷା ରାତିର ତାପମାତ୍ରା କମ୍ ରହିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏ ସମ୍ପର୍କରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଡ୍ୟୁଟି ଅଫିସର ଗୌରାଙ୍ଗ ଚରଣ ବେହେରା କହିଛନ୍ତି, ଆସନ୍ତା ତିନିଦିନ ପର୍ଯ୍ୟନ୍ତ ବର୍ଷାର କୌଣସି ସୂଚନା ନାହିଁ। ତେବେ ୧୩ ଓ ୧୪ତାରିଖ ବେଳକୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜାଗାରେ ବର୍ଷା ହେବା ସମ୍ଭାବନା ରହିଛି। ଏହା ଭିତରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି। ଏହି ଚାରିଦିନ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୯ ଡିଗ୍ରୀ ଓ ସର୍ବାଧିକ ୩୩ ଡିଗ୍ରୀ ରହିବ। ୧୫ତାରିଖରୁ ଗ୍ରୀଷ୍ମ ପ୍ରବାହ ବଢ଼ିବ। ରବିବାର ରାଜ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୩୯ ଡିଗ୍ରୀ ତାପମାତ୍ରା ଥିବା ରେକର୍ଡ ହୋଇଛି।

## ବନ୍ଧୁକ, ଭୁଜାଲି ଦେଖାଇ ଗହଣା ଲୁଟ୍

**ବାହାନଗା, ୧୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଜିରିତାଳ ଗ୍ରାମରେ ରହୁଥିବା ହରେକୃଷ୍ଣ ପ୍ରଧାନଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନା ଗହଣା ଲୁଟି ନେଇଛନ୍ତି। ଶନିବାର ରାତିରେ ସେମାନେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବା ପରେ ଗହଣା ଲୁଟିନେବାରେ ସଫଳ ହୋଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ।

ଜିରିତାଳ ଗ୍ରାମରେ ଦିଲୀପ୍ କୁମାର ସଙ୍କର ଏକ କବାଡ଼ିଆ ଦୋକାନ ଅଛି। ସେହି ଦୋକାନକୁ ଦିଲୀପଙ୍କ ସଢୁ ହରେକୃଷ୍ଣ ପ୍ରଧାନ ବୁଝାଶୁଝା କରନ୍ତି ଓ ସେଠାରେ ପରିବାର ସହ ରହୁନ୍ତି। ଶନିବାର ରାତି ପ୍ରାୟ ୯ଟା ୪୫ ହେବ। ଜଣେ ଯୁବକ ଦିଦି ବୋଲି ହରେକୃଷ୍ଣଙ୍କ ସ୍ତ୍ରୀଙ୍କୁ ଡାକି ପାଣି ମାଗିଥିଲେ। ହରେକୃଷ୍ଣଙ୍କ ସ୍ତ୍ରୀ କବାଟ ଖୋଲିବା ମାତ୍ରେ ମୁହଁରେ କଳା କପଡା ବାନ୍ଧିଥିବା ୪ଜଣ ଯୁବକ ଘର ଭିତରକୁ ପଶିଯାଇଥିଲେ। ଏହି ସମୟରେ ଜଣେ ଯୁବକ ପ୍ରଥମେ ବନ୍ଧୁକ ଦେଖାଇବା ସହ ଅନ୍ୟଜଣେ ଭୁଜାଲରେ ଆକ୍ରମଣ କରିଥିଲେ। ହରେକୃଷ୍ଣ ଏହାର ପ୍ରତିରୋଧ କରିବାରୁ ସେମାନେ ଟଙ୍କା ମାଗିଥିଲେ। ଟଙ୍କା ନ ଥିବା କହିବାରୁ ଦୁର୍ବୃତ୍ତମାନେ ଆକ୍ରମଣ କରିବା ପାଇଁ ଉଦ୍ୟମ କରିବାରୁ ହରେକୃଷ୍ଣ ଘରେ ଥିବା ଏକ ବାକ୍ସରେ ସୁନା ଅଳଙ୍କାରକୁ କାଢ଼ି ଦେଇଥିଲେ। ଏହି ସମୟରେ ହରେକୃଷ୍ଣ ଚିତ୍କାର କରିବାରୁ ପାଖ ଲୋକେ ଦୌଡ଼ି ଆସିଥିଲେ। ୪ଜଣ ଯୁବକ ବିଲ ବାଟେ ଦୌଡ଼ି ପଳାଇ ଯାଇଥିଲେ। ସୋର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ଦେଶରେ ସାଧାରଣ ନିର୍ବାଚନ ନେଇ ଆଚରଣ ବିଧି ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ରବିବାର ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷହେବା ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ସେହିପରି ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ନେଇ ତାରିଖ ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏହାକୁ ସ୍ୱାଗତ କରିଛନ୍ତି।

## ଆପରାଧିକ ତଥ୍ୟ ରଖିବେ ପ୍ରାର୍ଥୀ

- ପାନ୍ ନମ୍ବର ଦେବାକୁ ପଡ଼ିବ
- ଭିନ୍ନକ୍ଷମଙ୍କ ପାଇଁ ୨୫,୦୦୦ ହୁଇଲ ଚେୟାର

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେଉଥିବା ବ୍ୟକ୍ତିବିଶେଷ ନିଜ ଆପରାଧିକ ତଥ୍ୟ ରଖିବେ। ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଗତ ୨୫, ସେପ୍ଟେମ୍ବର ୨୦୧୮ରେ ସୁପ୍ରିମ୍‌କୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥିପତ୍ର ଦାଖଲ ଦିନଠାରୁ ଭୋଟ ଗ୍ରହଣର ୪୮ ଘଣ୍ଟା ପୂର୍ବରୁ ପ୍ରାର୍ଥୀ ୩ଥର ନିଜ ଆପରାଧିକ ତଥ୍ୟ ସାର୍ବଜନୀନ କରିବାକୁ ବାଧ୍ୟ। ପ୍ରାର୍ଥୀ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ନିଜ ଆପରାଧିକ ପୃଷ୍ଠଭୂମି ସାର୍ବଜନୀନ କରିବେ। ପ୍ରାର୍ଥୀମାନେ ପାନ କାର୍ଡ ନଂ. ସମ୍ପର୍କରେ ମଧ୍ୟ ଜଣାଇବେ। ଯାହାର ପାନ୍ କାର୍ଡ ନ ଥିବ, ଏଥିପାଇଁ ଆବେଦନ କରାଯାଇଥିବା ଆବେଦନପତ୍ର ସମ୍ପର୍କରେ ମଧ୍ୟ ସୂଚନା ଦେବେ। ପ୍ରତି ବୁଥ୍‌ରେ ଭିନ୍ନକ୍ଷମ ଭୋଟରଙ୍କ ସୁବିଧା ପାଇଁ ୨ ଜଣ ସ୍ୱେଚ୍ଛାସେବୀ ରହିବେ। ସାରା ରାଜ୍ୟରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ୨୫,୦୦୦ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ଭିନ୍ନକ୍ଷମ ଭୋଟର ଚିହ୍ନଟ ପ୍ରକ୍ରିୟାରେ ଓଡ଼ିଶା କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ପଛରେ ରହିଛି। ସାରା ରାଜ୍ୟରେ ପ୍ରାୟ ୪ ଲକ୍ଷ ୭୦ ହଜାର ଭିନ୍ନକ୍ଷମ ଭୋଟର ଚିହ୍ନଟ ହୋଇଛନ୍ତି। ସମସ୍ତ ବୁଥ୍‌ରେ ଭିଭିପାଟ୍ ବ୍ୟବହାର କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୫୦,୬୦୦ ଗାଁରେ ଭିଭିପାଟ୍ ପ୍ରଶିକ୍ଷଣ କରାଯାଇଛି। ଏଥିରେ ୩୪ ଲକ୍ଷ ଭୋଟର ଅଂଶଗ୍ରହଣ କରିଥିଲେ। ସେହିପରି ଜାରି ରହିଥିବା ଦ୍ୱିତୀୟ ପର୍ଯ୍ୟାୟରେ ୧୧,୮୭୫ ଗାଁର ୧୦ ଲକ୍ଷ ୬୭ ହଜାର ୮୨୫ ଜଣ ଏହି ପ୍ରଶିକ୍ଷଣରେ ଭାଗ ନେଇସାରିଲେଣି। ଏଥିପାଇଁ ୯୩୧ଟି ପ୍ରଶିକ୍ଷଣ ଟିମ୍ ଗଠନ କରାଯାଇଛି। ଭୋଟର ତାଲିକାରୁ ନାମ ହଟାଇବା, ସଂଶୋଧନ ଏବଂ ପୁନଃସ୍ଥାପନ ଉପରେ ରୋକ୍ ଲାଗିଛି। ହେଲେ ନାମାଙ୍କନ ନିମିତ୍ତ ବିଜ୍ଞପ୍ତିର ୧୦ ଦିନ ପୂର୍ବରୁ ନୂତନ ନାମ ଯୋଡ଼ାଯାଇପାରିବ।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଡୁଡୁ
ପରିବାରବର୍ଗ


ଉତ୍କଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita- 9853150290. D-65383

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




One bedroom flat drawing cum dining furnished house with interior & AC at Patia near Bigbazar. Contact: 7008671282, 9238089899. D-11592




Newly ayurvedic fullbody massage ladies, gents: 7609923705, 7438851534. D-38550

### ୫୦ତମ ବିବାହ ବାର୍ଷିକୀ ଶୁଭେଚ୍ଛା



**ଲକ୍ଷ୍ମୀନାରାୟଣ ଦାଶ**
**ଓ**
**ଶୈଳବାଳା ଦାଶ**
ତା. ୧୧।୦୩।୨୦୧୯
ନୟାପଲ୍ଲୀ, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ କରନ୍ତୁ। ଶୁଭେଚ୍ଛା ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀମାନେ। ଧ-୬୬୧୦୭

### ୩୫ତମ ବିବାହ ବାର୍ଷିକୀ ଶୁଭେଚ୍ଛା



**Rabi Narayan Tripathy**
**And**
**Sipra Tripathy**
ଦେଖୁ ଦେଖୁ ବିବାହର ଦୀର୍ଘ ୩୫ବର୍ଷ ଚାଲିଗଲା। ଆଗକୁ ତୁମର ମଙ୍ଗଳ କରନ୍ତୁ ପ୍ରଭୁ ଚିନ୍ତାମଣିଶ୍ୱର ଏତିକି ଆମର କାମନା। From: Bayani Khandan, Laxmisagar, BBSR. ଧ-୧୧୫୯୭

Now Matrimonial ads. only on Wednesday & Sunday
Book 1 Get 1 FREE


### କିଛି ତଥ୍ୟ

ଫେମ୍-୨ ଯୋଜନାରେ ୨୦୧୯-୨୦ ବର୍ଷ ଲାଗି ୧,୫୦୦ କୋଟି, ୨୦୨୦-୨୧ ବର୍ଷରେ ୫,୦୦୦ କୋଟି ଏବଂ ୨୦୨୧-୨୨ବର୍ଷ ପାଇଁ ୩,୫୦୦ କୋଟି ସବ୍‌ସିଡି ପ୍ରଦାନ କରିବାକୁ ବ୍ୟୟ ଅଟକଳ ହୋଇଛି।

**- ଲଘୁ ଉଦ୍ୟୋଗ ମନ୍ତ୍ରଣାଳୟ**

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ନବୀନ ନିବାସ ସମ୍ମୁଖରେ ସବୁ ବର୍ଗର ଶିକ୍ଷକମାନଙ୍କର ଏକ ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମିଳିତ ସଂଘ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


## ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**ସ୍ୱର୍ଗତା କଳ୍ପନା ପଣ୍ଡା**
ଆବିର୍ଭାବ: ୦୮।୦୫।୧୯୬୮
ତିରୋଧାନ: ୨୮।୦୨।୨୦୧୯
ରାଜେନ୍ଦ୍ରପୁର- ରସୁଲପୁର ବ୍ଲକ, ଜିଲ୍ଲା- ଯାଜପୁର
ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ। ତୁମ୍ଭ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଈଶାନେଶ୍ୱରଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଶାଶୁ- ମାଳତୀ ପଣ୍ଡା, ଶ୍ୱଶୁର- ଚକ୍ରଧର ପଣ୍ଡା, ସ୍ୱାମୀ- ସୁବାସ ପଣ୍ଡା, ପରିବାରବର୍ଗ ବନ୍ଧୁ ଓ ଆତ୍ମୀୟସ୍ୱଜନ। ଧ-୧୧୫୯୫

### ସପ୍ତମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତା ଶାନ୍ତିଲତା ପଟ୍ଟନାୟକ**
D-303, Apollo Ashiyana, Rasulgarh, Bhubaneswar
ଆବିର୍ଭାବ: ୧୫।୦୫।୧୯୫୦
ତିରୋଧାନ: ୨୭।୦୨।୨୦୧୨
ଆପଣଙ୍କ ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୬୬୪୦୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରାକେଶ ରଂଜନ ତରାଇ**
ଆବିର୍ଭାବ: ୨୫।୦୬।୧୯୯୬
ତିରୋଧାନ: ୨୩।୦୨।୨୦୧୫
(ଫାଲ୍‌ଗୁନ ଶୁକ୍ଳପଞ୍ଚମୀ)
ସିଆଣ୍ଡି, ସିଆଳ, ପୁରୀ
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ପ୍ରତିଟି ମୁହୂର୍ତ୍ତ ଆଜି ଭଳି ଲାଗୁଛି। ତୁମର ସ୍ନେହ, ପ୍ରେମ, ବନ୍ଧୁ ଓ ପରିବାର ସମସ୍ତେ ଝୁରୁଛୁ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ରାଜ କିଶୋର ତରାଇ (ବାବା), ସୁଶାନ୍ତି ତରାଇ (ମାମା), ବନ୍ଧୁ ଓ ପରିବାରବର୍ଗ। ଧ-୧୧୫୯୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




**Late Sri Nanda Kumar Choudhury**
**Retd. OAS**
**DOB: 04.09.1942**
**DOD: 02.03.2019**
Dr. Binapani Mohapatra (Wife), Manoj- Babita (ପୁତ୍ର-ପୁତ୍ରବଧୂ), Anita- Bhagirathi (ଝିଅ-ଜ୍ୱାଇଁ), ସୋନୁ, ପାୟଲ, ନୂପୁର, ମୋନୁ ଓ ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ। ଧ-୬୩୭୬୧


# ବନ୍ଧୁ ଆର୍ଯ୍ୟାଙ୍କୁ ବିବାହ କଲେ ସାୟଶା

ହାଇଦ୍ରାବାଦ୍,୧୦।୩

ବଲିଉଡ୍‌ର ଚର୍ଚ୍ଚିତ ଚେହେରା ଦିଲୀପ କୁମାର ଏବଂ ସାଇରା ବାନୋଙ୍କ ନାତୁଣୀ ସାୟଶା ସେହଗଲ ତାଙ୍କ ଠାରୁ ୧୭ ବର୍ଷ ବଡ଼ ଅଭିନେତା ଆର୍ଯ୍ୟାଙ୍କୁ ହାଇଦ୍ରାବାଦ୍‌ରେ ବିବାହ କରିଛନ୍ତି। ବର ଓ କନ୍ୟା ବେଶରେ ଦୁହେଁ ପରସ୍ପରକୁ ଗଳାରେ ମାଳା ପିନ୍ଧାଉଥିବାବେଳେ ସେଠାରେ ଉପସ୍ଥିତ ଅତିଥିବୃନ୍ଦ ସେମାନଙ୍କୁ ସ୍ୱାଗତ କରୁଥିବା ଭିଡିଓ ଇନ୍‌ଷ୍ଟାଗ୍ରାମରେ ଭାଇରାଲ୍ ହୋଇଛି। ବିବାହ ଉତ୍ସବ ପୂର୍ବରୁ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସାୟଶା ଏବଂ ଆର୍ଯ୍ୟା ଉଭୟେ ଧଳା ରଙ୍ଗର ପୋଷାକ ପିନ୍ଧିଥିଲେ। ସାୟଶାଙ୍କ ଲେହଙ୍ଗା ଏବଂ ଆର୍ଯ୍ୟାଙ୍କ ଶେରୱାନି ଯୋଡ଼ି ସୋସିଆଲ୍ ମିଡିଆରେ ବେଶ୍ ଚହଳ ସୃଷ୍ଟି କରିଛି। ଦୀର୍ଘଦିନର ବନ୍ଧୁତା ପରେ ବିବାହ କରିବାକୁ ସେମାନେ ନିଷ୍ପତ୍ତି କରିଥିଲେ। ସୂର୍ଯ୍ୟ-କେବି ଆନନ୍ଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'କମ୍ପନ'ରେ ଦୁହେଁ ଏକାସଙ୍ଗେ କାମ କରୁଛନ୍ତି। 'ବନାମଗନ' ଥିଲା ସାୟଶାଙ୍କ ଡେବ୍ୟୁ ଫିଲ୍ମ। ଏଥିସହ କଡ଼ଇକୁଟ୍ଟି ସିଂଘମ୍ ଏବଂ ଜୁଙ୍ଗାରେ ସେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟପଟେ, ଆର୍ଯ୍ୟା ମଗାମୁନୀ, ୩ ଦେବ, ସନ୍ଦନା ଦେବନ ଆଦି ଫିଲ୍ମରେ କାମ କରୁଛନ୍ତି। ଚେନ୍ନାଇର ନାମୀଦାମୀ ହୋଟେଲ 'ସି ସେଲ୍'ର ସେ ମାଲିକ ଅଟନ୍ତି। ଏପରି କି ତାଙ୍କର ଏକ ପ୍ରୋଡକ୍ସନ କମ୍ପାନୀ ମଧ୍ୟ ରହିଛି।



# କମିବ ସ୍କୁଲ ବ୍ୟାଗ୍ ଓଜନ

## ଆସନ୍ତା ଶିକ୍ଷାବର୍ଷରୁ ଲାଗୁ ହେବ ନୂଆ ଗାଇଡ୍‌ଲାଇନ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ସ୍କୁଲ ବ୍ୟାଗ୍‌ରେ ଅତ୍ୟଧିକ ବୋଝ ଯୋଗୁ ପିଲାମାନେ ବିଭିନ୍ନ ଶାରୀରିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପିଲାଙ୍କ କାନ୍ଧରୁ ବସ୍ତାନି ବୋଝ କମାଇବାକୁ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଏଥିପାଇଁ ୨୦୧୯-୨୦ ଶିକ୍ଷା ବର୍ଷରୁ ନୂଆ ଗାଇଡ୍‌ଲାଇନ ଲାଗୁ ହେବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ଦେଢ଼ କିଲୋରୁ ଅଧିକ ହେବ ନାହିଁ। ଏଥିପାଇଁ ସେମାନଙ୍କ ଲାଗି ମାତ୍ର ଦୁଇଟି ବିଷୟ ମାତୃଭାଷା ଓ ଗଣିତ ରଖିବାକୁ କୁହାଯାଇଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୨ରୁ ୩ କିଲୋ ମଧ୍ୟରେ ରହିବ। ଏମାନଙ୍କ ଲାଗି ଗଣିତ, ପରିବେଶ ବିଜ୍ଞାନ, ଇଂଲିଶ ଓ ମାତୃଭାଷା, ଏହିଭଳି ୪ଟି ବିଷୟ ରହିବ। ସେହିଭଳି ଷଷ୍ଠ ଓ ସପ୍ତମ ପିଲାଙ୍କ ବ୍ୟାଗ୍ ୪ କିଲୋ, ୮ମ ଓ ୯ମ ପିଲାଙ୍କ ବ୍ୟାଗ୍ ସାଢ଼େ ୪ କିଲୋ ଏବଂ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗ୍‌ର ଓଜନ ୫ କିଲୋରୁ ଅଧିକ ହେବ ନାହିଁ। ଏହାସହ ପିଲାଙ୍କୁ ହୋମ୍‌ୱାର୍କ ଦିଆଯିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଆଦୌ ହୋମ୍‌ୱାର୍କ ଦିଆଯିବ ନାହିଁ। ଅନ୍ୟ ଶ୍ରେଣୀ ଲାଗି କୌଣସି ବିଷୟ ଶେଷରେ ଦିଆଯାଇଥିବା ଏକ୍ସରସାଇଜ୍‌କୁ କ୍ଲାସ୍ ରୁମ୍‌ରେ ଶିକ୍ଷକଙ୍କ ଆଗରେ ସମାଧାନ କରାଯିବ। ଏଥିଲାଗି ସ୍ୱତନ୍ତ୍ର ପିରିୟଡ୍ ରଖାଯିବ। ପିଲାମାନେ ଯେପରି ନିଜେ ବୁଦ୍ଧି ଖଟାଇ ପ୍ରଶ୍ନର ସମାଧାନ କରିବେ, ସେଥିଲାଗି ସେମାନଙ୍କୁ ଉତ୍ସାହିତ କରାଯିବ। ଷଷ୍ଠରୁ ଦଶମ ଶ୍ରେଣୀ ପିଲାଙ୍କ ହୋମ୍‌ୱାର୍କକୁ ନେଇ ସ୍କୁଲଗୁଡ଼ିକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିବେ। କେବଳ ବିଷୟ ଘୋଷା ନ କରି ପିଲାଙ୍କ ମେଧାର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। କେବଳ ସେତିକି ନୁହେଁ, ଖେଳକୁଦ ସହ ପ୍ରୋଜେକ୍ଟ, ବିଭିନ୍ନ ସ୍ଥାନ ଭ୍ରମଣ, ବୁକ୍ ରିଭ୍ୟୁ, ସାମ୍ପ୍ରତିକ ବିଷୟରେ ବିତର୍କ ଲାଗି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଯିବ। ଗାଇଡ୍ ଓ ଅନ୍ୟାନ୍ୟ ବହି ବ୍ୟବହାରକୁ ନିଷେଧ କରାଯାଇଛି। ସ୍କୁଲଗୁଡ଼ିକ ଷ୍ଟେଟ୍ କାଉନ୍‌ସିଲ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏସ୍‌ସିଇଆର୍‌ଟି) ଦ୍ୱାରା ଅନୁମୋଦିତ ବହି ହିଁ ବ୍ୟବହାର କରିବେ। ନୂତନ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସ୍କୁଲଗୁଡ଼ିକୁ କୁହାଯାଇଛି।

# ଆଜି ଏଆଇସିସିର ସ୍କ୍ରିନିଂ କମିଟି ବୈଠକ

## ଦିଲ୍ଲୀ ଗସ୍ତରେ ନିରଞ୍ଜନ, ନରସିଂହ

ଭୁବନେଶ୍ୱର,୧୦।୩ (ବ୍ୟୁରୋ)

ଖୁବ୍‌ଶୀଘ୍ର ସବୁ ଦଳଗୁଡିକ ନିଜ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବେ। ରବିବାର ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ଏନେଇ ଘୋଷଣା କରିବା ପରେ ସବୁ ଦଳରେ ପ୍ରାର୍ଥୀ ଘୋଷଣା ନେଇ ତତ୍ପରତା ଦେଖାଦେଇଛି। ନିକଟରେ କଂଗ୍ରେସ ପକ୍ଷରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଏବଂ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ ଅନୁଷ୍ଠିତ ହୋଇ ସମ୍ଭାବ୍ୟ ଆଶାୟୀ ତାଲିକା ଚୂଡାନ୍ତ ହୋଇ ଦିଲ୍ଲୀ ପଠାଇ ଦିଆଯାଇଥିବା ଜଣାପଡିଛି। ସେହି କ୍ରମରେ ସୋମବାର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)ର ସ୍କ୍ରିନିଂ କମିଟି ନୂଆଦିଲ୍ଲୀଠାରେ ବସିବାକୁ ଥିବା ଜଣାପଡିଛି। ଏଥିରେ ଯୋଗଦେବାକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ନରସିଂହ ବଲାଙ୍ଗୀରଠାରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାୟପୁର ଦେଇ ଦିଲ୍ଲୀ ଯାଇଥିବା ଜଣାପଡିଛି। ସେହିପରି ନିରଞ୍ଜନ ଭୁବନେଶ୍ୱରରୁ ସନ୍ଧ୍ୟାରେ ଯିବାକୁ ଟିକେଟ କରିଥିଲେ ମଧ୍ୟ ଯାଇପାରି ନ ଥିଲେ। ଭଦ୍ରକଠାରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେଇ ଫେରିବାକୁ ବିଳମ୍ବ ହେବାରୁ ନିରଞ୍ଜନ ଯାଇପାରି ନ ଥିଲେ। ଫଳରେ ବିଳମ୍ବିତ ରାତିରେ ନିରଞ୍ଜନ ଦିଲ୍ଲୀ ଯାଇଛନ୍ତି। ତେବେ ଏଆଇସିସି ସ୍କ୍ରିନିଂ କମିଟିରେ ଆଶାୟୀଙ୍କ ପ୍ରାର୍ଥୀ ତାଲିକା ଯାଞ୍ଚ ହେବାପରେ ମଙ୍ଗଳବାର ସିଡବ୍ଲୁସି(କେନ୍ଦ୍ରୀୟ ୱାର୍କିଂ କମିଟି) ବୈଠକ ବସିବାକୁ ଥିବା ଶୁଣିବାକୁ ମିଳିଛି। ଏହାପରେ ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ବସିବ। ଓଡିଶାର ୨୧ଲୋକ ସଭା ଆସନ ପାଇଁ ଚୂଡାନ୍ତ ହେବାକୁ ଥିବା ପ୍ରାର୍ଥୀଙ୍କ ସ୍ଥିତି ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜେ ପରଖିବାକୁ ଥିବା ଜଣାପଡିଛି।

ପ୍ରଥମ ପୃଷ୍ଠାରୁ...

## ବାଜିଲା ରଣ...

ସିଇସି କହିଛନ୍ତି, ନିର୍ବାଚନ କମିଶନ ମୁକ୍ତ ଓ ନିରପେକ୍ଷ ମତଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଓ ପ୍ରସ୍ତୁତି କରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ୯୦ କୋଟି ଭୋଟର ମତଦାନ କରିବେ। ୨୦୧୪ ଲୋକ ସଭା ନିର୍ବାଚନ ବେଳେ ଏହି ସଂଖ୍ୟା ୮୧ କୋଟି ୪୫ ଲକ୍ଷ ଥିଲା। ଏଥର ୧୮ରୁ ୧୯ ବର୍ଷୀୟ ୧.୫ କୋଟି ଭୋଟର ପ୍ରଥମଥର ପାଇଁ ମତଦାନ କରିବାକୁ ଯାଉଛନ୍ତି। ସୁରୁଖୁରୁରେ ଭୋଟଗ୍ରହଣ କରିବା ପାଇଁ ଦେଶର ୪ ଲକ୍ଷ ୩୬ ହଜାର ସ୍ଥାନରେ ୧୦ ଲକ୍ଷ ୩୫ ହଜାର ୩୯୨ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଛି, ଯାହାକି ଗତ ସାଧାରଣ ନିର୍ବାଚନଠାରୁ ଲକ୍ଷେ ଅଧିକ ଅର୍ଥାତ୍ ୧୦% ବୃଦ୍ଧି ପାଇଛି। ଭୋଟରମାନଙ୍କ ମତଦାନ ସୁନିଶ୍ଚିତ କରିବା ଲାଗି ମୋଟ ୧୭.୪ ଲକ୍ଷ ଭୋଟର ଭେରିଫିଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ମେଶିନ୍ ସମସ୍ତ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ସଂଲଗ୍ନ କରାଯିବ। ଇଭିଏମ୍‌ରେ ପ୍ରଥମଥର ପାଇଁ ପ୍ରାର୍ଥୀଙ୍କ ମୁହଁ ରହିବ। ଏହାଦ୍ୱାରା ନିରକ୍ଷର ଭୋଟର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚିହ୍ନି ଭୋଟ ଦେଇପାରିବେ। ପରୀକ୍ଷା, ପର୍ବପର୍ବାଣି ଓ ପାଣିପାଗକୁ ଦୃଷ୍ଟିରେ ରଖି ନିର୍ବାଚନ ତାରିଖ ସ୍ଥିର କରାଯାଇଛି। ନିର୍ବାଚନ ପ୍ରଚାରବେଳେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଡାକବାଜିଯନ୍ତ୍ର ବଜାଇବା ଉପରେ କଟକଣା ଜାରି କରାଯାଇଛି। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ବେଳେ ସେମାନଙ୍କ ଆପରାଧିକ ଇତିହାସ ସମ୍ପର୍କରେ ସତ୍ୟପାଠରେ ଉଲ୍ଲେଖ କରିବେ। ମିଥ୍ୟା ଖବର ପ୍ରସାର ଉପରେ କଡ଼ା ନଜର ରଖାଯିବ। ଅପପ୍ରଚାର ରୋକିବା ପାଇଁ ସାମାଜିକ ଗଣମାଧ୍ୟମଗୁଡ଼ିକ ପଦକ୍ଷେପ ନେବେ। ପ୍ରାର୍ଥୀଙ୍କୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦେବାକୁ ପଡ଼ିବ।

ଏହି ଘୋଷଣା ସହ ସାରା ଦେଶରେ ନିର୍ବାଚନ ଆଚରଣ ବିଧି ତତ୍କାଳ ଲାଗୁ ହୋଇଛି। ଫଳରେ ଏବେଠୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ କୌଣସି ନୂଆ ଘୋଷଣା କରିପାରିବେ ନାହିଁ। ସମସ୍ତ ରାଜନୈତିକ ଦଳ, ସେଗୁଡ଼ିକର ରାଜନୈତିକ ପ୍ରଚାର ଓ ବିଜ୍ଞାପନ ଉପରେ ନିର୍ବାଚନ କମିଶନଙ୍କ କଡ଼ା ନଜର ରହିବ। ଏହାର ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଇସି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, କୌଣସି ରାଜନୈତିକ ଦଳ ନିର୍ବାଚନ ପ୍ରଚାରରେ ସୈନ୍ୟ ବାହିନୀ କିମ୍ବା ଯବାନଙ୍କ ଫଟୋ ବ୍ୟବହାର କରିପାରିବେ ନାହିଁ ବୋଲି ଇସି ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି।

## ଓଡ଼ିଶାରେ ୪...

ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ନିର୍ବାଚନ ଆଚରଣବିଧି ଲାଗୁହେବା ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି। ଏଥିସହିତ ବିଭିନ୍ନ ସ୍ଥାନରେ ଲାଗିଥିବା ରାଜନୈତିକ ହୋର୍ଡିଂ, ବିଜ୍ଞାପନ ଆଦିକୁ ୨୪ ଘଣ୍ଟା ମଧ୍ୟରେ ହଟାଇବା ପାଇଁ ନିର୍ଦ୍ଦେଶ ରହିଛି। ପୂର୍ବରୁ ଚାଲୁ ରହିଥିବା ଯୋଜନାରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର(ଡିବିଟି) ଚାଲୁ ରହିବ। ହେଲେ ଆଚରଣବିଧି ଲାଗୁ ପରେ କୌଣସି ଯୋଜନା ପାଇଁ ହିତାଧିକାରୀ ଚୟନ କରାଯାଇପାରିବ ନାହିଁ।

କରଦାତାଙ୍କ ଅର୍ଥରେ ବିଜ୍ଞାପନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। କୌଣସି ବିଜ୍ଞାପନରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଫଟୋ ଲାଗିବା ଉପରେ ଅଙ୍କୁଶ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ କୋଟି ୧୮ ଲକ୍ଷରୁ ଅଧିକ ଭୋଟର ଚିହ୍ନଟ ହୋଇସାରିଛନ୍ତି। ଏହି ସଂଖ୍ୟା ଆଗକୁ ମଧ୍ୟ ବଢ଼ିବ। ସେହିପରି ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୭,୬୦୬ଟି ବୁଥ୍ ଚିହ୍ନଟ କରାଯାଇଛି, ମାତ୍ର ଏହା ଚୂଡ଼ାନ୍ତ ନୁହେଁ। ଶତପ୍ରତିଶତ ମତଦାନ, ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାକୁ ପ୍ରାଥମିକତା ପ୍ରଦାନ କରାଯାଇଛି। ପ୍ରତି ବୁଥ୍‌କୁ ଭିନ୍ନକ୍ଷମ ଭୋଟର ବ୍ୟବହାରଯୋଗ୍ୟ କରାଯିବ। ଏଥିସହିତ ବରିଷ୍ଠ ନାଗରିକଙ୍କ ଭୋଟଦାନକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ଇଭିଏମ୍, ଭିଭିପିଏଟି ସହ ଏଥର ପ୍ରାର୍ଥୀଙ୍କ ଫଟୋ ଲଗାଯିବାର ମଧ୍ୟ ବ୍ୟବସ୍ଥା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ପରିବାର ସ୍ଥାନରେ ରାହୁ ଓ ରାଶିରେ ମଙ୍ଗଳ ରହିଥିବାରୁ ତର୍କବିତର୍କ ପରେ ବୁଝାମଣା ମାଧ୍ୟମରେ ଆଲୋଚନା ଫଳପ୍ରଦ ହେବ। କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଦୈହିକ ସୁସ୍ଥତା, ଅର୍ଥ ଲାଭ ସାଙ୍ଗକୁ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ**

ଶନିକ୍ଷେତ୍ରସ୍ଥ ରବିଙ୍କ କୁପ୍ରଭାବରେ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଅବଶ୍ୟ ବୁଧଙ୍କ ଶୁଭତ୍ୱରୁ ଆଶା କରୁଥିବା ଦିଗରୁ ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ମିଥୁନ**

ଏକାଦଶସ୍ଥ ବନ୍ଧୁଙ୍କ ସହ ଆଲୋଚନା, ନୂତନ ସମ୍ପର୍କ ସୃଷ୍ଟି କରିବା ସକାଶେ ଅନୁକୂଳ ରହିବ। ପ୍ରତ୍ୟୁଷ ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିପାରେ।

**କର୍କଟ**

କୌଣସି କାମ ଅଟକି ରହିବ ନାହିଁ ତଥାପି ସଂଘର୍ଷ ଓ ଯୁକ୍ତିତର୍କ ମଧ୍ୟରେ ତାହା ସମ୍ପନ୍ନ ହେବ। ଆଜି ଆର୍ଥିକ ସ୍ଥିତି ବହୁତ ଭଲ ରହିବ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟା ରହିଥିଲେ ତାହା ସୁଧୁରିଯିବ। ଆଜିର କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ।

**ସିଂହ**

ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ । ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**କନ୍ୟା**

ରାଶ୍ୟାଧିପତିଙ୍କ ଶୁଭ ଦୃଷ୍ଟିରୁ ବନ୍ଧୁମାନଙ୍କ ସହାୟତାରେ କାର୍ଯ୍ୟସିଦ୍ଧି ଅବଶ୍ୟ ଘଟିବ। ଆଜି ଆପଣ ଯାହା କରନ୍ତୁନା କାହିଁକି ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ସହକର୍ମୀମାନଙ୍କର ପାରସ୍ପରିକ ସାହାଯ୍ୟ ଓ ସହଯୋଗର ଅଭାବରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**

ଭାଗ୍ୟାଧିପ ବୁଧ ଦୁଃସ୍ଥାନରେ ବଳହୀନ ହୋଇ ଆପଣଙ୍କ କାର୍ଯ୍ୟରେ ସାହାଯ୍ୟ କରିବାକୁ ଅସମର୍ଥ ହୋଇପାରନ୍ତି। ଫଳତଃ ନିଜର ସମ୍ପର୍କୀୟ ଲୋକମାନଙ୍କ ଠାରୁ ଆଶାନୁରୂପ ସାହାଯ୍ୟ ପାଇବା କାଠିକର ପାଠ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ଆଶା କରାଯାଇପାରେ।

**ବିଛା**

ବକ୍ରୀ ଅଷ୍ଟମାଧିପତିଙ୍କ ଅବସ୍ଥାନ ପରିପ୍ରେକ୍ଷୀରେ ଆପଣଙ୍କ ମନରେ ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ ହୋଇପାରେ । ପରିବାରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରି ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ**

ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟ କିଛିନାକିଛି ଅସୁବିଧା ଭିତରେ ହିଁ ସମ୍ପନ୍ନ ହେବ। ସାହିତ୍ୟଚର୍ଚ୍ଚା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**

ଆଜିର ଚର ରାଶିସ୍ଥ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଆପଣଙ୍କୁ ଭାବପ୍ରବଣ କରାଇବା ସହ ମାନସିକ ଅସ୍ଥିରତା ସୃଷ୍ଟି କରାଇବ। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଗୁଡିକୁ ଆଣିବାକୁ ବାଧ୍ୟ ହୋଇପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିପାରେ।


**କୁମ୍ଭ**

ଆଜିର ଗ୍ରହସ୍ଥିତି ପ୍ରଭାବରେ ମନ ଯେମିତି ଚାହୁଁଛି ସେମିତି କାମ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। ଧାର୍ମିକ ଅନୁଷ୍ଠାନ, ସଭାସମିତି, ପ୍ରଶାସନିକ ସ୍ତରରେ ଆଲୋଚନା ସାଙ୍ଗକୁ ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ**

ରାହୁଙ୍କ ପ୍ରଭାବରେ ଭୁଲ୍ ବୁଝାମଣା ଜନିତ ଅତି ଭଲ ସମ୍ପର୍କ ଛିନ୍ନ ହୋଇଯିବାର ଆଶଙ୍କା ରହିଛି। ଜମା ଭଲ ସମ୍ପର୍କ ନ ଥିବା ନିଜର ଲୋକ ମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ସହକର୍ମୀଙ୍କ ସାହାଯ୍ୟରୁ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ।

ଆଜି ଫାଲ୍‌ଗୁନ ଶୁକ୍ଳ ୫ମୀ ସୋମବାର, ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ରାଜ୍ୟଗୋଷ୍ଠୀ ଦିବସ, (ମାର୍ଚ୍ଚ ୨ୟ ସୋମବାର), ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୨୮ମି. ମଧ୍ୟେ ଘ୧।୨୫ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୩ମି. ଗତେ, ଘ୫।୫୨ମି. ମଧ୍ୟେ ଅମୃତବେଳା । ଦିବା ଘ୮।୫୮ମି. ଗତେ, ଘ୧୦।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୩୧ମି. ଗତେ ଘ୯।୦୦ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧି



**ଭୁବନେଶ୍ୱର, ୧୦।୩ (ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ତଥା ଭାରତ ସରକାରଙ୍କ ପ୍ରମୁଖ ମୁଖପାତ୍ର ସୀତାଂଶୁ କରଙ୍କ କାର୍ଯ୍ୟକାଳ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ ମିଳିଛି। ତାଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୧ରେ ଶେଷ ହେବାର ଥିଲା। ତାହା ଏବେ ୬ ମାସ ବୃଦ୍ଧି କରାଯାଇଛି। ୩୫ ବର୍ଷର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସୀତାଂଶୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ୟୁନିଟ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି। ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ମସୌରୀ)ରୁ ଫାଉଣ୍ଡେଶନ ପାଠ୍ୟକ୍ରମ ଓ ନୂଆଦିଲ୍ଲୀର ଭାରତୀୟ ଜନ ସଂଚାର ସଂସ୍ଥାନରୁ ଓରିଏଣ୍ଟେଶନ ପାଠ୍ୟକ୍ରମ ଶେଷ କରିବା ପରେ ସେ ଆକାଶବାଣୀର ନ୍ୟୁଜ୍ ସର୍ଭିସ ଡିଭିଜନ(ଏନ୍‌ଏସ୍‌ଡି)ରେ କିଛିଦିନ କାର୍ଯ୍ୟ କରିଥିଲେ। ଏହାପରେ ସେ ୧୭ବର୍ଷ ଧରି ଦୂରଦର୍ଶନରେ କାର୍ଯ୍ୟ କରିଥିଲେ। ୨୦୦୩ରେ ସେ ପିଆଇବିରେ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ପ୍ରଚାର ଓ ପ୍ରସାର ଦାୟିତ୍ୱ ତୁଲାଇ ଆସିଛନ୍ତି। ୨୦୦୫ରେ ସେ ପ୍ରତିରକ୍ଷା ମନ୍ତ୍ରଣାଳୟର ପ୍ରମୁଖ ମୁଖପାତ୍ର ଥିଲେ। ୨୦୧୫ ଡିସେମ୍ବରରେ ତାଙ୍କୁ ଆକାଶବାଣୀର ଏନ୍‌ଏସ୍‌ଡିର ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଥିଲା।

### ଆଇଇଡି ବିସ୍ଫୋରଣ, ୨ ଗୁରୁତର

**ମାଲକାନଗିରି, ୧୦।୩ (ସ୍ୱ.ପ୍ର.):** ସୀମାନ୍ତ ଛତିଶଗଡ ସୁକୁମା ଜିଲା ଦରନାପାଲି ନିକଟ କାଙ୍କରଭେଟା-ପଲାମପାଲି ମଝିରେ ରବିବାର ଅପରାହ୍ନ ୨ଟାରେ ଏକ କଲଭର୍ଟ ନିକଟରେ ଏକ ଆଇଇଡି ବିସ୍ଫୋରଣ ଘଟିଛି। ଏଥିରେ ୨ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଦରନାପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି ଜଣେ ଠିକାଦାର କେତେକ ଶ୍ରମିକଙ୍କୁ ଏକ ଟ୍ରାକ୍ଟରରେ ଧରି କାର୍ଯ୍ୟ କରିବା ଲାଗି ଯାଉଥିଲେ। ଏହା ପୂର୍ବରୁ ଯବାନଙ୍କୁ ଟର୍ଗେଟ୍ କରି ମାଓବାଦୀମାନେ କଲଭର୍ଟ ନିକଟରେ ଆଇଇଡି ପୋତିଥିଲେ। ଟ୍ରାକ୍ଟର କଲଭର୍ଟ ଉପରେ ଯିବା ସମୟରେ ଏହା ବିସ୍ଫୋରଣ ହୋଇଥିଲା।

## ■ କେନ୍ଦ୍ରାପଡ଼ାରେ ମିଶନ୍ ଶକ୍ତି ମହାସମାବେଶ

# 'ଲୋକ ସଭା ନିର୍ବାଚନରେ ୩୩ % ମହିଳା ପ୍ରାର୍ଥୀ ଦିଆଯିବ'

**କେନ୍ଦ୍ରାପଡ଼ା ଅଫିସ୍, ୧୦।୩**

ଆସନ୍ତା ସାଧାରଣ ନିର୍ବାଚନରେ ମହିଳାଙ୍କୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡି ଲୋକ ସଭା ନିର୍ବାଚନ ପାଇଁ ୩୩ ପ୍ରତିଶତ ମହିଳା ପ୍ରାର୍ଥୀ ଦେବ। ରବିବାର କେନ୍ଦ୍ରାପଡ଼ାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। କେନ୍ଦ୍ରାପଡା ବ୍ଲକ ବାରୁଅ ପଞ୍ଚାୟତର ସିଦ୍ଧ ମଠ ପଡିଆଠାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧.୪୫ ମିନିଟ୍‌ରେ ପହଞ୍ଚିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ମିଶନ ଶକ୍ତି ଗୃହ ପାଇଁ କୋଟିଏ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏଥିସହ ଜିଲାର ୨୧,୯୧୬ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ବାବଦରେ ବ୍ୟାଙ୍କକୁ ଦେଇଥିବା ସୁଧ ଟଙ୍କା ସମସ୍ତ ଗୋଷ୍ଠୀକୁ ଫେରସ୍ତ କରାଯାଇଥିଲା।



କେନ୍ଦ୍ରାପଡ଼ାଠାରେ ଆୟୋଜିତ ମିଶନ ଶକ୍ତି ମହାସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ମହିଳା ଗୋଷ୍ଠୀକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମିଶନ ଶକ୍ତିର ରାଜ୍ୟ ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, ଜିଲାପାଳ ଦାଶରଥି ଶତପଥୀ, ମିଶନ ଶକ୍ତି ସଦସ୍ୟା ଚିନ୍ମୟୀ ମିଶ୍ର ଓ କେନ୍ଦ୍ରାପଡ଼ା ଓ କଟକ ଜିଲାର ୧୨ ମହାମଣ୍ଡଳ ସଭାନେତ୍ରୀ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି କହିଥିଲେ, କେନ୍ଦ୍ରାପଡ଼ା ବିଜୁବାବୁଙ୍କ କର୍ମସ୍ଥଳୀ ଥିଲା। ୧୯୯୦ରେ ସେ ଏଠାରେ ନିର୍ବାଚନ ଜିତିଥିଲେ। ସେ ସର୍ବଦା ମହିଳାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଉଥିଲେ। ଗତ ୧୮ ବର୍ଷ ଧରି ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଆରମ୍ଭ କରିଛନ୍ତି। ଏହାଦ୍ୱାରା ମହିଳା ସ୍ୱାବଲମ୍ବୀ ହେବା ସହ ପରିବାର ଓ ଦେଶ ଚଳାଇବାକୁ ସକ୍ଷମ ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ଓଡ଼ିଶା ଆଗୁଆ ଅଛି। ଏହି ଧାରାକୁ ବଜାୟ ରଖିବା ପାଇଁ ଆସନ୍ତା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଚୟନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ। ମିଶନ ଶକ୍ତି ନିର୍ଦ୍ଦେଶିକା କାର୍ତ୍ତିକେୟନ କହିଥିଲେ ଯେ, ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ସ୍ୱାବଲମ୍ବୀ ହୋଇଛନ୍ତି। ରାଜ୍ୟରେ ଏଏଚ୍‌ଜିର ଋଣ ମଧ୍ୟରୁ ସୁଧ ବାବଦ ୫୦ କୋଟି ଟଙ୍କା ଫେରସ୍ତ କରାଯାଉଛି। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପୋଖରୀ ପରିଚାଳନା ଏହି ଗୋଷ୍ଠୀ କରିବେ। ଏଥିପାଇଁ ୧.୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଉଥିବା ବେଳେ ଏହାର ୬୦ ପ୍ରତିଶତ ଟଙ୍କା ଛାଡ଼ କରାଯିବ। ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ, ତାଲିମ ଆଦିକୁ ପ୍ରୋତ୍ସାହନ ଦିଆଯିବ। ଓଡ଼ିଶାର ମହିଳା ଏବେ ଗୃହିଣୀ ମଧ୍ୟରେ ସୀମିତ ରହିନାହାନ୍ତି ବୋଲି କାର୍ତ୍ତିକେୟନ ପ୍ରକାଶ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱାବଲମ୍ବୀ ହେଉଥିବା ମନୋରମା ରାଉତ, ବିଦ୍ୟୁତ୍‌ପ୍ରଭା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାକାଳପଡା ଓ ଗରଦପୁର ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀର ପୁଞ୍ଜି ୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ କେତେକ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ସବ୍‌ସିଡି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ଲକ୍ଷାଧିକ ମହିଳା ସାମିଲ ହୋଇଥିଲେ। ସମାବେଶରେ ଯୋଗଦେଇଥିବା ବହୁ ରାଜନେତା, ମନ୍ତ୍ରୀ ମଞ୍ଚ ତଳେ ବସିଥିବା ଦେଖାଯାଇଥିଲା।

### ଜେଲରୁ ଫେରାର କଏଦୀ ଧରାପଡ଼ିଲେ

**ମାଲକାନଗିରି, ୧୦।୩ (ଡି.ଏନ୍.ଏ.)**

ମାଲକାନଗିରି ଉପ କାରାଗାରରୁ ଗତ ୫ ତାରିଖରେ ଫେରାର ହୋଇଯାଇଥିବା କଏଦୀ ଅଜିତ କୁମାର ଡାକୁଆ ଧରାପଡିଛନ୍ତି। ଶନିବାର ରାତିରେ ଓଏସ୍‌ପି ଏବଂ ଜେଲ କର୍ମଚାରୀମାନେ ତାଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଏମ୍.ଭି.-୪୧ ଗ୍ରାମର ଅଜିତ ଗତ ଜାନୁୟାରୀ ମାସରେ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଓର୍କେଲ ପୋଲିସ ଦ୍ୱାରା ଗିରଫ ହୋଇ ମାଲକାନଗିରି ଜେଲରେ ବିଚାରାଧୀନ କଏଦୀ ରୂପେ ରହୁଥିଲେ। ଗତ ୫ରେ ଜେଲ ପରିସରରେ ଡ୍ରେନ କାର୍ଯ୍ୟ ଚାଲିଥିବା ବେଳେ ସେ କୌଶଳକ୍ରମେ ଡ୍ରେନ ଭିତରେ ପଶି ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଅଜିତ୍‌ଙ୍କୁ ଧରିବା ପାଇଁ ୨ଟି ଟିମ୍ ଗଠନ ହୋଇଥିଲା। ଓଏସଏପି ଏବଂ ଜେଲ କର୍ମଚାରୀମାନେ ରାତିରେ ଅଜିତ୍‌ଙ୍କ ଗ୍ରାମ ଏମ୍.ଭି.-୪୧ ନିକଟରେ ଜଗି ରହିଥିଲେ। ଶନିବାର ରାତିରେ ଅଜିତ୍ ଜଙ୍ଗଲରୁ ଘରକୁ ଫେରୁଥିବା ଖବରପାଇ ପୋଲିସ ତାଙ୍କୁ କାବୁ କରି ଜେଲକୁ ଆଣିଥିଲେ। ରବିବାର ତାଙ୍କୁ ମାଲକାନଗିରି ଥାନାରେ ହାଜର କରାଯାଇଥିବା ଜେଲ ଅଧୀକ୍ଷକ ସଂଗ୍ରାମ ନାୟକ କହିଛନ୍ତି।

## ■ ନଗଡ଼ାରେ ପୁଣି ଅପପୁଷ୍ଟି

# ୪ ଶିଶୁ ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି

**ଯାଜପୁର ଅଫିସ,୧୦।୩**

ଅପପୁଷ୍ଟିର ଶିକାର ହୋଇ ଶିଶୁ ମୃତ୍ୟୁ ଘଟିବା ପ୍ରସଙ୍ଗକୁ ନେଇ ସମଗ୍ର ଦେଶରେ ଓଡ଼ିଶାକୁ ନିନ୍ଦିତ କରିଥିବା ଯାଜପୁର ଜିଲାର ନଗଡ଼ାରେ ଏବେ ପୁଣି ସମାନ ଘଟଣା ଦେଖିବାକୁ ମିଳିଛି। ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନଗଡ଼ା ନିକଟବର୍ତ୍ତୀ ଗୁହିଆଶାଳର ୪ ଜଣ ଶିଶୁ ସୁକିନ୍ଦା ପୁଷ୍ଟିସାଧନ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଏହି ଘଟଣା ଶାସକ ଦଳ ଓ ପ୍ରଶାସନକୁ ଚିନ୍ତାରେ ପକାଇଛି। କାରଣ ନଗଡ଼ା ଶିଶୁମୃତ୍ୟୁ ଘଟଣା ଇତିମଧ୍ୟରେ ଅଢେଇ ବର୍ଷ ବିତିଥିବାବେଳେ ସରକାରଙ୍କ ପକ୍ଷରୁ ଅନେକ ଉନ୍ନୟନ କାର୍ଯ୍ୟ କରାଯାଇଥିବା କୁହାଯାଉଥିଲା। ନଗଡାକୁ ରାସ୍ତା ଫିଟିଛି। ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ମାତ୍ର ଏହା ସତ୍ତ୍ୱେ ନଗଡ଼ାବାସୀ ପୁଷ୍ଟିହୀନତାରୁ ମୁକୁଳି ନ ପାରିବା ଶାସକ ଦଳ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ୱାଧୀନତା ପୂର୍ବରୁ ସୁକିନ୍ଦା ଅଞ୍ଚଳରେ ଖଣି ଉତ୍ତୋଳନ ଚାଲିଛି। ପ୍ରାକୃତିକ ସମ୍ପଦ ଲୁଟି ଶିଳ୍ପପତିମାନେ ମଲାମାଲ ହୋଇଛନ୍ତି। ଅଥଚ ଆଜି ବି ନଗଡ଼ା ଓ ଏହାର ଆଖପାଖ ଗ୍ରାମଗୁଡିକରେ ବିକାଶର ଆଲୁଅ ପହଞ୍ଚି ପାରିନାହିଁ। ପାରିପାର୍ଶ୍ୱିକ ଉନ୍ନୟନ ଏଠାରେ ସ୍ୱପ୍ନ ହୋଇଛି। ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିରେ ୬୫୮.୮୩ କୋଟି ଟଙ୍କା ମହଜୁଦ ରହିଛି। ହେଲେ ଏହି ଟଙ୍କା ନଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଉପଯୁକ୍ତ ବିନିଯୋଗ ହୋଇନାହିଁ। ଫଳରେ ପୁଣି ଥରେ ନଗଡା ଗୁହିଆଶାଳର ୪ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ନଗଡା ଶିଶୁ ମୃତ୍ୟୁ ଘଟଣା ପରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଷ୍ଟି ସାଧନ କେନ୍ଦ୍ର ଖୋଲାଯାଇଛି। ହେଲେ ଗତ ୧୩ ଦିନ ମଧ୍ୟରେ ୪ ଶିଶୁ ଅପପୁଷ୍ଟିର ଶିକାର ହୋଇଛନ୍ତି। ସେମାନେ ହେଲେ ଗୁହିଆଶାଳର ସୁବର୍ଣ୍ଣ ପ୍ରଧାନଙ୍କ ୨ ପୁଅ ଲବ ଓ କୁଶ, ଲକ୍ଷ୍ମଣ ପ୍ରଧାନଙ୍କ ୧ ବର୍ଷର ଶିଶୁ ଇନ୍ଦ୍ର ଓ କୃଷ୍ଣ ପ୍ରଧାନଙ୍କ ୬ ମାସର ଶିଶୁ ଆସିନ। ତେବେ ଉଲ୍ଲେଖନୀୟ କଥା ହେଉଛି, ଆଗକୁ ନିର୍ବାଚନ ଥିବାରୁ ଏହି ଘଟଣା ଗଣମାଧ୍ୟମଠାରୁ ଦୁରେଇ ରଖିବାକୁ ଚେଷ୍ଟା କରାଯାଇଛି। ରବିବାର ଛୁଟି ଦର୍ଶାଇ ଜଣେ ଦୁଇ ଜଣ ତଳିଆ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଅପପୁଷ୍ଟିର ଶିକାର ୪ କୋମଳମତି ଶିଶୁଙ୍କ ସହ ପରିବାରବର୍ଗ ପୁଷ୍ଟିସାଧନ କେନ୍ଦ୍ରରେ ପଡି ରହିଛନ୍ତି। ତେଣୁ ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ବି ଉନ୍ନତି ହେଉନାହିଁ। ସମସ୍ତଙ୍କ ନଜର ଆଢୁଆଳରେ ରଖି ଶିଶୁମାନଙ୍କ ଚିକିତ୍ସା କରାଯିବା ବୁଦ୍ଧିଜୀବୀଙ୍କୁ ବିସ୍ମିତ କରୁଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିଶ କୁମାର ଦାସ କହିଛନ୍ତି ଯେ, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁଷ୍ଟିହୀନତା ଦୂର କରିବାକୁ ଯେତେ ପ୍ରକାର ଉଦ୍ୟମ କରାଯାଇଥିଲେ ସୁଦ୍ଧା ନଗଡ଼ା ଓ ଏହାର ଆଖପାଖ ଗ୍ରାମବାସୀ ସଚେତନ ହେଉନାହାନ୍ତି। ଯେଉଁ ଶିଶୁମାନେ ପୁଷ୍ଟହୀନତାରେ ଆକ୍ରାନ୍ତ ଅଛନ୍ତି ସେମାନଙ୍କୁ ପୁଷ୍ଟି ସାଧନ କେନ୍ଦ୍ରକୁ ଆଣିବାକୁ ମଧ୍ୟ ବହୁ କଷ୍ଟ କରିବାକୁ ପଡିଥିଲା। ତେବେ ଶିଶୁମାନଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଉ ନ ଥିବା ସେ କହିଛନ୍ତି।

# ୩୩% ମହିଳା ପ୍ରାର୍ଥୀ ଘୋଷଣାକୁ ନେଇ ରାଜନୀତି

**ଭୁବନେଶ୍ୱର,୧୦।୩ (ବ୍ୟୁରୋ)**

> ■ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ପୁରୁଷ କାହିଁକି: ଭାଜପା
>
> ■ ଏତେ ବର୍ଷ କରୁଥିଲେ କ'ଣ, ଏବେ କାହିଁକି: କଂଗ୍ରେସ
>
> ■ ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ମୁଖ୍ୟମନ୍ତ୍ରୀ ପ୍ରମାଣିତ କରିଛନ୍ତି: ବିଜେଡି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡାଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ୩୩ପ୍ରତିଶତ ମହିଳା ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ବିଜେଡିକୁ ଉଭୟ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଅନ୍ୟପଟେ ବିଜେଡି ନେତାମାନେ କିନ୍ତୁ ଏଭଳି ନିଷ୍ପତ୍ତି ପରେ ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କର ପ୍ରତିବଦ୍ଧତା ପ୍ରମାଣିତ ହୋଇଥିବା ଯୁକ୍ତି ବାଢିଛନ୍ତି।

ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଲୋକ ସଭାକୁ ପଠାଇବା କଥା ଘୋଷଣା କରି ଦୋହରା ନୀତି ଅବଲମ୍ବନ କରୁଛନ୍ତି। ବିଧାନସଭାରେ ଏହି ବିଲ୍ ଆଣିଥିଲେ ମଧ୍ୟ ତାହା ପାରିତ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ କେବଳ ଲୋକ ସଭା ପାଇଁ ୩୩ ପ୍ରତିଶତ ସିଟ୍ ଆରକ୍ଷଣ ଦେଉଛନ୍ତି କିନ୍ତୁ ବିଧାନସଭାରେ ଏହି ନିୟମକୁ ଲାଗୁ କରୁନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଶାସକ ବିଜେଡି ଦୀର୍ଘ ବର୍ଷ ଧରି ଶାସନ କରିବା ପରେ ମଧ୍ୟ ନାରୀ ସମାଜ ଉପରେ ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଉଛି । ଏହାକୁ ଘୋଡାଇବାକୁ ଯାଇ ମୁଖ୍ୟମନ୍ତ୍ରୀ ପୁଣିଥରେ ମହିଳା ସଂରକ୍ଷଣ ନାଁରେ ଭୁଆଁ ବୁଲାଇବାର ଅପଚେଷ୍ଟା କରୁଛନ୍ତି । ଅନ୍ୟପଟେ ରାଜ୍ୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଜଣେ ମହିଳାଙ୍କୁ ନ କରି ପୁରୁଷଙ୍କୁ କାହିଁକି କରାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ କେତେ ପ୍ରାଧାନ୍ୟ ଦିଅନ୍ତି । ବିଧାନସଭାରେ ବହୁମତ ଥାଇ ମଧ୍ୟ ୩୩ପ୍ରତିଶତ ମହିଳା ସଂରକ୍ଷଣକୁ ବିଜେଡି ଲାଗୁ କରିପାରିଲା ନାହିଁ । ସେହିପରି ପାର୍ଲାମେଣ୍ଟ ଭିତରେ ବିଜେଡିର ୨୦ଜଣ ଏମ୍‌ପି ଥାଇ ମଧ୍ୟ ଦିନଟିଏ ଉକ୍ତ ପ୍ରସଙ୍ଗକୁ ଉଠାଇ ନାହାନ୍ତି ବୋଲି ସମ୍ବିତ କହିଛନ୍ତି ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ନବୀନବାବୁ କେନ୍ଦ୍ରରେ ୫ବର୍ଷ ମନ୍ତ୍ରୀ ଥିଲେ ସେତେବେଳେ ଏକଥା ମନେପଡିଲା ନାହିଁ। ତା'ପରେ ରାଜ୍ୟରେ ୧୯ବର୍ଷ କ୍ଷମତାରେ ରହିଲେଣି ଏହି ସମୟ ଭିତରେ ମଧ୍ୟ ମନେପଡିଲା ନାହିଁ। ଏବେ ଯେତେବେଳେ ନିର୍ବାଚନ ଆସିଲା ସେତିକିବେଳେ ୩୩ପ୍ରତିଶତ ସଂରକ୍ଷଣ କଥା କହୁଛନ୍ତି ବୋଲି ନିରଞ୍ଜନ କହିଛନ୍ତି।

ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ କହିଛନ୍ତି ଯେ, ଆସନ୍ତା ଲୋକ ସଭା ନିର୍ବାଚନରେ ବିଜେଡି ଏମ୍‌ପି ପଦବୀ ପାଇଁ ଏକ ତୃତୀୟାଂଶ ସ୍ଥାନରେ ମହିଳା ପ୍ରାର୍ଥୀ ଦେବ ବୋଲି ମୁଖ୍ୟମନ୍ତ୍ରୀ କରିଥିବା ଘୋଷଣା ଐତିହାସିକ। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି। ମହିଳାମାନଙ୍କର ସାମାଜିକ ତଥା ଆର୍ଥିକ ଉନ୍ନତି ସହ ରାଜନୀତି କ୍ଷେତ୍ରରେ ସେମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ସେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ପଞ୍ଚାୟତିରାଜ ଏବଂ ପୌରପାଳିକାରେ ମହିଳାମାନଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ କରି ସମଗ୍ର ଦେଶରେ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଏକ ଘୋଷଣା କରି ମୁଖ୍ୟମନ୍ତ୍ରୀ ମହିଳାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି ବୋଲି ବିଜୟ କହିଛନ୍ତି।




### ୩୯ ରାଜନୈତିକ ଦଳକୁ ଚିହ୍ନ ବଣ୍ଟନ

**ନୂଆଦିଲ୍ଲୀ,୧୦।୩ :** ନିର୍ବାଚନୀ କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା ହେବା ପୂର୍ବରୁ ନିର୍ବାଚନ ଆୟୋଗ ରବିବାର କମଲ ହାସନଙ୍କ ଏମ୍‌ଏନ୍‌ଏମ୍ ଏବଂ ଶରଦ ଯାଦବଙ୍କ ଏଲ୍‌ଜେଡି ସମେତ ପଞ୍ଜୀକୃତ ୩୯ ଅଣ-ମାନ୍ୟତାପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ଚିହ୍ନ ଆବଣ୍ଟନ କରିଛନ୍ତି। ତାମିଲନାଡୁରେ ଏଆଇଏଡିଏମେକେ ଏବଂ ଡିଏମ୍‌କେ ସହ ମେଣ୍ଟ ନ କରି ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହୋଇଥିବା ମକ୍କଲ ନିଧି ମାୟିୟମ (ଏମ୍‌ଏନ୍‌ଏମ୍) ଦଳକୁ 'ବ୍ୟାଟେରି ଟର୍ଚ୍ଚ' ଚିହ୍ନ ମିଳିଛି। ଭାରତର ରାଜନୀତିରେ ଏକ ନୂଆ ଅଧ୍ୟାୟର ଆରମ୍ଭ ପୂର୍ବକ ପ୍ରଗତିର ମଶାଲ ବାହକ ଭାବେ ଏହି ଚିହ୍ନ ମିଳିଥିବାରୁ ହାସନ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଗତ ଫେବୃୟାରୀରେ ଅଭିନେତା ହାସନ ରାଜନୀତିକୁ ଓହ୍ଲାଇଥିଲେ ଏବଂ ଏମ୍‌ଏନ୍‌ଏମ୍ ରାଜନୈତକ ଦଳ ପ୍ରତିଷ୍ଠା କରିଥିଲେ। ଆସନ୍ତା ନିର୍ବାଚନରେ ତାଙ୍କ ଦଳ ତାମିଲନାଡୁର ୩୯ ଏବଂ ପୁଡୁଚେରୀର ୧ ମୋଟ ୪୦ ଲୋକ ସଭା ଆସନରୁ ପ୍ରାର୍ଥୀ ଛିଡ଼ା କରିବ।

# କ୍ୟାପଟେନ୍ ଦୁର୍ଲଭ ମିଶ୍ରଙ୍କ ଅବସର

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ଓଡ଼ିଆ ପାଇଲଟ୍ କ୍ୟାପଟେନ୍ ଦୁର୍ଲଭ କୁମାର ମିଶ୍ର ଶନିବାର ଚାକିରିରୁ ଅବସର ନେଇଛନ୍ତି। ସେ କ୍ୟାରିୟରର ଶେଷ ଦିନରେ କଲିକତାରୁ ଭୁବନେଶ୍ୱର ଗୋ ଏୟାର ବିମାନ ଉଡ଼ାଇଛନ୍ତି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ତାଙ୍କ ବିମାନ ଅବତରଣ କରିବା ସମୟରେ ୱାଟର କ୍ୟାନନ୍ ଦ୍ୱାରା ସ୍ୱାଗତ କରାଯାଇଥିଲା। କ୍ୟାପ୍‌ଟେନ୍ ମିଶ୍ର କ୍ୟାରିୟର ପ୍ରାରମ୍ଭରେ ଭୁବନେଶ୍ୱରର ଗଭର୍ନମେଣ୍ଟ ଆଭିଏସନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ(ଗତି)ରେ କାର୍ଯ୍ୟ କରିଥିଲେ। ରାଜ୍ୟର ବହୁ ଯୁବ ପାଇଲଟଙ୍କୁ ପ୍ରଶିକ୍ଷଣ ଦେଇ ଦକ୍ଷ କରିବାରେ ତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ। ୪୬ ବର୍ଷର ତ୍ରୁଟିଶୂନ୍ୟ ଚାକିରି କାଳ ତାଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିବ। କଟକ ଜିଲା ନରସିଂହପୁରରେ ଜନ୍ମିତ କ୍ୟାପଟେନ୍ ମିଶ୍ର ରବିବାର ୬୫ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ 'ଧରିତ୍ରୀ' ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।



ଭୁବନେଶ୍ୱର ବିମାନବନ୍ଦରରେ ଅଧିକାରୀ ଓ କର୍ମଚାରୀଙ୍କ ଗହଣରେ କ୍ୟାପ୍‌ଟେନ୍ ଦୁର୍ଲଭ କୁମାର ମିଶ୍ର ଏବଂ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା।

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ନିରପେକ୍ଷ ତୃତୀୟ

ଅଯୋଧ୍ୟାରେ ଷୋଡ଼ଶ ଶତାବ୍ଦୀର ବାବ୍ରୀ ମସଜିଦ୍‌କୁ ୧୯୯୨ ଡିସେମ୍ବର ୬ରେ କର ସେବକମାନେ ଭାଙ୍ଗି ଦେଇଥିଲେ। କର ସେବକମାନଙ୍କ ଜିଦ୍ ଯେ ରାମ ଜନ୍ମଭୂମି ସ୍ଥାନରେ ବାବ୍ରୀ ମସ୍‌ଜିଦ ନିର୍ମାଣ କରାଯାଇଥିବାରୁ ତାହା ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ସେହି ସ୍ଥାନରେ ପୁନଃ ରାମଙ୍କୁ ଅବସ୍ଥାପିତ କରାଯିବା ଦରକାର ବୋଲି ହିନ୍ଦୁ ସଙ୍ଗଠନଗୁଡ଼ିକ ମଧ୍ୟ ଆଶା ବାନ୍ଧି ବସିଛନ୍ତି। ଦେଶର ଅନ୍ୟତମ ଜାତୀୟ ଦଳ ଭାରତୀୟ ଜନତା ପାର୍ଟି (ଭାଜପା) ପ୍ରତ୍ୟେକ ସାଧାରଣ ନିର୍ବାଚନ ଆସିଲେ ଅଯୋଧ୍ୟା ପ୍ରସଙ୍ଗକୁ ଚିଆଁଇ ଦେଇ ରାଜନୈତିକ ଫାଇଦା ନେବାକୁ ଚେଷ୍ଟା କରିଛି। ଅନୁରୂପ ଭାବେ କଂଗ୍ରେସ ଉକ୍ତ ଘଟଣା ପାଇଁ ଭାଜପାକୁ ଦାୟୀ କରି ସଂଖ୍ୟାଲଘୁ ଭୋଟ କଥା ଚିନ୍ତା କରିଚାଲିଛି। କିନ୍ତୁ, ଦେଖିବାକୁ ଗଲେ, ଭାରତବର୍ଷରେ ମନ୍ଦିରର ଅଭାବ ନାହିଁ। ପ୍ରାଚୀନ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ କରିବା ସକାଶେ କୌଣସି ବ୍ୟବସ୍ଥା ମଧ୍ୟ କରାଯାଇପାରୁ ନାହିଁ। ଏଭଳି ପ୍ରଚ୍ଛଦପଟରେ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ଏକ ନୂଆ ରାମ ମନ୍ଦିର ହେଲେ ଭାରତ ଭଳି ବିରାଟକାୟ ଦେଶରେ କୌଣସି ପ୍ରଭାବ ପଡ଼ିବା କଥା ନୁହେଁ। କାରଣ ହିନ୍ଦୁ ଧର୍ମରେ ରାମ ଏକମାତ୍ର ଠାକୁର ନୁହନ୍ତି।

ଆଇନଗତ ବିବାଦ ଦେଖିଲେ ବାବ୍ରୀ ମସ୍‌ଜିଦ୍ ଭଙ୍ଗ ପରେ ଏକାଧିକ ମାମଲା ଅଦାଲତରେ ଗଡ଼ି ଚାଲିଛି। ତେବେ ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ସଦ୍ୟ ନିଷ୍ପତ୍ତିକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ମାର୍ଚ୍ଚ ୮ରେ ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏଫ୍.ଏମ୍.ଆଇ. କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ କମିଟିରେ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ୍ ଲିଭିଂର ସଂସ୍ଥାପକ ଶ୍ରୀଶ୍ରୀ ରବିଶଙ୍କର ଓ ଜଣାଶୁଣା ଆଇନଜୀବୀ ଶ୍ରୀରାମ ପଞ୍ଚୁ ସଦସ୍ୟ ଅଛନ୍ତି। ଦେଖିବାକୁ ଗଲେ ଏହି ୩ ମଧ୍ୟସ୍ଥ ହେଉଛନ୍ତି ତାମିଲନାଡୁର। ଆଲୋଚନା ହେଉଛି ଯେ, ଉତ୍ତର ଭାରତଭିତ୍ତିକ ଏହି ବିବାଦର ସମାଧାନ ଦିଗରେ ଦକ୍ଷିଣ ଭାରତୀୟଙ୍କ ନିଷ୍ପତ୍ତି ନିର୍ଣ୍ଣାୟକ ହେବ। ହେଲେ ୩ ମଧ୍ୟସ୍ଥଙ୍କୁ ଦେଖିଲେ କାଲିଫୁଲ୍ଲା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ହିନ୍ଦୁ। ଏଭଳି ସ୍ଥଳେ ତୃତୀୟ ସଦସ୍ୟ ଭାବେ ବୌଦ୍ଧ, ଶିଖ୍ କିମ୍ବା ଅନ୍ୟ ଧର୍ମାବଲମ୍ବୀଙ୍କ ମଧ୍ୟରୁ କାହାକୁ ନିଆଯାଇପାରିଥାଆନ୍ତା। ପୁଣି ମଧ୍ୟସ୍ଥ ମଣ୍ଡଳୀରେ ଶ୍ରୀଶ୍ରୀ ରବିଶଙ୍କରଙ୍କୁ ନିଆଯାଇଥିବାରୁ ନୂଆ ବିବାଦ ଉପୁଜିଛି। ସେ ଏକଦା କହିଥିଲେ ଯେ, ଅଯୋଧ୍ୟା ମାମଲାରେ ଯଦି ମୁସଲମାନ ଜାଗା ଛାଡ଼ିବେ ନାହିଁ, ତାହା ହେଲେ ଭାରତରେ ସିରିଆ ଭଳି ସ୍ଥିତି ସୃଷ୍ଟି ହୋଇ ଗୃହଯୁଦ୍ଧ ହେବ। ଏଭଳି ମନ୍ତବ୍ୟ ରଖିଥିବା ବ୍ୟକ୍ତିଙ୍କଠାରୁ ନିରପେକ୍ଷ ମତ ପାଇବା କଷ୍ଟକର ହୋଇପଡ଼ିବ। ସୁପ୍ରିମକୋର୍ଟ ୩ ଜଣିଆ କମିଟିରେ ରବିଶଙ୍କରଙ୍କୁ ରଖିଥିବା ବିଷୟ ଘୋଷଣା ହେବା ପରେ ତାଙ୍କ ନିରପେକ୍ଷତା ଉପରେ ଏଆଇଏମ୍‌ଆଇଏମ୍ ନେତା ଆସାଦୁଦ୍ଦିନ ଓୱାଇସି ପ୍ରଶ୍ନ ଉଠାଇଛନ୍ତି। ଓୱାଇସିଙ୍କୁ ଆହୁରି ଅନେକେ ସମର୍ଥନ ମଧ୍ୟ କଲେଣି।

ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦର ଜମିକୁ ନେଇ ଉଠିଥିବା ବିବାଦ ଦେୱାନୀ ମାମଲା ଭିତରେ ସୀମିତ ରହୁ ନାହିଁ। ଏହା ସହିତ ଦୁଇ ଧର୍ମର ବିଶ୍ୱାସ ଜଡ଼ିତ ଥିବାରୁ ମଧ୍ୟସ୍ଥମାନେ ଏ ଦିଗରେ ଠିକ୍ ରାସ୍ତା ଦେଖାଇପାରିବେ ବୋଲି ଆଶା ରଖି ସର୍ବୋଚ୍ଚ ଅଦାଲତ ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି। ୮ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାର୍ଚ୍ଚ ୧୦ରେ ନିର୍ବାଚନ କମିଶନ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ତାରିଖ ଘୋଷଣା କରାଯାଇଛି। ଏପ୍ରିଲ ୧୧ରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ମେ ୧୯ ଯାଏ ଚାଲିବ। ଏହି ପରିପ୍ରେକ୍ଷୀରେ ଅଯୋଧ୍ୟା ମାମଲା ସଂକ୍ରାନ୍ତ ମଧ୍ୟସ୍ଥଙ୍କ ରିପୋର୍ଟ ଆସିଲା ବେଳକୁ ନିର୍ବାଚନ ସରିଆସୁଥିବ। କିନ୍ତୁ ଭାରତୀୟ ବ୍ୟବସ୍ଥାକୁ ଦେଖିଲେ କୌଣସି କମିଶନ ବା କମିଟି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦେବାର ନଜିର ମନେପଡୁ ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ରାମ ଜନ୍ମଭୂମି ବାବ୍ରୀ ମସ୍‌ଜିଦ୍ ସଂକ୍ରାନ୍ତ ରାୟ ଆଉ ଏକ ସାଧାରଣ ନିର୍ବାଚନ ଅତିକ୍ରମ କରିଦେବ।

ଅଯୋଧ୍ୟା କାଣ୍ଡର ଘଟଣାକ୍ରମ ଦେଖିଲେ ଏହା ଅସମାହିତ ପ୍ରଶ୍ନ ସୃଷ୍ଟି କରିଚାଲିଛି। ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ଐତିହାସିକ ରାୟ ଦେଇଥିଲେ ଯେ, ୨.୭୭ ଏକର ବିବାଦୀୟ ଜମିକୁ ନିର୍ମୋହୀ ଆଖଡ଼ା, ସୁନ୍ନୀ ୱାକଫ୍ ବୋର୍ଡ ଏବଂ ରାମଲାଲା ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଉ। ହେଲେ ଫଳ କିଛି ହେଲା ନାହିଁ। ଏବେ ନିର୍ବାଚନ ଚାପରୁ ରକ୍ଷା ପାଇବା ପାଇଁ ମଧ୍ୟସ୍ଥ ଚିନ୍ତାଧାରା ସର୍ବୋଚ୍ଚ ଅଦାଲତଙ୍କୁ ବେଶ୍ ସୁହାଇବ। ତେବେ ଏକ ଦୀର୍ଘବର୍ଷର ମାମଲାକୁ ମଧ୍ୟସ୍ଥ କମିଟି ହାତକୁ ଟେକି ଦିଆଯିବା ଯେତିକି ଆଶ୍ଚର୍ଯ୍ୟ ଲାଗୁଛି ସେତିକି ଅସଙ୍ଗତ ମନେହେଉଛି।

# ଓଡ଼ିଆ ଭାଷା: ଶାସ୍ତ୍ରୀୟତା ଓ ଉତ୍ତରଦାୟ

ଡ. ତମସାରାଣୀ ଦାସମହାପାତ୍ର

ଆଞ୍ଚଳିକ ଭାଷାଗୁଡ଼ିକର ବିକାଶ ଉଦ୍ଦେଶ୍ୟରେ ୨୦୦୪ ମସିହାରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଏକ ଅଧିନିୟମ ଜାରି କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ, ଯେଉଁ ଭାଷା ପ୍ରାଚୀନ, ଅପ୍ରତିହତ ଓ ଅବିଚ୍ଛିନ୍ନ ଭାବେ ମୌଳିକ ସଂସ୍କୃତିକୁ ବହନ କରୁଥିବ ଏବଂ ସୁଦୀର୍ଘ ସାହିତ୍ୟ ପରମ୍ପରାରେ ସମୃଦ୍ଧ ହୋଇଥିବ, ସେ ଭାଷା କ୍ଲାସିକାଲ୍ ପର୍ଯ୍ୟାୟଭୁକ୍ତ ହୋଇପାରିବ। ଏହି କ୍ରମରେ ପ୍ରଥମେ ତାମିଲଭାଷା ଦ୍ରାବିଡ଼ ପରିବାରର ପ୍ରାଚୀନ ଓ ସମୃଦ୍ଧ ଭାଷା ବୋଲି ଦାବିକରି ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତହେଲା ଓ ତତ୍‌ପରେ ସଂସ୍କୃତ ଭାଷା ଏହି ମାନ୍ୟତା ପାଇଲା। ୨୦୦୬ ମସିହାରେ କେନ୍ଦ୍ର ସରକାର ପୁନଶ୍ଚ ଶାସ୍ତ୍ରୀୟ ମାନ୍ୟତାର ଚାରିଟି ମାନଦଣ୍ଡ ଘୋଷଣାକଲେ, ସେଗୁଡ଼ିକ ଯଥାକ୍ରମେ- ୧. ଶାସ୍ତ୍ରୀୟମାନ୍ୟତା ଦାବି କରୁଥିବା ଭାଷାଭାଷୀ ଜାତିର ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତିର ପ୍ରାଚୀନ ଐତିହ୍ୟ ଥିବ, ୨. ଯୁଗଯୁଗ ଧରି ମହତ୍ତ୍ୱପୂର୍ଣ୍ଣ ବୋଲି ମନେକରାଯାଉଥିବା ପ୍ରାଚୀନ ସାହିତ୍ୟ ଓ ଗ୍ରନ୍ଥ ରଚନାର ପରମ୍ପରା ଥିବ, ୩. ଅନ୍ୟ କୌଣସି ଭାଷା ଦ୍ୱାରା ପ୍ରଭାବିତ ନ ହୋଇ ବା ଧାର ନ ଧାରି ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ ଏବଂ ୪. ଆଧୁନିକ ଭାଷାଠାରୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର ଓ ବୈଶିଷ୍ଟ୍ୟପୂର୍ଣ୍ଣ ହୋଇଥିବାରୁ ସେହି ପ୍ରାଚୀନ ଭାଷା ଓ ତା'ର ଉପଜାତି ଆଧୁନିକ ଭାଷା ଭିତରେ ଅବିଚ୍ଛିନ୍ନତା ରହିଥିବ।

ସୁତରାଂ ଏହିସବୁ ଲକ୍ଷଣଯୁକ୍ତ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବାକୁ ହକ୍‌ଦାର। କେନ୍ଦ୍ର ସରକାର ସେହି ଭାଷାର ବିକାଶ, ପ୍ରଚାର, ପ୍ରସାର ଶିକ୍ଷା ଗବେଷଣା ଓ ଅନ୍ତର୍ଜାତୀୟ ମର୍ଯ୍ୟାଦାପ୍ରାପ୍ତି ନିମନ୍ତେ ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିବେ, ଯଥା- ସେହି ଭାଷାର ଗବେଷଣା, ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପିତ ହେବ। ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ଅନୁମୋଦିତ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସରିଆଲ୍ ଚେୟାର ପ୍ରତିଷ୍ଠା ହେବା ସହ ଏକଶହ କୋଟି ଟଙ୍କା ଅନୁଦାନ ମିଳିବ।

ଏତଦ୍‌ବ୍ୟତୀତ ସେହି ଭାଷାସାହିତ୍ୟରେ ଉଚ୍ଚାଙ୍ଗ ଗବେଷଣା କରୁଥିବା ଗବେଷକମାନଙ୍କ ପାଇଁ ବର୍ଷକୁ ଦୁଇଟି ମୂଲ୍ୟବାନ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ ବ୍ୟବସ୍ଥା ହେବା ସହ ସେହି ଭାଷାର ପ୍ରଚାର, ପ୍ରସାର ତଥା ଅନ୍ତର୍ଜାତୀୟ ଅଧ୍ୟୟନ କେନ୍ଦ୍ର ଓ ଦ୍ୱିପାକ୍ଷିକ ସମ୍ପର୍କ ତଥା ଉନ୍ନତିକଳ୍ପେ ପ୍ରତିବର୍ଷ କେନ୍ଦ୍ର ବଜେଟରୁ ୫ କୋଟି ଟଙ୍କା ଅନୁଦାନ ମିଳିବ।

ବହୁ ଆନନ୍ଦର କଥା, ଓଡ଼ିଆ ଭାଷା ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ବିଧିବଦ୍ଧ ଭାବରେ ଶାସ୍ତ୍ରୀୟ ଭାଷା ଘୋଷିତ ହେଲା। କହିବା ବାହୁଲ୍ୟ, ଓଡ଼ିଆ ଭାଷା ଖ୍ରୀଷ୍ଟପୂର୍ବକାଳୀନ ସମସ୍ତ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ପ୍ରାଚୀନ ସମୃଦ୍ଧ ଭାଷା। ଲିପି ଓ ଭାଷାବିକାଶର କ୍ରମବିବର୍ତ୍ତନ, ସଂରଚନାର ସ୍ୱାତନ୍ତ୍ର୍ୟ, ଦାର୍ଶନିକ ତଥା ଭାଷାତାତ୍ତ୍ୱିକ ଭିତ୍ତିଭୂମି ସହ ଆହରଣଶୀଳତା ତଥା ଏହାର ମୌଳିକ ସାହିତ୍ୟ ପରମ୍ପରା ଆଦିକୁ ଅବଲୋକନ କଲେ ଏହି ଭାଷାର ସ୍ୱତନ୍ତ୍ରତା ଓ ପ୍ରାଚୀନତା ବେଶ୍ ଲକ୍ଷଣୀୟ। ଇଣ୍ଡୋୟୁରୋପୀୟ ଭାଷା ପରିବାରର ଏକ ମହତ୍ତ୍ୱପୂର୍ଣ୍ଣ ଶାଖା ଭାରତୀୟ ଆର୍ଯ୍ୟଭାଷା।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ

ଏହି ଗୋଷ୍ଠୀର ପ୍ରମୁଖ ଭାଷା ହେଉଛି ଓଡ଼ିଆ।

ଶାସ୍ତ୍ରୀୟ ଲକ୍ଷଣ ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାକୁ ଅନୁଧ୍ୟାନ କରାଯାଏ, ତେବେ ଆମେ ଜାଣୁ ଉତ୍କଳ, କଳିଙ୍ଗ, ଉଡ୍ର, କୋଶଳ, କଙ୍ଗୋଦ, ଉଡ୍ର ଆଦି ଓଡ଼ିଶାର ପ୍ରାଚୀନ ନାମ। ଏହାର ସୁଦୀର୍ଘ ଇତିହାସ, ସଂସ୍କୃତି ଓ ପରମ୍ପରା, କଳାନୈପୁଣ୍ୟ, ସମୃଦ୍ଧ ବାଣିଜ୍ୟ ପରମ୍ପରା, ସମରକୌଶଳର ଦକ୍ଷତା, ସାହସ ଆଦିର ଲିପିବଦ୍ଧ ଇତିହାସର ପ୍ରମାଣ ଦିଏ ବିଦେଶାଗତ ବହୁ ଜ୍ଞାନୀ, ଦୂତମାନଙ୍କର ବିଭିନ୍ନ ବିବରଣୀ, ଶିଳାଲେଖ, ତାମ୍ରପତ୍ର ଓ ପ୍ରାଚୀନ ସାହିତ୍ୟ। ଓଡ଼ିଶା ରାଜ୍ୟର ପ୍ରାଚୀନତା ମହାଭାରତ, ହରିବଂଶ, ସ୍କନ୍ଦ ପୁରାଣ ଆଦି ଗ୍ରନ୍ଥରେ କଳିଙ୍ଗ, ଉତ୍କଳର ସବିଶେଷ ବର୍ଣ୍ଣନା, ପୁଣି ଭରତଙ୍କ ନାଟ୍ୟଶାସ୍ତ୍ରରେ ଉଡ୍ରମାଗଧୀ ଓ ଉଡ୍ରବିଭାଷାର ସୂଚନା, ଲଳିତବିସ୍ତରରେ ବୁଦ୍ଧଦେବ ଶିଖିଥିବା ୬୪ ଗୋଟି ଲିପି ମଧ୍ୟରୁ 'ଉଗ୍ରିଲିପି' ବା ଯାହାକୁ 'ଉଡ୍ରୀଲିପି' ବୋଲି କୁହାଯାଏ, ଲିପିତାତ୍ତ୍ୱିକ ଦୃଷ୍ଟିରୁ ନିରୀକ୍ଷଣ କଲେ ଏହା ୨୦୦୦ ବର୍ଷ ପୂର୍ବର। ଏଥିସହିତ ସମ୍ରାଟ ଅଶୋକ ଓ ଖାରବେଳଙ୍କ ଶିଳାଲେଖରେ ଥିବା ଅବିକଳ ଓଡ଼ିଆଶବ୍ଦ ପ୍ରାଚୀନ ଓଡ଼ିଆ ଲିପିର ପ୍ରମାଣଦିଏ।

ନିଜସ୍ୱ ମୌଳିକ ସାହିତ୍ୟରଚନା ପ୍ରତି ଦୃଷ୍ଟିଦେଲେ, ପ୍ରତ୍ୟେକ ଭାଷାର ଉନ୍ମେଷ କାଳରେ ମହାଭାରତ, ରାମାୟଣ ଓ ପୁରାଣମାନ ରଚିତ ହେବା ପରି ଓଡ଼ିଆ ଭାଷା ଆଦ୍ୟରେ ଓଡ଼ିଆ ନାଥ ସିଦ୍ଧାଚାର୍ଯ୍ୟଙ୍କ ଚର୍ଯ୍ୟାଗୀତିକା, ସାରଳାଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ, ଅଚ୍ୟୁତାନନ୍ଦଙ୍କ ହରିବଂଶ ପୁରାଣ ଆଦି ବୃହତ୍ ରଚନାଠାରୁ ଆରମ୍ଭ କରି ଭଞ୍ଜଯୁଗୀୟ କାବ୍ୟ ସାହିତ୍ୟ, ପଦାବଳୀ ସାହିତ୍ୟ ଓ ପରେ ପରେ ଆଧୁନିକ ଯୁଗର ଗଦ୍ୟ, ପଦ୍ୟ, କାବ୍ୟାଦି ବହୁ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟିର ପରମ୍ପରା ଅବିଚ୍ଛିନ୍ନ ଭାବେ ରହିଆସିଛି, ଯାହା ଓଡ଼ିଆ ସାହିତ୍ୟର ନିଜସ୍ୱ ମୌଳିକ ରଚନା, କାହାଠାରୁ ଧାରଅଣା ନୁହେଁ। ତେଣୁ ଏହା ନିର୍ବିବାଦରେ କୁହାଯାଇପାରେ ଯେ, ଓଡ଼ିଆ ଏକ ଶାସ୍ତ୍ରୀୟ ଲକ୍ଷଣଯୁକ୍ତ ଉଚ୍ଚାଙ୍ଗ ଭାଷା।

ଓଡ଼ିଆ ଭାଷା ଶାସ୍ତ୍ରୀୟମାନ୍ୟତା ପାଇବା ପରେ ରାଜ୍ୟ ସରକାର ଓଡ଼ିଆ ଭାଷାର ସମୃଦ୍ଧି ଓ ଗବେଷଣା ପାଇଁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସାରଳାଦାସ ଚେୟାର ପ୍ରତିଷ୍ଠା କରିବା ସହ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଚେୟାର ପ୍ରତିଷ୍ଠା ପାଇଁ ଆବଶ୍ୟକ ତଥ୍ୟ ସହିତ ଅର୍ଥ ପ୍ରଦାନ କରିସାରିଛନ୍ତି। ଓଡ଼ିଶା ସରକାରୀ ଭାଷା ଅଧିନିୟମ ୧୯୫୪ର ସଂଶୋଧନ କରି ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବେ ପ୍ରଚଳନ କରିଛନ୍ତି। ଓଡ଼ିଆ ଭାଷାର ବିକାଶ, ପ୍ରସାର, ଶିକ୍ଷା ତଥା ଗବେଷଣା ଓ ଅଧ୍ୟୟନ ପାଇଁ ଉଚ୍ଚମାନର ଗବେଷଣା ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଭିତ୍ତିଭୂମି ସହିତ ସମସ୍ତ ଆନୁଷଙ୍ଗିକ ବିଷୟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିସାରିଛନ୍ତି, ଯାହା ସମ୍ଭବତଃ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ।

ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇ ଆଗେଇ ଚାଲିଛି। ଏହାଛଡ଼ା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୁଜରାଟର ଗାନ୍ଧୀନଗର ଓ ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୁନ୍ତଳାକୁମାରୀ ଓ ମଧୁସୂଦନ ରାଓଙ୍କ ନାମରେ ଦୁଇଟି ପ୍ରଫେସରିଆଲ ଚେୟାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦିଆଯାଇଛି। ଭାଷାର ବିକାଶ ତଥା ଅଭିବୃଦ୍ଧି କେବଳ ସରକାରୀ ତତ୍ପରତାରେ ସମ୍ଭବ ହୁଏନାହିଁ। ଏଥିପାଇଁ ସାମୂହିକ ଉଦ୍ୟମ ଲୋଡ଼ା। ଆଜିର ସମାଜ ଭାଷାରେ ତଥ୍ୟ ଖୋଜୁଛି। ପ୍ରତିଯୋଗିତାମୂଳକ ଭାବନାରେ ଜୀବନ ଆଗେଇ ଚାଲିଛି, ତା' ସହିତ ଖାପ୍ ଖୁଆଇ ଭାଷା ମଧ୍ୟ ଜ୍ଞାନବିଜ୍ଞାନର କୌଶଳ ହେବାକୁ ଚାହୁଁଛି। ଯେଉଁ ଭାଷାରେ ତଥ୍ୟ ଭଣ୍ଡାର ବେଶି, ମାଧ୍ୟମ ବେଶି, ସେ ଭାଷାର ଆଦର ବେଶି। ସେଥିପାଇଁ ପ୍ରତିଯୋଗିତାର ଘୋଡ଼ାଦୌଡ଼ରେ ବିବଶ ହୋଇ ଅଭିଭାବକମାନେ ଇଂରେଜ ଭାଷାର ସର୍ବାଧିକ ଜ୍ଞାନକୌଶଳ ଲାଗି ପିଲାମାନଙ୍କୁ ଇଂଲିଶ ପଢ଼ାଇବାକୁ ଆଜି ବାଧ୍ୟ ହେଉଛନ୍ତି। ଓଡ଼ିଆ ପାଠ୍ୟପୁସ୍ତକର ଗତାନୁଗତିକ ଧାରା, ଏଥିରେ ନୂତନ ଭାବେ ସଂଯୋଜିତ ହେଉଥିବା ପ୍ରଯୁକ୍ତିବିଦ୍ୟା ଓ କମ୍ପ୍ୟୁଟର ଆଦିର ବ୍ୟବହାର ଓଡ଼ିଆ ଭାଷାରେ ନ ହେବା ଦ୍ୱାରା ଆମ ଭାଷା ପଛେଇଯାଉଛି। ଓଡ଼ିଶାରେ ଥିବା ବିଭିନ୍ନ ଉପଭାଷା/ଆଞ୍ଚଳିକ ଭାଷା, ଜନଜାତିଙ୍କ ଭାଷା ସଂସ୍କୃତିକୁ ଉଜ୍ଜୀବିତ କରି ମୁଖ୍ୟଭାଷା ସହ ଏଗୁଡ଼ିକର ଆଦାନପ୍ରଦାନ ବଢ଼ାଇବା ସହ ଓଡ଼ିଆ ଶବ୍ଦଭଣ୍ଡାରକୁ ଅଧିକ ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ବ୍ୟକ୍ତିଗତ ବା ଗୋଷ୍ଠୀଗତ ଉଦ୍ୟମରେ ସରକାରୀ ଆର୍ଥିକ ଅନୁଦାନ ଭିତ୍ତିରେ ଏ କାର୍ଯ୍ୟ ସମ୍ପାଦିତ ହୋଇପାରିବ। ଏଥିପାଇଁ ଆମେ ସଙ୍କଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଆଜି ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତି ଦିବସରେ ଏହା ଏକ ସଙ୍କଳ୍ପ ହେଉ।

ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସଂସ୍କୃତି ଭବନ, ଭୁବନେଶ୍ୱର, ମୋ- ୮୮୯୫୬୦୦୮୦୪

# କଳା ଓ ଅଶ୍ଳୀଳତା

ଡ. ଚିନ୍ତାମଣି ପଣ୍ଡା

ଗତ ଖାରବେଳ ମହୋତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ଯାତ୍ରା ଜଗତର କଳାକାରଙ୍କ ଦ୍ୱାରା ପ୍ରତିଯୋଗିତାମୂଳକ ଅଙ୍ଗ ପ୍ରଦର୍ଶନ କରାଯାଉଥିବାର ଅଭିଯୋଗ ଏତେ ତୀବ୍ର ଥିଲା ଯେ କିଛି ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଚିତ୍କାରରେ ଖଣ୍ଡଗିରିର ବୁକୁ ଥରିଉଠିବା ସହିତ-ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲା। ଆରକ୍ଷୀବାହିନୀର ହସ୍ତକ୍ଷେପ ପର୍ଯ୍ୟନ୍ତ କଥା ଗଲା ଏବଂ ଏହି ଅଶ୍ଳୀଳତାକୁ ସୀମାବଦ୍ଧ କରିବା ପାଇଁ ଏକ ଲକ୍ଷ୍ମଣରେଖାର ଆବଶ୍ୟକତା ଅନୁଭୂତ ହେଲା।

ଏହିପରି ଦିନେ ୨୦୧୬ ଫେବୃୟାରୀର ଏକ ଶୀତୁଆ ସନ୍ଧ୍ୟାରେ ରବୀନ୍ଦ୍ରମଣ୍ଡପରେ ପ୍ରଦର୍ଶିତ 'ସୋନ୍‌କା' ନାମକ ଏକ ମଞ୍ଚ ନାଟକ ଦର୍ଶକଙ୍କ ମଧ୍ୟରେ ହୋହଲ୍ଲା ସୃଷ୍ଟି କରିଥିଲା। ନାଜୀ ଶାସନର ଅତ୍ୟାଚାରକୁ ମଞ୍ଚରେ ନାଟ୍ୟ ରୂପାନ୍ତର କରିବାକୁ ଯାଇ ଜାତୀୟ ନାଟକ ବିଦ୍ୟାଳୟ ଆନୁକୂଲ୍ୟରେ ପୋଲାଣ୍ଡର ଏକ ନାଟ୍ୟଦଳ ଏହି ନାଟକଟିକୁ ପ୍ରଦର୍ଶନ କରୁଥାନ୍ତି। ଏକ ବଳାତ୍କାର ଦୃଶ୍ୟକୁ ଜୀବନ୍ତ କରିବା ଆଳରେ ଜଣେ ମହିଳା କଳାକାର ମଞ୍ଚରେ ହଠାତ୍ ତାଙ୍କ ବକ୍ଷୋଜକୁ ଅନାବୃତ୍ତ କରିପକାଇଲେ, ଯାହାକି ଦର୍ଶକମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ପ୍ରତିକ୍ରିୟାରେ ନାଟକର ପରିସମାପ୍ତି ପରେ ଦର୍ଶକଙ୍କ ସମ୍ମିଳିତ ପ୍ରତିବାଦର ସ୍ୱର ଏତେ ଶାଣିତ ଥିଲା ଯେ ବାଧ୍ୟହୋଇ ଉପସ୍ଥିତ ସଂସ୍କୃତି ମନ୍ତ୍ରୀଙ୍କୁ ବିବୃତି ରଖିବାକୁ ପଡିଲା। ଏହା ଉପରେ 'ସୋନ୍‌କା' ଶୀର୍ଷକରେ 'ଧରିତ୍ରୀ' ପକ୍ଷରୁ ଯେଉଁ ସମ୍ପାଦକୀୟଟି ପ୍ରକାଶିତ ହେଲା ତାହା ଏଠାରେ ପ୍ରଣିଧାନଯୋଗ୍ୟ। ସମ୍ପାଦକ ମହୋଦୟ ସମସ୍ତଙ୍କ ଭାବନାର ଊର୍ଦ୍ଧ୍ୱକୁ ଉଠିଯାଇ ମତ ଦେଇଥିଲେ ଯେ, ନାଟକଟିକୁ କଳାକୁଶଳ ଦୃଷ୍ଟିଭଙ୍ଗୀରେ ବିଚାର ନ କରି ଶାଳୀନତାର ଲକ୍ଷ୍ମଣରେଖା ଟାଣିବା ବୋଧେ ଆମର ହୀନମନ୍ୟତା। ଉଦାହରଣରେ ସେ ପୁରୀର ଶ୍ରୀମନ୍ଦିର ଓ କୋଣାର୍କର ସୂର୍ଯ୍ୟମନ୍ଦିର ଗାତ୍ରରେ ଖୋଦିତ ନଗ୍ନ କଳାକୃତି ସବୁକୁ ଆମେ ଅଶ୍ଳୀଳ ଦୃଷ୍ଟିଭଙ୍ଗୀରେ ଦେଖି ନ ଥିବା ବେଳେ ନାଟକଟିକୁ ଏପରି ଦୃଷ୍ଟିଭଙ୍ଗୀରେ ଦେଖିବାର ତାତ୍ପର୍ଯ୍ୟକୁ ଅନୁଶୀଳନ କଲେ। ଉତ୍କୃଷ୍ଟ କଳାର ଦେଶ ଏ ଉତ୍କଳ। ତଦାନୀନ୍ତନ କୁଶଳୀ ଶିଳ୍ପୀଗଣ ତଥା ଦର୍ଶକବୃନ୍ଦ ଅନ୍ତତଃପକ୍ଷେ କଳା ଭାସ୍କର୍ଯ୍ୟର ମହତ୍ତ୍ୱକୁ ଯେଉଁ ଦୃଷ୍ଟିରେ ଗ୍ରହଣ କରିଥିଲେ ତା'ର ପଟାନ୍ତର ନାହିଁ। ନଚେତ୍ ଚାରିଆଡୁ ବିରୋଧାଭାସରେ ଏସବୁ କଳାକୃତି ସ୍ୱକୀୟ ସ୍ଥିତି ହରାଇ ଇତିହାସ ପାଲଟି ଯାଇଥାନ୍ତା।

ଏହି ପରିପ୍ରେକ୍ଷୀରେ ଦୃଷ୍ଟାନ୍ତଟିଏ ମନକୁ ଆସେ। ଥରେ ଗୁରୁକୁଳରେ ଦୁଇଜଣ ବ୍ରହ୍ମଚାରୀ ଶିକ୍ଷାନବୀଶ ଆଶ୍ରମ ନିକଟସ୍ଥ ନଦୀରେ ସନ୍ଧ୍ୟା ତର୍ପଣ କରୁ କରୁ ହଠାତ୍ ସ୍ରୋତରେ ଏକ ତରୁଣୀର ସଂଜ୍ଞାହୀନ ନିସ୍ତେଜ ଶରୀର ଭାସିଯାଉଥିବାର ଦେଖିଲେ। ପ୍ରଥମ ଶିଷ୍ୟଙ୍କ ବାରଣକୁ ନ ମାନି ଦ୍ୱିତୀୟ ଶିଷ୍ୟ ସହସା ନଦୀସ୍ରୋତକୁ ଲମ୍ଫ ଦେଇ କିଶୋରୀର ଶରୀରଟିକୁ ଉଦ୍ଧାର କରି କୂଳକୁ ଆଣିଲେ। ସଂଜ୍ଞା ଫେରାଇବା ପାଇଁ ବିଭିନ୍ନ ଉପଚାର କରିବା ଦ୍ୱାରା ସାଷ୍ଟାମ ହେବାରୁ ତରୁଣୀଟିର ନଗ୍ନ ଶରୀରକୁ ନିଜ ବସ୍ତ୍ରରେ ଆବୃତ୍ତ କରି ମସ୍ତକରେ ବୋହି ନିକଟସ୍ଥ ଜନପଦରେ ଛାଡି ଦେଇଆସିଲେ। ତଡିତ୍-ବେଗରେ ଗୁରୁଙ୍କ ପାଖରେ ଏ ଦୃଶ୍ୟର ନିଚ୍ଛକ ଅବତାରଣା ପୂର୍ବକ ପ୍ରଥମ ଶିଷ୍ୟ ଜଣକ ଦ୍ୱିତୀୟ ଶିଷ୍ୟଙ୍କ ଧୃଷ୍ଟତା ହେତୁ ବ୍ରହ୍ମଚର୍ଯ୍ୟ ବ୍ରତ ନାରୀ ଅଙ୍ଗ ସ୍ପର୍ଶ ଦ୍ୱାରା ଭଗ୍ନ ହୋଇଥିବାର ପ୍ରମାଣ ରଖିଲେ। ଗୁରୁ ନିରୁତ୍ତର ରହିବାରୁ ପରଦିନ ପୁନଶ୍ଚ ଶିଷ୍ୟ ଜଣକ କଥାଛଳରେ ଘଟଣାଟିର ପୁନରାବୃତ୍ତି ପୂର୍ବକ, ନିଜ ଶରୀରକୁ ଅର୍ଦ୍ଧାବୃତ୍ତ କରି ଏକ ନାରୀକୁ ସେ ବସ୍ତ୍ର ଦେଇଥିବାରୁ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଥିବାର ଅଭିଯୋଗ ବାଢିଲେ। ତଥାପି ଗୁରୁ ନୀରବ ରହିବାର ଦେଖି ତୃତୀୟ ଦିନ ସେ ଆପତ୍ତି କଲେ ଯେ ଏକ ନାରୀର ଅର୍ଦ୍ଧାବୃତ୍ତ ଶରୀରକୁ ମୁଣ୍ଡରେ ବୋହି ଜନପଦକୁ ନେଇଥିବାରୁ ଉକ୍ତ ଶିଷ୍ୟ ବ୍ରହ୍ମଚର୍ଯ୍ୟ-ଭ୍ରଷ୍ଟ ହୋଇଛନ୍ତି ଏବଂ ତାଙ୍କୁ ଆଶ୍ରମରୁ ବହିଷ୍କାର କରାଯାଉ।

ଗୁରୁ ଏଥର କହିଲେ- ବସ୍, ସେ ଯେଉଁ କାର୍ଯ୍ୟ କଲା ତାହା ଏକ ବ୍ରହ୍ମଚାରୀ ପକ୍ଷେ ଅନୁଚିତ ହେଲେ ବି ଏକ କଲ୍ୟାଣକାରୀ ପଦକ୍ଷେପ। ତେଣୁ କର୍ତ୍ତବ୍ୟ ଦାୟରେ ମନ ଭିତରେ କୌଣସି ଆବିଳତା ନ ରଖି କାର୍ଯ୍ୟଟିକୁ ତୁଲାଇଥିବାରୁ ସ୍ୱାଭାବିକ ଭାବେ ସେ ଘଟଣାଟି ବିସ୍ମୃତ ହୋଇଥିବା ବେଳେ ତୁମ ମନରେ ତାହା ଏପର୍ଯ୍ୟନ୍ତ ଉଜ୍ଜୀବିତ ରହିଛି। ଏହାଦ୍ୱାରା ତୁମର ମାନସିକ ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇନାହିଁ କି? ତେଣୁ ପାପର ବୋଝକୁ ସେ ନୁହେଁ ବରଂ ତୁମେ ମୁଣ୍ଡେଇଛ। ଶିଷ୍ୟ ଜଣକ ଏହା ଶୁଣି ନିଜର ଭୁଲ୍ ବୁଝିପାରିଲେ। ଏଇ ପରିପ୍ରେକ୍ଷୀରେ ଆମେ ଯଦି କଳାକାରମାନଙ୍କର କଳାକୁଶଳତାକୁ ଉପଭୋଗ ନ କରି ଅଶ୍ଳୀଳତାକୁ ନଜର ଦେବା ତେବେ ଏହା ଆମର ନିଜସ୍ୱ ଦୃଷ୍ଟିଭଙ୍ଗୀ ବୋଲି ବୁଝିବାକୁ ହେବ। ଆଜିକାଲି ଭଜନ ସମାରୋହଠାରୁ ଆରମ୍ଭ କରି ସଙ୍ଗୀତ ସନ୍ଧ୍ୟା ଏପରି କି ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ଉଦଣ୍ଡ ନୃତ୍ୟ ନ ଥିଲେ ଏ ପିଢିର ଦର୍ଶକଙ୍କ ମନଛୁଆଁ ହୋଇ ପାରୁନାହିଁ। ରାତ୍ରିର ବିଳମ୍ବିତ ପ୍ରହରରେ ଛାତ୍ରାବାସମାନଙ୍କରେ ଚାଲୁଥିବା ନୃତ୍ୟ ସଙ୍ଗୀତ ଆସରରେ ମଦମତ୍ତ ଛାତ୍ରଙ୍କ ସମ୍ମୁଖରେ ଅନୂଢା ତରୁଣୀଙ୍କର ଉଦର ନୃତ୍ୟ (ବେଲି ଡ୍ୟାନ୍ସ) କେଉଁ ଆଭିଜାତ୍ୟପୂର୍ଣ୍ଣ ମଧୁଶାଳାର ନର୍ତ୍ତକୀମାନଙ୍କ ଅଙ୍ଗସୌଷ୍ଠବ ପ୍ରଦର୍ଶନଠାରୁ କମ୍ ଅଶ୍ଳୀଳ କି ଆପତ୍ତିଜନକ ନୁହେଁ। ବାହାରେ ସମ୍ପୂର୍ଣ୍ଣ ପାରିବାରିକ ବୋଲି ଫଳକ ଲଗାଇ ଚଳଚ୍ଚିତ୍ର କିମ୍ବା ଯାତ୍ରା ଜଗତରେ ଅଶ୍ଳୀଳ ନୃତ୍ୟର ପ୍ରଦର୍ଶନ ଆପତ୍ତିଜନକ ନିଶ୍ଚୟ। ଏହାକୁ ଆମର ରକ୍ଷଣଶୀଳ ସମାଜ ସ୍ୱୀକୃତି ଦେଇଦେଲେ କ୍ରମେ ତାହା ଆଜିର ଗ୍ରାହକଙ୍କ ଚାହିଦା ନାମରେ ବଢିବଢି ଅଶ୍ଳୀଳତାରୁ ନଗ୍ନତାରେ ଯେ ରୂପାନ୍ତରିତ ହୋଇ ନ ଯିବ ଏଥିରେ ଲେଶ-ମାତ୍ର ସନ୍ଦେହ ନାହିଁ, ଅତଏବ ଆଗରୁ ଏ ଦିଗଟି ପ୍ରତି ଆମେ ସଚେତନ ରହିବା ସମୀଚୀନ ମନେହୁଏ। **ମୋ-୯୪୩୭୧୮୫୧୭୫**

## ଏଇ ଭାରତରେ

ଅଭାବରୁ ସ୍ୱଭାବ ନଷ୍ଟ ହୋଇଥାଏ। ଅଭାବରେ ପଡି ଜଣେ ମହିଳା ତାଙ୍କର ୧୦ଦିନର ଶିଶୁକୁ ୪୦ ହଜାର ଟଙ୍କାରେ ବିକ୍ରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝାଡଖଣ୍ଡରେ ଘଟିଛି ଏପରି ଏକ ଘଟଣା। ନବଜାତ ଶିଶୁପୁତ୍ରକୁ ୪୦ହଜାର ଟଙ୍କାରେ ବିକ୍ରି କରି ସାରିବା ପରେ ମହିଳାଜଣକ ପୁଣି ଫେରାଇ ନେବାକୁ ଅଡି ବସିଥିଲେ। ସ୍ଥାନୀୟ ମାନ୍‌ଗୋ ଶଙ୍କୋସାଇଠାରେ ବାସ କରୁଥିବା ରାଣୀ ଦେବୀ ନାମକ ଏହି ମହିଳା ଷଷ୍ଠ ସନ୍ତାନ ଭାବେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ଆର୍ଥିକ ଅବସ୍ଥା ଖରାପ ଥିବାରୁ ସେ ଶିଶୁପୁତ୍ରକୁ ସ୍ଥାନୀୟ ଶ୍ମଶାନ ଘାଟରେ ବାସ କରୁଥିବା ନିଃସନ୍ତାନ ରୋମା ସରକାରଙ୍କୁ ବିକ୍ରି କରିଥିଲେ। ଏହା ବଦଳରେ ସେ ପାଇଥିଲେ ୪୦ ହଜାର ଟଙ୍କା। କିନ୍ତୁ କିଛି ସମୟ ପରେ ତାଙ୍କ ମାତୃତ୍ୱ ଜାଗି ଉଠିଥିଲା। ସେ ପୁତ୍ରକୁ ଫେରାଇ ନେବାକୁ ଅଡି ବସିଥିଲେ। ଶିଶୁପୁତ୍ରକୁ ବିକ୍ରି ସମୟରେ ଏଗ୍ରିମେଣ୍ଟ କରାଯାଇଥିଲା। ଉକ୍ତ ମାମଲା ଥାନାରେ ପହଞ୍ଚିବା ପରେ ପୋଲିସ ଉଭୟ ପକ୍ଷଙ୍କୁ ବୁଝାଇ ଏହି ଚୁକ୍ତି ରଦ୍ଦ କରିବାକୁ କହିଥିଲେ।

## ଚିରନ୍ତନୀ

ଉଦ୍‌ବେଳିତ କରେ ତାହା ! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ।
ସେହିକାଳୁଁ ଶୁଣିଅଛି ଅଜାତ ସେ ଶିଶୁର କ୍ରନ୍ଦନ
ଅନ୍ତରେ ଅନ୍ତରେ ତା'ର ଲାଳିଛି ସେ ପ୍ରାଣର ନନ୍ଦନ,
ତୃପ୍ତିହୀନ ଆଶା ବହି ପରାଣ ପରାସେ
ବସି ରହେ ତାହାରି ସକାଶେ !

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ମାର୍ଚ୍ଚ ୩- ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ାରେ ୫୬ ଘଣ୍ଟା ଧରି ଚାଲିଥିବା ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୫ ଯବାନ୍ ମଧ୍ୟ ଶହୀଦ ହୋଇଛନ୍ତି।

୪- ନିର୍ବାଚନ ପ୍ରଚାରରେ ପ୍ଲାଷ୍ଟିକ୍ ନିଷିଦ୍ଧ କରିବାକୁ ଗ୍ରୀନ୍ ଟ୍ରିବ୍ୟୁନାଲର ପରାମର୍ଶ।

୫- ଭାରତର ଚାପରେ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରଙ୍କ ଭାଇ ଓ ପୁଅ ଏବଂ ଅନ୍ୟ ୪୨ ଜଣ ଜୈଶ୍ ଆତଙ୍କବାଦୀଙ୍କୁ ଗିରଫ କରିଛି।

୬- କଳାହାଣ୍ଡି ଜିଲା ଭବାନୀପାଟଣା ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ଉଚ୍ଚଶିକ୍ଷା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

୭- ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ରୁଷିଆରୁ ୩ ବିଲିୟନ ଡଲାର ମୂଲ୍ୟର ଆଣବିକ ଶକ୍ତିସମ୍ପନ୍ନ ଆକ୍ରମଣକାରୀ ବୁଡ଼ାଜାହାଜ ଲିଜ୍‌ରେ ଆଣିବା ଲାଗି ଚୁକ୍ତି ସ୍ୱାକ୍ଷର କରିଛି।

୮- ମିଜୋରାମ ରାଜ୍ୟପାଳ କୁମ୍ମନାମ ରାଜଶେଖରନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ପୁଣି ସକ୍ରିୟ ରାଜନୀତିକୁ ଫେରିବା ନେଇ ଚର୍ଚ୍ଚା ହେଉଛି।

## ଆମ ସମସ୍ୟା

### ରେଳପଥର ଓଡ଼ିଶା ପ୍ରତି ଧ୍ୟାନ ନାହିଁ

ମହାଶୟ,

ଓଡ଼ିଶାରେ ରେଳପଥ ଅଧିକ ରାଜସ୍ୱ ଦେଉଥିଲାବେଳେ ଏହି ବିଭାଗ ଓଡ଼ିଆମାନଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ନ ଦେବାର ଦୃଷ୍ଟାନ୍ତ କଟକ-ବ୍ରହ୍ମପୁର ମେମୁ ଟ୍ରେନ୍‌କୁ ବ୍ରହ୍ମପୁରରୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା। ଏଥିରେ ଅଣଓଡ଼ିଆଙ୍କର ଅଧିକ ଲାଭ ହେବ। ଇଚ୍ଛାପୁରରୁ ବାହାରି ପାରାଦୀପକୁ ଯିବା ବାଟରେ ଏହା ଏକ୍ସପ୍ରେସ୍ ହଲ୍ଟ ଷ୍ଟେଶନଗୁଡ଼ିକରେ ରହଣି କରିଥାଏ ଓ ପାସେଞ୍ଜର ଭଡ଼ା ନେଇଥାଏ। ବ୍ରହ୍ମପୁରରୁ କଟକ ମଧ୍ୟରେ ଯିବାଆସିବା କରୁଥିବା ଫାଷ୍ଟ ପାସେଞ୍ଜର ଭୁବନେଶ୍ୱରରୁ ନିତିଦିନ ଯିବାଆସିବା କରୁଥିବା ଚାକିରିଆ, ବେପାରୀ, ଛାତ୍ରମାନଙ୍କୁ ସୁବିଧା ହେଉଥିଲା। ଏହା ଇଚ୍ଛାପୁରରୁ ଆସିଲେ ୧୦ଟା ମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିପାରିବ ନାହିଁ ଓ ଏଥିରେ ସୋରିଷ ପକାଇବାକୁ ଜାଗା ରହିବ ନାହିଁ। ଯଦି ବିଶାଖାପାଟଣା-ବ୍ରହ୍ମପୁର ମଧ୍ୟରେ ଗମନାଗମନ ସୁବିଧା ପାଇଁ ଏପରି ପଦକ୍ଷେପ ରେଳପଥ ନେଇଛି ତେବେ ୨ୟ ପଲାସା ଭୁବନେଶ୍ୱର ଟ୍ରେନ୍‌କୁ ଇଚ୍ଛାପୁରରୁ ମେମୁ ଟ୍ରେନ୍‌ରେ ରୂପାନ୍ତର କରି ଚଳାଇଥିଲେ ଅସୁବିଧା ନ ଥାନ୍ତା। ସେହିପରି ଭୁବନେଶ୍ୱରରେ ରହୁଥିବା ବାଙ୍ଗୀରିପୋଷି-ରାଉରକେଲା ପରି ଟ୍ରେନ୍‌କୁ ବ୍ରହ୍ମପୁରଯାଏ ସମ୍ପ୍ରସାରିତ କଲେ ଓଡ଼ିଶାବାସୀଙ୍କ ଉପକାର ହୁଅନ୍ତା।

- ରମାକାନ୍ତ ପୁରୋହିତ, ନିରାକାରପୁର, ଖୋର୍ଦ୍ଧା

### ଡାକ ବିଭାଗର ଦୃଷ୍ଟିପଡୁ

ଡାକ ବିଭାଗ ସଞ୍ଚୟ, ବୀମା ଓ ଅନ୍ୟାନ୍ୟ କାର୍ଯ୍ୟର ସମ୍ପ୍ରସାରଣ ନେଇ ଲୋକପ୍ରିୟ ହେଉଛି। ମାତ୍ର ଦିନକୁ ଦିନ କର୍ମଚାରୀ ଅଭାବ ଓ କାର୍ଯ୍ୟଚାପ ବୃଦ୍ଧି ଯୋଗୁ ଗ୍ରାହକ ସେବା ବାଧାପ୍ରାପ୍ତ ହେଉଛି। ତତ୍‌ସହିତ କର୍ମଚାରୀମାନଙ୍କର ରୁକ୍ଷ ବ୍ୟବହାର ମାନସିକ କଷ୍ଟ ଦେଉଛି। ଶାଖା, ଉପଡାକ ଘର ଏପରି କି ମୁଖ୍ୟ ଡାକଘରେ ମଧ୍ୟ ଏଇ ସମସ୍ୟା। ମାତ୍ର ବ୍ୟାଙ୍କ ସେବା କ୍ଷେତ୍ରରେ ଏପରି ସମସ୍ୟା ନାହିଁ। ଡାକସେବାରେ ଉନ୍ନତି ତଥା ସଂସ୍କାର ପାଇଁ ବିଭାଗ ଧ୍ୟାନ ଦେବା ଉଚିତ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ


| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 5 | | 6 | D | | | | 4 | 2 | B |
| | | | | | 2 | | | 3 | | 1 | 5 | | E | |
| | | | | | | | B | | | | | | 8 | C |
| | | | 7 | 6 | | | 4 | 8 | | | | D | 1 | 3 |
| | | | 9 | | | 0 | | | B | | D | | | 7 |
| | 8 | | 4 | | | | | C | 5 | | 1 | | 6 | A |
| | 7 | | | | | | 3 | 9 | | | | | 5 | |
| | D | | 1 | A | E | 8 | | | 6 | | | | | 2 |
| | C | | 6 | D | B | | | 7 | | 8 | A | 9 | | |
| | 2 | 3 | | | | E | 0 | 6 | | 7 | | | | 8 |
| | | 1 | | | | 7 | | | | | 2 | | 4 | |
| 8 | 0 | | D | | 7 | | | | | | | | | |
| | A | | | | 1 | | | | | E | | | | |
| | | B | E | 0 | | 3 | | | 9 | | 4 | | | 6 |
| | | | | | 6 | | | 2 | | A | 0 | C | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 5 | 0 | B | 4 | A | 1 | 6 | D | 3 | C | 8 | E | 9 |
| 6 | 1 | A | 3 | 7 | D | 9 | 8 | 0 | 4 | E | 5 | B | C | 2 |
| B | 3 | C | 5 | 8 | 9 | 4 | 2 | E | 6 | 0 | 1 | A | 7 | D |
| 4 | E | 9 | 1 | C | 2 | 3 | D | B | 8 | 7 | A | 5 | 0 | 6 |
| 8 | 0 | D | 6 | E | A | C | 7 | 5 | B | 2 | 9 | 1 | 4 | 3 |
| C | 5 | 7 | 8 | 4 | 0 | E | 9 | D | 2 | A | B | 3 | 6 | 1 |
| E | 4 | 3 | 9 | A | 6 | 8 | 0 | 1 | 7 | C | D | 2 | 5 | B |
| A | B | 0 | 7 | 3 | 5 | 6 | C | 2 | 9 | 1 | 8 | E | D | 4 |
| 1 | 2 | 8 | C | D | B | 7 | 4 | 3 | E | 5 | 6 | 0 | 9 | A |
| D | 9 | 6 | 2 | 1 | E | 5 | B | A | 3 | 4 | 0 | C | 8 | 7 |
| 3 | 6 | E | A | 0 | 8 | 2 | 5 | 9 | 1 | D | 4 | 7 | B | C |
| 7 | 8 | B | D | 9 | 3 | 1 | E | C | 0 | 6 | 2 | 4 | A | 5 |
| 9 | C | 1 | E | 5 | 7 | 0 | 6 | 4 | A | B | 3 | D | 2 | 8 |
| 0 | A | 4 | B | 2 | C | D | 3 | 8 | 5 | 9 | 7 | 6 | 1 | E |
| 5 | D | 2 | 4 | 6 | 1 | B | A | 7 | C | 8 | E | 9 | 3 | 0 |

ଗତକାଲିର ଉତ୍ତର




## ସଂକ୍ଷେପରେ

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ



**ଖଇରା, ୧୦।୩(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ଦର୍ଶନ ପ୍ରସାଦ ହାଇସ୍କୁଲ ୧୯୮୪ ବ୍ୟାଚର ବନ୍ଧୁମିଳନ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦ ସଭାପତି ମାୟାଧର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ଲେଙ୍କା, ଚନ୍ଦ୍ରକାନ୍ତ ଶତ୍‌ପଥୀ, ଉଦୟଚରଣ ନାୟକ ଓ କିଶୋର ଚରଣ ଲେଙ୍କାଙ୍କୁ ଛାତ୍ରୀଛାତ୍ରଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ସଂସଦର ସଦସ୍ୟ ପଞ୍ଚାନନ ଖଟୁଆ, ବିରାଜ କୁମାର ପାଢ଼ୀ, ସଚ୍ଚିନ୍ଦ୍ର ରାଉଳ, ଗଙ୍ଗାଧର ବେହେରା, ଗୟାଧର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନର ପ୍ରଧାନଶିକ୍ଷକ ନିର୍ମଳ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୧୯୮୪ ବ୍ୟାଚ୍‌ର ଛାତ୍ର ଯୁଧିଷ୍ଠିର ପଣ୍ଡା, ନୀଳାମ୍ବର ସାହୁ, ନିତ୍ୟାନନ୍ଦ ସାହୁ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

### ୧୦୭ ୟୁନିଟ୍ ରକ୍ତ ସଂଗ୍ରହ



**ବାଲେଶ୍ୱର ଅଫିସ,୧୦।୩:** ଜୀବନବିନ୍ଦୁ ଆନୁକୂଲ୍ୟରେ ସଦର ଜୀବନବିନ୍ଦୁ ସଂଯୋଜକ ସଲିମ ରାଜାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଏକ ଘରୋଇ ହୋଟେଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୧୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସଦର ବିଧାୟକ ଜୀବନପ୍ରଦୀପ ଦାଶ, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ଜିଲା ଜୀବନ ବିନ୍ଦୁ ସଂଯୋଜକ ଆଶିଷ ଘୋଷ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କର ଉତ୍ସାହ ବଢ଼ାଇଥିଲେ। ତାପସ ନାୟକ, ସୁପ୍ରକାଶ ସାହା, ଅଜମଲ ଖାନ୍, ସାଜିରୁଦ୍ଦିନ ଖାନ୍, ତୁଷାର ମହାନ୍ତି, ଏସ୍.କେ. ମିଲନ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

### ସ୍ୱସ୍ତି କ୍ରିକେଟ୍ କପ୍ ଉଦ୍‌ଯାପିତ

**ରେମୁଣା,୧୦।୩(ଡି.ଏନ.ଏ.):** ରେମୁଣା ବ୍ଲକ ବିରୁଆଁ ପଞ୍ଚାୟତର ଏସ୍.ଏନ୍. ହାଇସ୍କୁଲ ପଡ଼ିଆରେ ସ୍ୱସ୍ତି କ୍ଲବ ତରଫରୁ ୨ଦିନ ଧରି ଚାଲିଥିବା କ୍ରିକେଟ୍ ଖେଳ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ୍‌ରେ ବର୍ତ୍ତନା କ୍ରିକେଟ୍ ଟିମ୍ ଓ ସୋମନାଥପୁର କ୍ରିକେଟ ଟିମ୍ ମଧରେ ଏକ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଏଥିରେ ସୋମନାଥପୁର କ୍ରିକେଟ୍ ଟିମ୍ ବିଜୟଲାଭ କରିଥିଲା। ସୁଶାନ୍ତ ପତି ଓ ସରୋଜ ଦାସ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ତୁଷାରକାନ୍ତ ତପସ୍ୱୀ ଓ ସମ୍ମାନିତ ଅତିଥି ଭାବେ କମଳ କିଶୋର ରାଉତ, ରାମଚନ୍ଦ୍ର ପାତ୍ର, ଯୁବ ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ବେହେରା, ମନୋରଞ୍ଜନ ଦାସ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ସ୍ୱସ୍ତି ସଙ୍ଗଠନର ସଭାପତି ସନ୍ତୋଷ କୁମାର ରାଉତ ସଭାପତିତ୍ୱ କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ଦାସ, ଜଗନ୍ନାଥ ପଣ୍ଡା, ରାଧାକାନ୍ତ ପ୍ରଧାନ, ରଥିଆ ସିଂ, ସୁମନ୍ତ ଦାସ, ମନୋଜ ଦାସ, ରତିକାନ୍ତ ଦାସ, ଶଶିକାନ୍ତ ଦାସ, ପ୍ରମୋଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ପଦ୍ମ ଛାଡ଼ିଲେ ଶଶିକୁମାର, ଧରିବେ ଶଙ୍ଖ

**ବାଲେଶ୍ୱର ଅଫିସ,୧୦।୩**

ଭାଜପାର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଶଶି କୁମାର ସାହୁ ରବିବାର ପଦପଦବୀ ସମେତ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ୨୦୧୪ ନିର୍ବାଚନରେ ସେ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ରବିବାର ଖଇରା ବ୍ଲକ ନଟାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳରୁ ଇସ୍ତଫା ଦେବା ବିଷୟ ଘୋଷଣା କରିଛନ୍ତି।

ଭାଜପାରେ ସୃଷ୍ଟି ହୋଇଥିବା ଗୋଷ୍ଠୀକନ୍ଦଳର ପରିଣତିସ୍ୱରୂପ ସାହୁ ଦୀର୍ଘ ୬ ମାସ ଧରି ନୀରବତା ଅବଲମ୍ବନ କରିଆସୁଥିଲେ। ଆଗାମୀ ନିର୍ବାଚନରେ ତାଙ୍କୁ ଟିକେଟ ମିଳିବା ସମ୍ଭାବନା ନ ଥିବା ନେଇ ଚର୍ଚ୍ଚା ହେବା ପରେ ଏଥିସକାଶେ ସେ ଦଳ ଛାଡ଼ିପାରନ୍ତି ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ଛାଡ଼ି ସେ ବିଜେଡିରେ ସାମିଲ ହେଉଥିବା ସୂଚନା ଦେଇ ତାଙ୍କ ବକ୍ତବ୍ୟରେ ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉପସଭାପତି ସମିର ମହାନ୍ତିଙ୍କ ଏକଛତ୍ରବାଦୀ କାର୍ଯ୍ୟକଳାପ ବିରୋଧରେ ବର୍ଷିଥିଲେ। ସେ ଦର୍ଶାଇଥିଲେ ଯେ, ଭାଜପାରେ ଯୋଗଦେଇ ସଙ୍ଗଠନ ସଜାଡ଼ି ୨୦୧୪ରେ ପ୍ରାର୍ଥୀ ହେବା ଯୋଗୁ ଦଳ ୨୮ହଜାର ଭୋଟ ପାଇପାରିଥିଲା। ଏଥିପୂର୍ବରୁ ଦଳ ମାତ୍ର ଭୋଟ୍ ୫ହଜାର ଭୋଟରେ ସୀମିତ ରହିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପାର ଭୋଟ ୫୨ହଜାରକୁ ବୃଦ୍ଧି ପାଇଥିଲା। ଏହାସତ୍ତ୍ୱେ ତାଙ୍କ ବିନା ସହମତିରେ ପୂର୍ବତନମନ୍ତ୍ରୀ ତଥା କଂଗ୍ରେସ ନେତା ପଦ୍ମଲୋଚନ ପଣ୍ଡାଙ୍କୁ ଦଳରେ ସାମିଲ କରାଯିବାରୁ ଏହା ତାଙ୍କୁ ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀର ଭାଜପା କର୍ମୀଙ୍କୁ ବହୁତ ବାଧି ଥିଲା। ଗତ ଅକ୍ଟୋବର ୧୦ତାରିଖରେ ସ୍ଥାନୀୟ କର୍ମୀ ବ୍ଲକ ଘେରାଉ କରିବା ଲାଗି ନେଇଥିବା ନିଷ୍ପତ୍ତିକୁ ରାଜ୍ୟ ନେତୃବୃନ୍ଦ ବନ୍ଦ କରିବା ଫଳରେ ଏହା କର୍ମୀଙ୍କ ଭାବାବେଗ ଉପରେ ଗଭୀର ପ୍ରଭାବ ପକାଇଥିଲା। ଗତ ନଭେମ୍ବର ୧୧ତାରିଖରେ କୁପାରୀସ୍ଥିତ ଅମ୍ବିକା ଆଶ୍ରମରେ ଅନୁଷ୍ଠିତ ବୈଠକକୁ ତାଙ୍କୁ କିମ୍ବା ତାଙ୍କ ସମର୍ଥକଙ୍କୁ ଡକାଯାଇ ନ ଥିଲା। ଏଭଳି ଘଟଣାକ୍ରମରେ ସେ ଅଣନିଃଶ୍ୱାସୀ ହୋଇ ନିଜେ ଦଳ ଛାଡ଼ିବା ସହ ୫ଜଣ ସରପଞ୍ଚ, ୬ଜଣ ସମିତି ସଭ୍ୟା/ସଭ୍ୟ, ୬ଜଣ ଜିଲାପରିଷଦପ୍ରାର୍ଥୀ, ୪ଜଣ ମଣ୍ଡଳ ସଭାପତି, ୪୫ଜଣ ସେବା ସମବାୟ ସମିତି ନିର୍ଦ୍ଦେଶକ, ୪୮ଜଣ ପଞ୍ଚାୟତ ପ୍ରମୁଖ,୧୩୮ଜଣ ୱାର୍ଡ଼ ସଭ୍ୟା/ସଭ୍ୟ ଦଳ ଛାଡ଼ିବାକୁ ବାଧ ହୋଇଥିବା ଖବରଦାତାଙ୍କୁ ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଶଶିକୁମାର ବିଜେଡିରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର ଧରିଛି।



ଖବରଦାତା ସମ୍ମିଳନୀରେ ଶଶି ସାହୁ ଓ ଅନ୍ୟମାନେ।

ଖବରଦାତାମାନେ ଏ ସମ୍ପର୍କରେ 'ଆପଣ ଟିକେଟ ଆଶାରେ ବିଜେଡିକୁ ଯାଉଛନ୍ତି କି' ବୋଲି ପଚାରିବାରୁ ନବୀନବାବୁଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଉପରେ ବିଶ୍ୱାସ ରଖି ସେ ବିଜେଡିରେ ମିଶିବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। ଦଳ ପକ୍ଷରୁ ତାଙ୍କୁ ଯେଉଁ କାର୍ଯ୍ୟ ଦିଆଯିବ ତାହାକୁ ସେ ସୂଚାରୁ ରୂପେ ପ୍ରତିପାଦନ କରିବେ। ବିଜେଡିର ପୁରୁଣା ଓ ନୂତନ ଭାବେ ଯୋଗ ଦେଉଥିବା କର୍ମୀଙ୍କୁ ଏକତ୍ର ନେଇ ଆପଣ କାର୍ଯ୍ୟ କରି ପାରିବେ କି ବୋଲି ପଚାରିବାରେ ସେ ଏଭଳି ସମନ୍ୱୟ ରକ୍ଷା କରିବାରେ କୌଣସି ଅସୁବିଧା ହେବା ନାହିଁ ବୋଲି କହିଥିଲେ। ଆସନ୍ତା ୧୩ତାରିଖରେ ଜିଲା ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହେବାକୁ ଥିବା ମିଶ୍ରଣ ପର୍ବରେ ୪୦ହଜାର କର୍ମୀଙ୍କ ଉପସ୍ଥିତରେ ସେ ବିଜେଡିରେ ଯୋଗଦେବେ ବୋଲି ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ଭାଜପା କୁପାରୀ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରସାଦ ଦାସଙ୍କ ପୌରୋହିତ୍ୟ କରିଥିଲେ। କୁପାରୀ ମଣ୍ଡଳ ସଭାପତି ଗଜେନ୍ଦ୍ର ପ୍ରସାଦ ଦାସ, ଜିଲା ସମ୍ପାଦକ ଅକ୍ଷୟ କୁମାର ଧିନ୍ଦା, ଦିଲ୍ଲିପ ଗିରି, ସାମନ୍ତ ମହାପାତ୍ର, ଶ୍ରୀଧର ତ୍ରିପାଠୀ, ରାଜେନ୍ଦ୍ର ଜେନା, ପ୍ରଭାତ ଦଳେଇ, ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜବରଦଖଲ ଜମିରେ ୧୪୪ ଧାରା ଜାରି ପାଇଁ ନିର୍ଦ୍ଦେଶ

**ଖଇରା, ୧୦।୩(ଡି.ଏନ.ଏ.)**

ଖଇରା ତହସିଲ ଅଧୀନ କଇଥଗଡ଼ିଆ ଗ୍ରାମର ଖାତା ନମ୍ବର ୨୪୪ ପ୍ଲଟ ନମ୍ବର ୧୫୯୯ରେ ଥିବା ୧୬ ଡିସିମିଲ ଜମିରେ ୧୪୪ ଧାରା ଜାରି ପାଇଁ ଜିଲା ଉପଖଣ୍ଡ କୋର୍ଟର ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ କର୍ମୀ ରଘୁନାଥ ନାୟକଙ୍କ ନିଜର ଏହି ପୈତୃକ ସମ୍ପତ୍ତିକୁ ଗ୍ରାମର କେତେକ ଲୋକ ଜୋରଜବରଦସ୍ତ ଜବରଦଖଲ କରିଥିଲେ। ନାୟକ ଘର ନିର୍ମାଣ କରିବା ବେଳେ ସେମାନେ ଘରର କିଛି ଅଂଶ ଭାଙ୍ଗି ଦେଇଥିଲେ। ଉକ୍ତ ଘଟଣାରେ ନାୟକ ତହସିଲଦାରଙ୍କୁ ଜଣାଇବା ପରେ ସରକାରୀ ମାପରେ ଏହା ନାୟକଙ୍କ ନିଜର ସମ୍ପତ୍ତି ବୋଲି ଜଣାପଡ଼ିଥିଲା। ହେଲେ ଜବରଦଖଲକାରୀମାନେ ଜମି ନ ଛାଡ଼ିବାରୁ ସେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟ କେସ୍ ନମ୍ବର ୧୬/୨୦୧୯ର ବିଚାର କରି ମାର୍ଚ୍ଚ ୬ ତାରିଖରେ ଏହି ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଉ ନ ଥିବା ରଘୁନାଥ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସିଙ୍କ ମତାମତ ନେବାରେ ତହସିଲଦାର ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଜାରି କରାଯାଇ ପାରିନାହିଁ। ଏ ସମ୍ପର୍କରେ ତହସିଲଦାରଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଏହି ଧାରା ଜାରି କରାଯିବ ବୋଲି କହିଛନ୍ତି।



ଗେଙ୍ଗୁଟି ପଞ୍ଚାୟତ କାର୍ଯ୍ୟାଳୟର ଫାଟକ ଉଦ୍‌ଘାଟନ ବେଳେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ରସାଲପୁର, ୧୦।୩(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତରେ ୨୬ଲକ୍ଷ ୪୧ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଯାଇଛି। ସରପଞ୍ଚ ବିରୂପାକ୍ଷ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଦାସ ଯୋଗଦେଇ ୩.୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକ ଉଦ୍‌ଘାଟନ କରିଥିଲେ। ଜିଲାପରିଷଦ ସଭ୍ୟ ସୁଧାଂଶୁ ଶେଖର ପଣ୍ଡା, ଭାଜପା କୃଷକମୋର୍ଚ୍ଚା ରାଜ୍ୟ ଉପସଭାପତି ବିପିନ ଦାସଙ୍କ ସମେତ ୱାର୍ଡ଼ସଭ୍ୟ ତପନ କୁମାର ସାହୁ, ମନୋଜ ସାହୁ, ସଂଯୁକ୍ତା ଆଚାର୍ଯ୍ୟ, ମିତା ସିଂ, ରୀତା ଦାସ, କୁନିତା ମହାନ୍ତି, ଚନ୍ଦନ ସିଂ, ରଞ୍ଜିତା ବିଶ୍ୱାଳଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଇଭିଏମ୍, ଭିଭିପାଟ ମେଶିନରେ ଦ୍ୱିତୀୟ ପର୍ଯ୍ୟାୟ ମକ୍‌ପୋଲ

**ବାଲେଶ୍ୱର ଅଫିସ,୧୦।୩**

ବାଲେଶ୍ୱର ଜିଲାପାଳ କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟଠାରେ ଇଭିଏମ୍, ଭିଭିପାଟ୍ ମେଶିନରେ ଦ୍ୱିତୀୟ ପର୍ଯ୍ୟାୟ ମକ୍‌ପୋଲ ପ୍ରଦର୍ଶନ କାର୍ଯ୍ୟକ୍ରମ ରବିବାର ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବେ ଗଣମାଧ୍ୟମର ପ୍ରତିନିଧି ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ପାଇଁ ଆୟୋଜନ କରାଯାଇଥିଲା।

ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ଯାଏ ଉକ୍ତ କାର୍ଯ୍ୟାଳୟରେ ପ୍ରଦର୍ଶନ କରାଯିବ। ଏହି ଉପଲକ୍ଷେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତ, ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ନିଲୁ ମହାପାତ୍ର ଉପସ୍ଥିତ ହୋଇ ଏହାର କାର୍ଯ୍ୟକାରିତା ସମ୍ବନ୍ଧରେ ଜନସାଧାରଣଙ୍କ ସନ୍ଦେହ ଦୂର ଲାଗି ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଏହା ଆୟୋଜନ କରାଯାଇଥିବା କହିଥିଲେ।



ଦ୍ୱିତୀୟ ପର୍ଯ୍ୟାୟ ମକ୍‌ପୋଲ କାର୍ଯ୍ୟକ୍ରମରେ ଅଧିକାରୀଗଣ।

ଭୋଟିଂ ମେଶିନ୍‌ର ପ୍ୟାନେଲ ବୋର୍ଡରେ ନିଜ ପସନ୍ଦର ପ୍ରାର୍ଥୀ ସପକ୍ଷରେ ବଟନ ଚିପିବା ପରେ ଭିଭିପାଟ ମେଶିନ୍‌ରେ ସେହି କ୍ରମିକ ସଂଖ୍ୟା ଥାଇ ଏକ ସ୍ଲିପ୍ ବାହାରି ୭ ସେକେଣ୍ଡ ଯାଏ ସମ୍ପୃକ୍ତ ଭୋଟଦାନକାରୀଙ୍କ ପ୍ରତ୍ୟକ୍ଷ ଗୋଚର ସକାଶେ ରହିବା ପରେ ସିଲ୍ କରାଯାଇଥିବା ବାକ୍ସକୁ ଖସିପଡୁଛି ତାହା ପ୍ରଦର୍ଶନ କରାଯାଇଥିଲା। ତେବେ ଏହି ପ୍ରକ୍ରିୟା କିପରି ନିର୍ଭୁଲ ଏବଂ ନିରପେକ୍ଷ ତାହା ପ୍ରଦର୍ଶନ କରିବାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ସହକାରୀ ଜିଲାପାଳ (ନିର୍ବାଚନ) ମନୋଜ କୁମାର ସେନାପତି, ସତ୍ୟଜିତ୍ ମହାନ୍ତି ଏବଂ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମରାଇଜୀଉଙ୍କ ଫଗୁ ଉତ୍ସବ ପ୍ରସ୍ତୁତି

**ରେମୁଣା, ୧୦।୩(ଡି.ଏନ.ଏ.)**

ରେମୁଣା ବ୍ଲକ ଅଧୀନ ମଣ୍ଡଗାଁ ଗ୍ରାମରେ ବିଜେ ଶ୍ୟାମରାଇଜୀଉଙ୍କ ଫଗୁ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସ୍ଥାୟୀ ସଭାପତି ଦିବାକର ଖିଲାରଙ୍କ ସଭାପତିତ୍ୱରେ ଶ୍ୟାମାରାଇଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି।

ଗ୍ରାମର ଆରମ୍ଭରୁ ୧୧ଟି ବିମାନଙ୍କୁ ପାଛୋଟି ଆଣିବା ପାଇଁ ଘଣ୍ଟୁଆଳ, ଶଙ୍ଖ, କୀର୍ତ୍ତନ ମାଧ୍ୟମରେ ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇ ଠାକୁରଙ୍କ ନୀତିନିୟମ ମାଧ୍ୟମରେ ପାଳନ କରାଯିବା ପାଇଁ ସିଦ୍ଧାନ୍ତ ହୋଇଛି। ଉକ୍ତ ଦିବସରେ ଦିନତମାମ୍ ଅନ୍ନଭୋଜନ ସହ ଭକ୍ତମାନଙ୍କର ସୁବିଧାକୁ ଆଖି ଆଗରେ ରଖି କିପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟ ରଖି କମିଟିର ସମସ୍ତ ସଭ୍ୟମାନେ ଧ୍ୟାନ ଦେବେ। ସମ୍ପାଦକ ମାଧବାନନ୍ଦ ଦାସ, ରମାକାନ୍ତ ଦାସ, ଜଗନ୍ନାଥ ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଡାଶରେ ବିଜେଡିର କର୍ମୀ ବୈଠକ

**ବାଲିଆପାଳ,୧୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତର ପାକମୁଣ୍ଡି ଗ୍ରାମରେ ରବିବାର ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚକ୍ରଧର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବାଲେଶ୍ୱର ଏମପି ଇଂ ରବୀନ୍ଦ୍ର ଜେନା ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବକ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଏମପିଙ୍କ ବାଲିଆପାଳ ବ୍ଲକ ପ୍ରତିନିଧି ଶଶଧର ପ୍ରଧାନ, ବିଜେଡି ନେତା ବଳରାମ ସାହୁ, ଜିଲା ପରିଷଦ ସଦସ୍ୟା ମୀନତି ଜେନା, ବିଜେଡି ନେତା ବେଣୁଧର ଜେନା ପ୍ରମୁଖ ଉଦବୋଧନ ଦେଇଥିଲେ। ଆଗାମୀ ନିର୍ବାଚନରେ ବିଜେଡିକୁ ପୁନଶ୍ଚ କ୍ଷମତାକୁ ଆଣିବା ଲାଗି ନେତାମାନେ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଅନ୍ୟଦଳର ୧୫ ରୁ ଉର୍ଦ୍ଧ୍ୱ ପୁରୁଖା କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ଅବସରପ୍ରାପ୍ତ ସୈନିକ ସଂଘର ବାର୍ଷିକ ଉତ୍ସବ

**ବାଲିଆପାଳ,୧୦।୩(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଅନ୍ତର୍ଗତ କରୁଆପଡ଼ା ଗ୍ରାମର କାଞ୍ଚନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅବସରପ୍ରାପ୍ତ ସୈନିକ ସଂଘ ବାଲିଆପାଳ ଶାଖାର ଦଶମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଯୋଗଦେଇ ସୈନିକଙ୍କ ସମ୍ମାନ ଓ ଶୃଙ୍ଖଳା ଜ୍ଞାନ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ରାଜ୍ୟ ସୈନିକ ସଂଘର ସମ୍ପାଦକ ବିଦ୍ୟାଧର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ତମ୍ଭକାର ପ୍ରଶାନ୍ତ ଦାସ ଯୋଗଦେଇ ସୈନିକମାନେ ଦେଶର ଜଣେ ଭିନ୍ନ ଧରଣର ମଣିଷ ବୋଲି କହିଥିଲେ। କାରଣ ସେମାନଙ୍କର ସାହସ ଓ ତ୍ୟାଗ ପାଇଁ ଦେଶ ଗର୍ବିତ ହେଉଛି ଏବଂ ଚାକିରି ସରିଗଲା ପରେ ସମାଜ ପାଇଁ ଅନ୍ୟାୟ ବିରୋଧରେ ଲଢ଼େଇ ଜାରି ରଖିବେ। କୌଣସି ରାଜନୈତିକ ଦଳ ସହ ସାମିଲ ନ ହୋଇ ଏ ଦେଶ, ଏ ଜାତି ପାଇଁ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।



ଅବସରପ୍ରାପ୍ତ ସୈନିକଙ୍କ ଦଶମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।



ନିର୍ବାଚନ ଆଦର୍ଶ ଆଚରଣ ବିଧି ଉପରେ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# ନିର୍ବାଚନ ଆଦର୍ଶ ଆଚରଣ ବିଧି ଉପରେ ତାଲିମ

## ■ ମାଜିଷ୍ଟ୍ରେଟ୍, ସର୍ଭିଲେନ୍ସ ଟିମ୍, ଫ୍ଲାଇଂସ୍କ୍ୱାଡ୍ ସାମିଲ

**ବାଲେଶ୍ୱର ଅଫିସ,୧୦।୩**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ରବିବାର ଅପରାହ୍ନରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉପରେ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତା କରି ଆଦର୍ଶ ଆଚରଣ ବିଧି କିପରି ପାଳନ କରାଯାଇପାରିବ ବିଶଦ ଭାବେ ଆଲୋଚନା କରିଥିଲେ। ପ୍ରଥମଥର ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ସି-ଭିଜିଲ୍ ଆପ୍ ସମ୍ବନ୍ଧରେ ମଧ ଜଣାଇଥିଲେ। ଏଥିରେ ମାଜିଷ୍ଟ୍ରେଟ୍, ସର୍ଭିଲେନ୍ସ ଟିମ୍ ଓ ଫ୍ଲାଇଂସ୍କ୍ୱାଡ୍‌ର ସଦସ୍ୟ ପ୍ରମୁଖ ସାମିଲ ହୋଇଥିଲେ।

ଆଦର୍ଶ ଆଚରଣ ବିଧି ସମୟରେ ଯେକୌଣସି ପ୍ରକାର ସଭାସମିତି, ସରକାରୀ କାନ୍ଥବାଡ଼ରେ ପୋଷ୍ଟର ମାରିବା, ପ୍ରାର୍ଥୀପତ୍ର ଦାଖଲ ବେଳେ ବିଧି ମୁତାବକ କାର୍ଯ୍ୟ କରିବା, ପ୍ରଚାର ସମୟରେ ଅନ୍ୟ ପ୍ରାର୍ଥୀଙ୍କ ଚରିତ୍ର ସଂହାର, କୌଣସି ଧାର୍ମିକ ଭାବନାକୁ ଚୋଟ ପହଞ୍ଚୁଥିବା ଭଳି କଥା କିମ୍ବା କାର୍ଯ୍ୟ ନ କରିବା, ନିର୍ଦ୍ଧାରିତ ସମୟ ବାହାରେ ମାଇକ୍ ଯୋଗେ ପ୍ରଚାର ନ କରିବା, ସରକାରୀ ଡାକବଙ୍ଗଳା ବ୍ୟବହାର ବେଳେ ଅନୁମତି ଲୋଡ଼ିବା, ନିର୍ଦ୍ଧାରିତ ଖର୍ଚ୍ଚ ବାହାରେ ଖର୍ଚ୍ଚ ନ କରିବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ଏହା ଲାଗୁ ହେବାର ୪୮ ଘଣ୍ଟା ମଧରେ ରାଜନେତାମାନଙ୍କ ଲାଗିଥିବା ଫଟୋଚିତ୍ର, ବ୍ୟାନର, ହୋର୍ଡ଼ିଂ ସବୁକୁ ବାହାର କରିବା ଆଦି ପ୍ରତି ସତର୍କ ଦୃଷ୍ଟି ଦେବାକୁ କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂହ, ସହକାରୀ ଜିଲାପାଳ (ନିର୍ବାଚନ) ମନୋଜ ସେନାପତି, ସତ୍ୟଜିତ ମହାନ୍ତି, ପ୍ରୋଗ୍ରାମ ଅଫିସର ସୀତାଂଶୁ ଶେଖର ଦାସ, ନିର୍ବାହୀ ଅଧିକାରୀ ରାଜୀବଲୋଚନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବିସ୍ଫୋରକ ଜବତ ଘଟଣା ସ୍ପେଶାଲ ଟାସ୍କଫୋର୍ସର ଛାନଭିନ୍

**ରୂପ୍‌ସା, ୧୦।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ୍ ଯୋଗେ ଚାଲାଣ ହେଉଥିବା ପ୍ରାୟ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀକୁ ପଶ୍ଚିମବଙ୍ଗ ପୋଲିସ ଜବତ କରିବା ଘଟଣାର ସ୍ପେଶାଲ ଟାସ୍କଫୋର୍ସ ଛାନଭିନ୍ ଆରମ୍ଭ କରିଛି । ରବିବାର ରୂପ୍‌ସା ଥାନାରେ ଅଟକ ଥିବା ଟ୍ରକ୍ ମାଲିକ ତପନ ମହାପାତ୍ର ଓ ବିସ୍ଫୋରକ ସାମଗ୍ରୀ ପଠାଇଥିବା ବାମଡ଼ାର ସୁକାନ୍ତ ସାହୁଙ୍କୁ ସ୍ପେଶାଲ ଟାସ୍କଫୋର୍ସ ଟିମ୍ ଭୁବନେଶ୍ୱରର ୨ ବରିଷ୍ଠ ଅଧିକାରୀ ଓ ପଶ୍ଚିମବଙ୍ଗର ୩ ବରିଷ୍ଠ ଅଧିକାରୀ ପହଞ୍ଚି ପଚରାଉଚୁରା ଜାରି ରଖିଛନ୍ତି। ବସ୍ତା ଏସ୍‌ଡ଼ିପିଓ ରଣଜିତ୍ ପୃଷ୍ଟି ଓ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରୁଛନ୍ତି। ଶୁକ୍ରବାର ରାତି ୯ଟାରେ ଓଡ଼ିଶା ସୀମାଠାରୁ ଅନତି ଦୂରରେ ପୋଲିସ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ ବୋଝେଇ ଟ୍ରକ୍ ଜବତ କରିବା ସହ ବସ୍ତା ଥାନା ଅଞ୍ଚଳର ଡ୍ରାଇଭର ଇନ୍ଦ୍ରଜିତ୍ ଓ ହେଲପର ପଦ୍ମଲୋଚନଙ୍କୁ ଗିରଫ କରିଥିଲା। ଏହାପରେ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶକ୍ରମେ ଟ୍ରକ ମାଲିକ ଓ ବିସ୍ଫୋରକ ସାମଗ୍ରୀ ପଠାଇଥିବା ବ୍ୟବସାୟୀଙ୍କ ଘରେ ରୂପ୍‌ସା ଥାନା ପୋଲିସ ଚଢ଼ାଉ କରି ସେମାନଙ୍କୁ ଥାନାକୁ ଆଣିଥିଲେ। ସ୍ପେଶାଲ ଟାସ୍କଫୋର୍ସ ଅଧିକାରୀଙ୍କୁ ଖବର ଦିଆଯିବା ପରେ ତଦନ୍ତ ଜାରି ରହିଛି।

### କସିପଦାରେ 'ମୁଁ ହିରୋ, ମୁଁ ଓଡ଼ିଶା'



**ରୂପ୍‌ସା, ୧୦।୩(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଯୁବବାହିନୀ ଆନୁକୂଲ୍ୟରେ ଶିବ ମନ୍ଦିରରେ 'ମୁଁ ହିରୋ, ମୋ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବଂଶୀଧର ପଣ୍ଡାଙ୍କ ଅଧକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ଜୀବନ ପ୍ରଦୀପ ଦାଶ, ମୁଖ୍ୟବକ୍ତା ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ସରପଞ୍ଚ ସଞ୍ଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିକାଶଧାରାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଯୁବବାହିନୀ ସମ୍ପାଦକ ମାନସ ରଞ୍ଜନ ବେହେରା ବିବରଣୀ ପାଠ କରିଥିଲେ। ସଭାପତି ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷ କମଳାକାନ୍ତ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲେଶ୍ୱରରେ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ

# ସାମିଲ ହେବେ ୨ଲକ୍ଷ ୧୭ହଜାର ଶିଶୁ

**ବାଲେଶ୍ୱର ଅଫିସ, ୧୦।୩**




ଜିଲାପାଳ ରମେଶଚନ୍ଦ୍ର ରାଉତ ଶିଶୁକୁ ପୋଲିଓ ବୁନ୍ଦା ଖୁଆଉଛନ୍ତି।

ବାଲେଶ୍ୱର ଜିଲାରେ ରବିବାର ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲା ସଦର ମହକୁମା ମୁଖ୍ୟ ଡାକ୍ତରଖାନାଠାରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ, ଏଡ଼ିଏମ୍‌ଓ ଡା. ପରେଶ ନନ୍ଦୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସରୋଜକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ପୋଲିଓ କାର୍ଯ୍ୟକ୍ରମରେ ଜିଲାର ୨ଲକ୍ଷ ୧୭ହଜାର ୬୯୯ଜଣ ୦ରୁ ୫ବର୍ଷ ମଧ୍ୟର ଶିଶୁ ପୋଲିଓ ବୁନ୍ଦା ଖାଇବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ୧୦୪୩ଟି ବୁଥ୍ ପ୍ରତିଷ୍ଠା କରାଯାଇଛି। ସର୍ବମୋଟ ୨୦୮୬ଟି ଟିମ୍‌ରେ ବିଭକ୍ତ ହୋଇ ପ୍ରଥମ ଦିନ ବୁଥ୍‌ଗଡ଼ିକରେ ପୋଲିଓ ବୁନ୍ଦା ଖୁଆଇବେ। କାର୍ଯ୍ୟକ୍ରମରେ ୨୦୯ ଗୋଟି ଯାନକୁ ନିୟୋଜିତ କରାଯାଇଛି ଏବଂ ତଦାରଖ କରିବା ପାଇଁ ୨୦୯ଜଣ ସୁପରଭାଇଜର ନିଯୁକ୍ତ କରାଯାଇଛି। ଦ୍ୱିତୀୟ ଦିନରେ ପୋଲିଓରୁ ବଞ୍ଚିତ ଶିଶୁମାନଙ୍କୁ ତାଙ୍କ ଘରକୁ ଯାଇ ପୋଲିଓ ଦେବାର ବ୍ୟବସ୍ଥା କରାଯାଇଛି। ସେହିପରି ତୃତୀୟ ଦିନ ମଧ୍ୟ ଅନୁରୂପ ଭାବେ ପୋଲିଓ ବୁନ୍ଦା ଖାଇ ନ ଥିବା ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଯେପରି ସଫଳତାର ସହ ଆୟୋଜିତ ହେବ ଏବଂ ଯୋଜନା ମୁତାବକ କେହି ବି ଜଣେ ହେଲେ ଶିଶୁ ଏଥିରୁ ବଞ୍ଚିତ ନ ହେବେ ସେ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ କହିଛନ୍ତି। ସେ ଶିଶୁମାନଙ୍କୁ ସ୍ୱେଚ୍ଛାକୃତ ଭାବେ ପୋଲିଓ ବୁଥ୍‌କୁ ନେଇ ପୋଲିଓ ବୁନ୍ଦା ଖୁଆଇବା କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## 'ଆଧ୍ୟାତ୍ମିକ ଚେତନା ହିଁ ମୁକ୍ତିର ମାର୍ଗ'

**ରୂପ୍‌ସା, ୧୦।୩(ଡି.ଏନ.ଏ.)**



ବିଧାୟକ ଜୀବନପ୍ରଦୀପ ଦାଶ ଉଦ୍‌ବୋଧନ ଦେଉଛନ୍ତି।

ଆଧ୍ୟାତ୍ମିକ ଚେତନା ହିଁ ମୁକ୍ତିର ମାର୍ଗଦର୍ଶକ। ସମାଜରେ ଧର୍ମୀୟ ଭାବନାର ଅବକ୍ଷୟ ଘଟୁଛି। କେବଳ ଆଧ୍ୟାତ୍ମିକ ଜ୍ଞାନ ଓ ଚେତନା ହିଁ ଜୀବଜଗତକୁ ଧ୍ୱଂସମୁଖରୁ ଉଦ୍ଧାର କରୁଛି ବୋଲି ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବରେ ମୁଖ୍ୟଅତିଥି ବିଧାୟକ ଜୀବନ ପ୍ରଦୀପ ଦାଶ ଓ ମୁଖ୍ୟବକ୍ତା ଅଧ୍ୟାପକ କେଦାର ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ରବିବାର ଠାକୁରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଡା. ଅଜିତ କୁମାର ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ବିଜୟକେତନ ପଟ୍ଟନାୟକ, ଜେନେରାଲ ମ୍ୟାନେଜର ଶ୍ରୀ କୁଅଁର, ରିତିକ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କର ଜୀବନ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଓ ସମ୍ପାଦକ ଶିବ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ଠାକୁରଙ୍କ ପୂଜାର୍ଚ୍ଚନା, ସଙ୍ଗୀତାଞ୍ଜଳୀ, ଭଜନକୀର୍ତ୍ତନ ପୂର୍ବକ ଏକ ବିଶାଳ ଶୋଭାଯାତ୍ରାରେ ମହିଳା, ପୁରୁଷ ଭକ୍ତମାନେ ନଗର ପରିକ୍ରମା କରିଥିଲେ। ଡା. ଶମ୍ଭୁନାଥ ଜେନା ମାଗଣା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କର୍ମକର୍ତ୍ତା ଅଙ୍କୁର ତରାଇ, ସମୀର ପାତ୍ର, ଅଭିରାମ ଜେନା, କେଶବ ପୁହାର ଓ ଜଳଦର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଦ୍ରକ ଅଫିସ, ୧୦।୩**

ଭଦ୍ରକ ପୁରୁଣାବଜାରସ୍ଥିତ ଧନାଟୋଲା ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ମହମ୍ମଦ ଆଜାଦ୍ ଅଲ୍ଲୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶେଖ୍ ସୈଫୁର୍ ରହେମାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆର୍‌ସିସି ଶେଖ୍ ମୋଜିବୁର ରହେମାନ ଓ ଶେଖ୍ ମୁସ୍ତାକ ଗୌହର ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକ ମହମ୍ମଦ ଆଜାଦ୍ ଅଲ୍ଲୀଙ୍କୁ ସହକାରୀ ଶିକ୍ଷକ ଶେଖ୍ ଫସିଉଦ୍ଦିନ କାଦରୀଙ୍କ ନେତୃତ୍ୱରେ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପହାର ଦିଆଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକମାନଙ୍କର କେବେ ଅବସର ନ ଥାଏ ବୋଲି ଏହି ଅବସରରେ କୁହାଯାଇଥିଲା। ଶିକ୍ଷକ ମୀର ଇରସାଦ ଅଲ୍ଲୀ, ଶେଖ୍ ଫରହାନ, ଶେଖ୍ ସୁଲତାନ, ଶେଖ୍ ତାଜମହମ୍ମଦ, ଲକ୍ଷ୍ମଣ ମାରାଣ୍ଡି, ମହମ୍ମଦ ଅଖତର ଅହେମଦ ଓ ନମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ସଭା

**ବାଲିଆପାଳ, ୧୦।୩(ସ୍ୱ.ପ୍ର.)**



ଲଙ୍ଗଳେଶ୍ୱର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

କବି ଓ ଲେଖକ ପୁସ୍ତକ ମାଧ୍ୟମରେ ସାଧାରଣ ଜନତାଙ୍କ ସ୍ୱରକୁ ଜାଗ୍ରତ କରାନ୍ତୁ, ଫଳରେ ସମାଜରେ ସମତା ପ୍ରତିଷ୍ଠା ହୋଇପାରିବ ବୋଲି ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବେଳାଭୂମି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଲଙ୍ଗଳେଶ୍ୱର ମହାଦେବ ମନ୍ଦିର ନିକଟସ୍ଥ କୁସଡ଼ିହାଠାରେ ଆୟୋଜିତ ସାନ୍ଧ୍ୟ ଅଧିବେଶନରେ ନାରୀନେତ୍ରୀ ସାରଦା ଗିରି ଅଧକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷକନେତା ତଥା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ମୁଖ୍ୟଅତିଥି, କବି ଓ ନାଟ୍ୟକାର ସୁକୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ପୁସ୍ତକ କିପରି ଘରେ ଘରେ ଧର୍ମଗ୍ରନ୍ଥ ଭାବେ ପୂଜା ପାଉଛି ତାହା ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିଶୁ ସାହିତ୍ୟିକା ଶୈଳବାଳା ବେହେରା, ପ୍ରାବନ୍ଧିକ ଅଜିତ କୁମାର ମହାନ୍ତି, ଉତ୍କଳ ସମ୍ମିଳନୀର ବାଲିଆପାଳ ଶାଖା ସମ୍ପାଦକ ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

ରମାରଞ୍ଜନ ରାଉତ ମଞ୍ଚ ଆହ୍ୱାନ, କବି ବ୍ରଜେନ୍ଦ୍ର ନାଥ ଗିରି ଅତିଥି ପରିଚୟ ଏବଂ ପୁସ୍ତକ ମେଳା କମିଟି ସମ୍ପାଦକ ସୁରେନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଲେଖିକା ମିନତୀ ଦେବୀ ପଣ୍ଡାଙ୍କ ରଚିତ ଗୀତି କବିତା ପୁସ୍ତକ ଉନ୍ମୋଚନ ହୋଇଥିଲା। ପୁସ୍ତକ ମେଳା କମିଟି ପକ୍ଷରୁ କବି ସୁକୁମାର ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଦିତ୍ୟ କୁମାର ରାଉତ, ବିଶ୍ୱନାଥ ଗିରି, ଚିତ୍ତରଞ୍ଜନ ସାହୁ, ଭବାନୀ ଶଙ୍କର ଘୋଷ, ହରେକୃଷ୍ଣ ସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପଞ୍ଚମ ଦିବସରେ ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଦିବସ ଭାବେ ପାଳନ କରାଯାଇଥିଲା। ଏଥିରେ ଦାକ୍ଷିନ ମୁର୍ମ ଅଧକ୍ଷତା କରିଥିଲେ। ଅର୍ଜୁନ ମୁର୍ମୁ ମୁଖ୍ୟଅତିଥି ଏବଂ ଶ୍ୟାମାଚରଣ ମାର୍ଣ୍ଡି ମୁଖ୍ୟବକ୍ତା ଏବଂ ନଗେନ୍ଦ୍ର ହେମ୍ବ୍ରମ, ଇଂ. ଭୀମଚରଣ ଟୁଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳକୁ ମରେ;**
**ସବୁ ଚିରାକନା ଗଣ୍ଠିଲି କରେ,**
**ହକାଳି ହକାଳି ଶୁଖେଇ ମରେ ।**

ଗଣ୍ଠିଲି ଯାକ ଚିରାକନାକୁ ଧୋଇ ଶୁଖାଇବା ବଡ଼ କଷ୍ଟକର କାମ ହୋଇଥାଏ। ଏହା ଜାଣିବା ସତ୍ତ୍ୱେ ନିରୀହ ବ୍ୟକ୍ତି ନିଜ ଦୁଃଖକଷ୍ଟକୁ ଭୁଲି ସେଭଳି କାର୍ଯ୍ୟରେ ହାତଦେବାକୁ ବାଧ୍ୟ ହୋଇଥାନ୍ତି। ସାଧାରଣତଃ ସରଳ ପ୍ରକୃତି ବ୍ୟକ୍ତିଙ୍କ ଉପରେ ସମସ୍ତେ ଦାଉ ସାଧିଥାନ୍ତି। ଅନ୍ୟର ଛନ୍ଦ କପଟ ଜାଣୁ ନ ଥିବା ବ୍ୟକ୍ତି ସ୍ଥଳବିଶେଷରେ ହଇରାଣ ହରକତ ହେବା ସହ ଦୁଃଖଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛତରଛିଆଇ ପଟ;**
**ଛ'ମାସ ଜଗିଲି ଯମୁନା ଘାଟ,**
**ଦିନେ ନ ପାଇଲି ଭେଟ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଯାହା ଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ନ ହୋଇ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଝଟ୍‌କା: ବିଜେଡି ଛାଡ଼ିଲେ ବହୁ ବରିଷ୍ଠ ନେତା

**ବାଲିଆପାଳ, ୧୦।୩(ଡି.ଏନ.ଏ.)**

ବିଜେଡିରେ ଲାଗିରହିଥିବା ଗୋଷ୍ଠୀ କନ୍ଦଳର ପରିଣତିସ୍ୱରୂପ ବାଲିଆପାଳ ବିଜେଡିର ବରିଷ୍ଠ ନେତା ରତାଇ ସମିତିସଦସ୍ୟ ତଥା ବିଜେଡି ରାଜ୍ୟ କମିଟି ସଦସ୍ୟ ମହେଶ୍ୱର ଜେନା ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଅନେକ ନିର୍ବାଚିତ ଜନପ୍ରତିନିଧି ଓ ପୁରୁଖା ବିଜେଡି କର୍ମୀ ବିଜେଡିରୁ ଇସ୍ତଫା ଦେଇଥିବା ବିଷୟ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଆସନ୍ତା ୧୬ ତାରିଖରେ ଏହି ନେତାମାନେ ଲଙ୍ଗଳେଶ୍ୱର କାଳିଝାଟି ପଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି। ମହେଶ୍ୱର ବିଜେଡିରେ ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ରହିବା ସହ ପୂର୍ବତନ ଜିଲା ପରିଷଦ ସଦସ୍ୟ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସେ ବିଜେଡିରୁ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ପାଇଁ ପ୍ରାର୍ଥୀ ହୋଇଥିଲେ। ବିଜେଡିରୁ ସଂଖ୍ୟାଧିକ ସମିତିସଦସ୍ୟ ଜିତିଥିଲେ ମଧ୍ୟ ଜଣେ ଦଳୀୟ ନେତାଙ୍କ ପରୋକ୍ଷ ବିରୋଧ ଯୋଗୁ ସେ ଖଣ୍ଡିଏ ଭୋଟରେ ପରାଜୟ ବରଣ କରିଥିଲେ। ପଞ୍ଚାୟତ ନିର୍ବାଚନର ୪ ମାସ ପରେ ଦଳ ବିରୋଧୀ କାର୍ଯ୍ୟକାଳାପ ଅଭିଯୋଗରେ ତାଙ୍କୁ ଏବଂ ପୂର୍ବତନ ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ମହାନ୍ତିଙ୍କୁ ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଦଳରୁ ବହିଷ୍କାର କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ସେ ବାରମ୍ବାର ଦଳର ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଭାରୀ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏପରିକି ନବୀନ ନିବାସରେ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ୧୩ ହଜାର ଲୋକଙ୍କ ଦସ୍ତଖତ ସମ୍ୱଳିତ ଦରଖାସ୍ତ ପ୍ରଦାନ କରିଥିଲେ। ଏହି ଦୁଇ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହେଲାନାହିଁ କି କୌଣସି ଦଳୀୟ କାର୍ଯ୍ୟକ୍ରମକୁ ଡକାଗଲା ନାହିଁ। ଅପରନ୍ତୁ ଅନ୍ୟ ଦଳର କର୍ମୀମାନଙ୍କୁ ଆଣି ବିଜେଡିରେ ସାମିଲ କରାଯିବାରୁ ଏହି ବହିଷ୍କୃତ ନେତା ଏହାକୁ ବିରୋଧ କରିଥିଲେ। ଏଣୁ ସେମାନେ ଦଳ ଛାଡିବା ଏକପ୍ରକାର ସ୍ପଷ୍ଟ ହୋଇ ଯାଇଥିଲା। ଆଜିର ଖବରଦାତା ସମ୍ମିଳନୀରେ ମହେଶ୍ୱର ଓ ସତ୍ୟାନନ୍ଦଙ୍କ ସମେତ ସାଉଡି ପଞ୍ଚାୟତ ବିଜେଡି ସଭାପତି ଗଙ୍ଗାଧର ଦାଶ, ସାଉଡି ସରପଞ୍ଚଙ୍କ ସ୍ୱାମୀ ରବୀନ୍ଦ୍ର ଟୁଙ୍ଗ, କୁଣ୍ଡୁଳିର ପୂର୍ବତନ ସମିତିସଦସ୍ୟ ନାରାୟଣ ମହାପାତ୍ର, ଉଗରା ପଞ୍ଚାୟତ ସଭାପତି କାହ୍ନୁଚରଣ ପାତ୍ରଙ୍କ ସମେତ ଉଗରାର ବହୁ ବରିଷ୍ଠ ବିଜେଡି କର୍ମୀ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
1800123891
9319817746
9650353144
Add.: T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭାଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତନ୍ତ୍ର
ବାବା ଅଘୋରୀ ତାନ୍ତ୍ରିକ
9899587663

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଟାୱାର ଲଗାନ୍ତୁ
70,000,00/- ପାଆନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

DANCE CLASS
Ollywood Choreographer
Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add.: 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ
-କମ୍ପାନୀ-
SMS JOB
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Website: mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବସ୍ ଧର୍ମଘଟର ଭ୍ରମ, ଯାତ୍ରୀ ହଇରାଣ

## ■ ବିକଳ୍ପ ବ୍ୟବସ୍ଥା ନ କରି ରିକ୍ୟୁଜିଶନରେ ନିଆଗଲା ୧୦୬ ବସ୍

ଭଦ୍ରକ ଅଫିସ,୧୦।୩
(ବିଭୁପ୍ରସାଦ ବେହେରା)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରବିବାର କେନ୍ଦ୍ରାପଡା ଜିଲା ରାଜନଗର ଗସ୍ତ ଅବସରରେ ଆୟୋଜିତ ହୋଇଥିଲା ବିରାଟ ସଭା। ଲୋକଙ୍କୁ ସଭାସ୍ଥଳକୁ ନେବା ଓ ଆଣିବା କରିବା ପାଇଁ ଭଦ୍ରକ ଜିଲାରୁ ୧୦୬ ଘରୋଇ ବସ୍ ରିକ୍ୟୁଜିଶନ କରାଯାଇଥିଲା। ଭଦ୍ରକ ଜିଲା ପ୍ରଶାସନ ଘରୋଇ ବସ୍‌କୁ ସଭାକାର୍ଯ୍ୟରେ ନିୟୋଜିତ କରାଇବାରୁ ଏଠାରେ ଯାତ୍ରୀଙ୍କୁ ନାନା ହଇରାଣ ହେବାକୁ ପଡ଼ିଥିଲା। ସହରର ବିଭିନ୍ନ ବସ୍‌ଷ୍ଟାଣ୍ଡରେ ଶତାଧିକ ଯାତ୍ରୀ ଗନ୍ତବ୍ୟ ସ୍ଥଳକୁ ଯାଇ ନ ପାରି ଅଟକି ରହିଥିଲେ। ଏହା ଅଘୋଷିତ ବସ୍ ଧର୍ମଘଟ ଭଳି ଭ୍ରମ ସୃଷ୍ଟି କରିଥିଲା। ଯାତାୟାତ ପାଇଁ ଘରୋଇ ବସ୍ ନ ମିଳିବାରୁ ଏହାର ଫାଇଦା ନେଇଥିଲେ ଅଟୋ ଓ ଟାଟାମ୍ୟାଜିକ ମାଲିକ। ସେମାନେ ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳକୁ ନେଇଥିଲେ।

ଉଲ୍ଲେଖନୀୟ ଯେ, ଭଦ୍ରକ ବସ୍ ସିଣ୍ଡିକେଟ୍(ଘରୋଇ ବସ୍ ମାଲିକ ସଂଘ) ଓ ବାସୁଦେବପୁର ଘରୋଇ ବସ୍ ମାଲିକ ସଂଘର ପଞ୍ଜୀକୃତ ପ୍ରାୟ ୧୧୯ ବସ୍ ଜିଲାର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରିଥାଏ। ସେଥିମଧ୍ୟରୁ ୧୧୫ ବସ୍ ଦୈନିକ ଧାର୍ଯ୍ୟ ରୁଟ୍‌ରେ ଚଳାଚଳ କରେ। ଦୂରଦୂରାନ୍ତ ଯାତ୍ରୀମାନେ ଏସବୁ ବସ୍ ଉପରେ ନିର୍ଭର କରିଥାନ୍ତି।



ଭଦ୍ରକ ବସ୍‌ଷ୍ଟାଣ୍ଡରେ ଅପେକ୍ଷାରତ ଯାତ୍ରୀ।

ଏହାବାଦ୍ ବାଲେଶ୍ୱରଠାରୁ ଭୁବନେଶ୍ୱର ଜାତୀୟ ରାଜପଥ ରୁଟ୍‌ରେ ଦୈନିକ ୪୦ ବସ୍ ଯାତାୟାତ କରିଥାଏ। ରବିବାର ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଜିଲା ପରିବହନ ବିଭାଗ ୧୦୬ ବସ୍ କେନ୍ଦ୍ରାପଡ଼ାକୁ ପଠାଇ ଦେବାରୁ ଜିଲାରେ ଆଭ୍ୟନ୍ତରୀଣ ପରିବହନ ବ୍ୟବସ୍ଥା ଠପ୍ ହୋଇଯାଇଥିଲା। ଲୋକାଲ୍ ରୁଟ୍‌ରେ ଚଳାଚଳ କରୁଥିବା ୧୧୫ ବସ୍‌ରୁ ମାତ୍ର ୨୦ ବସ୍ ବିଭିନ୍ନ ସ୍ଥାନକୁ ଚଳାଚଳ କରିଥିଲା। ଭଦ୍ରକରୁ ଦୋବଲ ଦୈନିକ ୧୭ ବସ୍ ଚାଲୁଥିବା ବେଳେ ରବିବାର ମାତ୍ର ୨ଟି ବସ୍ ଯାତ୍ରୀଙ୍କୁ ନେଇଥିଲା। ସେହିପରି ଭଦ୍ରକରୁ ଚାନ୍ଦବାଲି ୩୦ ପରିବର୍ତ୍ତେ ୨ ଏବଂ ଭଦ୍ରକରୁ ବାସୁଦେବପୁର ୨୫ ବସ୍ ସ୍ଥାନରେ ୫ଟି ଚଳାଚଳ କରିଥିଲା। ଏସବୁ ରୁଟ୍‌ରେ ହଜାର ହଜାର ଲୋକ ଦିନତମାମ ବିଭିନ୍ନ ବସ୍ ଷ୍ଟପେଜରେ ଅଟକି ରହି ସମସ୍ୟା ଭୋଗିଥିଲେ। ମାଳଦା, ମଞ୍ଜୁରୀରୋଡ, ଧାମନଗର, ଭଣ୍ଡାରିପୋଖରୀ, ବନ୍ତ ଭଳି ରୁଟ୍‌ରେ ଗୋଟିଏ ହେଲେ ବସ୍ ଚଳାଚଳ କରି ନ ଥିଲା। ଅଟୋ ଓ ଟାଟାମ୍ୟାଜିକ ଚାଳକମାନେ ୧୦ରୁ ୨୦ ଗୁଣ ଅଧିକ ଟଙ୍କା ନେଇ ଯାତ୍ରୀ ପରିବହନ କରିଥିଲେ। ସରକାରୀ କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଏଭଳି ସମସ୍ୟା ଅନେକ ଥର ଘଟିଛି। ବିରୋଧୀ ନେତାମାନେ ଏହାକୁ କଡ଼ା ସମାଲୋଚନା କରୁଥିଲେ ମଧ୍ୟ ପ୍ରଶାସନ ଉପରେ କୌଣସି ପ୍ରଭାବ ପଡୁନାହିଁ। ସରକାରୀ ଟଙ୍କାରେ ଘରୋଇ ବସ୍ ରିକ୍ୟୁଜିଶନ କରି ଲୋକଙ୍କୁ ନେବାଆଣିବା କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ କହିଛନ୍ତି, ଅନ୍ୟ ଜିଲାରେ ସରକାରୀ କାର୍ଯ୍ୟକ୍ରମ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି ଆବଶ୍ୟକ ପଡ଼ିଲେ ସେହି ଜିଲାର ଜିଲାପାଳମାନେ ଅନ୍ୟ ଜିଲାରୁ ବସ୍ ରିକ୍ୟୁଜିଶନ କରିବା ପାଇଁ ପ୍ରଶାସନକୁ ଚିଠି କରିଥାନ୍ତି। ଏହି ଚିଠି ମୁତାବକ ଆମେ ସେହି ଜିଲାକୁ ବସ୍ ପଠାଇଥାଉ। ବସ୍ ସିଣ୍ଡିକେଟ୍ ଉପସଭାପତି ଶ୍ରୀନିବାସ ପତି ଅନୁରୂପ ସୂଚନା ମଧ୍ୟ ପ୍ରଦାନ କରିଛନ୍ତି। ଭାଜପା ମହିଳା ନେତ୍ରୀ ମନସ୍ୱିତା ଖୁଣ୍ଟିଆ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରାଜ୍ୟ ସରକାର ନିଜ ପ୍ରଚାର ପାଇଁ ଅନ୍ୟ ଜିଲାର ଲୋକଙ୍କୁ ହଇରାଣରେ ପକାଇବା ଅସଙ୍ଗତ। ରବିବାର ଏଠାରେ ବହୁ ମହିଳା ଓ ବୃଦ୍ଧା ଯାତାୟାତ ନିମନ୍ତେ ନାନା ସମସ୍ୟା ଭୋଗିଛନ୍ତି। ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ସାବିତ୍ରୀ ମୁଣ୍ଡା କହିଥିଲେ, ଆମେ ଧାମରା ଯିବାକୁ ଆସି ଏଠାରେ ବସି ରହିଛୁ। ବସ୍ ନ ଆସିଲେ ଘରକୁ ଫେରିଯିବୁ। ଚାନ୍ଦବାଲିରେ ଜଣେ ବନ୍ଧୁଙ୍କ ବାହାଘର ଥିବାରୁ ଘରୋଇ ଅଟୋ ଯୋଗେ ପରିବାର ଲୋକଙ୍କୁ ନେବାକୁ ପଡ଼ିଲା। ଯାତ୍ରୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ନ କରି ବସ୍ ରିକ୍ୟୁଜିଶନ କରାଯିବା ଘଟଣାକୁ ଶିକ୍ଷାବିତ୍ ପ୍ରଭାକର ସାମଲ ମଧ୍ୟ ନିନ୍ଦା କରିଛନ୍ତି।

## ସେଲ୍ଫି କର୍ଣ୍ଣର



@ ପ୍ରଭାତ



@ ରମେଶ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ଭୋଟିଂ, ଭିଭିପାଟ୍ ସମ୍ପର୍କିତ ସଚେତନତା

**ଭଦ୍ରକ ଅଫିସ, ୧୦।୩:** ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ରବିବାର ଭୋଟିଂ ଓ ଭିଭିପାଟ୍ ମେଶିନ ସମ୍ପର୍କରେ ବିଭିନ୍ନ ଦଳୀୟ କର୍ମୀଙ୍କୁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। କିଭଳି ଭୋଟରମାନେ ସେମାନଙ୍କ ମନୋନୀତ ନେତାଙ୍କୁ ଭୋଟ୍ ଦେବେ ସେନେଇ ଏକ ଡେମୋ ଦେଖାଯାଇଥିଲା। ଭୋଟରମାନେ ଦେଉଥିବା ଭୋଟ୍ କିଭଳି ଶତପ୍ରତିଶତ ସେମାନଙ୍କ ପସନ୍ଦ ମୁତାବକ ନେତାଙ୍କୁ ଭୋଟିଂ ହେଉଛି, ଭୋଟିଂ ମେଶିନରେ ଭୋଟ୍ ଦେବାବେଳେ ଭିଭିପାଟରେ ସେମାନଙ୍କ ଦଳୀୟ ନେତାଙ୍କ ଚିହ୍ନ ଦେଖାଯାଉଛି ଓ ଏକ ପେପର୍ କିଭଳି ପ୍ରିଣ୍ଟିଂ ହେଉଛି ତାହାର ଡେମୋ ସମସ୍ତଙ୍କୁ ଦେଖାଯାଇଥିଲା। ବିଭିନ୍ନ ଦଳରୁ ଦୁର୍ଗା ଦାସ, ବିପ୍ଳବ ହୋତା ଓ ବହୁ କର୍ମୀ ଉପସ୍ଥିତ ଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ସହକାରୀ ନିର୍ବାଚନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଜୟ ମିଶ୍ର, ସହକାରୀ ପ୍ରକଳ୍ପ ଅଧିକାରୀ ମନୋରମା ଭୂୟାଁ, ସହାୟକ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ହେମନ୍ତ କୁମାର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଜବତ, ୨ ଗିରଫ

**ତିହିଡ଼ି, ୧୦।୩ (ଡି.ଏନ.ଏ.):** ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାରରୁ ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ପୋଲିସ ୩୦ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିସହ ପୋଲିସ ସାହାପୁର ଗ୍ରାମର ଲିପୁନାଥ ଡାଙ୍ଗୁଆ ଓ ମନୋଜ ଡାଙ୍ଗୁଆଙ୍କୁ ଗିରଫ କରିଛି। ଲିପୁନାଥ ଓ ମନୋଜ ମଦ ନେଇ ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରାପଡ଼ିଥିଲେ। ଏ ନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ.୯୯/୧୯) ରୁଜୁ କରାଯାଇଛି।

### ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସମ୍ମିଳନୀ




**ବାସୁଦେବପୁର, ୧୦।୩ (ଡି.ଏନ.ଏ.):** ବାସୁଦେବପୁରଠାରେ ରବିବାର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବ୍ଲକ ସମ୍ମିଳନୀ ଅବସରରେ ରବିବାର ଶୋଭାଯାତ୍ରା ସହିତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଟାଉନ ହଲ୍‌ଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ଟାଉନ ହଲ୍‌ଠାରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ସମିତିର ସର୍ବଭାରତୀୟ ନେତ୍ରୀ ତାପସୀ ପ୍ରହରାଜ ଯୋଗଦେଇ ସାମାଜିକ ପରିବର୍ତ୍ତନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ମହିଳାଙ୍କ ସମସ୍ୟା ଓ ଦାବି ପ୍ରତି ସରକାର ଦୃଷ୍ଟି ଦେବାକୁ ସେ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ନିଗ୍ଧା ମହାନ୍ତି, ସନ୍ଧ୍ୟା ଦାସ ମଜୁମଦାର, କୁମୁଦିନୀ ନାୟକ, ପ୍ରଭାତୀଲତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ ସଭାପତି ମମତା ଜେନା ସଭାପତିତ୍ୱ କରିଥିଲେ। ସମ୍ପାଦିକା ସୀତା ଦାସ ବିବରଣୀ ପାଠ ଓ ବାସନ୍ତୀ ଚିତ୍ରକର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଜ୍ଞା ପାରମିତା ଥାଟୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ।

### ସବୁଜ ମହାନଦୀ ମିଶନ

**ଚାନ୍ଦବାଲି, ୧୦।୩ (ଡି.ଏନ.ଏ.):** ଭଦ୍ରକ ଡିଏଫ୍‌ଓ ଅଫିସ ପକ୍ଷରୁ ରବିବାର ଚାନ୍ଦବାଲିରେ ସବୁଜ ମହାନଦୀ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲିର ବିଭିନ୍ନ ଅଞ୍ଚଳରେ ଥିବା ସବୁଜ ବାହିନୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବୈତରଣୀ ନଦୀ ଅବବାହିକାର ନୂଆ ଧାମରା ହରିପୁର ଛକ ନିକଟରେ ପଥପ୍ରାନ୍ତ ସଭା ହୋଇଥିଲା। ନଦୀ ପତନଠାରୁ ୫କି.ମି. ପର୍ଯ୍ୟନ୍ତ ଥିବା ରାସ୍ତା ଏବଂ ଲୁଣାବନ୍ଧରେ ବ୍ୟାପକ ବୃକ୍ଷରୋପଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ଲୋକଙ୍କୁ କୁହାଯାଇଥିଲା। ନଦୀ ଅବବାହିକାର ଉଭୟପାର୍ଶ୍ୱରେ ଥିବା ସରକାରୀ, ଜଙ୍ଗଲ ଓ ଘରୋଇ ଜମିରେ ଗଛ ଲଗାଇ ସବୁଜ ବଳୟ ସୃଷ୍ଟି କରିବାକୁ ଅଫିସର ଅରୁଣ ବେହେରା ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବନ ବିଭାଗ ପକ୍ଷରୁ ଏକ ନର୍ସରୀ ପ୍ରତିଷ୍ଠା କରାଯାଇଛି। ସେଥିରେ ବିଭିନ୍ନ ଚାରା ଲୋକଙ୍କୁ ବିତରଣ ପାଇଁ ବ୍ୟବସ୍ଥା କରାଯାଇଛି। ଫରେଷ୍ଟର ପ୍ରଦୀପ ନାୟକ, ସୁବ୍ରତ ବେହେରା, ପ୍ରଶାନ୍ତ ସାହୁ, ଶ୍ରୀଦେବୀ ବାରିକ, ସୁଶୀଲ ସିଂ, ଶୁଭକାନ୍ତ ପଣ୍ଡାଙ୍କ ସମେତ ସବୁଜ ବାହିନୀର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଧୈର୍ଯ୍ୟ ଓ କାର୍ଯ୍ୟରେ ପାରଦର୍ଶିତା ପାଇଁ ଗୀତାରାଣୀ ସମ୍ମାନିତ

ଭଦ୍ରକ ଅଫିସ,୧୦।୩

ମହିଳା ଦିବସ ଅବସରରେ ଆଦାନୀ ଧାମରା ପୋର୍ଟରେ ମହିଳା କ୍ଲବ ସଙ୍ଗିନୀଜ୍‌ର ଏକ କାର୍ଯ୍ୟକ୍ରମ ପୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୋର୍ଟରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳ ମହିଳାଙ୍କୁ ସମ୍ମାନିତ କରିଥିଲେ। ସଙ୍ଗିନୀଜ୍‌ର ମୁଖ୍ୟ ଜୟନ୍ତୀ ଦାଶଗୁପ୍ତା କାର୍ଯ୍ୟକ୍ରମ ସଞ୍ଚାଳନା କରିବା ସହ କ୍ଲବ ପକ୍ଷରୁ କରାଯାଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟାବଳୀ ଉପରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଫୁଡ୍‌ଫେଷ୍ଟ ଓ ୱେଷ୍ଟ ଟୁ ବେଷ୍ଟ ନାମରେ ଦୁଇଟି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କୃତୀ ମହିଳାମାନଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିପାଠୀ ପୁରସ୍କୃତ କରିଥିଲେ। ସେହିପରି ବାର୍ଷିକ ପତ୍ରିକା 'ଫ୍ରାଗ୍ରାନ୍ସ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହିଅବସରରେ ଧୈର୍ଯ୍ୟ ଓ ସମାଜର ବିଭିନ୍ନ ଜଟିଳ ପରିସ୍ଥିତିର ସମ୍ମୁଖୀନ କରି ନିଜକୁ ସମାଜରେ ପ୍ରତିଷ୍ଠିତ କରିପାରିଥିବାରୁ ଦୋସିଙ୍ଗା ପଞ୍ଚାୟତ ସୋନପାଟିଆ ଗ୍ରାମର ଗୀତାରାଣୀ ମାନ୍ନାଙ୍କୁ ସମ୍ମାନିତ କରାଯାଇଥିଲା। କମ୍ ବୟସରେ ସ୍ୱାମୀଙ୍କୁ ହରାଇ ବିଭିନ୍ନ ଝଡ଼ଝଞ୍ଜାକୁ ଅତିକ୍ରମ କରି କଠିନ ପରିଶ୍ରମ ବଳରେ ସମାଜରେ ନିଜକୁ ଯୋଗ୍ୟ ପ୍ରମାଣିତ କରାଇପାରି ଅନ୍ୟ ମହିଳାଙ୍କ ପାଇଁ ଉଦାହରଣ ସାଜିଛନ୍ତି ଗୀତାରାଣୀ। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ପୋର୍ଟ ତରଫରୁ ନିଯୁକ୍ତି ଦିଆଯିବା ସହ ସମସ୍ତ ପ୍ରକାର ସାହାଯ୍ୟ କରାଯାଇଥିଲା। ନିଜ କାର୍ଯ୍ୟରେ ପାରଦର୍ଶିତା ଦେଖାଇ ପାରିଥିବାରୁ ପୋର୍ଟ ପକ୍ଷରୁ ଗୀତାରାଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗିନୀଜ୍‌ର ସମସ୍ତ କର୍ମକର୍ତ୍ତା, ପୋର୍ଟ ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା, ବିତ୍ତ ନିୟନ୍ତ୍ରକ ରାକେଶ ଶାହା ଓ ପୋର୍ଟ ସୁରକ୍ଷା ବିଭାଗ ମୁଖ୍ୟ ସୁନୀଲ ଥୋମାସ ପ୍ରମୁଖ ଉପସ୍ଥିତ ଥିଲେ।



ଗୀତାରାଣୀ ମାନ୍ନାଙ୍କୁ ସମ୍ମାନିତ କରାଯାଉଛି।

## ବିଦ୍ୟାଳୟ ବାର୍ଷିକ ଉତ୍ସବ

# ୪୦ ଛାତ୍ରୀଛାତ୍ର ପୁରସ୍କୃତ

ଧାମନଗର, ୧୦।୩ (ଡି.ଏନ.ଏ.)

ଧାମନଗର ବ୍ଲକ ସରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସିଆର୍‌ସିସି ବଳରାମ ଦତ୍ତ ମୁଖ୍ୟଅତିଥି ଏବଂ ନିରାକାର ରାଉତ, ଧର୍ମେନ୍ଦ୍ର ବେହେରା, ମନୋଜ କୁମାର ପଣ୍ଡା, ବୈକୁଣ୍ଠନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଅନୁଶାସନ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର ଚାମ୍ପିୟନ ଶୁଭମ ମହାଳିକ, ରନର୍ସଅପ୍ ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ, ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅର୍ପିତା ମହାନ୍ତି ଏବଂ ହରପ୍ରିୟା ଖୁଣ୍ଟିଆଙ୍କ ସମେତ ୪୦ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସିଆର୍‌ସିସି ଉମେଶ ଚନ୍ଦ୍ର ପତି ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ସସ୍ମିତାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ■ ହାଇକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ

# '୪ ସପ୍ତାହ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର କର'

ଭଦ୍ରକ ଅଫିସ, ୧୦।୩

ଭଦ୍ରକ ବରପଦାସ୍ଥିତ ବୈଷୟିକ ମହାବିଦ୍ୟାଳୟର ପରିଚାଳନା ଦାୟିତ୍ୱ ପୁରୁଣା ସୋସାଇଟିକୁ ୪ ସପ୍ତାହ ମଧ୍ୟରେ ହସ୍ତାନ୍ତର କରିବାକୁ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାସହିତ ଶିକ୍ଷାନୁଷ୍ଠାନ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରତି ମାସ ୭ ତାରିଖ ମଧ୍ୟରେ ଅଧ୍ୟାପକ ଓ କର୍ମଚାରୀଙ୍କୁ ବେତନ ପ୍ରଦାନ, ପ୍ରତ୍ୟେକ ଆର୍ଥିକ ବର୍ଷର ଅଡିଟ ରିପୋର୍ଟ ସରକାରଙ୍କ ନିକଟରେ ଠିକ୍ ସମୟରେ ଦାଖଲ ପାଇଁ କୋର୍ଟ ନିର୍ଦ୍ଦେଶନାମା ଜାରି କରିଥିବା ସୋସାଇଟିର ପରିଚାଳନା ସଭାପତି ପ୍ରୟାସକାନ୍ତି ସାମଲ ରବିବାର ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାବ୍ୟତୀତ ଅନୁଷ୍ଠାନର ସ୍ୱାର୍ଥ ବିରୋଧରେ କୌଣସି ବ୍ୟକ୍ତି କାମ କଲେ ସୋସାଇଟି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ ପୋଲିସ ନିକଟରେ ଅଭିଯୋଗ କରିବାକୁ ଓ ଆବଶ୍ୟକ ସ୍ଥଳେ କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।



ଖବରଦାତା ସମ୍ମିଳନୀରେ ସୋସାଇଟିର ପରିଚାଳନା ସଭାପତି ପ୍ରୟାସକାନ୍ତି ସାମଲ ଓ ଅନ୍ୟମାନେ।

**ବରପଦା ବୈଷୟିକ ମହାବିଦ୍ୟାଳୟ ପରିଚାଳନା କମିଟି ବିବାଦ ମାମଲା**

ଉଲ୍ଲେଖନୀୟ ଯେ, ୨୦୧୫ରୁ ଉକ୍ତ ଅନୁଷ୍ଠାନରେ ପରିଚାଳନାଗତ ସମସ୍ୟା ଲାଗିରହିଥିଲା। ଏପରିକି ଅନୁଷ୍ଠାନରେ ବୋମାମାଡ଼ ସାଙ୍ଗକୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ ସମେତ ଏକ ୩ ଜଣିଆ କମିଟି ପରିଚାଳନା ଦାୟିତ୍ୱ ସମ୍ଭାଳି ଆସୁଥିଲେ। ଏହାକୁ ନିଷ୍ପତ୍ତିକୁ ବିରୋଧ କରି ସୋସାଇଟିର ସଭାପତି ସାମଲ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ୨ ଜଣିଆ ଖଣ୍ଡପୀଠ ପୁରୁଣା ସୋସାଇଟିକୁ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯିବାକୁ ଗତ ଫେବୃଆରୀରେ ରାୟ ଶୁଣାଇଛନ୍ତି।

# ପିସିସି ସଭାପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ବାସୁଦେବପୁର, ୧୦।୩ (ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତରେ ରବିବାର ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ ବାସୁଦେବପୁରରେ ଅପରାହ୍ନ ୨ଟାରେ ପହଞ୍ଚିବା ପରେ ଦଳ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ପିସିସି ସଭାପତିଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ନେଇଯାଇଥିଲେ। ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

# ସୈନିକ ସମ୍ମାନ ସମାରୋହ

ଧାମନଗର, ୧୦।୩ (ଡି.ଏନ.ଏ.)

ଧାମନଗର ଶହୀଦନଗର ସ୍ମୃତିପୀଠରେ ଭାଜପା ପକ୍ଷରୁ ସୈନିକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୈନିକ ଏବଂ ଭାଜପା କର୍ମକର୍ତ୍ତା ଶୋଭାଯାତ୍ରାରେ ଯାଇ ସଂଗ୍ରାମୀଙ୍କ ସ୍ମୃତିସ୍ତମ୍ଭଠାରେ ଓ ସର୍ଦ୍ଦାର ମୁରଲୀଧର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହ କାଳୀ ମଣ୍ଡପଠାରେ ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଯବାନଙ୍କୁ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଭାଜପା ଉପସଭାପତି ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ ମୁଖ୍ୟଅତିଥି ଏବଂ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ, ଭଦ୍ରକ ଜିଲା ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ରୋହିତ କୁମାର ରାୟ, ନାରାୟଣ ଚନ୍ଦ୍ର ଦାସ, ଧାମନଗର ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘ ସଭାପତି ମଦନ ମଣ୍ଡଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତବର୍ଷର ସ୍ୱାଭିମାନ ଏବଂ ସୁରକ୍ଷା ପାଇଁ ପାକିସ୍ତାନକୁ କଡ଼ା ଜବାବ ଦିଆଯାଉ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବସନ୍ତ ସାହୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୦ ସୈନିକ, ସେନା ଅଧିକାରୀ ଏବଂ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ହରିଜନ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଶରତ ଦାସ, ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଘୁନାଥ ପାତ୍ର, ଜିଲା ଉପସଭାପତି ଦୁର୍ଗା ନାୟକ, ଚତୁର୍ଭୁଜ ନାୟକ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ଜିଲାପରିଷଦ ସଭ୍ୟ ଉମାମଣି ସାହୁ, ମନୋଜ ମଲ୍ଲିକ, ମିଡିଆ ସେଲ୍‌ର ଜିଲା ସଂଯୋଜକ ବୈକୁଣ୍ଠ ନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ଉତ୍ଥାନ ସଂସ୍ଥାର ପ୍ରକଳ୍ପ ପରିଚାଳକ ବୈକୁଣ୍ଠନାଥ ପ୍ରଧାନ, ରାଧାବଲ୍ଲଭପୁର ଅଙ୍ଗନୱାଡି କର୍ମୀ ଜାନକୀ ଦାସ ସଂଘ ମାଧ୍ୟମରେ ଏକତ୍ରୀକରଣ ହୋଇ ନିଜର ହକ୍ ପାଇଁ ଲଢ଼ିବାକୁ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ପ୍ରକଳ୍ପ ସହାୟକ ଶିଶିର କୁମାର ଦାସ, ସିଆର୍‌ପି ରଶ୍ମିତା ରାଉତଙ୍କ ସମେତ ୬ଟି ସ୍ୱୟଂସହାୟକ ଗୋଷ୍ଠୀର ୬୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ସରପଞ୍ଚ ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ନାୟକ, ଉମାକାନ୍ତ ଦାସ, ଅଜୟ ବଳ, ସଦାଶିବ ପୋଥାଳ ଓ ଅରବିନ୍ଦ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ନର୍ଗିସ ଜାହାଁ ଧନ୍ୟବାଦ ଦେଇଥିଲେ।

## ■ ପରିବର୍ତ୍ତନ ସଂକଳ୍ପ ସମାବେଶରେ କଂଗ୍ରେସର ଘୋଷଣା

# କ୍ଷମତାକୁ ଆସିଲେ ୫ ଘଣ୍ଟାରେ କୃଷିଋଣ ଛାଡ଼

ପଦ୍ମପୁର, ୧୦।୩ (ଡି.ଏନ.ଏ.)

୧୮ ବର୍ଷ ତଳେ ରାଜ୍ୟର ଋଣ ପରିମାଣ ୧୮ ହଜାର କୋଟି ଥିବାବେଳେ ଏବେ ତାହା ବଢ଼ି ୧ ଲକ୍ଷ ହଜାର କୋଟିରେ ପହଞ୍ଚିଛି। ବିଜେଡି ସରକାର ଶାସନ କାଳରେ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରି ନ ଥିବାରୁ ଏବେ ୬୦ଲକ୍ଷ ଓଡ଼ିଆ ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ରାଜ୍ୟ ସରକାର ଟଙ୍କିକିଆ ଚାଉଳ ଦେଇ ଓଡ଼ିଆଙ୍କୁ କୋଢ଼ିଆ କରୁଛନ୍ତି। ଓଡ଼ିଆମାନେ ନିଜର ସ୍ୱାଭିମାନ ରକ୍ଷା କରନ୍ତୁ। କଂଗ୍ରେସ କ୍ଷମତାକୁ ଆସିଲେ ୫ ଘଣ୍ଟାରେ ଚାଷୀମାନଙ୍କର କୃଷିଋଣ ଛାଡ଼ କରିବା ସହ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୬୦୦ ଟଙ୍କା କରାଯିବ। ଏଥିସହ ଚାରିବାଟିଆର ମନ୍ତେଇ ନଦୀ ପୋଲ ଓ କୋଷ୍ଟ କେନାଲର ପୁନରୁଦ୍ଧାର କାର୍ଯ୍ୟ ୩ ବର୍ଷ ମଧ୍ୟରେ ଶେଷ କରାଯିବ ବୋଲି ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତରେ ରବିବାର ଅପରାହ୍ନରେ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି।




ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ଦଳ ପକ୍ଷରୁ ପିସିସି ସଭାପତି ନିରଞ୍ଜନଙ୍କୁ ପଦ୍ମପୁରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାସୁଦେବପୁରକୁ ପାଛୋଟି ନିଆଯାଇଥିଲା। ସେଠାରେ ତାଙ୍କୁ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଓ ଦଳୀୟ କର୍ମୀମାନେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଦଳୀୟ କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ବାଲିମେଦ ପଡ଼ିଆଠାରେ ଆୟୋଜିତ ସମାବେଶ ସ୍ଥଳକୁ ନେଇଥିଲେ। ଜିଲା କଂଗ୍ରେସ ସଭାପତି ଦାସ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ନାରୀନେତ୍ରୀ ମିନାକ୍ଷୀ ନାୟକ, ପୂର୍ବତନ ଏମ୍‌ପି ମୁରଲୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ଜିଲା କୃଷକ ସଂଘ ସଭାପତି ନରନାରାୟଣ ଜେନା, ଜିଲା ଛାତ୍ର କଂଗ୍ରେସ ସଭାପତି ନଳିନୀ ମହାନ୍ତି, ବରିଷ୍ଠ ନେତା ପଞ୍ଚାନନ ମଣ୍ଡଳ, ଦିଗମ୍ବର ଦାସ, ଆବିର ଅଲ୍ଲୀ, ଭକ୍ତଚରଣ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ରାଜ୍ୟ ସମ୍ପାଦିକା ରୀନାରାଣୀ ସ୍ୱାଇଁଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ନେତାମାନେ ବକ୍ତବ୍ୟରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ରାଜ୍ୟରେ ବିକାଶ ବଦଳରେ ବିନାଶ ହୋଇଥିବା କହିଥିଲେ। ପିସିସି ସଭାପତି ନିରଞ୍ଜନ ନବୀନ ସରକାର ଅଫିସରଙ୍କ ହାତରେ ସଖି କଣ୍ଢେଇ ସାଜିଛନ୍ତି କହି ସମାଲୋଚନା କରିଥିଲେ। ସେହିପରି କେନ୍ଦ୍ରରେ ମୋଦି ସରକାରଙ୍କୁ ଏକ ମିଛୁଆ ସରକାର ବୋଲି କହିବା ସହ ପ୍ରତି ପରିବାର ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଥିଲେ। କଳାଧନ ଫେରାଇ ଆଣିବାରେ କେନ୍ଦ୍ର ସରକାର ବିଫଳ ହୋଇଥିବା ସେ ବକ୍ତବ୍ୟ ରଖିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀଙ୍କୁ ସୋଲାରପମ୍ପ, ଶୀତଳଭଣ୍ଡାର ନିର୍ମାଣ, ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଆର୍ଥିକ ସହାୟତା ପ୍ରଦାନ, ୮୦ ଲକ୍ଷ ଯୁବକଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ସୁବିଧା ସୃଷ୍ଟି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ସଂକ୍ଷେପରେ

### ପିକ୍‌ଅପ୍ ଧକ୍କାରେ ଶିଶୁ ମୃତ

**କୁଳିଅଣା,୧୦।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ ନଂ. ଜାତୀୟ ରାଜପଥ ବାଇଗଣବାଡ଼ିଆ ଛକଠାରେ ରବିବାର ସକାଳ ପ୍ରାୟ ୧୦.୩୦ମି.ରେ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେବାରୁ ସାଢ଼େ ୫ ବର୍ଷ ଝିଅର ମୃତ୍ୟୁ ହୋଇଛି। ମୃତକ ହେଲେ କୁଳିଅଣା ଥାନାର ଜଗନ୍ନାଥପୁର ଗ୍ରାମର ସୁଗୀ ସୋରେନ୍‌ଙ୍କ ଝିଅ ମାମା। ସୁଗୀ ଝିଅ ମାମା ଓ ପୁଅ ସମାୟକୁ ନେଇ ବାଇଗଣବାଡ଼ିଆ ସ୍କୁଲରେ ଦିଆଯାଉଥିବା ପୋଲିଓ କେନ୍ଦ୍ରକୁ ଯାଉଥିଲେ। ବାଟରେ ଏକ ଧଳା ରଙ୍ଗର ପିକ୍‌ଅପ୍ ଭ୍ୟାନ୍ (ନଂ. ଡବ୍ଲ୍ୟୁବି୩୧-୭୨୭୧) ମାମାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। କୁଳିଅଣା ଥାନା ପୋଲିସ ଗାଡ଼ିକୁ ପିଛାକରି କୁଳିଅଣାଠାରେ ଗାଡ଼ିକୁ ଅଟକାଇଥିଲା। ଗାଡ଼ିଟିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ମାମାଙ୍କୁ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ କଲେଜରେ ଭର୍ତ୍ତି କରାଯାଇଥିଲା। ହେଲେ ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ କୁଳିଅଣା ଥାନାରେ ଝିଅର ମା' ସୁଗୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (୨୪/୧୯) ରୁଜୁ ହୋଇ ତଦନ୍ତ ଚାଲୁରହିଛି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବଡସାହି,୧୦।୩(ଡି.ଏନ୍.ଏ):** ପ୍ରତାପପୁର ପଞ୍ଚାୟତ ଯମୁନା ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ନିଜ ଘରୁ ଉଦ୍ଧାର କରାଯାଇଛି। ମହିଳା ଜଣକ ହେଲେ ଗ୍ରାମର ଭୀମ ସିଂଙ୍କ ପତ୍ନୀ ବାସନ୍ତୀ । ଘରେ କେହି ନ ଥିବା ବେଳେ ବାସନ୍ତୀ ଆତ୍ମହତ୍ୟା କରିଥିବା ତାଙ୍କ ସ୍ୱାମୀ କହିଛନ୍ତି। ଖବର ପାଇ ବଡ଼ସାହି ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଏ.କେ. ବାରିକ କହିଛନ୍ତି।

### ଇଭିଏମରେ ମକ୍‌ପୋଲ

**ବାରିପଦା ଅଫିସ,୧୦।୩:** ଆସନ୍ତା ସାଧାରଣ ନିର୍ବାଚନରେ ଇଭିଏମ ଏବଂ ଭିଭିପାଟ ମାଧ୍ୟମରେ ମତଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ରାଜନୈତିକ ଦଳ ଓ ଖବରଦାତାଙ୍କୁ ନେଇ ମକପୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲାପାଳ ଭିନିତ ଭରଦ୍ୱାଜ ଇଭିଏମର ବୈଷୟିକ କାର୍ଯ୍ୟକାରିତା , ବ୍ୟବହାର, ମତଦାନ ଗୋପନୀୟତା ଦିଗ ଉପରେ ସୂଚନା ଦେଇଥିଲେ। ଏହା ସହ ଡେମୋ ମାଧ୍ୟମରେ ଇଭିଏମ ଓ ଭିଭିପାଟର ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିସହିତ ବାରିପଦା ସହର ସମେତ ରାଇରଙ୍ଗପୁର ପୌରପରିଷଦ,ଉଦଳା,କରିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୨୬ଟି ବ୍ଲକର ଛକ, ମୁଖ୍ୟସ୍ଥାନରେ ଇଭିଏମ ଓ ଭିଭିପାଟର ବ୍ୟବହାର ପ୍ରଣାଳୀ ନେଇ ମେସିନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ। ଏହାସହ ସଚେତନତା ରଥରେ ଇଭିଏମ ଓ ଭିଭିପାଟରେ ଜନସାଧାରଣଙ୍କୁ ଅଭ୍ୟାସ ଭୋଟ୍ ଦେବାର ସୁଯୋଗ ମିଳିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଆବୋଲି ନରୱାଣେ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଇଭିଏମ ଭୋଟିଂ ମେସିନର ଜିଲାସ୍ତରୀୟ ମାଷ୍ଟର ଟ୍ରେନର ତଥା ବାଙ୍ଗିରିପୋଷି ତହସିଲଦାର ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏମଏମ୍-କଂଗ୍ରେସ ମେଣ୍ଟ ସମ୍ଭାବନା

- କର୍ମୀ ସମ୍ମିଳନୀରେ ଜେଏମଏମ କେନ୍ଦ୍ରୀୟ ମୁଖ୍ୟଙ୍କ ସୂଚନା
- ଓଡ଼ିଶାରେ ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିପାରନ୍ତି ସୋରେନଙ୍କ ଭଉଣୀ



ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡର ଜେଏମ୍‌ଏମ୍ ମୁଖ୍ୟ ହେମନ୍ତ ସୋରେନ ଓ ଅନ୍ୟ ନେତୃବୃନ୍ଦ।

**ବାରିପଦା ଅଫିସ,୧୦।୩**

ସବୁଠି ଏବେ ନିର୍ବାଚନ ତାତି । ମୟୂରଭଞ୍ଜ ଜିଲାରେ ଏକଦା ସ୍ଥିତି ଜାହିର କରିଥିବା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଜୋରଦାର କରିଛି। ଜେଏମଏମ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ତଥା ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରବିବାର ଦିନିକିଆ ବାରିପଦା ଗସ୍ତରେ ଆସି ଦଳୀୟକର୍ମୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ କଂଗ୍ରେସ ଜେଏମଏମ ମେଣ୍ଟ କରିବା ସମ୍ଭାବନା ସେ ସୂଚନା ପ୍ରଦାନ କରିଛନ୍ତି।

ଉଦଳା ରୋଡର ଏକ ହୋଟେଲରେ ଆୟୋଜିତ ରାଜ୍ୟସ୍ତରୀୟ କର୍ମୀ ସମ୍ମୀଳନୀରେ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ମତ ବିନିମୟ କରିଥିଲେ। ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାର ବିଧାନସଭା ଏବଂ ଲୋକସଭା ଆସନରେ କାହାକୁ ଦଳର ପ୍ରାର୍ଥୀ ଭାବେ ଟିକଟ ଦିଆଯିବ ସେ ନେଇ କର୍ମୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ପରେ ଏକ ଖବରଦାତା ସମ୍ମୀଳନୀରେ ଦଳର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସେ ସୂଚନା ଦେଇଥିଲେ। ସୋରେନ କହିଥିଲେ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରେ ଦଳ ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଦିଆଯିବ। କଂଗ୍ରେସ ସହିତ ଦଳ ମେଣ୍ଟ କରିବା ନେଇ ଆଲୋଚନା ଜାରି ରହିଛି। ତେବେ ଆସନ ବୁଝାମଣା ହୋଇପାରିନାହିଁ। ଦିନେ ଦୁଇଦିନ ମଧ୍ୟରେ ମେଣ୍ଟ ଘୋଷଣା କରାଯାଇ ଆସନ ବୁଝାମଣା କରାଯିବ। ସୋରେନ୍‌ଙ୍କ ଭଉଣୀ ଅଞ୍ଜନୀ ଓଡ଼ିଶାରେ ଲୋକସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ। ୨୦୦୪ରେ ଦଳ ମୟୂରଭଞ୍ଜ ଜିଲାରେ ମଜଭୂତ ସ୍ଥିତିରେ ଥିଲା। ୨୦୧୪ରେ ନେତୃବୃନ୍ଦ ଅନ୍ୟ ଦଳକୁ ଡିଆଁ ମାରିବା ଫଳରେ ସଂଗଠନ ଦୁର୍ବଳ ହୋଇଯାଇଥିଲା। ଏବେ ଜିଲାର ଆଦିବାସୀ ଏବଂ ଅଧିବାସୀମାନେ ଜେଏମଏମ ସହିତ ସାମିଲ ହୋଇ ରହିଛନ୍ତି। ଦଳ ସେମାନଙ୍କ ଦୁଃଖସୁଖରେ ସାଥୀ ହୋଇରହିଛି। ଏହି ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ମହିଳା ସଭାନେତ୍ରୀ ଅନି ସୋରେନ, ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଜିଲା ସଭାପତି ଫାଗୁ ହାଁସଦା, ଝାଡ଼ଖଣ୍ଡ ରାଜ୍ୟର ବୋହଡ଼ାଗୁଡ଼ା ବିଧାୟକ କୁନାଲ ଷଡ଼ଙ୍ଗୀ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ସୋରେନ ହେଲିକପ୍ଟର ଯୋଗେ କଲେଜ ପଡ଼ିଆରେ ଅପରାହ୍ନ ପ୍ରାୟ ୧ଟା ବେଳେ ଓହ୍ଲାଇଥିଲେ। ଏହାପରେ ଯୁବ ମୋର୍ଚ୍ଚା ସଭାପତି ପିଣ୍ଟୁ ମାଇତି, ଛାତ୍ର ମୋର୍ଚ୍ଚା ସଭାପତି ଡି. ସାହୁ, ଯୁବ ନେତା ନିମାଇଁ ଚରଣ ତ୍ରିପାଠୀ, ପ୍ରଭୂଦାନ ମାରାଣ୍ଡି ପ୍ରମୁଖଙ୍କ ନେତୃତ୍ୱରେ ଏକ ବିଶାଳ ମୋଟରସାଇକଲ ରାଲିରେ ତାଙ୍କୁ ସହର ପରିକ୍ରମା କରାଯାଇ ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା।

# ଏଥର ୭ ନୂଆ ବୁଥ୍

- ବ୍ଲକସ୍ତରୀୟ ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ

**ବଡସାହି,୧୦।୩ (ଡି.ଏନ୍.ଏ)**

ବ୍ଲକ ସଭାଗୃହରେ ରବିବାର ଇଭିଏମ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଡସାହି ବିଡିଓ ରବୀନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଜିପିଇଓ ପଞ୍ଚାନନ ମହାପାତ୍ର, ଜିଲା ପରିଷଦ ସଦସ୍ୟ କୁମେନ୍ଦ୍ର ସେଠୀ ଉପସ୍ଥିତ ରହି ଇଭିଏମ୍ ଭିଭିପାଟ ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପିଆର୍‌ଆଇ ମେମ୍ବରଥମାନେ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ପ୍ରତି ବୁଥସ୍ତରରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଆଗାମୀ ନିର୍ବାଚନ ବେଳେ ବଡସାହି ବ୍ଲକର ଶାଳଗାଁ ପଞ୍ଚାୟତର ଗମ୍ଭାରୀଆରେ ଗୋଟିଏ, ଦେଉଳିଆରେ ଗୋଟିଏ, ଛେଳିଆ (କ)ରେ ଗୋଟାଏ, ବଡସାହିରେ ଗୋଟିଏ, ଟଙ୍କାଶୋଳ ପଞ୍ଚାୟତ ବଡସୋରିଷ ବିଲ୍ଲାରେ ଗୋଟିଏ, ଯଦୁନାଥପୁର ପଞ୍ଚାୟତ ହାତୀକୋଟରେ ଗୋଟିଏ, ନରଣପୁରରେ ଗୋଟିଏ ନୂଆ ବୁଥର ବ୍ୟବସ୍ଥା ହୋଇଥିବା ବିଡିଓ ସୂଚନା ଦେଇଛନ୍ତି।



ଉପସ୍ଥିତ ଲୋକଙ୍କୁ ଭିଭିପାଟ୍ ଓ ଇଭିଏମ୍ ସମ୍ପର୍କରେ ସଚେତନ କରାଯାଉଛି।

# ବିବାହ ବେଦିରେ ନିଶାମୁକ୍ତି ବାର୍ତ୍ତା

## ଉଦଳାରେ ଅଭିନବ ବିବାହ ଉତ୍ସବ

**ବାରିପଦା ଅଫିସ,୧୦।୩**

ମୟୂରଭଞ୍ଜ ଜିଲା ଉଦଳାସ୍ଥିତ କଲ୍ୟାଣ ମଣ୍ଡପ। ଶୁକ୍ରବାର ସେଠାରେ ଆୟୋଜିତ ଏକ ବିବାହ ଉତ୍ସବ ପାଇଁ ସୁସଜ୍ଜିତ ହୋଇ ଝଲସୁଥିଲା। ବିବାହ ବେଦିରେ ବୈଦିକ ମନ୍ତ୍ରପାଠ ମଧ୍ୟରେ କନ୍ୟା କଲ୍ୟାଣୀ ଓ ବର ଅରୁଣୋଦୟ ପରସ୍ପରକୁ ଜୀବନ ସାଥୀଭାବେ ଗ୍ରହଣ କଲାବେଳେ ପରିବେଶ ଥିଲା ବେଶ ରୁଚିକର ଓ ଭାବପୂର୍ଣ୍ଣ। ନିଶାମୁକ୍ତ ସମାଜ ଗଠନ ଲାଗି ବାର୍ତ୍ତାଦେଇ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି ନବଦମ୍ପତିଙ୍କୁ ଉପସ୍ଥିତ ଅନେକ ବ୍ୟକ୍ତି ଆଶୀର୍ବାଦ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ନିଆରା ଢଙ୍ଗରେ ଆୟୋଜିତ ଏହି ବିବାହ ଉତ୍ସବକୁ ଅଧିକ ରୁଚିବନ୍ତ କରିଥିଲା କେତେକେ କଳାକାରଙ୍କ ନାଟ୍ୟାଭିନୟ। ଜନସଚେତନତା ସୃଷ୍ଟି ପାଇଁ ୪ ଜଣ କଳାକାର ପୋଲିସ, ମଦ୍ୟପ ଓ ମଦ୍ୟପଙ୍କ ବାପା ବେଶରେ ଅଭିନୟ କରି ଲୋକଙ୍କ ମନମୋହି ଥିଲେ। ବିବାହ ବନ୍ଧନରେ ଆବଦ୍ଧ ଦମ୍ପତି କଳାକାରଙ୍କ ସହିତ ମିଶି ନିଶାମୁକ୍ତ ସମାଜ ଗଠନ ନେଇ ବାର୍ତ୍ତା ବାଣ୍ଟିଥିଲେ। ଏଭଳି ଉତ୍ସବ ଦେଖିବାକୁ ଅନେକ ଦେଖଣାହାରୀ ଭିଡ଼ ଜମାଇଥିଲେ।

ଏହି ଦୁଇ ଜୀବନ ସାଥୀଙ୍କ ମଧ୍ୟରୁ କଲ୍ୟାଣୀ ଭୁବନେଶ୍ୱରରେ ଇଂଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଅରୁଣୋଦୟ ସୁଦୂର କାନାଡାରେ ଇଞ୍ଜିନିୟର ଭାବେ ଅବସ୍ଥାପିତ। କଲ୍ୟାଣୀଙ୍କ ଘର ଉଦଳାରେ। ତାଙ୍କ ପିତା ହେଲେ ରବୀନ୍ଦ୍ର ନାଥ ଆଚାର୍ଯ୍ୟ। ଉଦୟ ନାରାୟଣ ରାଉତଙ୍କ ପୁତ୍ର ଅରୁଣୋଦୟଙ୍କ ଘର ଭଦ୍ରକ ଜିଲାରେ।

କଲ୍ୟାଣୀ ଓ ଅରୁଣୋଦୟ ବାହ୍ୟ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ନ କରି ନିଆରା ଢଙ୍ଗରେ ବିବାହ କରି ସମାଜକୁ ନିଶାମୁକ୍ତି ବାର୍ତ୍ତାଦେଇ ଏଠାରେ ଚର୍ଚ୍ଚାକୁ ଆସିଛନ୍ତି। ବିବାହ ଉତ୍ସବ ଅବସରରେ କନ୍ୟାବର କହିଥିଲେ, ସାମ୍ପ୍ରତିକ ସମାଜରେ ବିବାହ ବହୁ ବ୍ୟୟ ବହୁଳ ହେଉଛି। ଶୋଭାଯାତ୍ରାରେ ଆସିବା ସମୟରେ ଅନେକ ବରଯାତ୍ରୀ ମଦ୍ୟପାନ କରୁଛନ୍ତି। ଏଥିଲାଗି ଦୁର୍ଘଟଣା ଘଟି ଲୋକଙ୍କ ପ୍ରାଣ ହାନି ହେଉଛି। ସଂସ୍କୃତିକୁ ଲୋକେ ଭୁଲିଯାଇ ଭୁଲବାଟ ବାଛୁଛନ୍ତି। ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସେମାନେ ନିଶାମୁକ୍ତ ନାଟକ ପରିବେଷଣ ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟିଥିବା କହିଛନ୍ତି।



ବିବାହ ବନ୍ଧନରେ ଆବଦ୍ଧ ଅରୁଣୋଦୟ ଓ କଲ୍ୟାଣୀ।

# ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ

**କପ୍ତିପଦା,୧୦।୩(ଡି.ଏନ.ଏ)**

କପ୍ତିପଦା ବ୍ଲକ୍ ନୁଦଡ଼ିହା ଅଞ୍ଚଳ ତଳିଆ ଗ୍ରାମରେ ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପ୍ରତିଷ୍ଠା ଉତ୍ସବରେ ଅଧିବାସ, ଅଙ୍କୁରାରୋପଣ କର୍ମ ଅନୁଷ୍ଠିତ ହୋଇଥିଲା। ଏହାପରେ ଶତାଧିକ ମହିଳା ଓ ପୁରୁଷ ବ୍ରତୀମାନେ ଏକ ଶୋଭାଯାତ୍ରାରେ ଯାଇ ପିଙ୍ଗୁ ପଞ୍ଚାୟତ ମହାପାତ୍ର ପୋଖରୀରୁ ଘଟୋତ୍ତଳନ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ଖଟୁଆ, ସତ୍ୟାନନ୍ଦ ଦଳେଇ, ମାନସ ହୋତା କର୍ତ୍ତା କାର୍ଯ୍ୟ ସଂପାଦନ କରିଥିବାବେଳେ ପ୍ରତିଷ୍ଠା କାର୍ଯ୍ୟରେ ମୁଖ୍ୟ ପୁରୋଧାଭାବେ ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର ଓ ତାଙ୍କର ୨୫ଜଣ ସହଯୋଗୀ କର୍ମକାଣ୍ଡବିତ୍‌ଙ୍କ ଦ୍ୱାରା ତିନିଦିନ ବ୍ୟାପି ଠାକୁରଙ୍କର ପ୍ରାଣ ପ୍ରତିଷ୍ଠା, ନ୍ୟାସ, ହୋମ, ଚଣ୍ଡୀପାଠ, ଗୀତାପାଠ, ହନୁମାନ ଚାଳିଶା ସହିତ ଯଜ୍ଞରେ ଆହୂତି କର୍ମ ସମ୍ପାଦିତ ହୋଇଥିଲା। ପୂର୍ଣ୍ଣାହୂତିରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞ ମଣ୍ଡପରେ ନାରିକେଳ, ଘୃତ ପ୍ରଦାନ କରିଥିଲେ। ଗାୟକ ଶ୍ରୀଚରଣ ଏବଂ ସାଥୀଙ୍କ ଦ୍ୱାରା ଭଜନ ସନ୍ଧ୍ୟା ପରିବେଷିତ ହୋଇଥିଲା। ଲଛମନ ମହାନ୍ତି, ସର୍ବେଶ୍ୱର ରାଉତ, ମନୋରଞ୍ଜନ ମଲ୍ଲିକ, ଧନେଶ୍ୱର ବିଶ୍ୱାଳ, ସରୋଜ ମହାନ୍ତି, ବୃନ୍ଦାବନ ନାଏକ, ସ୍ୱପ୍ନଜ ବିଦ୍ୟାସାଗର, ଜନାର୍ଦ୍ଦନ ଦଳେଇ, ସନ୍ତୋଷ ସେଠୀ, ପ୍ରତାପ ଚନ୍ଦ୍ର ଖଟୁଆ, ଭକ୍ତହରି ଜେନା, ସରପଞ୍ଚ କାହ୍ନୁଚରଣ ସୋରେନ୍, ରବିନାରାୟଣ ନାୟକ, ଅଜିତ ବେହେରାଙ୍କ ସମେତ ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ହନୁମାନଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

# ଜୟପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ ସମ୍ମିଳନୀ

**କୁଆମରା,୧୦।୩(ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ଜୟପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମଧ୍ୟ ଇଂଲିଶ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କପ୍ତିପଦା ବ୍ଲକ ବିଇଓ ଶଶିଧର ସିଂ ମୁଖ୍ୟ ଅତିଥି, କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ ମିଶ୍ର, ସିଆରସିସି ପ୍ରୀୟବ୍ରତ ବାରିକ, ପ୍ରଧାନଶିକ୍ଷକ ମଣ୍ଟୁ ସାସମାଲ, ଓଷ୍ଟା ବ୍ଲକ ସଭାପତି ଶଶିଧର ବାରିକ, ବିଦ୍ୟାଳୟ ପ୍ରତିଷ୍ଠାତା ମନ୍ମଥ ରାଜ, ଭଗବାନ ନାୟକ, ସୋମନାଥ କର, ଗୌରାଙ୍ଗ ପୋଥାଳ, ଦେବବ୍ରତ ବାରିକ ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ଜଗଦୀଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣ ପଟ୍ଟନାୟକ ବିବରଣୀ ପାଠ ଓ ସହକାରୀ ଶିକ୍ଷକ ରଜତ କୁମାର ପଣ୍ଡା ଅତିଥି ପରିଚୟ ଏବଂ ଅରବିନ୍ଦ ଶତପଥୀ ଧନ୍ୟବାଦ ଦେଇଥିଲେ।

# 'ପରିବେଶ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ'

**କପ୍ତିପଦା,୧୦।୩(ଡି.ଏନ୍.ଏ)**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟବିଭାଗର ଗ୍ରାମୀଣ ଶିବିର କପ୍ତିପଦା ବ୍ଲକ୍ ଲାବଣ୍ୟଦେଇପୁର ପଞ୍ଚାୟତ ଅନ୍ତ୍ୟୋଦୟ ଚେତନା ମଣ୍ଡଳ କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗର ଅଧ୍ୟାପକ ଶୁଭେନ୍ଦୁ ଶତପଥୀ ଶିବିରରେ ଅଧ୍ୟକ୍ଷତା କରିବା ସହିତ ଗ୍ରାମୀଣ ଶିବିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ୍ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସିଏମ୍‌ର ସଂଯୋଜକ ପୀତାମ୍ବର ସାହୁ, ଅନ୍ୟତମ ଅତିଥି ଆଦିବାସୀ ନେତା ତୁରାମ ସିଂ ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି, ପ୍ରଥା ଏବଂ ପାଶ୍ଚାତୀକରଣର କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ପ୍ରକୃତି ଓ ପରିବେଶକୁ ସଂରକ୍ଷଣ କରିବା ମାନବ ସଭ୍ୟତାର ମୂଳଧର୍ମ ବୋଲି ମତପ୍ରକାଶ ପାଇଥିଲା। ଏହି ଶିବିର ୧୨ଦିନ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରି ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରମ୍ପରା, ଜୀବନଜୀବିକା ଏବଂ ଜଙ୍ଗଲ ଜମି ଅଧିକାର ଉପରେ ଜନସାଧାରଣଙ୍କୁ ସଚେତନତା କରାଇବା କାର୍ଯ୍ୟକ୍ରମ ରହିଛି।




ଶିବିରରେ ମଞ୍ଚାସୀନ ଅତିଥି।

# ନିଆଁରେ ଜଳିଗଲା ୪ ବଖରା

## ଫାଟିଲା ଗ୍ୟାସ ଟାଙ୍କି, ୫ ଗୁରୁତର

**ବଡସାହି,୧୦।୩ (ସ୍ୱ.ପ୍ର.)**

ରୋଷେଇ ଗ୍ୟାସ୍‌ରୁ ନିଆଁ ଲାଗି ବଡ଼ସାହି ଥାନା ଜଡିପାଳ ଗ୍ରାମ ସୁରସାହିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ଜଣଙ୍କର ୪ ବଖରା ଘର ଜଳିପୋଡି ପାଉଁଶ ହେବା ସହ ଗ୍ୟାସ ଟାଙ୍କି ଫାଟିବାରୁ ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ରମେଶ ସିଂ, ଧନୁ ବେହେରା, ଅନାମ ବେହେରା ଓ ଚିନ୍ମୟୀ ବେହେରା। ସେମାନଙ୍କୁ ଡୁକୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରମେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅଟୋ ରିକ୍ସା, କମ୍ପ୍ୟୁଟର, ପ୍ରିଣ୍ଟର, ପାଣିପମ୍ପ, ୩ ନଡ଼ାଗଦା ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିପୋଡ଼ି ଯାଇଛି । ଖବରପାଇ ବଡ଼ସାହି, ଖୁଣ୍ଟା ଓ ବାରିପଦାରୁ ଦମକଳ ଗାଡ଼ି ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ଅପରାହ୍ନ ୪ଟାରେ ଗ୍ରାମର ଅନାମଙ୍କ ଘରେ ଗ୍ୟାସରେ ରୋଷେଇ ହେଉଥିବା ସମୟରେ ନିଆଁ ଲାଗିଥିଲା । ନିଆଁକୁ ଆୟତ କରିବା ପାଇଁ ସାହିପଡିଶାରୁ ଲୋକେ ରୁଣ୍ଡ ହୋଇଥିଲେ । ନିଆଁକୁ ଲିଭାଇବା ସମୟରେ ଘରେ ଥିବା ଗ୍ୟାସ ସିଲିଣ୍ଡର ଫାଟିଯାଇ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ନିଆଁ ଦ୍ରୁତ ଗତିରେ ଲବଙ୍ଗ ବେହେରା ଓ ଧରଣୀଧର ବେହେରାଙ୍କ ଘରକୁ ବ୍ୟାପିଯାଇଥିଲା। ସାନକେରକ ରାଜସ୍ୱ ନିରୀକ୍ଷକ ରିଙ୍କୁ ଦତ୍ତ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ପ୍ରଦାନ କରିଛନ୍ତି। ବିପନ୍ନ ପରିବାରକୁ ସରକାରୀ ସହାୟତା ସହ ବିଜୁ ପକ୍କାଘର ପ୍ରଦାନ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର ଓ ସମ୍ପତ୍ତି ।

# ପାଠପଢ଼ା ସହ ମିଳିଲା ମଧ୍ୟାହ୍ନଭୋଜନ

## ରବିବାରରେ ଖୋଲିଲା ସ୍କୁଲ

**ଠାକୁରମୁଣ୍ଡା,୧୦।୩ (ଡି.ଏନ୍.ଏ)**

ରବିବାର ଛୁଟିଦିନ, କିନ୍ତୁ ସ୍କୁଲ ଖୋଲା । ପିଲାଙ୍କୁ ପାଠପଢ଼ାଯିବା ସହିତ ମଧ୍ୟାହ୍ନଭୋଜନ ମଧ ଖାଇବାକୁ ଦିଆଯାଇଛି। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ୍‌ର ୨୦୯ଟି ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଏଭଳି ଦେଖିବାକୁ ମିଳିଛି।

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ନିଷ୍ପତ୍ତି କ୍ରମେ ରବିବାର ଛୁଟିଦିନରେ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକୁ ଖୋଲାଯାଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷାଦାନ କରିବା ସହ ମଧ୍ୟାହ୍ନଭୋଜନ ଦେଇଛନ୍ତି । ଗତ ଫେବୃଆରୀ ମାସ ୬ ଓ ୭ ତାରିଖ ଦୁଇଦିନ ଧରି ଠାକୁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀଙ୍କୁ ଅନ୍ୟତ୍ର ବଦଳି ଦାବି କରି ବ୍ଲକର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଶିକ୍ଷକଙ୍କ ଧାରଣା ପରେ ବିଇଓଙ୍କୁ ଶିକ୍ଷା ବିଭାଗ ଅନ୍ୟତ୍ର ବଦଳି କରିଥିଲା । ଧାରଣା ଯୋଗୁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ଏହାକୁ ଭରଣା ପାଇଁ ଶିକ୍ଷକଙ୍କ ସଂଘର ନିଷ୍ପତ୍ତି କ୍ରମେ ଛୁଟି ଦିନ ଗଡ଼ିକରେ ଦୁଇଦିନ ବିଦ୍ୟାଳୟ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ରବିବାରରେ ବିଦ୍ୟାଳୟ ଖୋଲିଥିଲା। ପୁଣି ଆଉ ଏକ ଛୁଟିଦିନରେ ବିଦ୍ୟାଳୟ ଖୋଲାଯାଇ ଶିକ୍ଷାଦାନ ସହିତ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଛୁଟି ଦିନରେ ପିଲାମାନେ ସ୍କୁଲକୁ ଆସି ପାଠପଢ଼ିବା ସହିତ ମଧ୍ୟାହ୍ନଭୋଜନ ଖାଇବାକୁ ପାଇଥିବାରୁ ଖୁସିଥିବା କହିଛନ୍ତି। ଅନ୍ୟଦିନ ପରି ରବିବାର ମଧ ଶିକ୍ଷକମାନେ ଗୁଣାତ୍ମକ ଶିକ୍ଷାଦାନ କରିଥିଲେ ବୋଲି ପିଲାମାନେ କହିଛନ୍ତି।



ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ଖାଉଛନ୍ତି।

# ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଗୁରୁତ୍ୱ

**ହର୍ଷବର୍ଦ୍ଧନ ବେହେରା/ଅଭିମନ୍ୟୁ ମିଶ୍ର,**
ଯାଜପୁର ଅଫିସ,୧୦।୩

ଯାଜପୁର ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା କୋରେଇରେ ରାଜନୈତିକ ଚର୍ଚ୍ଚା ଅଧିକ ଉଷ୍ମ। ଏଠାରେ ଘଡ଼ିକେ ଘୋଡ଼ା ଛୁଟୁଛି । ଶାସକ ଦଳର ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ। ଦଳର ରଣନୀତି ଉପରେ ପ୍ରାର୍ଥୀଙ୍କ ଜିତିବା ହାରିବା ଏଠାରେ ନିର୍ଭର କରିଥାଏ। ୨୦୦୦ ରୁ ୨୦୦୪ ପର୍ଯ୍ୟନ୍ତ ୨ଟି ନିର୍ବାଚନରେ ଭାଜପା-ବିଜେଡି ମଧ୍ୟରେ ମେଣ୍ଟ ଥିବାରୁ ଏହି ଆସନ ଭାଜପା ଭାଗରେ ପଡ଼ିଥିଲା। ୨୦୦୦ ନିର୍ବାଚନରେ ଭାଜପା ଏଠାରେ ପରାଜିତ ହୋଇଥିବାବେଳେ ୨୦୦୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ସଞ୍ଚିତା ମହାନ୍ତି ଜିତିଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରଠାରୁ ବିଜେଡି ଏଠାରେ ଲଗାତର ଜିତି ଆସିଛି। ୧୯୮୫ ପରଠାରୁ ଏଠାରେ କଂଗ୍ରେସ ଜିତି ନ ଥିବାରୁ ଚଳିତ ନିର୍ବାଚନରେ ଦଳ କିପରି ଭାବେ ବିଜୟୀ ହେବ ସେନେଇ ରଣନୀତି ଆରମ୍ଭ କରିଛି। ଏଭଳି ସ୍ଥିତିରେ ନିର୍ବାଚନ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଚଳିତ ବିଧାନସଭା ନିର୍ବାଚନ ଲାଗି କୋରେଇ ଆସନରୁ ବିଜେଡିର ପ୍ରାୟ ୫ଜଣ ଆଶାୟୀ ରହିଛନ୍ତି। ସମସ୍ତ ଆଶାୟୀ କହୁଛନ୍ତି ତାଙ୍କର ଟିକେଟ ଫାଇନାଲ। ଏପରିକି ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ମଧ୍ୟ କୋରେଇ ଉପରେ ନଜର ରଖିଛନ୍ତି। ବ୍ୟକ୍ତି ନୁହେଁ, ନେତୃତ୍ୱକୁ ଭୋଟର ଏଠାରେ ଗୁରୁତ୍ୱ ଦେଉଥିବାରୁ ଆଗାମୀ ଦିନରେ ୩ପ୍ରମୁଖ ବିଜେଡି, କଂଗ୍ରେସ ଓ ଭାଜପାର ନେତୃତ୍ୱ କିଏ ନେଉଛନ୍ତି ଏବଂ ତାଙ୍କ ନେତୃତ୍ୱରେ ଦଳ କେତେଦୂର ଶକ୍ତିଶାଳୀ ହୋଇପାରୁଛି ତାହା ଦେଖିବାକୁ ବାକି ରହିଛି। କୋରେଇ ନିର୍ବାଚନମଣ୍ଡଳୀରେ ୧୦ଟି ନିର୍ବାଚନ ମଧ୍ୟରୁ ୬ ଥର ଅଶୋକ ଦାସ ଏହି ମଣ୍ଡଳୀର ପ୍ରତିନିଧିତ୍ୱ କରିଛନ୍ତି। ୧୯୭୪ ମସିହାରେ ସ୍ୱତନ୍ତ୍ର କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ ହୋଇଥିଲା। ଏହାପୂର୍ବରୁ କୋରେଇ ପଶ୍ଚିମ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା । ଜିଲାର ବ୍ୟାସନଗର ପୌରପରିଷଦ ଓ କୋରେଇ ବ୍ଲକ ସମେତ ରସୁଲପୁର ବ୍ଲକର ଭୋଟକା, ଲକ୍ଷ୍ମୀନଗର, ପହଙ୍ଗା, ବଡକଇଁଚି, ଗନ୍ଧଣ, ଟିକରପଡା, ବାହାଦଲପୁର, ନରସିଂପୁର ଓ ମୁଙ୍ଗପାଳ ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ପୁନର୍ଗଠିତ ହୋଇଛି। ସେଥିମଧ୍ୟରୁ ବ୍ୟାସନଗର ପୌରପରିଷଦ ଜିଲାର ଅନ୍ୟତମ ବୃହତ ସହରର ମାନ୍ୟତା ପାଇଛି । କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏହି ସହରର ଲୋକସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ବିଗତ ୨ଟି ନିର୍ବାଚନ ଫଳାଫଳକୁ ଅବଲୋକନ କଲେ ଏଠାରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ମାତ୍ର ଗତ ପଞ୍ଚାୟତ ନିର୍ବାଚନରେ ୪ଟି ଜିଲା ପରିଷଦ ଆସନରେ ବିଜେଡି ବିଜୟୀ ହୋଇଥିଲେ ହେଁ କୋରେଇ ବ୍ଲକ ଅଧକ୍ଷ ପଦବୀକୁ ହାତଛଡ଼ା କରିଥିଲା। ତେବେ ବିଜେଡିର ବିଭିନ୍ନ ଯୋଜନାକୁ ନେଇ ବିଧାୟକ ଆକାଶ ଦାସନାୟକ ଲୋକଙ୍କ ନିକଟତର ହୋଇ ପାରିଛନ୍ତି। ସାଂଗଠନିକ ସ୍ଥିତି ଏଠାରେ ସୁଦୃଢ ରହିଥିଲେ ହେଁ ବିଜେଡିରେ ଅନେକ ଫାଟ ଦଳକୁ ଅଡୁଆରେ ପକାଇଛି। ଗତ ୭ ତାରିଖରେ ପାଣିକୋଇଲିଠାରେ ୧୦୦ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ଉଦ୍‌ଘାଟନ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଆସିବା ପୂର୍ବରୁ ବବି ଉଦ୍‌ବୋଧନ ଦେଇ କୋରେଇବାସୀ ମୋର ଓ ମୋ ବାପାଙ୍କ ମାଲିକ ବୋଲି କହିଥିଲେ। ବାପାଙ୍କ ସ୍ୱପ୍ନ ଏଠାରେ ସାକାର ହେବାରେ ଲାଗିଛି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପହଞ୍ଚିବାର ୧୫ମିନିଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ବହୁ କାର୍ଯ୍ୟ ଦେଇଛନ୍ତି, ତାଙ୍କୁ ଯିବାକୁ ପଡ଼ିବ ବୋଲି କହି ଚାଲି ଯାଇଥିଲେ। ଏହି ଉଦ୍‌ବୋଧନକୁ ନେଇଏବେ ଅନେକ ଚର୍ଚ୍ଚା ଜୋର ଧରିଛି। ଟିକେଟକୁ ନେଇ ଛକାପଞ୍ଝା ଲାଗି ରହିଛି। ତେବେ ବିଧାୟକ ଆକାଶ ଦାସନାୟକ କୁହନ୍ତି ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପିଛି। ତାଙ୍କର ପ୍ରେରଣାରେ ଜନ୍ମମାଟିର ସେବା କରିବାର ସୁଯୋଗ ମିଳିଛି । ତେଣୁ ସେ ଯେତେବେଳେ ଯେଉଁ ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବେ। ଗତ ୪ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ଉନ୍ନତିରେ ପ୍ରାୟ ୯୫ପ୍ରତିଶତ ସଫଳତା ଆଣି ପାରିଛନ୍ତି। ବନ୍ୟା ନିୟନ୍ତ୍ରଣରେ ମଧ୍ୟ ସଫଳତା ମିଳିଛି। ବୈତରଣୀ ବ୍ରିଜ୍ ନିର୍ମାଣ ସ୍ୱପ୍ନ ପୂରଣ ହୋଇଛି । ଏହାସହ ୧୨୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଯେଉଁଥିରେ ରସୁଲପୁର ଓ କୋରେଇ ବ୍ଲକର ୨୦ଟି ପଞ୍ଚାୟତବାସୀ ଉପକୃତ ହୋଇ ପାରିବେ। ଆଗାମୀ ଦିନରେ ଯାଜପୁରରୋଡରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବ୍ୟାସ ସରୋବରକୁ ମହାଭାରତର ଚିତ୍ର ଦେବା ଆଦି ତାଙ୍କର ଲକ୍ଷ୍ୟ ରହିଛି । ଯଦି ଟିକେଟ ନ ମିଳେ ମଧ୍ୟ ଏକ ଶୃଙ୍ଖଳିତ କର୍ମୀ ଭାବରେ କାର୍ଯ୍ୟ କରିବେ । ଅର୍ଥ ବିଭାଗର ଯୁଗ୍ମ ସଚିବ ପାହ୍ୟା ଅଧିକାରୀ ପୀୟୂଷ ପାଣି ବିଜେଡି ଟିକେଟ ପାଇବା ଆଶାରେ ରହିଛନ୍ତି । ସେ କର୍ମରୁ ଛୁଟି ନେଇ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତେଣୁ ତାଙ୍କୁ ଟିକେଟ ମିଳିଲେ ଲୋକ ସହିତ ରହିବାର ସୁଯୋଗ ମିଳିବ ବୋଲି କହିଛନ୍ତି । ଯୁବ ବିଜେଡିର ଜିଲା ସଭାପତି ପ୍ରତାପ ମହାନ୍ତି ମଧ୍ୟ ଟିକେଟ ଆଶାରେ ରହିଛନ୍ତି। ସେ ବି ଟିକେଟ ମିଳିଲେ ନିଶ୍ଚିତ ଭାବେ ଅଞ୍ଚଳର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିବା ସହିତ ଟିକେଟ ନ ମିଳିଲେ ବି କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ୨୦୧୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନ ରଖିଥିବା ବିଶ୍ୱଜିତ ନାୟକ କଂଗ୍ରେସ ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି । ସେହିପରି ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଓ ଯୁବ ନେତା ଆଲେକଜାଣ୍ଡର ଦାସଙ୍କ ପ୍ରଚେଷ୍ଟାରେ ଭାଜପାର ସାଂଗଠନିକ ସ୍ଥିତିରେ ସୁଧାର ଆସିଛି। ଏହି ଦୃଷ୍ଟିରୁ ଭାଜପା ଏଠାରେ ଏକ ଶକ୍ତିଶାଳୀ ଦଳ ଭାବେ ଉଭା ହୋଇଛି । ସଞ୍ଚିତା ମହାନ୍ତି ଟିକେଟ ପାଇବା ନେଇ ଏକ ପ୍ରକାର ନିଶ୍ଚିତ ଅଛନ୍ତି। ଦଳ ସହିତ କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଛନ୍ତି। ବିଶ୍ୱଜିତ କୁହନ୍ତି, ଭାଜପାରେ ସେ ସକ୍ରିୟ ଭାବେ ଜଡିତ ରହିଛନ୍ତି । ଟିକେଟ ପାଇବା ନିଶ୍ଚିତ ତଥାପି ଯଦି ନ ମିଳେ ତେବେ ବି ଦଳରେ ରହି କାର୍ଯ୍ୟ କରିବେ। ସେହିପରି ଆଲେକଜାଣ୍ଡର କହିଛନ୍ତି, ଜିଲାର ଯୁବକର୍ମୀଙ୍କୁ ସେ ଏକଜୁଟ କରି ସଂଗଠନ ଜାରି ରଖିଛନ୍ତି। ସ୍ଥାନୀୟ ନିଯୁକ୍ତି, ଦୁର୍ନୀତି ଉପରେ ଲଢେଇ ଜାରି ରଖିଛନ୍ତି। ଟିକେଟ ପାଇଲେ ସେ ନିଶ୍ଚିତ ଭାବେ ବିଜୟୀ ହେବାର ଆଶା ରଖିଛନ୍ତି । ୧୯୮୫ ପରେ କଂଗ୍ରେସ ଏଠାରେ ଲଗାତର ଭାବେ ପରାଜିତ ହୋଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ବହୁ ତୁଙ୍ଗ ନେତା କଂଗ୍ରେସ ଦଳ ଛାଡିବାରୁ ଦୁର୍ବଳ ଅବସ୍ଥାରେ ପହଞ୍ଚିଥିଲା। କିନ୍ତୁ ଗତ ପ୍ରାୟ ୧ବର୍ଷ ହେବ କଂଗ୍ରେସ ଦଳକୁ ସଜାଡିବାକୁ ନେତୃବର୍ଗ ଅଣ୍ଟା ଭିଡିଛନ୍ତି। ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡା ବିଭିନ୍ନ ଗ୍ରାମ ବୁଲି କଂଗ୍ରେସ କର୍ମୀଙ୍କୁ ଏକାଠି କରିବାରେ ଲାଗିଛନ୍ତି । ଏବେ ଟିକେଟ ଦୌଡରେ ସେ ସର୍ବାଗ୍ରେ ରହିଛନ୍ତି। ଯଦି ଟିକେଟ ନ ମିଳେ ତେବେ ବି କଂଗ୍ରେସ ସହିତ ରହିବେ ବୋଲି ସେ କହିଛନ୍ତି । ପୂର୍ବତନ ଜିଲା ପରିଷଦ ସଭ୍ୟ ହରେକୃଷ୍ଣ ସାହୁ, ମନୋଜ ଜେନା, ବିଦ୍ୟାଧର ମହାନ୍ତି ମଧ୍ୟ କଂଗ୍ରେସ ଟିକେଟ ଲବିରେ ରହିଛନ୍ତି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଆକାଶ ଦାସନାୟକ | ୭୩,୯୬୬ |
| କଂଗ୍ରେସ | ବିଶ୍ୱଜିତ ନାୟକ | ୩୧,୦୯୯ |
| ଭାଜପା | ସଞ୍ଚିତା ମହାନ୍ତି | ୧୫,୭୬୧ |

**୨୦୦୯ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରୀତିରଞ୍ଜନ ଘଡେଇ | ୬୧,୪୪୮ |
| କଂଗ୍ରେସ | ହେମଲତା ଖୁଣ୍ଟିଆ | ୩୬,୩୩୬ |




**୨୦୦୯: ମୋଟ ଭୋଟର ସଂଖ୍ୟା** ୧,୭୪,୮୧୨
**ପୁରୁଷ ଭୋଟର** ୯୩,୧୯୯ **ମହିଳା ଭୋଟର** ୮୧,୭୧୩
**୨୦୧୪: ମୋଟ ଭୋଟର ସଂଖ୍ୟା** ୧,୮୯,୭୨୪
**ପୁରୁଷ ଭୋଟର** ୯୯,୮୪୪ **ମହିଳା ଭୋଟର** ୮୯,୮୪୯
**ଅନ୍ୟାନ୍ୟ:** ୩୧


ଆକାଶ ଦାସନାୟକ


ପୀୟୂଷ ପାଣି


ବନ୍ଦିତା ପରିଡା


ସଞ୍ଚିତା ମହାନ୍ତି


ଆଲେକଜାଣ୍ଡର ଦାସ


ଲଲାଟେନ୍ଦୁ ମହାପାତ୍ର


ପ୍ରଶାନ୍ତ ମୁଦୁଲି


ରଘୁନନ୍ଦନ ଦାସ


ସାରଦା ଜେନା

# ନିର୍ଣ୍ଣାୟକ ହେବ କଂଗ୍ରେସର ପ୍ରାର୍ଥୀ ଚୟନ

**ପ୍ରମୋଦ କୁମାର ନାୟକ**
ଜଗତ୍‌ସିଂହପୁର ଅଫିସ,୧୦।୩

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀଙ୍କୁ ନେଇ ଏବେ ସାରା ଜଗତସିଂହପୁର ଜିଲାରେ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରୁ କିଏ କଂଗ୍ରେସ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର। କାରଣ ବିଗତ ନିର୍ବାଚନଗୁଡ଼ିକୁ ଅନୁଶୀଳନ କଲେ ଜଣାଯାଏ ଯେ କଂଗ୍ରେସ ଗୋଷ୍ଠୀ କନ୍ଦଳ ବିଜେଡିକୁ ସୁହାଇଛି। ଅନ୍ୟପକ୍ଷରେ ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଜଗତ୍‌ସିଂହପୁର ଜିଲା ରାଜନୀତିରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କ୍ଷମତା ବୃଦ୍ଧି ପାଇଛି। ସେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଛନ୍ତି। ତେଣୁ ମୁଦୁଲିଙ୍କୁ ଟକ୍କର ଦେବାକୁ କଂଗ୍ରେସ ଓ ଭାଜପା ଉପଯୁକ୍ତ ପ୍ରାର୍ଥୀ ଦେଉଛନ୍ତି ନା ବିଗତ ନିର୍ବାଚନଗୁଡ଼ିକ ପରି କୋହଳ ନୀତି ଆପଣାଉଛନ୍ତି, ତାହା ଦେଖିବାକୁ ରହିଲା।

ଭାଜପାରୁ ଏକମାତ୍ର ରଘୁନନ୍ଦନ ଦାସ ଆଶାୟୀ ଥିବା କୁହାଯାଉଛି। ସେ ୧୯୮୪ରେ ଜନତା ପାର୍ଟିରୁ ବାଲିକୁଦା ବ୍ଲକ ଅଧ୍ୟକ୍ଷ, ୧୯୯୨ରେ ବାଲିକୁଦା ପଞ୍ଚାୟତରୁ ସମିତି ସଭ୍ୟ ଓ ୧୯୯୩ରେ କାର୍ଡ ବ୍ୟାଙ୍କ ସଭାପତି ପାଇଁ ଲଢେଇ କରିଥିଲେ। ୨୦୦୦ରୁ ୨୦୧୨ ପର୍ଯ୍ୟନ୍ତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। ୨୦୦୦ରେ ସେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ତାଙ୍କୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇ ପାଖାପାଖି ୪୦ ହଜାର ଭୋଟପାଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେଲା। ସେତେବେଳେ ଦଳ ତାଙ୍କୁ ପୁନର୍ବାର ଅଣଦେଖା କରି ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ କଲା। ଉକ୍ତ ନିର୍ବାଚନରେ ସେ ମୁଦୁଲିଙ୍କୁ ସମର୍ଥନ କରି ଜିତାଇବାରେ ସହଯୋଗ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ପୂର୍ବପରି ଅଣଦେଖା କରିବାରୁ ୨୦୧୪ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ୨୦୧୪ ଅକ୍ଟୋବରରେ ବିଧିବଦ୍ଧ ଭାବେ ଭାଜପାରେ ମିଶି ଏବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ତେଣୁ ଆସନ୍ତା ନିର୍ବାଚନରେ ସେ ଭାଜପାରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। କିନ୍ତୁ ସେପଟେ ଦାମ ଭାଜପାରେ ମିଶିବା ନେଇ ଚର୍ଚ୍ଚା ହେଉଛି। ଯଦି ଦାମ ଭାଜପାରେ ମିଶନ୍ତି, ତେବେ ଦଳ ତାଙ୍କୁ ପାରାଦୀପ କିମ୍ବା ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ।

ବିଜେଡିରୁ ବିଧାୟକ ପ୍ରଶାନ୍ତ ମୁଦୁଲି ପୁଣିଥରେ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି। ସେ ୧୯୯୨ରେ ସରପଞ୍ଚ ପ୍ରାର୍ଥୀ ହୋଇ ହାରିଥିଲେ ସୁଦ୍ଧା ୧୯୯୭ରେ ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ପରେ ରଘୁନନ୍ଦନଙ୍କ ସହଯୋଗରେ ଆଗକୁ ବଢିଥିଲେ। ୨୦୦୨ରେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ୨୦୦୭ରେ ଜିଲା ପରିଷଦ ସଭ୍ୟ ହୋଇଥିଲେ। ୨୦୦୯ ସାଧାରଣ ନିର୍ବାଚନରେ ରଘୁନନ୍ଦନଙ୍କୁ ପଛରେ ପକାଇ ସେ ବିଧାୟକ ପ୍ରାର୍ଥୀ ହୋଇ ଜିତିଥିଲେ। ପ୍ରଶାନ୍ତଙ୍କ କହିବା କଥା ହେଲା ତାଙ୍କ ସମୟରେ ଏହି ନିର୍ବାଚନମଣ୍ଡଳୀରେ ଅନେକ ଉନ୍ନତି ହୋଇଛି। ପାନୀୟଜଳ ପ୍ରମୁଖ ସମସ୍ୟା ହୋଇଥିବାବେଳେ ଏବେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି। ତେଣୁ ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ସେ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ହେବାକୁ ଏକାଧିକ ଆଶାୟୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର(ଜିତୁ), ସାରଦା ଜେନା ଓ ଶିବବ୍ରତ ଦାଶ। ଲଲାଟେନ୍ଦୁ ୧୯୯୧ରେ ପିସିସି ସଭ୍ୟ ଓ ୧୯୯୫ରେ ବିଧାୟକ ହେବାର ଗୌରବ ହାସଲ କରିଥିଲେ। ୨୦୦୪ରୁ ୨୦୧୮ ପର୍ଯ୍ୟନ୍ତ ପିସିସି ମୁଖପାତ୍ର ଏବଂ ଏବେ ଏଆଇସିସି ସଭ୍ୟ ଅଛନ୍ତି। ସେ କହିଛନ୍ତି ଯେ, ଲୋକଙ୍କ ସୁଖଦୁଃଖରେ ସେ ସବୁବେଳେ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ଦଳ ଏଠାରେ ଭଲ ପ୍ରଦର୍ଶନ କରିଥିଲା। ଆଗାମୀ ନିର୍ବାଚନରେ ସେ ପ୍ରାର୍ଥୀ ହେଲେ ଜିତିବେ ବୋଲି ଆଶା ରଖିଛନ୍ତି। ସେହିପରି ସାରଦା ୧୯୯୪ରେ ଏରସମା ବ୍ଲକ ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୧୯୯୭ରେ ଏକକାଳୀନ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୩ ସଭ୍ୟ ଓ ଭିତର ଅନ୍ଧାରୀ ସମିତି ସଭ୍ୟ ଭାବେ ଜିତିଥିଲେ। ୧୯୯୮ରେ ଜିଲା ଯୁବ କଂଗ୍ରେସ ସଭାପତି ହୋଇଥିଲେ। ୨୦୦୨ ଓ ୨୦୦୭ରେ ସେ କ୍ରମାଗତ ଭାବେ ଏରସମା ଜିଲା ପରିଷଦ ଜୋନ ସଂଖ୍ୟା ୧ ଓ ୩ ରୁ ଜିତିଥିଲେ। ୨୦୧୨ରେ ଜୋନ୍ ସଂଖ୍ୟା ୪ରୁ ମଧ୍ୟ ବିଜୟୀ ହୋଇଥିଲେ। ୨୦୧୪ରେ ପ୍ରଥମ ଥର ପାଇଁ ଏହି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇ ଭଲ ଭୋଟ ପାଇଥିଲେ। ଜମିହରାଙ୍କ ପାଇଁ ଆନ୍ଦୋଳନ କରି ସେ ଜେଲ ଯାଇଥିଲେ। ତେଣୁ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ଆଶାବାଦୀ ଥିବା କହିଛନ୍ତି। ଶିବବ୍ରତ ଓକିଲାତି ଛାଡି ୨୦୦୨ରେ ଅଢଙ୍ଗା ପଞ୍ଚାୟତ ସମିତି ସଭ୍ୟ ହୋଇଥିଲେ। ୨୦୧୨ରେ ବାଲିକୁଦା ଜିଲା ପରିଷଦ ଜୋନ୍ ସଂଖ୍ୟା ୨ରୁ ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୧୭ରେ ବାଲିକୁଦା ଜୋନ ସଂଖ୍ୟା ୩ରୁ ପ୍ରାର୍ଥୀ ହୋଇଥିଲେ। ପୂର୍ବରୁ ସେ ଜିଲା ସାଧାରଣ ସମ୍ପାଦକ ଓ ଏବେ ଜିଲା କାର୍ଯ୍ୟକାରୀ ସଭାପତି ଅଛନ୍ତି।




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ପ୍ରଶାନ୍ତ କୁମାର ମୁଦୁଲି | ୬୯,୩୩୫ |
| କଂଗ୍ରେସ | ଲଲାଟେନ୍ଦୁ ମହାପାତ୍ର | ୩୯,୯୮୧ |
| ସ୍ୱାଧୀନ | ରଘୁନନ୍ଦନ ଦାସ | ୩୨,୧୩୫ |
| ସ୍ୱାଧୀନ | ସାରଦା ଜେନା | ୨୩,୯୪୮ |

**୨୦୧୯ ଭୋଟର ତାଲିକା ଅନୁଯାୟୀ ମତଦାତାଙ୍କ ସଂଖ୍ୟା -୨,୫୦,୮୪୩**

# ଗୋଷ୍ଠୀ ବିବାଦ
## ସବୁ ଦଳ ପାଇଁ ଚିନ୍ତା

**ଶୁଭାଶିଷ ପାଢ଼ୀ**
ସମ୍ବଲପୁର,୧୦।୩(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା ହୋଇଛି। ରାଜ୍ୟରେ ଏକା ସଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରାଜନୈତିକ ବାତାବରଣ ସରଗରମ ରହିଛି। ବିଶେଷ କରି ତିନି ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡିରୁ ଟିକେଟ୍ ପାଇବା ପାଇଁ ଆଶାୟୀମାନେ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏକଦା ସମ୍ବଲପୁର ବିଧାନସଭା କ୍ଷେତ୍ର କଂଗ୍ରେସର ଗଡ଼ ଥିଲା। ୨୦୦୦ ଓ ୨୦୦୪ ନିର୍ବାଚନରେ ଏଠାରୁ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଜୟୀ ହୋଇଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ଭାଜପା ଟିକେଟରେ ଜୟନାରାୟଣ ପୁଣି ବିଧାୟକ ହୋଇଥିଲେ। ହେଲେ ୨୦୧୪ରେ ବିଜେଡି ଏଠାରେ ନୂଆ ଚେହେରା ଭାବେ ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରି ସଫଳତା ପାଇଥିଲା। ତେଣୁ ୨୦୧୯ରେ ଏଠାରେ ମୁଖ୍ୟତଃ ତିନି ପ୍ରମୁଖ ଦଳ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଆକଳନ କରାଯାଉଛି। ହେଲେ ତିନିଦଳରେ ଗୋଷ୍ଠୀ ବିବାଦ ଲାଗି ରହିଛି, ଯାହା ସବୁ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୪ ନିର୍ବାଚନରେ ବିଧାୟିକା ପାଣିଗ୍ରାହୀଙ୍କ ବଡ଼ଭାଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀବଲ୍ଲଭ ପାଣିଗ୍ରାହୀଙ୍କ ସମର୍ଥନ, ସହଯୋଗ ତାଙ୍କୁ ସୁହାଇଥିଲା। ସଂଖ୍ୟାଲଘୁ ଭୋଟରଙ୍କ ସମର୍ଥନ ମଧ୍ୟ ରାସେଶ୍ୱରୀଙ୍କୁ ମିଳିଥିଲା। ହେଲେ ଇତିମଧ୍ୟରେ ଶ୍ରୀବଲ୍ଲଭଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କ ସହଯୋଗ ଆଉ ବିଧାୟିକାଙ୍କୁ ମିଳିବ ନାହିଁ। ସେହିପରି ସଂଖ୍ୟାଲଘୁ ଭୋଟ ମଧ୍ୟ ବିଭାଜନ ହେବାର ଆଶଙ୍କା ଉପୁଜିଛି। ପୂର୍ବତନ ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଓ ତାଙ୍କ ସମର୍ଥକ ବିଧାୟିକାଙ୍କୁ ବିରୋଧ କରୁଛନ୍ତି। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟବ୍ରତ ଦେ ବିଧାୟିକାଙ୍କୁ ବିରୋଧ କରି ତାଙ୍କ ଅପାରଗତା ଓ ଦୁର୍ନୀତିକୁ ନେଇ ବାରମ୍ବାର ବିଭିନ୍ନ ସ୍ଥାନରେ ବୈଠକ, ରାଲି ଆୟୋଜନ କରୁଛନ୍ତି। ଦଳବିରୋଧୀ କାର୍ଯ୍ୟ ପାଇଁ ଗତ ଶନିବାର ତାଙ୍କୁ ବହିଷ୍କାର କରାଯାଇଛି। ଏଣୁ ଜୟବ୍ରତ ମଧ୍ୟ ନିର୍ବାଚନରେ ବିଧାୟିକାଙ୍କୁ ତୀବ୍ର ବିରୋଧ କରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ବିଧାୟିକା ପାଣିଗ୍ରାହୀଙ୍କ ସମେତ ବିଜେଡି ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର, ଯୁବନେତା ସଞ୍ଜିତ ମହାନ୍ତି ମଧ୍ୟ ସମ୍ବଲପୁର ବିଧାନସଭା ଆସନରୁ ଟିକେଟ ଦାବିଦାର ରହିଛନ୍ତି। ପୁଣି ଜଣେ ନୂଆ ମୁହଁ ତଥା ମହିଳାଙ୍କୁ ସମ୍ବଲପୁରରେ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ଟିକେଟ ଆଶାୟୀ ନେତାମାନେ ଏବେ ଭୁବନେଶ୍ୱରରେ ଡେରା ପକାଇଛନ୍ତି।

ଭାଜପାରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର ଓ ଦଳର ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀଙ୍କ ମଧ୍ୟରେ ବିବାଦ କାହାକୁ ଅଛପା ନାହିଁ। ଗତ ନିର୍ବାଚନରେ ଗୋଷ୍ଠୀ ବିବାଦ ଜୟନାରାୟଣଙ୍କ ପରାଜୟର ପ୍ରମୁଖ କାରଣ ବୋଲି ତାଙ୍କ ସମର୍ଥକ ସ୍ୱୀକାର କରିଛନ୍ତି। ତେଣୁ ଉଭୟ ମିଶି କାମ କରିବାକୁ ଉପରୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ରହିଥିବା ମନାନ୍ତର ବିଭିନ୍ନ ସଭାସମିତିରେ ସ୍ପଷ୍ଟ ବାରି ହୋଇପଡୁଛି। ତେବେ ସମ୍ବଲପୁର ଆସନରୁ ଜୟନାରାୟଣ ଭାଜପାର ପ୍ରମୁଖ ଟିକେଟ ଦାବିଦାର ହୋଇଥିବାବେଳେ ଯଦି କୌଣସି କାରଣରୁ ସେ ନିର୍ବାଚନରୁ ଦୂରେଇ ରୁହନ୍ତି ତେବେ ତାଙ୍କ ସମର୍ଥକଙ୍କୁ ହିଁ ଟିକେଟ ମିଳିବ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ ଭିମ୍‌ସାର ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଭାଜପାରେ ଯୋଗଦେଇ ସମ୍ବଲପୁର ବିଧାନସଭା କ୍ଷେତ୍ରରୁ ଟିକେଟ ଆଶାୟୀ ଭାବେ ଉଭା ହୋଇଥିଲେ। ହେଲେ ଦଳର ଜଣେ ବରିଷ୍ଠ ନେତାଙ୍କ ବିରୋଧ ଯୋଗୁ ସେ ଏହି ଦୌଡ଼ରୁ ଓହରିଯାଇଥିବା କୁହାଯାଉଛି। କଂଗ୍ରେସ ପକ୍ଷରୁ ସମ୍ବଲପୁର ପାଇଁ ୭ ଜଣ ଆଶାୟୀ ସ୍କ୍ରିନିଂ କମିଟି ନିକଟରେ ଆବେଦନ କରିଥିଲେ। ହେଲେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ଯୁବନେତା ଦୁଲାଳ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ସୁଧୀର ପଣ୍ଡା ପ୍ରମୁଖ ଦାବିଦାର ହୋଲି କୁହାଯାଉଛି। ପ୍ରତ୍ୟେକ ଦଳରେ ଏକାଧିକ ଟିକେଟ ଆଶାୟୀ ଓ ଗୋଷ୍ଠୀ ବିବାଦ ସମ୍ପୃକ୍ତ ଦଳକୁ ଅଡୁଆରେ ପକାଇବା ସମ୍ଭାବନା ରହିଛି।

ବିଧାୟିକା ତଥା ବିଜେଡି ନେତ୍ରୀ ରାସେଶ୍ୱରୀ ପାଣିଗ୍ରାହୀ କୁହନ୍ତି, ବିଜେଡି ସରକାର ସମୟରେ ସମ୍ବଲପୁରରେ ଅନେକ ବିକାଶମୂଳକ କାମ ହୋଇଛି। ବିକାଶ ପାଇଁ ଭୋଟର ତାଙ୍କୁ ସମର୍ଥନ କରିବେ। ବ୍ୟକ୍ତିଗତ ଭାବେ ଲୋକଙ୍କ ସହ ଭଲ ସମ୍ପର୍କ ରହିଛି। ଟିକେଟ ପ୍ରଦାନ ନେଇ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ। ଅନ୍ୟତମ ବିଜେଡି ଟିକେଟ ଆଶାୟୀ ତଥା ଦଳର ରାଜ୍ୟ ସମ୍ପାଦିକା ଚନ୍ଦ୍ରଲେଖା ବହିଦାର କୁହନ୍ତି, ବିଜେଡିରେ ଅଛି। ବିଭିନ୍ନ ସାମାଜିକ କାମରେ ନିଜକୁ ନିୟୋଜିତ କରିଛି। ଲୋକଙ୍କ ସହ ସମ୍ପର୍କ ଭଲ ରହିଛି। ତେଣୁ ନିର୍ବାଚନ ଲଢ଼ିବା ପାଇଁ ଆଶା ରଖିଛି। ଦଳ ସଭାପତି ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ବୋଲି ବହିଦାର କହିଛନ୍ତି।

ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର କୁହନ୍ତି, ଦଳର ସଂଗଠନ ଏଠାରେ ବହୁ ପୁରୁଣା। ଦଳ ସଂଗଠିତ ହୋଇ ରହିଛି। କେଉଁ ପ୍ରାର୍ଥୀ କିମ୍ବା ଦଳକୁ ଲୋକେ ଭୋଟ ଦେବେ ତାହା ସେମାନେ ନିଷ୍ପତ୍ତି ନେବେ। ଯେଉଁ ନେତା ଲୋକଙ୍କ ଆସ୍ଥାଭାଜନ ହୋଇପାରିବେ ସେ ବିଜୟୀ ହେବେ ବୋଲି ମିଶ୍ର କହିଛନ୍ତି। ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଅଶ୍ୱିନୀ ଗୁରୁ କୁହନ୍ତି, ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଦୂର ହୋଇନାହିଁ। ଏ ସମ୍ପର୍କରେ ଦଳ ଲୋକଙ୍କୁ ସଚେତନ କରିବ। ପୂର୍ବ ଅପେକ୍ଷା ଦଳର ସ୍ଥିତିରେ ଯଥେଷ୍ଟ ସୁଧାର ଆସିଛି। ଟିକେଟ ଯାହାକୁ ମିଳିଲେ ମଧ୍ୟ ଦଳ ଏକଜୁଟ ହୋଇ କାମ କରିବ। ବିଜେଡି ବିଧାୟିକା ପାଣିଗ୍ରାହୀଙ୍କ କହିବାନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏଠାରେ ଅନେକ ବିକାଶମୂଳକ କାମ ହୋଇଛି। ହେଲେ ଏବେ ବି ଅନେକ ମୌଳିକ ସମସ୍ୟା ସମାଧାନ ହୋଇପାରି ନାହିଁ। ସବୁ ଲୋକଙ୍କ ପାଖରେ ବିଜୁଳି, ପାଣି, ରାସ୍ତାଘାଟ ପହଞ୍ଚି ପାରିନାହିଁ ବୋଲି ବିରୋଧୀ କହୁଛନ୍ତି। ହାଇକୋର୍ଟ ସ୍ଥାୟୀ ବେଞ୍ଚ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ଭିମ୍‌ସାରରେ ଅଚଳାବସ୍ଥା ସହ ଡାକ୍ତର ଅଭାବ, ଡ୍ରେନେଜ ନିର୍ମାଣ ପ୍ରସଙ୍ଗକୁ ବିରୋଧୀ ଏଠାରେ ଅସ୍ତ୍ର କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରାସେଶ୍ୱରୀ ପାଣିଗ୍ରାହୀ | ୪୮,୩୬୨ |
| ଭାଜପା | ଜୟନାରାୟଣ ମିଶ୍ର | ୩୮,୪୦୪ |
| କଂଗ୍ରେସ | ସୁରେଶ୍ୱର ମିଶ୍ର | ୧୯,୦୨୦ |

**ମୋଟ ଭୋଟର ସଂଖ୍ୟା** ୧,୯୮,୫୫୫
**ପୁରୁଷ ଭୋଟର** ୧୦୦,୯୮୬
**ମହିଳା ଭୋଟର** ୯୭,୫୨୬
**ଅନ୍ୟାନ୍ୟ** ୪୩



ରାସେଶ୍ୱରୀ ପାଣିଗ୍ରାହୀ


ଜୟନାରାୟଣ ମିଶ୍ର


ଚନ୍ଦ୍ରଲେଖା ବହିଦାର


ଅଶ୍ୱିନୀ କୁମାର ଗୁରୁ

# ଗ୍ରହାଣୁରୁ ମୃତ୍ତିକା ସଂଗ୍ରହ



ଇଂ ମାୟାଧର ସ୍ୱାଇଁ





"ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା ।"

ଆମ ସୌରଜଗତର ମଙ୍ଗଳ ଓ ବୃହସ୍ପତି କକ୍ଷର ମଧ୍ୟସ୍ଥଳରେ ଅନେକ ଛୋଟ ଛୋଟ ମହାକାଶ ପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛି । ଏଗୁଡିକର ସଂଖ୍ୟା ପ୍ରାୟ ଦଶଲକ୍ଷ ହେବ । ପ୍ରତ୍ୟେକ ପିଣ୍ଡକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ ଏବଂ ମିଳିତ ଭାବେ ଏଗୁଡିକୁ ଗ୍ରହାଣୁପୁଞ୍ଜ କୁହାଯାଏ। ସବୁଠାରୁ ବଡ଼ ଗ୍ରହାଣୁର ବ୍ୟାସ ୮୦୦ କି.ମି. ହୋଇଥିବା ବେଳେ କ୍ଷୁଦ୍ରତମ ଗ୍ରହାଣୁର ବ୍ୟାସ ଅଧ କି.ମି.ରୁ ମଧ୍ୟ କମ୍ ।

ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ଆମ ପୃଥିବୀ ଓ ଗ୍ରହାଣୁପୁଞ୍ଜ ୪୫୦ କୋଟି ବର୍ଷ ପୂର୍ବେ ଏକ ସଙ୍ଗେ ସମାନ ବସ୍ତୁରୁ ସୃଷ୍ଟି ହୋଇଛି। ଗ୍ରହାଣୁଗୁଡିକରେ ଥିବା ମୃତ୍ତିକା ଓ ପଥରଗୁଡିକ ସୃଷ୍ଟି ସମୟରେ ଯେପରି ଥିଲା, ଏବେ ମଧ୍ୟ ସେହିପରି ଅଛି । ଏଣୁ ସେଗୁଡିକୁ ଅଧ୍ୟୟନ କଲେ ପୃଥିବୀର ଆଦିମ ଅବସ୍ଥା କିପରି ଥିଲା ଏବଂ କେଉଁ ପରିସ୍ଥିତିରେ ଏଥିରେ ଜୀବଜଗତର ଉଦ୍ଭବ ହେଲା, ତାହା ଜାଣିବା ପାଇଁ ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏଥିପାଇଁ ଗ୍ରହାଣୁ ପୃଷ୍ଠକୁ ଯାନ ପଠାଇ ସେଠାରୁ ମୃତ୍ତିକା ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଉଛି ।

ଯୁକ୍ତରାଷ୍ଟ୍ର ଆମେରିକାର 'ନାସା' ଏବଂ ୟୁରୋପୀୟ ମହାକାଶ ସଂସ୍ଥା ଗ୍ରହାଣୁ ନିକଟକୁ କେତୋଟି ଯାନ ପଠାଇ ଚିତ୍ର ଓ ତଥ୍ୟ ସଂଗ୍ରହ କରିଛି । ଜାପାନ 'ଗ୍ରହାଣୁ ୨୫୧୪୩ ଇତୋକାୱା' ଅଭିମୁଖେ ହୟାବୁସା ଯାନକୁ ୨୦୦୩ ମେ ୯ ତାରିଖରେ ପଠାଇଥିଲା । ଏହା ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ମୃତ୍ତିକା ସଂଗ୍ରହ କରିଥିଲା ଏବଂ ମୃତ୍ତିକା ନେଇ ପୃଥିବୀକୁ ୨୦୧୦ ଜୁନ ୧୩ ତାରିଖରେ ଫେରି ଆସିଥିଲା । ଜାପାନ ୨୦୧୪ ଡିସେମ୍ବର ୩ ତାରିଖରେ ଅନ୍ୟ ଗୋଟିଏ 'ଗ୍ରହାଣୁ ୧୬୨୧୭୩ ର୍ୟୁଗୁ' ପାଖକୁ ମହାକାଶ ଯାନ ପଠାଇଛି । ଗ୍ରହାଣୁଟି ହେଉଛି ଛୋଟ ଓ ଏହାର ବ୍ୟାସ ପ୍ରାୟ ଏକ କି.ମି. । ଏହାକୁ ୧୯୯୯ ମେ ୧୦ ତାରିଖରେ ଆବିଷ୍କାର କରାଯାଇଥିଲା। ଏହା ସୂର୍ଯ୍ୟଠାରୁ ୦.୯୬ରୁ ୧.୪୧ ଜ୍ୟୋତିର୍ବିଦୀୟ ଏକକ (ଏୟୁ) ଦୂରତା ରହି ସୂର୍ଯ୍ୟକୁ ପ୍ରତି ୧୬ ମାସରେ ଥରେ ପ୍ରଦକ୍ଷିଣ କରୁଛି । ଜାପାନ ଏହା ନିକଟକୁ ପଠାଇଥିବା ଯାନର ନାମ ହୟାବୁସା-୨। ହୟାବୁସା-୨ ୨୦୧୮ ଜୁନ ୧୭ ତାରିଖରେ ର୍ୟୁଗୁ ପାଖରେ ପହଞ୍ଚି ଏହାକୁ ପରିକ୍ରମା କରୁଛି । ଏହା ପଠାଇଥିବା ଚିତ୍ରକୁ ବିଶ୍ଳେଷଣ କରି ବୈଜ୍ଞାନିକମାନେ ଜାଣି ପାରିଛନ୍ତି ଯେ ନିକେଲ, ଲୁହା, କୋବାଲଟ, ଜଳ, ଯବକ୍ଷାରଜାନ, ଉଦ୍‌ଜାନ ଓ ଆମୋନିଆକୁ ନେଇ ଗ୍ରହାଣୁ ଗଠିତ। ମହାକାଶ ଅଭିଯାନରେ ଯାଇ ଏଠାରୁ ଖଣିଜ ଉତ୍ତୋଳନ କରିବା ଲାଭଜନକ ହେବ ବୋଲି ବୈଜ୍ଞାନିକମାନେ କଳନା କରିଛନ୍ତି । ହୟାବୁସା-୨ ଅଭିଯାନରେ ଚାରିଟି ରୋଭର୍ ଅଛି । ଏଥି ମଧ୍ୟରୁ ପ୍ରଥମ ଦୁଇଟି ରୋଭରକୁ ୨୦୧୮ ସେପ୍ଟେମ୍ବର ୨୧ ତାରିଖରେ ଗ୍ରହାଣୁ ପୃଷ୍ଠରେ ଅବତରଣ କରିଥିଲା। ତୃତୀୟ ଓ ଚତୁର୍ଥ ରୋଭର ଯଥାକ୍ରମେ ୨୦୧୮ ଅକ୍ଟୋବର ୩ ତାରିଖ ଓ ୨୦୧୮ ଅକ୍ଟୋବର ୧୩ ତାରିଖରେ ଅବତରଣ କରି ତଥ୍ୟ ସଂଗ୍ରହ କରୁଛି । ମୁଖ୍ୟ ହୟାବୁସା-୨ ଯାନ ୨୦୧୯ ଫେବୃୟାରୀ ୨୨ ତାରିଖରେ ଅଳ୍ପ ସମୟ ପାଇଁ ଗ୍ରହାଣୁ ପୃଷ୍ଠରେ ଅବତରଣ କରି ଏହାର ପୃଷ୍ଠକୁ ଗୋଟିଏ ବୁଲେଟ ମାଡ଼ କରିଥିଲା । ଏହା ଫଳରେ ଗ୍ରହାଣୁ ପୃଷ୍ଠରୁ ଧୂଳି ଓ ମାଟି ଉପରକୁ ଉଠିବା ପରେ ଯାନ ଏସବୁକୁ ସଂଗ୍ରହ କରିଛି । ଏହି ପ୍ରକ୍ରିୟାରେ ଆଉ ଦୁଇ ଥର ମୃତ୍ତିକା ସଂଗ୍ରହ କରି ଯାନଟି ୨୦୨୦ ଡିସେମ୍ବରରେ ଭୂପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିବ। ହୟାବୁସା-୨ ଯାନର ଓଜନ ୬୦୯ କି.ଗ୍ରା ଏବଂ ସୌର ଫଳକ ସାହାଯ୍ୟରେ ଏହା ପ୍ରାୟ ୨.୫ କିଲୋୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛି । ଏଥିରେ ଚାରିଟି ଆୟନ ଇଞ୍ଜିନ ଅଛି । ଏହି ଇଞ୍ଜିନର ବିଶେଷତ୍ୱ ହେଉଛି ଯେ ଏହା ମାଇକ୍ରୋୱେଭ୍ ବ୍ୟବହାର କରି ଜେନନ୍‌କୁ ପ୍ଲାଜମା ବା ଆୟନ୍‌ରେ ପରିଣତ କରିଥାଏ । ସୌର ଫଳକରୁ ଉତ୍ପାଦିତ ବିଦ୍ୟୁତ୍ ସାହାଯ୍ୟରେ ଭୋଲଟେଜ୍ ପ୍ରୟୋଗ କରି ଆୟନ୍‌ଗୁଡିକୁ ତ୍ୱରିତ କରାଯାଏ, ଯାହା ଇଞ୍ଜିନ୍‌ର ପଛ ପଟେ ପ୍ରବଳ ବେଗରେ ବାହାରି ଯାଇଥାଏ । ନିଉଟନଙ୍କ ତୃତୀୟ ଗତିଜ ନିୟମ ଅନୁଯାୟୀ ଯାନଟି ଆଗକୁ ଯାଇଥାଏ । ଅନ୍ୟ ଇଞ୍ଜିନ ଭଳି ଏଥିରେ କଠିନ କିମ୍ବା ତରଳ ଇନ୍ଧନ ବ୍ୟବହାର କରାଯାଉ ନ ଥିବାରୁ ଏହାର ଦକ୍ଷତା ଅଧିକ ହୋଇଥାଏ । ହୟାବୁସା-୨ ଗ୍ରହାଣୁ ପୃଷ୍ଠରୁ ଦୁଇଥର ମୃତ୍ତିକା ନମୁନା ସଂଗ୍ରହ କରିବ ଏବଂ ଶେଷ ନମୁନା ଏହା ପୃଷ୍ଠର ବହୁତ ଗଭୀରରୁ ସଂଗ୍ରହ କରିବ । ଶେଷ ନମୁନା ୨୦୧୯ ଏପ୍ରିଲରେ ସଂଗୃହୀତ ହେବ । ବୈଜ୍ଞାନିକମାନେ ଆଶା କରୁଛନ୍ତି ଯେ ସେମାନେ ଏହି ମୃତ୍ତିକାକୁ ବିଶ୍ଳେଷଣ କରି ସୌରଜଗତର ଗଠନ ସମ୍ବନ୍ଧରେ କିଛି ତଥ୍ୟ ପାଇପାରିବେ ଏବଂ ଗ୍ରହାଣୁରୁ ଖଣିଜ ଉତ୍ତୋଳନ ପ୍ରସ୍ତାବ ଏହାଦ୍ୱାରା ଗ୍ରହଣୀୟ ହୋଇପାରିବ ।

*-୭୦, ଲକ୍ଷ୍ମୀବିହାର ଫେଜ୍-୧, ଭୁବନେଶ୍ୱର*
*ମୋ : ୯୪୩୮୬୯୩୭୨୪*

# ନିଆରା ଭୂତତ୍ତ୍ୱ ବିଜ୍ଞାନୀ ସତ୍ୟାନନ୍ଦ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଆମ ରାଜ୍ୟର ଅନନ୍ୟ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଭାବରେ ପରିଚିତ ସତ୍ୟାନନ୍ଦ ଆଚାର୍ଯ୍ୟ । ପ୍ରାକୃତିକ ଶୋଭାର ପସରା ଶିମିଳିପାଳର ସହର ବାରିପଦାରେ ତାଙ୍କର ଜନ୍ମ (୧୯୩୪ ମସିହା ଅକ୍ଟୋବର ୯)। ତାଙ୍କର ପିତା ତଥା ଓଡ଼ିଶାର ଅନ୍ୟତମ ବରପୁତ୍ର ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଏବଂ ମାତା ସୁଗୃହିଣୀ ଲକ୍ଷ୍ମୀପ୍ରିୟା ଦେବୀଙ୍କ ଆଦର୍ଶରେ ସେ ବେଶ୍ ପ୍ରଭାବିତ ହୋଇ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ଅନ୍ୟପକ୍ଷରେ ଜ୍ୟେଷ୍ଠଭ୍ରାତା ସ୍ୱନାମଧନ୍ୟ ଭୂଗୋଳ ପ୍ରଫେସର ବୃନ୍ଦାବନ ଆଚାର୍ଯ୍ୟଙ୍କ ପ୍ରଭାବ ମଧ୍ୟ କମ୍ ପଡି ନ ଥିଲା ତାଙ୍କ ଉପରେ ।

ସ୍ଥାନୀୟ ବାରିପଦା ଉଚ୍ଚବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ (୧୯୫୦) ଉତ୍ତୀର୍ଣ୍ଣ ହେଲାପରେ ୧୯୫୪ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସେ ସ୍ନାତକ ଏବଂ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୫୬ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଉପାଧି ହାସଲ କରିଥିଲେ। ସେହି ବର୍ଷକରେ ଅଧ୍ୟାପକ ରୂପେ ଯୋଗ ଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟରେ। ଏହାର କିଛି ବର୍ଷ ପରେ ଉଚ୍ଚତର ଶିକ୍ଷା ପାଇଁ ସେ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ପ୍ରୟୋଗିକ ଭୂତତ୍ତ୍ୱବିଜ୍ଞାନ ବିଭାଗରେ ଗବେଷଣା ଛାତ୍ର ରୂପେ ଯୋଗ ଦେଇ୧୯୬୪ରେ ସେଠାରୁ ଡକ୍ଟରେଟ୍ ଉପାଧି ପ୍ରାପ୍ତ ହେଲେ । ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ଓଡ଼ିଶାର ଦୈତାରି-ଟମ୍‌କା ଅଞ୍ଚଳର ଖଣିରେ ମିଳୁଥିବା ଲୌହ ଧାତୁପିଣ୍ଡ ଉପରେ ଅଧ୍ୟୟନ' ।

ସେଠାରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲା ପରେ ତାଙ୍କୁ ୧୯୬୫ରେ ପ୍ରାଧ୍ୟାପକ ଏବଂ ୧୯୬୮ରେ ପ୍ରଫେସର ପଦବୀକୁ ପଦୋନ୍ନତି ଦିଆଗଲା। ମାତ୍ର ୩୪ ବର୍ଷ ବୟସରେ ସେ ହୋଇପାରିଥିଲେ ରାଜ୍ୟର ସର୍ବକନିଷ୍ଠ ପ୍ରଫେସର। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ କାଳ ଧରି ସେ ବିଭାଗୀୟ ମୁଖ୍ୟ ହିସାବରେ ଭୂତତ୍ତ୍ୱବିଜ୍ଞାନ ବିଭାଗକୁ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଇଥିଲେ। ସତାବନ ବର୍ଷ ବୟସରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପଦ (୧୯୯୧)ମଣ୍ଡନ କଲେ। ନିଜର ସାଧୁତା ଓ ସରଳତା ଯୋଗୁଁ ସେ ଛାତ୍ରୀଛାତ୍ର, ଅଧ୍ୟାପକ-ଅଧ୍ୟାପିକା ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କର ଶ୍ରଦ୍ଧାଭାଜନ ହୋଇପାରିଥିଲେ।

ପ୍ରଫେସର ଆଚାର୍ଯ୍ୟ ୧୯୭୪ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ଜିଓଲୋଜିକ୍ ପ୍ରୋଗ୍ରାମିଂ ବୋର୍ଡର ସଦସ୍ୟ ଥିଲେ। ତାଙ୍କର କିଛି ସହଯୋଗୀମାନଙ୍କ ସହିତ ମିଶି ୧୯୮୦ ମସିହାରେ ସେ ଗଠନ କରିଥିଲେ ସୋସାଇଟି ଫର ଜିଓ-ସାଇଣ୍ଟିଷ୍ଟ୍‌ସ ଏଣ୍ଡ ଆଲାଏଡ ଟେକ୍ନୋଲୋଜିଷ୍ଟସ। ଦୀର୍ଘଦିନ ଧରି ଏହାର ସାଧାରଣ ସମ୍ପାଦକ ଓ ସଭାପତି ରୂପେ (୨୦୦୫ ମସିହା ପର୍ଯ୍ୟନ୍ତ) କାର୍ଯ୍ୟ ସମ୍ପାଦନ କରିଥିଲେ। ପୁଣେଠାରେ ୨୦୦୦ ମସିହାରେ ଅନୁଷ୍ଠିତ ଇଣ୍ଡିଆନ ସାଇନ୍ସ କଂଗ୍ରେସ ଆସୋସିଏଶନର ଅଧିବେଶନରେ ସେ ଆର୍ଥିକ ସିଷ୍ଟମ୍ ସାଇନ୍ସ ବିଭାଗର ସଭାପତି ଆସନ ଅଳଙ୍କୃତ କରିଥିଲେ। ପୁନଶ୍ଚ ସେଥିରେ ମାଇନିଂ ଇଞ୍ଜିନିୟର୍ସ ଆସୋସିଏଶନ, ଓଡ଼ିଶାର ପ୍ରଥମ ସଭାପତି ଏବଂ ଓଡ଼ିଶା ପରିବେଶ ସମିତିର ସଭାପତି ପଦ ମଣ୍ଡନ କରିଥିଲେ। ଇତିମଧ୍ୟରେ ସେ ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗର 'ଆପେକ୍ସ ଏକ୍ସପ୍ଲୋରେଶନ୍ ରିସର୍ଚ୍ଚ ଆଡଭାନ୍ସମେଣ୍ଟ କମିଟି', 'ଇଣ୍ଡିଆନ ମେଟାଲସ୍ ଏଣ୍ଡ ଫେରୋଆଲଏଜ୍ ଲିମିଟେଡ୍' ଏବଂ ଓଡ଼ିଶା 'ମାଇନିଂ କର୍ପୋରେଶନ ଲିମିଟେଡ'ର ନିର୍ଦ୍ଦେଶକ, ଧାନବାଦସ୍ଥିତ ଇଣ୍ଡିଆନ ସ୍କୁଲ୍ ଅଫ୍ ସାଇନ୍ସ ବିଶ୍ୱବିଦ୍ୟାଳୟର ଅନୁଦାନ କର୍ତ୍ତୃପକ୍ଷଙ୍କ ମନୋନୀତ ସଦସ୍ୟ, ଜିଓଲୋଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ, ମିନେରୋଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ ଏବଂ ମାଇନିଂ ଏଣ୍ଡ ମେଟାଲର୍ଜିକାଲ ସୋସାଇଟି ଅଫ୍ ଇଣ୍ଡିଆର କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଉରକେଲାସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ବୋର୍ଡ ଅଫ୍ ଗଭର୍ନର୍ସର ସଦସ୍ୟ ରୂପେ କାର୍ଯ୍ୟନିର୍ବାହ କରିଥିଲେ।

ଗବେଷଣା କ୍ଷେତ୍ରକୁ ତାଙ୍କର



ବିଶିଷ୍ଟ ବୈଜ୍ଞାନିକ
ପ୍ରଫେସର ସତ୍ୟାନନ୍ଦ ଆଚାର୍ଯ୍ୟ

ପ୍ରମୁଖ ଅବଦାନ ମଧ୍ୟରେ ରହିଛି ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ତାଙ୍କର ୬୭ଟି ଗବେଷଣାପତ୍ର ଏବଂ ବହୁ ଆଲୋଚନାଚକ୍ରରେ ପ୍ରଦତ୍ତ ଅଭିଭାଷଣ। ତାଙ୍କ ତତ୍ତ୍ୱାବଧାନରେ ୬ଜଣ ବରିଷ୍ଠ ଗବେଷକ ଡକ୍ଟରେଟ୍ ଉପାଧି ହାସଲ କରିଛନ୍ତି। ସେ ମଧ୍ୟ ଲୌହ ଧାତୁପିଣ୍ଡ ସମୃଦ୍ଧ ଯୋଡା-କୋଇରା ଉପତ୍ୟକାର ପୁଙ୍ଖାନୁପୁଙ୍ଖ ସର୍ବେକ୍ଷଣ କରି ତାହାର ଏକ ଭୂତାତ୍ତ୍ୱିକ ମାନଚିତ୍ର ପ୍ରସ୍ତୁତ କରିଛନ୍ତି।

ସାଉଥ୍ ଏସିଆନ୍ ଆସୋସିଏଶନ ଅଫ ଇକୋନୋମିକ୍ ଜିଓଲୋଜିଷ୍ଟ ପୁରସ୍କାର-୨୦୧୩, ଓଡ଼ିଶା ବିଜ୍ଞାନ ଓ ଏକାଡେମୀ ଦ୍ୱାରା ପ୍ରଦତ୍ତ ରାଜ୍ୟର ବରିଷ୍ଠ ବୈଜ୍ଞାନିକ ସମ୍ମାନ-୨୦୧୪, ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ ଆସୋସିଏଶନ ଦ୍ୱାରା ୨୦୦୦ ମସିହାରେ ପ୍ରଦତ୍ତ ସମଗ୍ର ଦେଶରେ ପ୍ରଥମ 'ଦ କନ୍‌ସେପ୍ଟ ଅଫ୍ ରିମେନାଣ୍ଟ ମାଗ୍ନେଟିଜିମ୍ ଫର୍ ଓର୍-ଜେନେଟିକ୍ ଷ୍ଟଡିଜ୍' ଲାଗି ପୁରସ୍କାର ଏବଂ ଖଡଗପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଡାଇମଣ୍ଡ ଜୁବିଲି ସମ୍ବର୍ଦ୍ଧନା-୨୦୧୧ ଆଦି ପୁରସ୍କାର ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ପ୍ରସ୍ଫୁଟିତ କରିଥିଲା।

ରାଜ୍ୟ ଏହି ଅନନ୍ୟ ଭୂତତ୍ତ୍ୱବିଜ୍ଞାନୀ ପ୍ରଫେସର ଆଚାର୍ଯ୍ୟ ବିଗତ ଫେବୃୟାରୀ ୨୨ ତାରିଖ (୨୦୧୯)ରେ ଇହଲୀଳା ସମ୍ବରଣ କରିଛନ୍ତି। ଫଳରେ ସାମଗ୍ରିକଭାବେ ଆମ ଦେଶ ଏବଂ ନିର୍ଦ୍ଦିଷ୍ଟ ଭାବେ ଆମ ରାଜ୍ୟର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସୃଷ୍ଟି ହୋଇଛି ଏକ ଅପୂରଣୀୟ ଶୂନ୍ୟସ୍ଥାନ। ତେବେ ଓଡ଼ିଶାକୁ ଖଣିଜସମ୍ପଦ ସମୃଦ୍ଧ କରିବା ଦିଗରେ ତାଙ୍କର ଅନନ୍ୟ ଭୂମିକା ଚିରସ୍ମରଣୀୟ ହୋଇ ରହିବ।

*-ଉଷା ନିବାସ, ୧୨୪/୨୪୪୫*
*ଖଣ୍ଡଗିରିବିହାର, ଭୁବନେଶ୍ୱର,*
*ମୋ-୯୯୩୭୯୮୫୭୬୭*

# ହାକୁଟିର ଘରୋଇ ଉପଚାର



କଥିତଅଛି ଯେ ହାକୁଟି ମାରିଲେ କେହି ନିକଟତର ଲୋକ ଆପଣଙ୍କୁ ମନେ ପକାଇଥାଆନ୍ତି। ହେଲେ ଏଭଳି ଧାରଣା ଅମୂଳକ। ସାଧାରଣତଃ ଶରୀରରେ ଜଳୀୟ ଅଂଶ କମିଗଲେ ହାକୁଟି ଆସିଥାଏ। ଛାତି ଏବଂ ପେଟ ମଧ୍ୟ ଭାଗରେ ଡାୟଫ୍ରାମ ନାମକ ଏକ ପରଦା ରହିଛି। ଏଥିରେ କମ୍ପନ ସୃଷ୍ଟି ହେଲେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୁଏ ଏବଂ ହାକୁଟି ଆସେ। ଏଥିରୁ ଉପଶମ ପାଇବା ପାଇଁ କେତୋଟି ଘରୋଇ ଉପଚାର ଆପଣେଇ ପାରନ୍ତି। ବାରମ୍ବାର ହାକୁଟି ଆସିଲେ ଥଣ୍ଡା ପାଣି ପିଅନ୍ତୁ। ଯଦି ଆପଣ ବାହାରେ ଅଛନ୍ତି ତେବେ ଏପରି ସମସ୍ୟା ସୃଷ୍ଟି ହେଲେ ଦୁଇ କାନରେ ଆଙ୍ଗୁଠି ଦେଇ କିଛି ସମୟ ନିଃଶ୍ୱାସ ବନ୍ଦ କରିଦିଅନ୍ତୁ। ଏହାଦ୍ୱାରା ହାକୁଟିରୁ ଆରାମ ମିଳିବ। ଶୁଦ୍ଧ ଦେଶୀ ଘିଅକୁ ଉଷୁମ କରି ଖାଇପାରନ୍ତି। ତୁଳସୀ ପତ୍ରକୁ ବାଟି ସେଥିରେ ଅଳ୍ପ ଚିନି ମିଶାଇ ଖାଇଲେ ହାକୁଟି ବନ୍ଦ ହୋଇଥାଏ। ଯଦି ଅଧିକ ହାକୁଟି ଆସୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।


# ଅଧିକ ରାଗୁଥିଲେ..



ଅତ୍ୟଧିକ ରାଗିବା କ୍ଷତିକାରକ। ତଥାପି ଏହାକୁ କେତେକେ ଗୁରୁତ୍ୱ ଦେଇ ନ ଥାନ୍ତି। ହଠାତ୍ ରାଗିବା ଦ୍ୱାରା ହୁଏ ତ କାହାକୁ କ୍ଷଣିକ ମାନସିକ ଶାନ୍ତି ମିଳିଥାଇପାରେ, ହେଲେ ଏହାର କୁପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ସବୁବେଳେ ଅଧିକ ରାଗିଲେ ତାହା ବ୍ଲଡପ୍ରେସର, ହାର୍ଟ ଆଟାକ ପରି ଗୁରୁତର ସମସ୍ୟାକୁ ପରୋକ୍ଷରେ ଡାକି ଆଣିଥାଏ। କିନ୍ତୁ ନିକଟରେ ଏଭଳି ଏକ ଡିଭାଇସ୍ ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ଜଣେ ଏଭଳି ଅଭ୍ୟାସଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରିବ। ତାରବିହୀନ ଏପରି ଏକ ଡିଭାଇସ୍‌କୁ ଚାଇନାର ବୈଜ୍ଞାନିକମାନେ ପ୍ରସ୍ତୁତ କରିଛନ୍ତି। ଜଣେ ବ୍ୟକ୍ତି ରାଗିଲେ ଏହାକୁ ତୁରନ୍ତ ତାଙ୍କର ବାହୁରେ ବାନ୍ଧି ଦେଲେ ତାଙ୍କର ରାଗ ଅଳ୍ପ ସମୟ ଭିତରେ କମି ଯାଇଥାଏ। ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ଚାଇନାର ବୈଜ୍ଞାନିକମାନେ ଚେଷ୍ଟା ଜାରି ରଖିଛନ୍ତି।

# ଜଗିଙ୍ଗ କରୁଥିଲେ..

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ଫିଟ୍ ରଖିବା ବଡ଼ କଥା। ଏଥିପାଇଁ ଅନେକେ ବ୍ୟାୟାମକୁ ନିଜ ରୁଟିନ୍ କାର୍ଯ୍ୟକ୍ରମରେ ସାମିଲ କରିଥାଆନ୍ତି। ଯଦି ଆପଣ ପ୍ରତିଦିନ ଜଗିଙ୍ଗ କରୁଛନ୍ତି ତେବେ ତାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। ସେ ସମ୍ପର୍କରେ...



- ସବୁଦିନ ସକାଳେ ହେଉ କି ସନ୍ଧ୍ୟାରେ ଅତିକମ୍‌ରେ ୧୫-୩୦ ମିନିଟ୍ ଜଗିଙ୍ଗ କରନ୍ତୁ।
- ନିୟମିତ ଜଗିଙ୍ଗ କରିବା ଦ୍ୱାରା ଶରୀରକୁ ଫ୍ରେଶ ଅମ୍ଳଜାନ ଯାଇଥାଏ।
- ଏହାଦ୍ୱାରା ଅବସାଦ ଏବଂ ଟେନସନ୍‌ରୁ କେତେକାଂଶରେ ଉପଶମ ମିଳେ।
- ପ୍ରତିଦିନ ଜଗିଙ୍ଗ କଲେ ଶରୀର ଅଙ୍ଗପ୍ରତ୍ୟଙ୍ଗ ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ।
- ଡାଇବେଟିସ ରୋଗୀଙ୍କ ପାଇଁ ନିୟମିତ ଜଗିଙ୍ଗ ଏକ ବରଦାନ ସଦୃଶ ହୋଇଥାଏ। ଏହାଦ୍ୱାରା ରକ୍ତରେ ସୁଗାର ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ।
- ଯଦି ଜଣେ ବ୍ୟକ୍ତି ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କିଛି ସମୟ ଜଗିଙ୍ଗ କରନ୍ତି ତେବେ ତାଙ୍କ ରକ୍ତ ସଞ୍ଚାଳନ ଆହୁରି ସକ୍ରିୟ ହୋଇଥାଏ।
- ଏପରି ଅଭ୍ୟାସ ଦ୍ୱାରା ହାର୍ଟ ଆଟାକ ଏବଂ ଷ୍ଟ୍ରୋକ୍ ପରି ଆଶଙ୍କା କେତେକାଂଶରେ କମ୍ ଥାଏ।
- ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଥିରୁ ନିଜକୁ ଦୂରେଇ ରଖିବାର ଏକ ସହଜ ଉପାୟ ହେଉଛି ଜଗିଙ୍ଗ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ।

# ଉପକାରୀ ହେଙ୍ଗୁ



ହେଙ୍ଗୁରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ଖାଇଲେ ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ । ଜଣେ ଡାଇବେଟିସ୍ ରୋଗୀ ନିୟମିତ ଏହାକୁ ଖାଇଲେ କିଛି କ୍ଷତି ନାହିଁ। ଆଣ୍ଠୁଗଣ୍ଠି ଦରଜକୁ ନେଇ ଆପଣ ଚିନ୍ତିତ କି ? ଯଦି ହଁ, ତେବେ ପାଣିରେ ଅଳ୍ପ ହେଙ୍ଗୁ ମିଶାଇ ଯନ୍ତ୍ରଣା ସ୍ଥାନରେ ମାଲିସ କରନ୍ତୁ। ଏହାଦ୍ୱାରା ସେଥିରୁ କେତେକାଂଶରେ ଉପଶମ ମିଳିଥାଏ। ଅଳ୍ପ ପାଣିରେ ଚିମୁଟାଏ ହେଙ୍ଗୁ ଏବଂ ଅଳ୍ପ ଖାଇବା ସୋଡ଼ା ମିଶାଇ ପିଇଲେ କଫଜନିତ ସମସ୍ୟା ଦୂର ହୋଇଥାଏ। ଦାନ୍ତ ଦରଜ ଏବଂ ବିନ୍ଧାରୁ ଏହା କେତେକାଂଶରେ ଉପଶମ ଦେଇଥାଏ। ଦାନ୍ତର ସେହି ଦରଜ ସ୍ଥାନରେ ଛୋଟ ହେଙ୍ଗୁଟିଏ ରଖିଦେଲେ ସେଥିରୁ ଉପଶମ ମିଳିଥାଏ।

## ସଂକ୍ଷେପରେ

### ଆଧାର ଇ-କେୱାଇସି ଚାର୍ଜକୁ ଶିଳ୍ପ ଜଗତର ବିରୋଧ

ନୂଆଦିଲ୍ଲୀ,୧୦-୩: ଘରୋଇ କମ୍ପାନୀଙ୍କ ଦ୍ୱାରା ଆଧାର ସତ୍ୟତା ଯାଞ୍ଚ ଲାଗି କେନ୍ଦ୍ର ସରକାର ଚାର୍ଜ ଆଦାୟ କରିବାକୁ ନିଷ୍ପତ୍ତି ନେଇଥିବାରୁ ଉଦ୍ୟୋଗ ଜଗତ ଏହାକୁ ବିରୋଧ କରିଛି। ଏହାଦ୍ୱାରା ସେବା ପ୍ରଦାନ ମହଙ୍ଗା ହେବ ଏବଂ ଶେଷରେ ଗ୍ରାହକ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ଉଲ୍ଲେଖଥାଉ କି, ଗତ ଗୁରୁବାର ଆଧାର ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ଘରୋଇ କମ୍ପାନୀଙ୍କ ଠାରୁ ପ୍ରତି ଆଧାର ଇ-କେୱାଇସି ଯାଞ୍ଚ ବାବଦରେ ୨୦ ଟଙ୍କା ଏବଂ ସତ୍ୟତା ଜାଣିବା ଲାଗି 'ହ/ନା'କହିବା ପାଇଁ ୫୦ ପଇସା ଆଦାୟ କରିବ ବୋଲି ଘୋଷଣା କରିଛି। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟ ଆଧାର ସଂଶୋଧନ ଅଧାଦେଶକୁ ଲାଗୁ କରିଛନ୍ତି। ଏହାଦ୍ୱାରା ଏଣିକି ଘରୋଇ କମ୍ପାନୀମାନେ ଆଧାରକୁ ଇ-କେୱାଇସି ପାଇଁ ବ୍ୟବହାର କରିପାରିବେ। ଉଦ୍ୟୋଗ ଜଗତ ଚାର୍ଜ ଆଦାୟକୁ ବିରୋଧ କରି କହିଛି ଯେ, ଏହାଦ୍ୱାରା ସରକାରଙ୍କ ଡିଜିଟାଲୀକରଣକୁ ଜୋର୍ ଝଟ୍କା ଲାଗିବ। ଏହାଦ୍ୱାରା ସରକାରଙ୍କ ଉଦ୍ଦେଶ୍ୟ ସାଧନ ହେବ ନାହିଁ ବୋଲି ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ମହା ନିର୍ଦ୍ଦେଶକ ରଞ୍ଜନ ମ୍ୟାଥ୍ୟୁସ କହିଛନ୍ତି। ଫଳରେ ପ୍ରତ୍ୟେକ ଆଧାର ସତ୍ୟତା ଯାଞ୍ଚ ଲାଗି ୪୧ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

### କୋଇଲା ଖଣି ନିଲାମ ରଦ୍ଦ

ନୂଆଦିଲ୍ଲୀ,୧୦-୩: କେନ୍ଦ୍ର ସରକାର କୋଇଲା ଖଣିର ୬ଷ୍ଠ ଓ ୭ମ ପର୍ଯ୍ୟାୟ ନିଲାମକୁ ରଦ୍ଦ କରିଦେଇଛନ୍ତି। ଏହା ଜରିଆରେ ସରକାର ୧୯କୋଇଲା ବ୍ଲକ୍ ବିକ୍ରି କରିବାର ଯୋଜନା ପ୍ରସ୍ତୁତ କରିଥିଲେ। ତେବେ ନିଲାମୀ ରଦ୍ଦର କାରଣ ସମ୍ପର୍କରେ ସରକାର କିଛି ଜଣାଇନାହାନ୍ତି। ସୂଚନାଥାଉ କି, ୬ଷ୍ଠ ପର୍ଯ୍ୟାୟ ଅନ୍ତର୍ଗତରେ ଆଲୁମିନିୟମ, ସିମେଣ୍ଟ, ଲୁହା ଏବଂ ଇସ୍ପାତ ସମେତ ନିୟମିତ କ୍ଷେତ୍ର ଲାଗି ୧୩ କୋଇଲା ବ୍ଲକ୍‌ର ନିଲାମ ହେବ ବୋଲି କୋଇଲା ମନ୍ତ୍ରଣାଳୟ ଘୋଷଣା କରିଥିଲେ। କମ୍ପାନୀ ନିଜ ଉତ୍ପାଦନର ୨୫% କୋଇଲାକୁ ଖୋଲା ବଜାରରେ ବିକ୍ରି କରିବା ନେଇ ଅନୁମତି ପାଇଥାନ୍ତେ।

### ଚାକିରି ବଦଳିବା ମାତ୍ରେ ସ୍ୱତଃ ସ୍ଥାନାନ୍ତର ହେବ ଇପିଏଫ୍ ଆକାଉଣ୍ଟ

ନୂଆଦିଲ୍ଲୀ,୧୦-୩: କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନଙ୍କୁ ଆସନ୍ତା ଆର୍ଥିକ ବର୍ଷରୁ ଚାକିରି ପରିବର୍ତ୍ତନ କାଳରେ ଇପିଏଫ ଆକାଉଣ୍ଟକୁ ସ୍ଥାନାନ୍ତର କରିବା ଲାଗି ଅନୁରୋଧ କରିବାକୁ ପଡିବନି। ଏହି ପ୍ରକ୍ରିୟାକୁ ସ୍ୱୟଂଚାଳିତ କରିବା ନେଇ ଇପିଏଫ୍‌ଓ ପକ୍ଷରୁ କାର୍ଯ୍ୟାରମ୍ଭ ହୋଇଛି ବୋଲି ଶ୍ରମ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଥାଉ କି, ବର୍ତ୍ତମାନର ବ୍ୟବସ୍ଥାରେ ୟୁନିଭର୍ସାଲ ଆକାଉଣ୍ଟ ନମ୍ବର(ୟୁଏଏନ୍) ସଂଗ୍ରହ କରିବା ପରେ ଇପିଏଫ ସ୍ଥାନାନ୍ତର ଲାଗି ସ୍ୱତନ୍ତ୍ର ଭାବେ ଆବେଦନ କରିବାକୁ ପଡିଥାଏ। ବର୍ଷକୁ ପ୍ରାୟ ୮ ଲକ୍ଷ ଏଭଳି ଆବେଦନ ଇପିଏଫଓକୁ ମିଳେ। ଏଣୁ ଚାକିରି ବଦଳିବା ମାତ୍ରେ ଇପିଏଫ ଆକାଉଣ୍ଟକୁ ସ୍ୱତଃ ସ୍ଥାନାନ୍ତର କରିବା ଲାଗି ଇପିଏଫ୍‌ଓ ପ୍ରଯୁକ୍ତିର ସହାୟତା ନେବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ନିଜକୁ ଏକ କାଗଜବିହୀନ ସଂଗଠନ ଭାବେ ପରିଚିତ କରିବା ଲାଗି ଇପିଏଫ୍‌ଓ ସି-ଡାକ୍‌କୁ ଏହାର ଦାୟିତ୍ୱ ଦେଇଛି। ନୂଆ ବ୍ୟବସ୍ଥା ଅନୁଯାୟୀ, ନିଯୁକ୍ତିଦାତା ନୂତନ ନିଯୁକ୍ତି ସମ୍ପର୍କରେ ଜଣାଇ ତାଙ୍କର ଇପିଏଫ୍ ରିଟର୍ନ ଦାଏର କରିବା ମାତ୍ରେ(ନୂଆ କର୍ମଚାରୀଙ୍କ ୟୁଏଏନ୍ ସାମିଲ ରହିଥିବ) ତତ୍‌କ୍ଷଣାତ ତାଙ୍କର ଇପିଏଫ୍ ଆକାଉଣ୍ଟ ଟ୍ରାନ୍ସଫର ହୋଇଯିବ।



> ୫୯ ମିନିଟ୍ ଋଣ ପୋର୍ଟାଲରେ ୧୬୦୦ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୬୮୯ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି।
> – ସୁନୀଲ ମେହେଟ୍ଟା, ଏମ୍‌ଡି, ପିଏନ୍‌ବି



> ଏଲଆଇସି ସହ ଚୁକ୍ତି ଦ୍ୱାରା ବ୍ୟାଙ୍କ ଏବଂ ବୀମା ସେବା ଗୋଟିଏ ଛାତ ତଳେ ଉପଲବ୍ଧ କରାଉଥିବାରୁ ଆଇଡିବିଆଇକୁ ବିଶେଷ ଲାଭ ମିଳି ପାରିବ।
> – ରାକେଶ ଶର୍ମା, ଏମ୍‌ଡି, ଆଇଡିବିଆଇ ବ୍ୟାଙ୍କ

## ଆର୍‌ଟିଆଇ ଜବାବରେ ମାନିଲା ଆର୍‌ବିଆଇ

# ଅଚଳ ନୋଟ ବ୍ୟବହାର ତଥ୍ୟ ନାହିଁ

ମୁମ୍ବାଇ,୧୦-୩

- ୨୩ ସେବାରେ ଅଚଳ ନୋଟ୍ ବ୍ୟବହାରକୁ ଅନୁମତି ଦେଇଥିଲା କେନ୍ଦ୍ର
- ୨୦୧୬ ନଭେମ୍ବର ୮ରେ ହୋଇଥିଲା ବିମୁଦ୍ରୀକରଣ
- ୯୯.୩% ଅଚଳ ୫୦୦,୧୦୦୦ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଥିଲା



ବିମୁଦ୍ରୀକରଣ ବେଳେ ପେଟ୍ରୋଲ ପମ୍ପ, ରେଲୱେ ଟିକେଟ କ୍ରୟ, ବିଜୁଳି, ପାଣି ବିଲ୍ ପ୍ରଦାନ ଆଦି ୨୩ ପ୍ରକାର ସେବା ଯୋଗାଣ କ୍ଷେତ୍ରରେ ବ୍ୟବହୃତ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ନାହିଁ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆରଟିଆଇ ଜବାବରେ ସ୍ୱୀକାର କରିଛି। ଏହି ସେବା ଗୁଡ଼ିକ ମାଧ୍ୟମରେ ଲୋକେ କଳାଧନକୁ ବ୍ୟବହାର କରିବାରେ ସଫଳ ହୋଇଥିଲେ ବୋଲି ମନେ କରାଯାଉଛି।

ସୂଚନା ଅଧିକାର ଆଇନ ଅଧୀନରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ କହିଛି ଯେ, ବିମୁଦ୍ରୀକରଣ ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର କିଛି ସମୟ ପାଇଁ ୨୩ ସେବାରେ ଅଚଳ ନୋଟ୍ ବ୍ୟବହାର ଲାଗି ଅନୁମତି ଦେଇଥିଲେ। ସେଗୁଡ଼ିକ ହେଲା ହସ୍ପିଟାଲ, ରେଳ, ରାଷ୍ଟ୍ରାୟତ୍ତ ପରିବହନ, ବିମାନ ବନ୍ଦରରେ ଟିକେଟ କିଣିବା, ଦୁଗ୍ଧ କେନ୍ଦ୍ର, ଶ୍ମଶାନ/କବରସ୍ଥାନ, ପେଟ୍ରୋଲ ପମ୍ପ, ମେଟ୍ରୋ ରେଳ ଟିକେଟ କିଣା, ଡାକ୍ତରଙ୍କ ପ୍ରେସକ୍ରିପ୍ସନରେ ଔଷଧ କ୍ରୟ, ଏଲ୍‌ପିଜି ସିଲିଣ୍ଡର, ରେଳରେ ଖାଇବାପିଇବା, ବିଜୁଳି,ପାଣି ବିଲ୍ ପ୍ରଦାନ, ଏଏସ୍‌ଆଇ ସ୍ମାରକରେ ପ୍ରବେଶ ଟିକେଟ, ଟୋଲ ଟିକସ ଆଦି ୨୩ ପ୍ରକାର ସେବାରେ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟବହାରକୁ ଅନୁମତି ଦିଆଯାଇଥିଲା। ସରକାର ୨୦୧୬ ନଭେମ୍ବର ୨୫ରୁ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବଦଳ ବନ୍ଦ କରିଦେଇଥିଲେ ଏବଂ ଉକ୍ତ ସେବା ପାଇଁ କେବଳ ଅନୁମତି ଦେଇଥିଲେ। ଏହା ଡିସେମ୍ବର ୧୫ ଯାଏ ମିଳିଥିଲା। ତେବେ ଡିସେମ୍ବର ୨ରୁ ପେଟ୍ରୋଲ ପମ୍ପ ଓ ବିମାନ ବନ୍ଦରରେ ଟିକେଟ କ୍ରୟରେ ଅଚଳ ନୋଟ୍ ବ୍ୟବହାରକୁ ରୋକିଥିଲେ। ଆର୍‌ଟିଆଇ ଜବାବରେ ଆର୍‌ବିଆଇ କହିଛି ଯେ, ବିଲ୍ ଦେୟ ପ୍ରଦାନ ଲାଗି ବ୍ୟବହୃତ ଅଚଳ ନୋଟ୍ ସମ୍ପର୍କରେ ଏହା ନିକଟରେ କୌଣସି ତଥ୍ୟ ଉପଲବ୍ଧ ନାହିଁ। ସୂଚନାଥାଉ କି, ବ୍ୟାଙ୍କିଙ୍ଗ ପ୍ରଣାଳୀରେ ୯୯.୩ ପ୍ରତିଶତ ଅଚଳ ନୋଟ୍ ଫେରି ଆସିଛି ବୋଲି ଆର୍‌ବିଆଇ ଗତବର୍ଷ ଅଗଷ୍ଟରେ ସ୍ପଷ୍ଟ କରିଥିଲା। ବିମୁଦ୍ରୀକରଣ ବେଳେ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ମୂଲ୍ୟର ନୋଟ ପ୍ରଚଳନରେ ଥିଲା ବୋଲି ଆର୍‌ବିଆଇ କହିଥିଲା। ଏଥିରୁ ୧୫.୩୧ ଲକ୍ଷ କୋଟି ଟଙ୍କା ବ୍ୟାଙ୍କକୁ ଫେରି ଆସିଛି। ଅଚଳ ଓ ବଦଳା ଯାଇଥିବା ନୋଟ୍ ସଂଖ୍ୟା ଓ ମୂଲ୍ୟ ଉପରେ ପ୍ରଶ୍ନ ହେବାରୁ ରିଜର୍ଭ ବ୍ୟାଙ୍କ ୨୦୧୬ ନଭେମ୍ବର ୨୮ରେ ଜାରି ବୟାନକୁ ଉଲ୍ଲେଖ କରିଛି। ଏଥିରେ କୁହାଯାଇଥିଲା ଯେ, ନଭେମ୍ବର ୧୦ରୁ ୨୭ ଯାଏ ବ୍ୟାଙ୍କଗୁଡ଼ିକରେ ୮,୪୪,୯୮୨ କୋଟି ଟଙ୍କା ଅଚଳ ହୋଇଛି ଅଥବା ବଦଳାଯାଇଛି। ଏଥିରେ ୩୩,୯୪୮ କୋଟି ଟଙ୍କାର ପୁରୁଣା ନୋଟ୍ ବଦଳାଯାଇଛି ଓ ୮,୧୧,୦୩୩ କୋଟି ଟଙ୍କା ଜମା କରାଯାଇଛି।




## ହୋଣ୍ଡା ପକ୍ଷରୁ ହେଲମେଟ୍ ଅନ୍ ଲାଇଫ୍ ଅନ୍

ଭୁବନେଶ୍ୱର, ୧୦-୩

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହେଲ୍‌ମେଟ ଅନ୍ ଲାଇଫ୍ ଅନ' ଦେଶର ୨୧ ସହରରେ ଅନୁଷ୍ଠିତ ହୋଇ ଯାଇଛି। ମହିଳାଙ୍କ ମଧ୍ୟରେ ସଡକ ସୁରକ୍ଷା ସଚେତନତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ସେହିଭଳି ୯ଟି ସହରର ଟ୍ରାଫିକ କେନ୍ଦ୍ରରେ ଏହାକୁ ଆୟୋଜନ କରାଯାଇଛି। ଏଥିରେ ୧୪,୦୦୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ମହିଳା ସଶକ୍ତୀକରଣ ବାର୍ତ୍ତା ପହଞ୍ଚାଇବା ପାଇଁ ୪ ହଜାରରୁ ଊର୍ଦ୍ଧ୍ୱ ପୁରୁଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। 'ବାଲାନ୍ସ ଫର ବେଟର' ବିଷୟବସ୍ତୁ ଉପରେ ଏହା ପର୍ଯ୍ୟବସିତ ଥିଲା। ସଡ଼କ ଲାଗି ବିଶ୍ୱାସୀ ଦୁଇ ଚକିଆ ଚାଳକଙ୍କୁ ପ୍ରସ୍ତୁତି ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## କେନ୍ଦ୍ରୀୟ ସରକାରୀ ସଂସ୍ଥାର ସମ୍ପତ୍ତି ବିକ୍ରି ଉପରେ ଲାଭାଂଶ ନେବ କେନ୍ଦ୍ର

ନୂଆଦିଲ୍ଲୀ,୧୦-୩

କେନ୍ଦ୍ରୀୟ ସରକାରୀ ସଂସ୍ଥାର ଅଣ ପ୍ରମୁଖ ସମ୍ପତି ବିକ୍ରି ବାବଦରେ ପ୍ରାପ୍ତ ଅର୍ଥରୁ କେନ୍ଦ୍ର ସରକାର ଲାଭାଂଶ ନେବେ। ଏ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ଏଭଳି ଏକ ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଏ ସମ୍ପର୍କରେ ସୂଚନା ଦେଇ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ରଣନୈତିକ ପୁଞ୍ଜିପ୍ରତ୍ୟାହାର ଲାଗି ମନୋନୀତ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଣ ପ୍ରମୁଖ ସମ୍ପତ୍ତି ବିକ୍ରିରୁ ପ୍ରାପ୍ତ ଅର୍ଥ ଏବଂ ଶତ୍ରୁ ସମ୍ପତ୍ତି ବିକ୍ରିରୁ ଉପଲବ୍ଧ ଅର୍ଥକୁ ପୁଞ୍ଜି ପ୍ରତ୍ୟାହାରରୁ ପ୍ରାପ୍ତ ଆୟ ଭାବେ ଧରାଯିବ। କେନ୍ଦ୍ର କ୍ୟାବିନେଟ ଗତ ସପ୍ତାହରେ ଏସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ବିକ୍ରି ହେବାକୁ ଥିବା ଅଣ ପ୍ରମୁଖ ସମ୍ପତ୍ତିକୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବା ଲାଗି ନୀତି ଆୟୋଗକୁ ପୂର୍ବରୁ ଦାୟିତ୍ୱ ଦିଆଯାଇଥିଲା। ବିକ୍ରିରୁ ପ୍ରାପ୍ତ ଅର୍ଥର ଏକ ଅଂଶକୁ ସରକାର ଲାଭାଂଶ ବାବଦରେ ନେବେ। ଏହାଦ୍ୱାରା ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ଓ ଲାଭ ବାବଦରେ ସରକାର ୧.୩୬ ଲକ୍ଷ କୋଟି ଟଙ୍କା ପାଇପାରିବେ।

# ନିର୍ବାଚନ ପୂର୍ବରୁ ପେଟ୍ରୋଲ ମହଙ୍ଗା

ନୂଆଦିଲ୍ଲୀ,୧୦-୩

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି ପଦକ୍ଷେପ ନେବାକୁ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୌଦି ଆରବକୁ ରବିବାର ଅନୁରୋଧ କରିଛନ୍ତି।

ଉଲ୍ଲେଖ କରାଯାଇପାରେ ଯେ, ଦେଶରେ ନିର୍ବାଚନୀ ରାଜନୀତି ସରଗରମ ରହିଥିବା ବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରବୃଦ୍ଧି କାରଣରୁ ଦେଶରେ ମାସେ ହେବ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୨ ଟଙ୍କାରୁ ଅଧିକ ବଢ଼ିସାରିଲାଣି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଶେଷ କରିବା ନେଇ ଆଲୋଚନା ଓ ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍‌ର ସହଯୋଗୀ ରୁଷ ଉତ୍ପାଦନ ହ୍ରାସ କରିବା ଲାଗି ନିଷ୍ପତ୍ତି ନେବା ଯୋଗୁ ଅଶୋଧିତ ତେଲ ଦର ବଢ଼ିବାରେ ଲାଗିଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆର୍ଥିକ କାରବାର ଧୀମା ପଡ଼ିବା ଆରମ୍ଭ ହୋଇଥିଲା। ଏହାର ପ୍ରଭାବରେ ଅଶୋଧିତ ତେଲ ଦର ହ୍ରାସ ପାଇବାକୁ ଲାଗିଥିଲା। ଭାରତ ଗସ୍ତରେ ଆସିଥିବା ସୌଦି ଆରବ ତୈଳ ମନ୍ତ୍ରୀ ଖାଲିଦ୍ ଅଲ୍-ଫଲିହଙ୍କୁ ସାକ୍ଷାତ କରିବା ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତେଲ ଦର ନିୟନ୍ତ୍ରଣ ପାଇଁ ଅନୁରୋଧ କରିଥିଲେ। ସୌଦି ଆରବ ଏ ଦିଗରେ ନିଜର ଭୂମିକା ନିର୍ବାହ କରୁ ବୋଲି ସେ ତାଙ୍କ ପ୍ରତିପକ୍ଷଙ୍କୁ ବୁଝାଇ ଥିଲେ।

### ତୈଳ ଭଣ୍ଡାରରେ ନିବେଶ ନେଇ ପ୍ରସ୍ତାବ

ଭାରତର ରଣକୌଶଳଗତ ତୈଳ ଭଣ୍ଡାର ନିର୍ମାଣ କ୍ଷେତ୍ରରେ ନିବେଶ ଲାଗି ସୌଦି ଆରବକୁ ଅନୁରୋଧ କରାଯାଇଛି। ସୌଦି ତୈଳ ମନ୍ତ୍ରୀ ଖାଲିଦ ଅଲ୍-ଫଲିହଙ୍କ ସହ ଆଲୋଚନା କାଳରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ପ୍ରସ୍ତାବ ଦେଇଛନ୍ତି। ମହାରାଷ୍ଟ୍ରରେ ନିର୍ମାଣ ହେବାକୁ ଥିବା ୪୪ ବିଲିୟନ ଡଲାର ମୂଲ୍ୟର ରିଫାଇନେରୀ ପ୍ରକଳ୍ପରେ ସୌଦି ଆରବ ନିବେଶ କରିବାକୁ ଇଚ୍ଛୁକ୍। ଏହାକୁ ଦୃଷ୍ଟିରେ ରଖି ଫଲିହ ୩ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଭାରତ ଗସ୍ତରେ ଆସି ପ୍ରଧାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।



**ସୌଦିର ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର**



## ରିୟଲ୍‌ମି ଆଣିଲା ନୂଆ ସ୍ମାର୍ଟଫୋନ

ନୂଆଦିଲ୍ଲୀ, ୧୦-୩

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲ୍‌ମି ନୂଆ 'ରିୟଲ୍‌ମି ୩' ସ୍ମାର୍ଟଫୋନ ବଜାରକୁ ଆଣିଛି। ଏହା ବ୍ଲାକ, ଡାଇନାମିକ ବ୍ଲାକ ଏବଂ ରେଡିଆଣ୍ଟ ବ୍ଲୁ ରଙ୍ଗରେ ବଜାରକୁ ଆସିଛି। ଏଆଇ ମାଷ୍ଟର ମେଡିଆଟେକ୍ ହେଲିଓ ପି୭୦ ପ୍ରୋସେସର ଉନ୍ନତ ବ୍ୟାଟେରି ବ୍ୟାକଅପ୍, ୩ଜିବି ର୍ୟାମ, ୩୨ ଜିବି ରମ୍ ଫିଚର ଥିବା ଫୋନର ଦାମ ୮,୯୯୯ ଟଙ୍କା ରହିଛି। ସେହିଭଳି ୪ ଜିବି ଏବଂ ଏବଂ ୬୪ ଜିବି ରମ୍ ବିଶିଷ୍ଟ ମଡେଲର ଦାମ ୧୦,୯୯୯ ଟଙ୍କା ରହିଛି। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଏକ ଉନ୍ନତ ସ୍ମାର୍ଟଫୋନ ପ୍ରଦାନ ଲାଗି ଏଭଳି ମଡେଲ ବଜାରକୁ ଆଣିଥିବା କମ୍ପାନୀର ଇଣ୍ଡିଆ ସିଇଓ ମାଧବ ସେଠ୍ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଗ୍ରାହକ ଉନ୍ନତ ବ୍ୟାଟେରି ତଥା ଫିଚର ଲାଭ କରିବାକୁ ସକ୍ଷମ ହେବେ ବୋଲି ମିଡ଼ିଆଟେକ ଭାରତର କର୍ପୋରେଟ ସେଲ ନିର୍ଦ୍ଦେଶକ କୁଲଦୀପ ମଲ୍ଲିକ କହିଛନ୍ତି।

## ଏମ୍‌ଡିଏସ୍‌ଏଲ୍‌ର ବିତରଣ ବ୍ୟବସ୍ଥା ଦୃଢୀକରଣ ଲକ୍ଷ୍ୟ

ନୂଆଦିଲ୍ଲୀ, ୧୦-୩

ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ଆଣ୍ଡ ସର୍ଭିସେସ ଲିମିଟେଡ ବିଶ୍ୱ ସ୍ତରରେ ଏହାର ବିତରଣ ବ୍ୟବସ୍ଥାକୁ ଆହୁରି ଦୃଢ କରିବାକୁଲକ୍ଷ୍ୟ ରଖିଛି। ଏନ୍.କେ. ମିଣ୍ଡା ଗ୍ରୁପର ଏହା ଏକ ସଂସ୍ଥା ହୋଇଥିବା ବେଳେ ଦେଶର ଏକ ପ୍ରମୁଖ ଆଫ୍ଟର ମାର୍କେଟ ଅଟୋମୋଟିଭ୍ କମ୍ପାନୀ ଭାବେ ବେଶ୍ ଜଣାଶୁଣା। ଏନ୍.କେ. ମିଣ୍ଡା ଗ୍ରୁପର ବର୍ତ୍ତମାନ ସୁଦ୍ଧା ସାରା ବିଶ୍ୱରେ ୫୮ ମାନୁଫାକଚରିଂ ୟୁନିଟ ରହିଛି। ୧୬ଟି ବର୍ଗରେ ୨୫ରୁ ଅଧିକ ପ୍ରଡକ୍ଟ ଏହା ପ୍ରସ୍ତୁତ କରୁଛି। ଭାରତ ସମେତ ବିଦେଶର ପ୍ରମୁଖ ଓଇଏମ୍‌ଗୁଡ଼ିକୁ ଏହା ପ୍ରଡକ୍ଟ ରପ୍ତାନି କରୁଛି। ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟଯୁକ୍ତ ସେବା ଯୋଗାଣକୁ କମ୍ପାନୀ ପ୍ରାଥମିକତା ଦେଉଥିବା ପ୍ରକାଶ କରିଛି। ବର୍ତ୍ତମାନ ମିଣ୍ଡା ଡିଷ୍ଟ୍ରିବ୍ୟୁଶନ ସର୍ଭିସ ଲିମିଟେଡ ୧୨ ପ୍ରମୁଖ ଉତ୍ପାଦ ଶୃଙ୍ଖଳା ଯୋଗାଉଛି। ଏହାର ୬୬୦ରୁ ଊର୍ଦ୍ଧ୍ୱ ବିଜନେସ ପାର୍ଟନର, ୧୯ ହଜାରରୁ ଊର୍ଦ୍ଧ୍ୱ ରିଟେଲର ଏବଂ ୧୨ ହଜାରରୁ ଊର୍ଦ୍ଧ୍ୱ ମେକାନିକ୍ସ ରହିଛି। ଗୁଣବତ୍ତା ପ୍ରଡକ୍ଟ ସହ ସସ୍‌ପେନଶନ ସେଗ୍‌ମେଣ୍ଟରେ ଏହା ପ୍ରବେଶ କରିଛି। କମ୍ପାନୀ ନୂଆ କରି ସକ୍‌ସ ଏବଂ ଷ୍ଟ୍ରଟ୍‌ସ୍ ବଜାରକୁ ଆଣିଛି। କମ୍ପାନୀ ପାସେଞ୍ଜର କାର ସେଗମେଣ୍ଟରେ ପ୍ରଡକ୍ଟ ଯୋଗାଉଥିବା ବେଳେ ଏହାର ଫାଷ୍ଟ ମୁଭିଂ ଭେଇକିଲ ସକ୍‌ସ, ଷ୍ଟ୍ରଟ୍‌ସ୍ ଆସେମ୍ବଲି ଏବଂ ରିପେୟାର କିଟ୍ ଉପଲବ୍ଧ ରହିଛି।

## କେଟିଏମ୍ ପକ୍ଷରୁ ଷ୍ଟଣ୍ଟ ଶୋ'




ଭୁବନେଶ୍ୱର, ୧୦-୩

ୟୁରୋପର ରେସିଂ ବାଇକ୍ ନିର୍ମାତା କେଟିଏମ୍ ପକ୍ଷରୁ ବାଲୁଗାଁରେ ଏକ ଷ୍ଟଣ୍ଟ ଶୋ' ଅନୁଷ୍ଠିତ ହୋଇଯାଇଛି। ରମ୍ଭା ପେଟ୍ରୋଲ ପମ୍ପ ନିକଟସ୍ଥ ସାନ ରାମଚନ୍ଦ୍ରପୁରରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେଶନାଲ ଷ୍ଟଣ୍ଟ ପ୍ରଦର୍ଶନକାରୀ ଆକର୍ଷଣୀୟ ଷ୍ଟଣ୍ଟ ପ୍ରଦର୍ଶନ କରିଛନ୍ତି। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚର ଅନୁଭବ ଦେବା ଲାଗି ଏଭଳି ଶୋ' ଆୟୋଜନ କରାଯାଉଥିବା ବଜାଜ ଅଟୋ ପ୍ରୋ ବାଇକିଂ ଉପସଭାପତି ଅମିତ ନନ୍ଦୀ ସୂଚନା ଦେଇଛନ୍ତି। ଏଭଳି ଶୋ'କୁ ଅଧିକରୁ ଅଧିକ ସହରରେ ଆୟୋଜନ କରିବାକୁ ଯୋଜନା ରହିଛି। ବର୍ତ୍ତମାନ ସୁଦ୍ଧା ଏହି ଶୋ' କାଞ୍ଚିପୁରମ, କୋଏମ୍ବାଟୁର, ଚେନ୍ନାଇ, ବିଜୟପୁର, ଲକ୍ଷ୍ନୌ, ଇନ୍ଦୋର ସହ ରାଜ୍ୟର କଟକ, ରାଉରକେଲା, ବ୍ରହ୍ମପୁର ଏବଂ ବାଲେଶ୍ୱର ଭଳି ସହରଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ସେ କହିଛନ୍ତି।

## ଜିଏସ୍‌ଟି ଆଦାୟ ବେଳେ ଟିସିଏସ୍‌କୁ ଅଲଗା ରଖାଯିବ

# କାର୍, ଗହଣା ହେବ ଶସ୍ତା

ନୂଆଦିଲ୍ଲୀ,୧୦-୩

ଜିଏସଟି ଆଦାୟ ବେଳେ ସ୍ରୋତ ଉପରେ ଆଦାୟ(ଟିସିଏସ୍ ବା ଟ୍ୟାକ୍ସ କଲେକ୍ଟେଡ ଆଟ୍ ସୋର୍ସ)କୁ ଅଲଗା ରଖାଯିବ ବୋଲି କେନ୍ଦ୍ରୀୟ ଅପ୍ରତ୍ୟକ୍ଷ କର ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ସ୍ପଷ୍ଟ କରିଛି। ଫଳରେ ଦାମୀ କାର୍ ଓ ଗହଣା କ୍ରେତାଙ୍କୁ ଆଶ୍ୱସ୍ତି ମିଳିବ। କାରଣ ଏଗୁଡିକ କିଣିବା ବେଳେ କମ୍ ଟିକସ ଦେବାକୁ ପଡିବ। ସୂଚନାଥାଉ କି, ଆୟକର ଅଧିନିୟମ ଅନୁଯାୟୀ, ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାର୍, ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ଗହଣା ଓ ଦୁଇ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନା-ରୁପା ଆଦି କିଣିବା ବେଳେ ୧ ପ୍ରତିଶତ ଟିସିଏସ ଆଦାୟ କରାଯାଇଥାଏ। ସେହିପରି ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ମଧ୍ୟ ଭିନ୍ନ ଭିନ୍ନ ଟିସିଏସ ଆଦାୟ ହୁଏ। ସିବିଆଇସି ପକ୍ଷରୁ କୁହାଯାଇଛି ଯେ, ଜିଏସ୍‌ଟି ଦେୟ ଗଣନା କଲା ବେଳେ ଟିସିଏସ୍ ରାଶିକୁ ସାମଗ୍ରୀ ମୂଲ୍ୟଠାରୁ ଅଲଗା ରଖାଯିବ। ତେବେ ସାମଗ୍ରୀ ମୂଲ୍ୟ ସହ ଏହାକୁ ସାମିଲ କରାଯିବ ବୋଲି ବୋର୍ଡ ଡିସେମ୍ବରରେ ପ୍ରକାଶ କରିଥିଲା। ବିଭିନ୍ନ କ୍ଷେତ୍ରରୁ ମିଳିଥିବା ପ୍ରତିକ୍ରିୟା ଓ ସିବିଡିଟି ସହ ଆଲୋଚନା ପରେ ସିବିଆଇସି ଉକ୍ତ ନିଷ୍ପତ୍ତି ନେଇଛି।

OFFICE OF THE PRINCIPAL
GOVT. COLLEGE OF PHYSICAL EDUCATION, SAMBALPUR, KULUNDI
Letter No. 140 Date: 09.03.2019
**TENDER CALL NOTICE**
Sealed Tendrs are invited from authorised suppliers/ Dealers and registered farms having valid TIN/VAT/ OST and GST Clearance Certificate for supply of sports uniforms for use of the students of Govt. College of Physical Education Sambalpur, Kulundi during the session of 2017-19 and 2018-20 batch. The detail information will be obtained through Tender papers. The Tender papers will be available in the college office from 12.03.2019 to 20.03.2019 between 11 AM to 4 PM on every working day on payment of Rs. 100/- (Rupees one hundred) only each. The last date for receive tender documents is fixed on dtd. 26.03.2019 by 12 Noon and open on dtd. 26.03.2019 at 12.30 PM. The undersigned reserves the right to accept or reject this tender in fully or partly without assigning any reason thereof.
Sd./- Principal

INTEGRATED TRIBAL DEVELOPMENT AGENCY, NABARANGPUR
No. /2019 Date: / /2019
**e-Procurement Notice**
Bid Identification No. ITDANBG-06/18-19
Bids are invited from the eligible Contractors for Construction of Museum (01 No. of project) through e-tender process. The details of the tender are available in the website: https://tendersodisha.gov.in from 15.00 hours of 11.03.2019 to 17.00 hours of 02.04.2019 for online bidding. The bids received online shall be opened on 11.00 hours of 06.04.2019 in this office. The original bid security, Demand Draft towards cost of Bid, GST Certificate, Work Performane Certificate and affidavit in original shall be submitted in this office on or before 17.00 hours of 05.04.2019 by Regd. Post/ Speed Post only during office hours. The bidders shall have to participate in online bidding only. Further, any addendum/ corrigendum/ cancellation of tender can be seen in the website only. The authority reserves the right to reject any or all bid without assigning any reason thereof.
Sd./- P.A., ITDA, Nabarangpur

**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ**
ମାର୍ଚ୍ଚ ୧୧ ତାରିଖ
No. 55-RR
'ମାତୃଭୂମି ମାତୃଭାଷାରେ ମମତା
ଯା'ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'
-ସ୍ୱଭାବ କବି ଗଙ୍ଗାଧର ମେହେର
ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ୫ ବର୍ଷ ପୂର୍ତ୍ତି ଅବସରରେ ଉତ୍କଳୀୟ ସଂସ୍କୃତି, ସାହିତ୍ୟ, ଭାଷାର ସମୃଦ୍ଧି ସାଧନ କରିବା ସଙ୍ଗେସଙ୍ଗେ ମାତୃଭାଷାର ମହିମାକୁ ଋଦ୍ଧିମନ୍ତ କରିବାରେ ଆମ୍ଭେମାନେ ଯତ୍‌ପରୋନାସ୍ତି ଉଦ୍ୟମ କରିବା, ଏହାହିଁ ଆମର ଶପଥ ହେଉ।
ଆମ ମାତୃଭାଷା ଓଡ଼ିଆ ପାଇଁ ଆମେ ଗର୍ବିତ
ଓଡ଼ିଆ ଭାଷା ପ୍ରତିଷ୍ଠାନ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୧୪, ଇମେଲ୍ : odiabhasa@nic.in
27009/11/0002/1819

“ଚାମ୍ପିୟନ୍ସ ଲିଗ୍‌ରେ ଆମ ଦଳ ମାଞ୍ଚେଷ୍ଟର ୟୁନାଇଟେଡ୍‌ଠାରୁ ପରାଜିତ ହେବାପରେ ମୁଁ ଗୋଟିଏ ରାତି ଭଲରେ ଶୋଇପାରିନି ।
–କିଲିଆନ ଏମ୍‌ବାପେ, ପ୍ୟାରିସ୍ ସେଣ୍ଟ ଜର୍ମେନ ଟିମ୍ ଖେଳାଳି



“ଆଗକୁ ବିଶ୍ୱକପ୍ ଦୃଷ୍ଟିରୁ ବିରାଟ କୋହଲି ଓ ଯଶପ୍ରୀତ ବୁମ୍‌ରାଙ୍କ ଭଳି ଖେଳାଳି ଆଇପିଏଲ୍‌ରେ ଇଞ୍ଜୁରି ପ୍ରତି ସତର୍କ ରହିବା ଆବଶ୍ୟକ ।
–ହରଭଜନ ସିଂ, ଭାରତୀୟ ସ୍ପିନର



## ସଂକ୍ଷେପରେ

### ଆଇସିସିଠାରୁ ଅନୁମତି ନେଇଥିଲା ବିସିସିଆଇ

**ମୁମ୍ବାଇ,୧୦।୩(ପି.ଟି.):** ରାଞ୍ଚିରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ କ୍ରିକେଟର ମାନେ ମିଲିଟାରୀ ଟୋପି ପରିଧାନ କରିଥିଲେ। ଏବେ ଏ ସଂକ୍ରାନ୍ତରେ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଜବାବ ରଖିଛି। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ୪୪ଜଣ ସିଆରପିଏଫ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ତଥା ସମ୍ମାନ ଜଣାଇ କ୍ରିକେଟରମାନେ ଏହି ସେନାବାହିନୀ ଟୋପି ପିନ୍ଧିଥିଲେ। ଭାରତୀୟ ଦଳ ମଧ ଶହୀଦଙ୍କ ପରିବାରକୁ ଏହି ମ୍ୟାଚ୍‌ର ପାଉଣା ଦାନ କରିଥିଲେ। ତେବେ ପାକିସ୍ତାନ ଏହାର ବିରୋଧ କରି ଆଇସିସି ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା। ଭାରତୀୟ ଦଳ କ୍ରିକେଟର ରାଜନୀତିକରଣ କରୁଛି ବୋଲି ପାକିସ୍ତାନ ଅଭିଯୋଗ ଆଣିଥିଲା। ତେବେ ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅନୁମତି ଲୋଡ଼ିଥିଲା ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଭାରତୀୟ ଖେଳାଳିମାନେ ପ୍ରଥମଥର ପାଇଁ ଏଭଳି କିଛି ପରିଧାନ କରିନାହାନ୍ତି। ପୂର୍ବରୁ ମଧ ଭାରତୀୟ ଖେଳାଳି ବିଭିନ୍ନ ସମାଜ ମଙ୍ଗଳକାର୍ଯ୍ୟ ପାଇଁ ବିଭିନ୍ନ ଜିନିଷ ପରିଧାନ କରିବାର ଉଦାହରଣ ରହିଛି। ଗତ ବର୍ଷ ଓଭାଲରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଉଭୟ ଭାରତ ଓ ଘରୋଇ ଇଂଲଣ୍ଡ ଖେଳାଳିମାନେ ଖଦି ତିଆରି ହୋଇଥିବା ଏକ ପପି ବା ପୋଷ୍ତା ପରିଧାନ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତୀୟ ସୈନିକଙ୍କୁ ସମ୍ମାନ ଜଣାଇ ଖେଳାଳିମାନେ ଏହା ପରିଧାନ କରିଥିଲେ। ସେହିପରି କିଛିମାସ ତଳେ ସିଡନୀରେ ଅନୁଷ୍ଠିତ ଟେଷ୍ଟରେ ବିରାଟ କୋହଲି ପିଙ୍କ୍ ଟେଷ୍ଟକୁ ସମର୍ଥନ କରି ନିଜସ୍ୱ ଢଙ୍ଗରେ ପିଙ୍କ ଗ୍ରିପ୍ ଓ ଷ୍ଟିକର ପରିଧାନ କରିଥିଲେ।

### ଜାତୀୟ ଜୁନିୟର ହକି ଶିବିରରେ ଯୋଗଦେବେ ୬ ଓଡ଼ିଆ


**ବେଙ୍ଗାଲୁରୁ,୧୦।୩(ପିଟି):** ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ମାର୍ଚ୍ଚ ୧୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସାଇ କେନ୍ଦ୍ରଠାରେ ଜାତୀୟ ଜୁନିୟର ହକି ଶିବିର ଅନୁଷ୍ଠିତ ହେବ। ଏଥିଲାଗି ଏଚ୍‌ଆଇ ରବିବାର ୬୦ ଖେଳାଳିଙ୍କ ନାମ ଘୋଷଣା କରିଛି। ଏମାନଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ୬ ଜଣ ଓଡ଼ିଆ ଖେଳାଳି। ସେମାନେ ହେଲେ ଗୋଲକିପର ସାହିଲ କୁମାର ନାୟକ, ଡିଫେଣ୍ଡର ସୁମନ ବେକ୍, ଇନୋସେଣ୍ଟ ମୁଣ୍ଡା, ନବୀନ କୁଜୁର, ମିଡ୍‌ଫିଲ୍ଡର ଗ୍ରେକୋରୀ ଖେଜ ଓ ସୁନିତ ଲାକ୍ରା। ଜୁନିୟରସ୍ତରରେ ଚଳିତ ବର୍ଷ ପ୍ରଥମ ଥର ଲାଗି ଶିବିର ଆୟୋଜନ କରାଯାଉଛି। କ୍ୟାମ୍ପ୍‌ରେ ଯୋଗଦେବାକୁ ଥିବା ଖେଳାଳିଙ୍କ ମଧ୍ୟରୁ କୋଚିଂ ଓ ସପୋର୍ଟ ଷ୍ଟାଫ୍ ଭଲ ଗ୍ରୁପ୍ ଚୟନ କରିବେ ବୋଲି ଏଚ୍‌ଆଇ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ କହିଛନ୍ତି।

### ତୃତୀୟ ରାଉଣ୍ଡରେ ଜୋକୋଭିଚ, ଭେନସ୍

**ଇଣ୍ଡିଆନ ୱେଲ୍ସ,୧୦।୩(ଏଏଫପି):** ଅଭିଜ୍ଞ ସର୍ବିୟା ଟେନିସ୍ ତାରକା ନୋଭାକ ଜୋକୋଭିଚ୍ ଆମେରିକାର ଇଣ୍ଡିଆନ ୱେଲ୍ସରେ ଚାଲିଥିବା ଏଟିପି ମାଷ୍ଟର୍ସ ଟୁର୍ନାମେଣ୍ଟରେ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିଥିବା ଜୋକୋଭିଚ୍ ଆମେରିକା କ୍ୱାଲିଫାୟର ବିଜୋର୍ନ ଫ୍ରାଟାଙ୍ଗେଲୋଙ୍କୁ ୭-୬, ୬-୨ ସେଟରେ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ଅପରପକ୍ଷରେ ମହିଳା ବିଭାଗରେ ଗତଥରର ଚାମ୍ପିୟନ ତଥା ବିଶ୍ୱର ୧ ନମ୍ବର ଖେଳାଳି ଜାପାନର ନାଓମି ଓସାକା ରାଉଣ୍ଡ ଅଫ୍ ୬୪ରେ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିକଙ୍କୁ ୬-୩,୬-୪ ସେଟରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ୨୫ତମ ଆମେରିକୀୟ ଖେଳାଳି ଡାନିଏଲେ କଲିନ୍ସଙ୍କୁ ଭେଟିବେ। କଲିନ୍ସ ବେଲଜିୟମର କିର୍ଷ୍ଟେନ ଫ୍ଲପ୍‌କେନ୍ସଙ୍କୁ ୬-୪, ୬-୧ ସେଟରେ ହରାଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛନ୍ତି।

## ■ ଧାଓ୍ୱନ ଧମାକା ପରେ ହ୍ୟାଣ୍ଡସ୍କମ୍ବ, ଟର୍ନରଙ୍କ ଚମକ

# ଅଷ୍ଟ୍ରେଲିଆର ଚମକପ୍ରଦ ବିଜୟ





ରବିବାର ମୋହାଲିରେ ଶତକ ହାସଲ ପରେ ଅଷ୍ଟ୍ରେଲିଆର ପିଟର ହ୍ୟାଣ୍ଡସ୍କମ୍ବ ଓ ଭାରତର ଶିଖର ଧାଓ୍ୱନ।

**ମୋହାଲି, ୧୦।୩**

ମୋହାଲିର ବ୍ୟାଟିଂ ଟ୍ରାକ୍‌ରେ ୩୫୮ ରନ୍ ପର୍ଯ୍ୟାପ୍ତ ହେଲାନି। ଭାରତର ଶିଖର ଧାଓ୍ୱନଙ୍କ ଶ୍ରେଷ୍ଠ ଇନିଂସ୍ ପରେ ଅଷ୍ଟ୍ରେଲିଆର ପିଟର ହ୍ୟାଣ୍ଡସ୍କମ୍ବ ହାସଲ କଲେ କ୍ୟାରିୟରର ପ୍ରଥମ ଶତକ। ଶେଷଭାଗରେ ଆଷ୍ଟନ ଟର୍ନରଙ୍କ ଇନିଂସ ହେଲା ଟର୍ନିଂ ପଏଣ୍ଟ। ହାଇ ସ୍କୋରିଂ ମ୍ୟାଚ୍‌ରେ ଭାରତକୁ ୪ ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୯ ରନ ବିଜୟ ଲକ୍ଷ୍ୟକୁ ୪୭.୫ ଓଭରରେ ୬ ଉଇକେଟ ହରାଇ ହାସଲ କଲା ଅଷ୍ଟ୍ରେଲିଆ। ଏକଦିବସୀୟ କ୍ରିକେଟରେ ଭାରତ ବିପକ୍ଷରେ କୌଣସି ଦଳର ଏହା ସର୍ବାଧିକ ରନ ଚେଜ୍। ବିସ୍ଫୋରକ ଇନିଂସ ପାଇଁ ଟର୍ନର ହେଲେ ମ୍ୟାନ୍ ଅଫ୍ ଦି ମ୍ୟାଚ୍। ଅଷ୍ଟ୍ରେଲିଆର ଏହି ଚମକପ୍ରଦ ବିଜୟ ଫଳରେ ୫ ମ୍ୟାଚବିଶିଷ୍ଟ ସିରିଜ ଏବେ ୨–୨ ସ୍ଥିତିରେ ପହଞ୍ଚିଛି।

### ହ୍ୟାଣ୍ଡସ୍କମ୍ବଙ୍କ ପ୍ରଥମ ଶତକ

ବୃହତ୍ ୩୫୯ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଅଷ୍ଟ୍ରେଲିଆ ମାତ୍ର ୧୨ ରନ୍ ମଧ୍ୟରେ ଅଧିନାୟକ ଆରୋନ ଫିଞ୍ଚ୍(୦) ଓ ଶନ୍ ମାର୍ଶ(୬)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଭୁବନେଶ୍ୱର କୁମାର ପ୍ରଥମ ଓଭରର ୪ର୍ଥ ବଲ୍‌ରେ ଫିଞ୍ଚ୍ ଏବଂ ଯଶପ୍ରୀତ ବୁମ୍‌ରା ୪ର୍ଥ ଓଭରର ୩ୟ ବଲ୍‌ରେ ମାର୍ଶଙ୍କୁ କ୍ଲିନ୍ ବୋଲ୍ଡ କରି ଚାପ ପ୍ରୟୋଗ କରିଥିଲେ। ମାତ୍ର ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡସ୍କମ୍ବ ପ୍ରଥମେ ସତର୍କତାର ସହ ଏବଂ ପରେ ଦ୍ରୁତ ଇନିଂସ୍ ଖେଳି ୧୯୨ ରନ୍‌ର ଭାଗୀଦାରି ଗଢ଼ିବାରୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦୁଇ ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନାକେଦମ୍ କରିଥିବାବେଳେ ୩୪ତମ ଓଭରର ପ୍ରଥମ ବଲ୍‌ରେ ଖ୍ୱାଜାଙ୍କୁ ଆଉଟ କରି ଭାରତକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ବୁମ୍‌ରା। ୯୯ ବଲ୍ ଖେଳିଥିବା ଖ୍ୱାଜା ୯ ଚୌକା ସହାୟତାରେ ୯୧ ରନ୍ କରିଥିବାବେଳେ ବୁମ୍‌ରାଙ୍କ ବଲ୍‌ରେ ଫାଇନ୍ ଲେଗ୍‌ରେ କୁଲଦୀପ ଯାଦବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ସ୍କୋର ୩୩.୧ ଓଭରରେ ୨୦୪ରେ ପହଞ୍ଚି ସାରିଥିଲା। ବିପଜ୍ଜନକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ୧୩ ବଲ୍‌ରୁ ୨୩(୨ ଚୌକା, ୧ ଛକା) ରନ୍ କରି ଆଉଟ ହୋଇଥିଲେ ହେଁ ହ୍ୟାଣ୍ଡସ୍କମ୍ବ ହାସଲ କରିଥିଲେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ। ୧୦୫ ବଲ୍‌ରୁ ବ୍ୟକ୍ତିଗତ ୧୧୭ ରନ୍ କରି ଆଉଟ ହୋଇଥିବା ହ୍ୟାଣ୍ଡସ୍କମ୍ବ ନିଜ ଇନିଂସ ମଧ୍ୟରେ ୮ ଚୌକା, ୩ ଛକା ମାରିଥିଲେ।

### ଟର୍ନର ଟର୍ନିଂ ପଏଣ୍ଟ

ରନ୍ ହାର କ୍ରମେ ବଢ଼ିଚାଲିଥିବାବେଳେ ଅଷ୍ଟ୍ରେଲିଆ ପାଇଁ ଚମତ୍କାର ଇନିଂସ ଖେଳିଥିଲେ ଆଷ୍ଟନ ଟର୍ନର। ଜୀବନର ମାତ୍ର ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଟର୍ନର ବିସ୍ଫୋରକ ବ୍ୟାଟିଂ କରି ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିଲେ। ସେ ହ୍ୟାଣ୍ଡସ୍କମ୍ବଙ୍କ ସହ ୫ମ ଉଇକେଟରେ ୪୨ ଓ ୬ଷ୍ଠ ଉଇକେଟରେ ଆଲେକ୍ସ କାରେଙ୍କ ସହ ମୂଲ୍ୟବାନ ୮୬ ରନ୍ ଯୋଗକରି ଅଷ୍ଟ୍ରେଲିଆକୁ ବିଜୟୀ କରାଇଥିଲେ। କ୍ୟାରିୟରର ପ୍ରଥମ ମ୍ୟାଚ୍‌ରେ ମାତ୍ର ୨୧ ରନ କରିଥିବା ଟର୍ନର ଏଠାରେ କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ୪୩ ବଲ୍‌ରୁ ବିସ୍ଫୋରକ ୮୪ ରନ ସଂଗ୍ରହ କରିଥିଲେ। ଶେଷଭାଗରେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମ୍‌ରାଙ୍କୁ ଧୂଳେଇ କରିଥିବା ଟର୍ନର ନିଜ ଇନିଂସ୍ ମଧ୍ୟରେ ୫ ଚୌକା ଓ ୬ ଛକା ମାରିଥିଲେ। କାରେ ୨୧ ରନ କରି ଆଉଟ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ବୁମ୍‌ରା ୩ଟି ଏବଂ ଭୁବନେଶ୍ୱର, କୁଲଦୀପ ଓ ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ଧାଓ୍ୱନଙ୍କ ଶ୍ରେଷ୍ଠ ଇନିଂସ

ଟସ୍ ଜିତି ବିରାଟ କୋହଲି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ପିଚ୍ କଣ୍ଡିଶନରୁ ଫାଇଦା ଉଠାଇ ରୋହିତ ଶର୍ମା ଓ ଶିଖର ଧାଓ୍ୱନ ଖେଳିଥିଲେ ଚମତ୍କାର ଇନିଂସ। ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କୁ ଧୂଳେଇ କରି ଓପନିଂ ଯୋଡ଼ିରେ ୧୯୩ ରନ୍ ସଂଗ୍ରହ କରିବା ସହ ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇଯାଇଥିଲେ। ଗତ କିଛି ମ୍ୟାଚ୍‌ରେ ଫର୍ମରେ ନ ଥିବା ଶିଖର ଏଠାରେ ଶତକୀୟ ଇନିଂସ ଖେଳିଥିବାବେଳେ ରୋହିତ ଅଳ୍ପକେ ମାତ୍ର ୫ ରନ୍ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୭ ଚୌକା ଓ ୨ ଛକା ସହାୟତାରେ ୯୫ ରନ୍ କରିଥିବାବେଳେ ଝେ ରିଚାର୍ଡଶନଙ୍କ ବଲ୍‌ରେ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୧ତମ ଓଭରର ଶେଷ ବଲ୍‌ରେ ରିଚାର୍ଡଶନ ଅଷ୍ଟ୍ରେଲିଆକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଧାଓ୍ୱନ କିନ୍ତୁ ଖେଳିଥିଲେ କ୍ୟାରିୟରର ଶ୍ରେଷ୍ଠ ଇନିଂସ। ୧୧୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧାଓ୍ୱନ ୧୮ ଚୌକା ଓ ୩ ଛକା ସହାୟତାରେ ୧୪୩ ରନ୍ କରି ଦ୍ୱିତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏକଦିବସୀୟ କ୍ରିକେଟରେ ପୂର୍ବରୁ ଧାଓ୍ୱନଙ୍କର ସର୍ବାଧିକ ସ୍କୋର ଥିଲା ୧୩୭(ବନାମ ଦକ୍ଷିଣ ଆଫ୍ରିକା, ମେଲବୋର୍ନ, ୨୦୧୫)। ଦିନିକିଆ କ୍ରିକେଟରେ ଏହା ଥିଲା ତାଙ୍କର ୧୬ତମ, ଘରୋଇ ପରିବେଶରେ ପ୍ରଥମ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୩ୟ ଶତକ। ୧୮ ଇନିଂସ ପରେ ସେ ମ୍ୟାଜିକ୍ ତିନିଅଙ୍କ ସ୍କୋର ସ୍ପର୍ଶ କରିଥିଲେ। ୨୦୧୮ ସେପ୍ଟେମ୍ବରରେ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ସେ ଶେଷଥର ପାଇଁ ଶତକ ହାସଲ କରିଥିଲେ।

ଧାଓ୍ୱନ ଆଉଟ ହେବାବେଳକୁ ଭାରତର ସ୍କୋର ୩୭.୪ ଓଭରରେ ୨୫୪ ହୋଇ ସାରିଥିଲା। ଦ୍ରୁତ ରନ୍ ସଂଗ୍ରହ ଚକ୍କରରେ ଅଧିନାୟକ ବିରାଟ କୋହଲି ୭, ରିଷଭ ପନ୍ତ ୨୪ ବଲ୍‌ରୁ ୩୬(୪ ଚୌକା, ୧ ଛକା), କେଦାର ଯାଦବ ୧୦ ରନ୍ କରି ଆଉଟ ହୋଇଥିବାବେଳେ ବିଜୟ ଶଙ୍କର ୧୫ ବଲ୍‌ରୁ ଦ୍ରୁତ ୨୬(୧ ଚୌକା, ୨ ଛକା) ରନ ସଂଗ୍ରହ କରିବାରୁ ଭାରତୀୟ ସ୍କୋର ୩୫୦ ଅତିକ୍ରମ କରିଥିଲା। ଟେଲ୍ ଏଣ୍ଡର ଭୁବନେଶ୍ୱର କୁମାର ୧ ଓ ୟୁଜ୍‌ବେନ୍ଦ୍ର ଚହଲ ଖାତା ଖୋଲିପାରି ନ ଥିବାବେଳେ ଯଶପ୍ରୀତ ବୁମ୍‌ରା ଖେଳିଥିବା ଗୋଟିଏ ବଲ୍‌କୁ ଛକାରେ ପରିଣତ କରି ଭାରତୀୟ ଇନିଂସ୍‌ର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ପ୍ୟାଟ୍ କୁମିନ୍ସ ୫ ଉଇକେଟ ସଫଳତା ପାଇଥିବାବେଳେ ରିଚାର୍ଡଶନ ୩ଟି ଏବଂ ଆଡାମ ଜାମ୍ପା ଗୋଟିଏ ଉଇକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଭାରତ ୩ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା। ପୂର୍ବ ମ୍ୟାଚ୍ ଖେଳିଥିବା ମହେନ୍ଦ୍ର ସିଂ ଧୋନୀ, ରବୀନ୍ଦ୍ର ଜାଡେଜା ଓ ଅମ୍ବାତି ରାୟୁଡୁଙ୍କ ସ୍ଥାନରେ ରିଷଭ ପନ୍ତ, ୟୁଜ୍‌ବେନ୍ଦ୍ର ଚହଲ ଓ ଲୋକେଶ ରାହୁଲଙ୍କୁ ସୁଯୋଗ ମିଳିଥିଲା।

### ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ–କ–ହ୍ୟାଣ୍ଡସ୍କମ୍ବ–ବୋ–ରିଚାର୍ଡଶନ–୯୫
ଧାଓ୍ୱନ–ବୋ–କୁମିନ୍ସ–୧୪୩
ଲୋକେଶ–କ–କାରେ–ବୋ–ଜାମ୍ପା–୨୬
କୋହଲି–କ–କାରେ–ବୋ–ରିଚାର୍ଡଶନ–୭
ପନ୍ତ–କ–ଫିଞ୍ଚ୍–ବୋ–କୁମିନ୍ସ–୩୬
କେଦାର–କ–ରିଚାର୍ଡଶନ–ବୋ–କୁମିନ୍ସ–୧୦
ବିଜୟ–କ–ମ୍ୟାକ୍ସୱେଲ–ବୋ–କୁମିନ୍ସ–୨୬
ଭୁବନେଶ୍ୱର–କ–କାରେ–ବୋ–ରିଚାର୍ଡଶନ–୧
କୁଲଦୀପ–ନଟଆଉଟ–୧
ଚହଲ–କ ଆଣ୍ଡ ବୋ–କୁମିନ୍ସ–୦
ବୁମ୍‌ରା–ନଟଆଉଟ–୬
ଅତିରିକ୍ତ–୭
**ମୋଟ(୯ ଉଇକେଟ, ୫୦ ଓଭର) ୩୫୮**
ଉଇକେଟ ପତନ: ୧/୧୯୩, ୨/୨୫୪, ୩/୨୬୬, ୪/୨୯୬, ୫/୩୧୪, ୬/୩୩୧, ୭/୩୪୪, ୮/୩୫୧, ୯/୩୫୨।
**ବୋଲିଂ(ଅଷ୍ଟ୍ରେଲିଆ)**
କୁମିନ୍ସ ୧୦–୦–୭୦–୫
ବେହରେନଡର୍ଫ ୧୦–୧–୬୧–୦
ରିଚାର୍ଡଶନ ୯–୦–୮୫–୩
ମ୍ୟାକ୍ସୱେଲ ୮–୧–୬୧–୦
ଜାମ୍ପା ୧୦–୦–୫୭–୧
ଫିଞ୍ଚ୍ ୩–୦–୨୨–୦।

**ଅଷ୍ଟ୍ରେଲିଆ ଇନିଂସ**

ଫିଞ୍ଚ୍–ବୋ–ଭୁବନେଶ୍ୱର–୦
ଖ୍ୱାଜା–କ–କୁଲଦୀପ–ବୋ–ବୁମ୍‌ରା–୯୧
ଶନ୍ ମାର୍ଶ–ବୋ–ବୁମ୍‌ରା–୬
ହ୍ୟାଣ୍ଡସ୍କମ୍ବ–କ–ଲୋକେଶ–ବୋ–ଚହଲ–୧୧୭
ମ୍ୟାକ୍ସୱେଲ–ଏଲବିଡବ୍ଲ୍ୟୁ–କୁଲଦୀପ–୨୩
ଟର୍ନର– ନଟଆଉଟ–୮୪
କାରେ–କ–ଧାଓ୍ୱନ–ବୋ–ବୁମ୍‌ରା–୨୧
ରିଚାର୍ଡଶନ–ନଟଆଉଟ–୦
ଅତିରିକ୍ତ–୧୭
**ମୋଟ(୪୭.୫ ଓଭର, ୬ ଉଇକେଟ) ୩୫୯**
ଉଇକେଟ ପତନ: ୧/୩, ୨/୧୨, ୩/୨୦୪, ୪/୨୨୯, ୫/୨୭୧, ୬/୩୫୭।
**ବୋଲିଂ(ଭାରତ)**
ଭୁବନେଶ୍ୱର ୯–୦–୬୭–୧
ବୁମ୍‌ରା ୮.୫–୦–୬୩–୩
ବିଜୟ ୫–୦–୨୯–୦
କୁଲଦୀପ ୧୦–୦–୬୪–୧
କେଦାର ୫–୦–୪୪–୦
ଚହଲ ୧୦–୦–୮୦–୧

### ଏକଦିବସୀୟ କ୍ରିକେଟରେ ସର୍ବାଧିକ ରନଚେଜ୍

**୪୩୮/୯( ୪୯.୫ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଜୋହାନ୍ସବର୍ଗ, ମାର୍ଚ୍ଚ ୧୨, ୨୦୦୬
**୩୭୨/୬(୪୯.୨ ଓଭର):** ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ, ଡର୍ବାନ, ଅକ୍ଟୋବର ୫, ୨୦୧୬
**୩୬୪/୪ (୪୮.୪ ଓଭର):** ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ, ବ୍ରିଜ୍ ଟାଉନ, ଫେବୃୟାରୀ ୨୦, ୨୦୧୯
**୩୬୨/୧ (୪୩.୩ ଓଭର):** ଭାରତ ବନାମ ଅଷ୍ଟ୍ରେଲିଆ, ଜୟପୁର, ଅକ୍ଟୋବର ୧୬, ୨୦୧୩
**୩୫୯/୬(୪୭.୫ ଓଭର):** ଅଷ୍ଟ୍ରେଲିଆ ବନାମ ଭାରତ, ମୋହାଲି, ମାର୍ଚ୍ଚ ୧୦, ୨୦୧୯

### ସର୍ବାଧିକ ଓପନିଂ ଭାଗୀଦାରି ବନାମ ଅଷ୍ଟ୍ରେଲିଆ

୧୯୩: ରୋହିତ ଶର୍ମା–ଶିଖର ଧାଓ୍ୱନ, ମୋହାଲି, ୨୦୧୯
୧୭୮: ରୋହିତ ଶର୍ମା–ଶିଖର ଧାଓ୍ୱନ,ନାଗପୁର, ୨୦୧୩
୧୭୬: ରୋହିତ ଶର୍ମା–ଶିଖର ଧାଓ୍ୱନ,ଜୟପୁର, ୨୦୧୩
୧୭୫: ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, କାନ୍‌ପୁର, ୧୯୯୮

**ପ୍ରଥମ ବ୍ୟାଟିଂରେ ଅଷ୍ଟ୍ରେଲିଆ ବିପକ୍ଷରେ ସର୍ବାଧିକ ସ୍କୋର**

୩୮୩/୬, ବେଙ୍ଗାଲୁରୁ, ୨୦୧୩
୩୫୮/୯, ମୋହାଲି, ୨୦୧୯
୩୫୪/୭, ନାଗପୁର, ୨୦୦୯

**ମୋହାଲି ଗ୍ରାଉଣ୍ଡରେ ସର୍ବାଧିକ ସ୍କୋର**

୩୯୨/୪: ଭାରତ ବନାମ ଶ୍ରୀଲଙ୍କା, ୨୦୧୭
୩୫୮/୯: ଭାରତ ବନାମ ଅଷ୍ଟ୍ରେଲିଆ, ୨୦୧୯

**ଭାରତରେ ଭାରତ ବିପକ୍ଷରେ ସର୍ବାଧିକ ୩ୟ ଉଇକେଟ ଭାଗୀଦାରି**

୧୯୨: ଉସମାନ ଖ୍ୱାଜା–ପିଟର ହ୍ୟାଣ୍ଡସ୍କମ୍ବ, ମୋହାଲି, ୨୦୧୯
୧୮୧: ଏ.ପାରୋରେ–.କ.ରଥରଫୋର୍ଡ, ବରୋଦା, ୧୯୯୪
୧୭୩*: ଜ୍ୟାକ୍ସ କାଲିସ–ଏବି ଡିଭିଲର୍ସ, ଅହମ୍ମଦାବାଦ, ୨୦୧୦
୧୭୧*: ମାର୍ଟିନ କ୍ରୋ–ଷ୍ଟିଫେନ ଫ୍ଲେମିଂ, ଜାମସେଦପୁର, ୧୯୯୫

## ଅଣ୍ଟାଜନିତ ସମସ୍ୟାରେ ପଡ଼ିପାରନ୍ତି ବୁମ୍‌ରା

**ନୂଆଦିଲ୍ଲୀ, ୧୦।୩ (ପିଟି):** ଦିନିକିଆ ଫର୍ମାଟ୍‌ର ନଂ.୧ ବୋଲର ଯଶପ୍ରୀତ ବୁମ୍‌ରା ନିଜର ପାରମ୍ପରିକ ବୋଲିଂ ଷ୍ଟାଇଲ ଯୋଗୁ ଅଣ୍ଟାଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏହା ଅନୁଭବ କରୁଛନ୍ତି ଶରୀର ରଚନା ବିଶେଷଜ୍ଞ ଡାକ୍ତର ସିମୋନ ଫେରସ। ଭାରତୀୟ ବୋଲରଙ୍କ ବୋଲିଂ ଶୈଳୀ ଉପରେ ଅଷ୍ଟ୍ରେଲିଆର ଭିକ୍ଟୋରିଆସ୍ଥିତ ଡିକିନ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଦଳ ସହ ଜଡ଼ିତ ଥିବା ଫେରସ ଓ ଫିଜିଓଥେରାପିଷ୍ଟ ଜନ ଗ୍ଲୋଷ୍ଟର ଅଧ୍ୟୟନ କରିଛନ୍ତି। ବିଶ୍ୱର କ୍ରୀଡ଼ା ବିଜ୍ଞାନ କ୍ଷେତ୍ରରେ ଡିକିନ ବିଶ୍ୱବିଦ୍ୟାଳୟର ମାନ୍ୟତା ୩ୟ। ବୋଲିଂ କରିବାବେଳେ ସାମ୍ନା ଗୋଡ଼ର ଲାଇନ୍ ବାହାରେ ବଲ୍ ଛାଡ଼ିବା ବୁମ୍‌ରାଙ୍କ ଅଭ୍ୟାସ। ଏଥିଯୋଗୁ ବଲ୍ ଇନ୍‌ସୁଇଙ୍ଗ କରେ। ଯାହାଫଳରେ ସେ ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ସହଜରେ ଅସୁବିଧାରେ ପକାଇପାରନ୍ତି।

## ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୨୧୧ରେ ଅଲଆଉଟ

**ୱେଲିଂଟନ,୧୦।୩ (ଏଏଫପି)**

ବର୍ଷା ଯୋଗୁ ପ୍ରଥମ ଦୁଇ ଦିନ ଖେଳ ବାତିଲ ହେବା ପରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଖେଳ ସମ୍ଭବ ହୋଇଛି। ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୮୧ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧.୪ ଓଭରରେ ୨ ଉଇକେଟ ହରାଇ ୩୮ ରନ ସଂଗ୍ରହ କରିଛି। ଫଳରେ ୮ ଉଇକେଟ ହାତରେ ରଖି ନ୍ୟୁଜିଲାଣ୍ଡ ୧୭୩ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ କେନ୍ ୱିଲିୟମସନ ୧୦ ଓ ଅଭିଜ୍ଞ ରସ୍ ଟେଲର ୧୯ ରନ କରି ଅପରାଜିତ ରହିଛନ୍ତି। ୬ ରନରେ ଦୁଇ ଓପନରଙ୍କୁ ହରାଇ ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଜିତ ରାଭାଲ ୩ ଓ ଟମ୍ ଲଥାମ ୪ ରନ କରି ଦ୍ରୁତ ବୋଲର ଆବୁ ଜାଏଦଙ୍କ ଦ୍ୱାର ଆଉଟ ହୋଇଥିଲେ।

ପ୍ରଥମ ଇନିଂସରେ ବାଂଲାଦେଶ ତରଫରୁ ଓପନର ତାମିମ ଇକବାଲ ସର୍ବାଧିକ ୭୪, ଉଇକେଟ କିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୩, ଶଦମନ ଇସ୍‌ଲାମ ୨୭, ସୌମ୍ୟ ସରକାର ୨୦, ମୋମିନୁଲ ହକ ୧୫, ଅଧିନାୟକ ମହମୁଦୁଲ୍ଲା ୧୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ନିଲ ୱାଗନର ସର୍ବାଧିକ ୪, ଟ୍ରେଣ୍ଟ ବୋଲ୍ଟ ୩, ଟିମ ସାଉଦି, କଲିନ ଡି ଗ୍ରାଣ୍ଡହୋମ, ମ୍ୟାଟ ହେନେରୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

## ଟି୨୦: ମନ୍ଧାନାଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ

**ଦୁବାଇ, ୧୦।୩ (ପି.ଟି.)**

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା କ୍ୟାରିୟରର ଶ୍ରେଷ୍ଠ ତୃତୀୟ ସ୍ଥାନକୁ ଉଠିଛନ୍ତି। ହରମନପ୍ରୀତ କୌରଙ୍କ ଅନୁପସ୍ଥିତିରେ ମନ୍ଧାନା ଟି୨୦ରେ ଭାରତର ନେତୃତ୍ୱ ନେଇଥିଲେ। ଗତ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ସେ ୭୨ ରନ ସଂଗ୍ରହ କରିଥିଲେ। ତୃତୀୟ ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଇଞ୍ଜୁରି କାରଣରୁ ଏହି ସିରିଜରୁ ବାଦ ପଡିଥିବା ହରମନପ୍ରୀତ ଦୁଇଟି ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ରହିଛନ୍ତି। ବୋଲିଂ ତାଲିକାରେ ରାଧା ଯାଦବ ୫ଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ବାମହାତୀ ସ୍ପିନର ଏକତା ବିଷ୍ଟ ୩ଟି ସ୍ଥାନ ଉପରକୁ ଉଠି ୫୬ତମ ସ୍ଥାନ ଅଧିକାର କରିଛନ୍ତି। ଅଫ ସ୍ପିନର ଅନୁଜା ପାଟିଲ ୩୫ରୁ ୩୧ତମ ସ୍ଥାନକୁ ଉଠିଛନ୍ତି।



ସ୍ମୃତି ମନ୍ଧାନା

ଇଂଲଣ୍ଡର ଡାନିଏଲେ ୱାଟ୍ ଦୁଇଟି ସ୍ଥାନ ଉପରକୁ ଉଠି ବ୍ୟାଟିଂ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ୩ଟି ମ୍ୟାଚ ଖେଳି ସେ ୧୨୩ ରନ କରି ଦଳକୁ ୩–୦ରେ କ୍ଲିନ୍ ସୁଇପ୍ କରାଇବା ସହ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହିପରି ଟାମି ବିୟୁମାଉଣ୍ଟ ଓ ଅଧିନାୟକ ହିଦର ନାଇଟ୍ ଦୁଇଟି ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୨୬ ଓ ୩୩ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୮ଟି ସ୍ଥାନ ଉପରକୁ ଉଠି ଲୌରେନ ୱିନ୍‌ଫିଲ୍ଡ ୪୫ତମ ସ୍ଥାନରେ ରହିଛନ୍ତି। ସେହିପରି ସୋଫିଆ ଡଙ୍କଲି ୧୬ଟି ସ୍ଥାନ ଉପରକୁ ଉଠି ୮୬ତମ ସ୍ଥାନ ଅଧିକାର କରିଛନ୍ତି। ଇଂଲଣ୍ଡ ବାମହାତୀ ସ୍ପିନର ଲିନ୍‌ସେ ସ୍ମିଥ୍ ସିରିଜରେ ୫ ଉଇକେଟ ଅକ୍ତିଆର କରି ୧୮୫ଟି ସ୍ଥାନ ଉପରକୁ ଉଠି ୯୫ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି କାଥେରିନ କ୍ରସ୍ ୭୧ତମ ସ୍ଥାନରେ ରହିଛନ୍ତି।

ଦଳୀୟ ର୍‍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ଇଂଲଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ୩ ପଏଣ୍ଟ ପାଇ ଇଂଲଣ୍ଡ ମୋଟ ୨୭୭ ପଏଣ୍ଟ ହାସଲ କରି ଏହି ସଫଳତା ପାଇଛି। ତେବେ ୬ ପଏଣ୍ଟ ଅଧିକ ପାଇ ଅଷ୍ଟ୍ରେଲିଆ ଦଳୀୟ ତାଲିକାର ଶୀର୍ଷରେ ରହିଛି।

" ଏଏଫ୍‌ସି କ୍ୱାଲିଫାୟର ପାଇଁ ଆମେ ନିଜକୁ କେମିତି ପ୍ରସ୍ତୁତ କରିଛୁ, ତାହା କାତାର ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଜଣାପଡ଼ିବ ।

–ଡେରିକ୍ ପେରିରା
ଭାରତର ୨୩ ବର୍ଷରୁ କମ୍ ଫୁଟ୍‌ବଲ କୋଚ୍



" ଇଣ୍ଡିଆନ୍ ୱେଲ୍ସରେ ବିୟର୍ନ ଫ୍ରାଟାଙ୍ଗେଲୋ ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଆରମ୍ଭରେ ମୁଁ ସାମାନ୍ୟ ନର୍ଭସ ହୋଇଯାଇଥିଲି ।

–ନୋଭାକ ଜୋକୋଭିଚ୍, ସର୍ବୀୟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ଇଣ୍ଡିଆନ୍ ୱେଲ୍ସ ଏଟିପି: ବିପର୍ଯ୍ୟୟ ଘଟାଇଲେ ପ୍ରଜନେଶ

**ଇଣ୍ଡିଆନ ୱେଲ୍ସ, ୧୦।୩(ପି.ଟି.):** ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ଏଟିପି ମାଷ୍ଟର୍ସ ଟୁର୍ନାମେଣ୍ଟରେ ଭାରତୀୟ କ୍ୱାଲିଫାୟର ପ୍ରଜନେଶ ଗୁଣେଶ୍ୱରନ ବିପର୍ଯ୍ୟୟ ଘଟାଇବା ସହ କ୍ୟାରିୟରର ସର୍ବବୃହତ୍ ବିଜୟ ହାସଲ କରିଛନ୍ତି। ଟୁର୍ନାମେଣ୍ଟ ମୁଖ୍ୟ ଡ୍ର' ସିଙ୍ଗଲ୍ସରେ ସେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରିଥିଲେ। ଗୁଣେଶ୍ୱରନ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଶ୍ୱର ୧୮ ନମ୍ବର ଖେଳାଳି ଜର୍ଜିଆର ନିକୋଲୋଜ ବାସିଲାଶଭିଲିଙ୍କୁ ୬-୪, ୬-୭, ୭-୬ ସେଟ୍‌ର ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବା ପାଇଁ ତାଙ୍କୁ ଦୁଇ ଘଣ୍ଟା ୩୨ ମିନିଟ ସମୟ ଆବଶ୍ୟକ ହୋଇଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୯୭ ନମ୍ବର ସ୍ଥାନରେ ରହିଥିବା ଗୁଣେଶ୍ୱରନ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ନିଜ ପ୍ରଦର୍ଶନରେ ସେ ବେଶ୍ ଖୁସି ଜାହିର କରିଛନ୍ତି। ପ୍ରଥମଥର ପାଇଁ ସେ ଶ୍ରେଷ୍ଠ ୨୦ରେ ସ୍ଥାନ ପାଇଥିବା କୌଣସ ଖେଳାଳିଙ୍କୁ ହରାଇଛନ୍ତି। ତୃତୀୟ ରାଉଣ୍ଡରେ ପ୍ରଜନେସ ଏବେ କ୍ରୋଏସିଆର ୮୯ ନମ୍ବର ଖେଳାଳି ଇଭୋ କାର୍ଲୋଭିକଙ୍କୁ ଭେଟିବେ। ପୂର୍ବରୁ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ପ୍ରଜନେଶ ଫ୍ରାନ୍ସର ବେନୋଇଟ୍ ପାଇରେଙ୍କୁ ୭-୬, ୬-୪ ସେଟରେ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଥିଲେ। ଏହା ପୂର୍ବରୁ ଗତବର୍ଷ ବିଶ୍ୱର ୨୩ ନମ୍ବର ଖେଳାଳି ଡେନିସ୍ ଶାପୋଭାଲୋଭଙ୍କୁ ଷ୍ଟୁଟ୍‌ଗାର୍ଟରେ ହରାଇ କ୍ୟାରିୟରର ବୃହତ୍ ବିଜୟ ହାସଲ କରିଥିଲେ।

# ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍ ଉଦ୍‌ଘାଟିତ



ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ ଉଦ୍‌ଘାଟନୀ ଅବସରରେ ବିଭିନ୍ନ ଦଳର ପ୍ରତିଯୋଗୀମାନେ।

**କଟକ ଅଫିସ,୧୦।୩**

ବାରବାଟୀ ଷ୍ଟାଡିୟମ୍‌ରେ ରବିବାରଠାରୁ ଆରମ୍ଭ ହୋଇଛି ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍। ପ୍ରଥମ ଦିବସରେ ଉଭୟ ପୁରୁଷ, ମହିଳା ବର୍ଗର ସିଙ୍ଗଲ୍ସ ଓ ଦଳଗତ ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ହୋଇଛି। ଦୁଇ ରାଉଣ୍ଡ ଖେଳ ଶେଷ ହୋଇଥିବା ବେଳେ ସୋମବାର ସିଙ୍ଗଲ୍ସ ଏଲିମେନେଶନ ଓ ଫାଇନାଲ ମୁକାବିଲା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ମଙ୍ଗଳବାରଠାରୁ ଆରମ୍ଭ ହେବ ପ୍ରତିଯୋଗିତାର କମ୍ପାଉଣ୍ଡ ରାଉଣ୍ଡ। ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ମହିଳା ସିଙ୍ଗଲ୍ସରେ ଅଗ୍ରଣୀ ରହିଛନ୍ତି ଆର୍‌ଏସ୍‌ପିବିର ଏଲ୍. ବୋମ୍ବାଲ୍ୟ ଦେବୀ। ୭୦ମିଟର ବିଶିଷ୍ଟ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ୩୨୯ ପଏଣ୍ଟ ଓ ଦ୍ୱିତୀୟ ରାଉଣ୍ଡରେ ୩୧୩ ପଏଣ୍ଟ ହାସଲ କରି ବୋମ୍ବାଲ୍ୟ ଶୀର୍ଷ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଝାଡ଼ଖଣ୍ଡର ଅଙ୍କିତା ଭକତ (୬୩୯ ପଏଣ୍ଟ), ହରିୟାଣାର ପ୍ରୀତି (୬୨୮ ପଏଣ୍ଟ), ରିଦ୍ଧି ଫୋର( ୬୨୮ ପଏଣ୍ଟ), ସଙ୍ଗୀତା( ୬୨୫ ପଏଣ୍ଟ) ରହିଛନ୍ତି। ଅନ୍ତର୍ଜାତୀୟ ତାରକା ଖେଳାଳି ଦୀପିକା କୁମାରୀ ଏହି ଇଭେଣ୍ଟରେ ୬୨୨ ପଏଣ୍ଟ ହାସଲ କରି ୭ମ ସ୍ଥାନରେ ଅଛନ୍ତି। ସେହିପରି ମହିଳା ଦଳଗତ ପ୍ରତିଯୋଗିତାରେ ଅଗ୍ରଣୀ ନେଇଛି ଝାଡ଼ଖଣ୍ଡ। ଦୀପିକା କୁମାରୀ, ଅଙ୍କିତା ଭକତ, କୋମଲିକା ବାରି, ସୁସ୍ମିତା ବିରୁଲିଙ୍କୁ ନେଇ ଗଠିତ ଝାଡ଼ଖଣ୍ଡ ଦଳ ମୋଟ ୧୮୮୩ ପଏଣ୍ଟ ହାସଲ କରି ପ୍ରଥମ ହୋଇଛି। ସେହିପରି ୧୮୮୧ ପଏଣ୍ଟ ସହ ହରିୟାଣା ଦ୍ୱିତୀୟ, ୧୮୪୯ ପଏଣ୍ଟ ସହ ଆର୍‌ଏସ୍‌ପିବି ତୃତୀୟ, ଏଆଇପିଏସ୍‌ସିବି ୧୮୨୦ ଚତୁର୍ଥ ଏବଂ ୧୮୦୭ ପଏଣ୍ଟ ସହ ପଞ୍ଜାବ ପଞ୍ଚମ ସ୍ଥାନରେ ରହିଛି। ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସରେ ମହାରାଷ୍ଟ୍ରର ସୁଖମଣି ବାବରେକର ୬୫୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛନ୍ତି। ତାଙ୍କ ପଛକୁ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ(୬୫୩ ପଏଣ୍ଟ), ତରୁଣଦୀପ ରାୟ(୬୫୨ ପଏଣ୍ଟ), ଏଆଇପିଏସ୍‌ସିବିର ଚମନ ସିଂ(୬୫୧ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ପୁରୁଷ ଦଳଗତ ମୁକାବିଲାରେ ଏସ୍‌ଏସ୍‌ସିବି ଅଗ୍ରଣୀ ନେଇଛି। ଏସ୍‌ଏସ୍‌ସିବି ମୋଟ୍ ୧୯୫୨ ପଏଣ୍ଟ ହାସଲ କରିଛି। ମହାରାଷ୍ଟ୍ର (୧୯୨୯ ପଏଣ୍ଟ), ଦିଲ୍ଲୀ (୧୯୦୦ ପଏଣ୍ଟ) ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏତଦ୍‌ବ୍ୟତୀତ ରିକର୍ଭ ମିକ୍ସଡ ପ୍ରତିଯୋଗିତାରେ ଝାଡ଼ଖଣ୍ଡ ଶୀର୍ଷରେ ରହିଛି। ଓଡ଼ିଶା ତୀରନ୍ଦାଜୀ ସଂଘ ସଭାପତି ଅଜିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ତୀରନ୍ଦାଜୀ ମହାସଂଘ ସଭାପତି ଭି.ଭି.ପି. ରାଓ, ଉପସଭାପତି ଆଇ.ଏସ୍ ତୋମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଡ. ସରୋଜ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେଣ୍ଟ ଜାଭିୟର୍ସ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


### ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ

ଘରୋଇ ମାଟିରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ରିକର୍ଭ ଇଭେଣ୍ଟର କୌଣସି ବର୍ଗରେ ଓଡ଼ିଶା ପଦକ ଜିତିବାର ସୁଯୋଗ ସୃଷ୍ଟି କରିପାରିନି। ମହିଳା ସିଙ୍ଗଲ୍ସରେ ଓଡ଼ିଶାର ଚନ୍ଦ୍ରମଣି ମୁଣ୍ଡା ୮୫ତମ ସ୍ଥାନ, ବାଲି ବନସିଂ ୯୦ତମ, ଆଶାଲତା ଦାସ ୯୨ତମ, ସୁମି ମୁଣ୍ଡା ୯୫ତମ ସ୍ଥାନରେ ରହିଥିଲେ। ମହିଳା ଦଳଗତ ବିଭାଗରେ ଓଡ଼ିଶା ସବୁଠାରୁ ଶେଷ ର୍‍ୟାଙ୍କ୍ ତଥା ୨୩ତମ ସ୍ଥାନରେ ରହିଥିଲା। ପୁରୁଷ ବର୍ଗରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଥିଲା। ରଞ୍ଜିତ ନାୟକ ୬୩୪ ପଏଣ୍ଟ ପାଇ ୧୮ତମ ସ୍ଥାନରେ ରହିଥିଲେ। ଅଳ୍ପ ପଏଣ୍ଟ ବ୍ୟବଧାନରେ ସେ ଶୀର୍ଷ ୧୦ରୁ ଦୂରରେ ରହିଥିଲେ। ଏହାଛଡ଼ା ସୂର୍ଯ୍ୟମଣି ମାଝି ୫୫ତମ, ସୀମାଞ୍ଚଳ କନ୍ଦ୍ରକ ୮୦ତମ, ପ୍ରଭାତ ମିଞ୍ଜ ୮୫ତମ ସ୍ଥାନ ହାସଲ କରିଥିଲେ। ପୁରୁଷ ଦଳଗତରେ ଓଡ଼ିଶା ୧୭ତମ ସ୍ଥାନରେ ରହିଥିଲା। ସେହିପରି ମିକ୍ସଡ ଇଭେଣ୍ଟରେ ଓଡ଼ିଶା ୨୩ତମ ସ୍ଥାନରେ ରହିଥିଲା।

### ସ୍ପାନିଶ୍ ଲା ଲିଗା
## ମେସି, ସୁଆରେଜ ବାର୍ସିଲୋନାକୁ ଜିତାଇଲେ

**ମାଡ୍ରିଡ, ୧୦।୩ (ଏଏଫପି):** ସ୍ପାନିଶ୍ ଲା ଲିଗାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସୁପରଷ୍ଟାର ଲିଓନେଲ ମେସି ଓ ଲୁଇସ୍ ସୁଆରେଜଙ୍କ ଗୋଲ ବଳରେ ବାର୍ସିଲୋନା ବିଜୟୀ ହୋଇଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାର୍ସିଲୋନା ୩–୧ ଗୋଲରେ ରାୟୋ ଭାଲେକାନୋକୁ ପରାସ୍ତ କରିଛି। ୧–୦ ଗୋଲରେ ପଛରେ ଥାଇ ବାର୍ସିଲୋନା ପ୍ରତ୍ୟାବର୍ତ୍ତନ କରି ଏହି ବିଜୟ ହାସଲ କରିଥିଲା। ୨୪ତମ ମିନିଟ୍‌ରେ ଭାଲେକାନୋ ତରଫରୁ ଡି ଟେମାସ ଗୋମେଜ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ଗେରାର୍ଡ ପିକ୍ ୩୮ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ପେନାଲ୍ଟି ଜରିଆରେ ମେସି ୫୧ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଶେଷରେ ସୁଆରେଜ ୮୨ତମ ମିନିଟ୍‌ରେ ଗୋଲ ଦେଇ ବାର୍ସିଲୋନାକୁ ବିଜୟୀ କରାଇଥିଲେ। ଏହି ବିଜୟ ସହ ବାର୍ସିଲୋନା ୨୭ଟି ମ୍ୟାଚ୍ ଖେଳି ୬୩ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିପରି ଆଟଲେଟିକୋ ମାଡ୍ରିଡ ୨୭ ଟି ମ୍ୟାଚ୍ ଖେଳି ୫୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ରିୟଲ ମାଡ୍ରିଡ ୨୬ଟି ମ୍ୟାଚ୍ ଖେଳି ୪୮ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି।

# ସୁପର କପ୍ ପାଇଁ କଳିଙ୍ଗ ପ୍ରସ୍ତୁତ



**ଭୁବନେଶ୍ୱର, ୧୦।୩ (କ୍ରୀଡ଼ା ପ୍ରତିନିଧି)**

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣ ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଏଠାରେ ମାର୍ଚ୍ଚ ୧୫ରୁ ଏପ୍ରିଲ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଫୁଟବଲର ଏହି ମହାପର୍ବ। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ ପକ୍ଷରୁ ରବିବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୧୫ ଓ ୧୬ ତାରିଖ ଦୁଇଦିନଧରି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳାଯିବ। ମାର୍ଚ୍ଚ ୨୯ରୁ ଆରମ୍ଭ ହେବ ପ୍ରି–କ୍ୱାର୍ଟର ଫାଇନାଲ। କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ଫର୍ମାଟ ଅନୁସାରେ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଆଇ–ଲିଗ୍ ଏବଂ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ର ଶ୍ରେଷ୍ଠ ୬ଟି ଲେଖାଏ ଦଳ ସିଧା ପ୍ରି–କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ୨ଟି ଲିଗ୍‌ର ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ୪ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଖେଳିବେ। ସେଥିରୁ ୪ଟି ଦଳ ପୂର୍ବ ୧୨ ଦଳ ସହ ଯୋଗଦେବେ। ସେହି ଅନୁସାରେ ଆଇ–ଲିଗ୍‌ରୁ ଚାମ୍ପିୟନ ଚେନ୍ନାଇ ସିଟି, ଇଷ୍ଟ ବେଙ୍ଗଲ, ରିୟଲ କଶ୍ମୀର, ଚର୍ଚ୍ଚିଲ ବ୍ରଦର୍ସ ଓ ମୋହନ ବାଗାନ ଏବଂ ଆଇଏସଏଲରୁ ବେଙ୍ଗାଲୁରୁ ଏଫସି, ଗୋଆ ଏଫସି, ନର୍ଥ ଇଷ୍ଟ ୟୁନାଇଟେଡ, ମୁମ୍ବାଇ ସିଟି, ଜାମସେଦପୁର ଏଫସି ଓ ଆଟଲେଟିକୋ ଡି କୋଲକାତା(ଏଟିକେ) ସିଧା ମୁଖ୍ୟ ଟୁର୍ନାମେଣ୍ଟକୁ ଯୋଗ୍ୟତା ପାଇଛନ୍ତି। ଆଇ–ଲିଗ୍‌ରୁ ଆଇଜଲ ଏଫସି, ଇଣ୍ଡିଆନ ଆରୋଜ୍, ଗୋକୁଲମ୍ କେରଳ ଓ ମିନର୍ଭା ପଞ୍ଜାବ ଏବଂ ଆଇଏସଏଲରୁ ପୁଣେ ସିଟି, ଦିଲ୍ଲୀ ଡାଇନାମସ, କେରଳ ବ୍ଲାଷ୍ଟର୍ସ ଓ ଚେନ୍ନାଇନ୍ ଏଫସି ଯୋଗ୍ୟତା ପର୍ଯ୍ୟାୟ ଖେଳିବେ।

## କାର୍ଯ୍ୟସୂଚୀ

**କ୍ୱାଲିଫାୟର**

ମାର୍ଚ୍ଚ ୧୫: ପୁଣେ ସିଟି ବନାମ ମିନର୍ଭା ପଞ୍ଜାବ/ଗୋକୁଲମ କେରଳ, ସମୟ: ଅପରାହ୍ଣ ୫ଟା

ମାର୍ଚ୍ଚ ୧୫: କେରଳ ବ୍ଲାଷ୍ଟର୍ସ ବନାମ ଇଣ୍ଡିଆନ ଆରୋଜ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୧୬: ଦିଲ୍ଲୀ ଡାଇନାମସ ବନାମ ଗୋକୁଲମ କେରଳ/ମିନର୍ଭା ପଞ୍ଜାବ, ସମୟ: ଅପରାହ୍ଣ: ୫ଟା

ମାର୍ଚ୍ଚ ୧୬: ଚେନ୍ନାଇନ୍ ଏଫସି ବନାମ ଆଇଜଲ ଏଫସି, ସମୟ: ରାତି ୮ଟା ୩୦

**ପ୍ରି–କ୍ୱାର୍ଟର ଫାଇନାଲ**

ମାର୍ଚ୍ଚ ୨୯: କ୍ୱାଲିଫାୟର–୪ ବନାମ ମୁମ୍ବାଇ ସିଟି, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୦: କ୍ୱାଲିଫାୟର–୨ ବନାମ ଏଫସିଗୋଆ, ସମୟ: ଅପରାହ୍ଣ ୫ଟା

ମାର୍ଚ୍ଚ ୩୦: କ୍ୱାଲିଫାୟର–୩ ବନାମ ଇଷ୍ଟବେଙ୍ଗଲ, ସମୟ: ରାତି ୮ଟା ୩୦

ମାର୍ଚ୍ଚ ୩୧: ମୋହନ ବାଗାନ ବନାମ ବେଙ୍ଗାଲୁରୁ ଏଫସି, ସମୟ: ଅପରାହ୍ଣ ୫ଟା

ମାର୍ଚ୍ଚ ୩୧: କ୍ୱାଲିଫାୟର–୧ ବନାମ ଚେନ୍ନାଇ ସିଟି, ସମୟ: ରାତି ୮ଟା ୩୦

ଏପ୍ରିଲ ୧: ଏଟିକେ ବନାମ ରିୟଲ କଶ୍ମୀର, ସମୟ: ରାତି ୮ଟା ୩୦

ଏପ୍ରିଲ ୨: ଜାମସେଦପୁର ଏଫସି ବନାମ ଚର୍ଚ୍ଚିଲ ବ୍ରଦର୍ସ, ସମୟ: ରାତି ୮ଟା ୩୦

ଏପ୍ରିଲ ୩: ନେରୋକା ଏଫସି ବନାମ ନର୍ଥ ଇଷ୍ଟ ୟୁନାଇଟେଡ, ସମୟ: ରାତି ୮ଟା ୩୦

(ସୁପର କପ୍ କ୍ୱାର୍ଟର ଫାଇନାଲ ଏପ୍ରିଲ ୪ରୁ ୭, ସେମିଫାଇନାଲ ୯ ଓ ୧୦ ଏବଂ ଫାଇନାଲ ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ସମସ୍ତ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ)।

# ସେମିରେ ୟୁନିୟନ ସ୍ପୋର୍ଟିଂ

**ଭୁବନେଶ୍ୱର,୧୦।୩(ସ୍ପୋର୍ଟ୍ସ ବ୍ୟୁରୋ)**

ପାରାମାଉଣ୍ଟ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ୟୁନିୟନ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲରେ ୟୁନିୟନ ସ୍ପୋର୍ଟିଂ ୬ ଉଇକେଟରେ ଓସ୍କାର ସ୍ପୋର୍ଟିଂକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓସ୍କାର ୨୯.୫ ଓଭରରେ ମାତ୍ର ୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବୋଲିଂରେ ୟୁନିୟନ ତରଫରୁ ଯଜ୍ଞଜିତ ସାହୁ ୬ ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୨୪.୩ ଓଭରରେ ୪ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ବିଜୟୀ ଦଳ ପାଇଁ ଚିତ୍ତରଞ୍ଜନ ବେହେରା ୪୧ ରନ୍ କରି ଅପରାଜିତ ଥିଲେ। ବିଜୟୀ ଦଳ ପକ୍ଷରୁ ଜବରଦସ୍ତ ବୋଲିଂ କରିଥିବା ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବେଷ୍ଟ ଫିଲ୍ଡର ପୁରସ୍କାର ପାରାମାଉଣ୍ଟ କ୍ଲବର ପ୍ରତିଷ୍ଠାତା ସଭ୍ୟ ବିବେକାନନ୍ଦ ଦାସ ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଭାବେ ପ୍ରଦୀପ ଜେନା ଓ ସୁଶାନ୍ତ ଦାସ ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ମଲ୍ଲ ଓ ରାଜୀବ ସର୍ଦ୍ଦାର ସ୍କୋରର ଦାୟିତ୍ୱରେ ଥିବାବେଳେ ଅଭିନାଶ ସାମଲ ଭାଷ୍ୟକାରିତା କରିଥିଲେ। ପ୍ରତିଯୋଗିତାର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଗ୍ରୀନ୍ସ ଏକାଡେମୀ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ।



ଅତିଥି ଯଜ୍ଞଜିତ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# କାଭିନ୍ଦରଙ୍କୁ ସ୍ୱର୍ଣ୍ଣ, ଭାରତକୁ ୪ ରୌପ୍ୟ

**ନୂଆଦିଲ୍ଲୀ, ୧୦।୩ (ପି.ଟି.)**

ଫିନ୍‌ଲାଣ୍ଡର ହେଲସେଙ୍କିଠାରେ ଚାଲିଥିବା ୩୮ତମ ଜିବି ବକ୍ସିଂ ଟୁର୍ନାମେଣ୍ଟରେ କାଭିନ୍ଦର ସିଂ ବିଷ୍ଟ (୫୬କେଜି) ସ୍ୱର୍ଣ୍ଣ ଜିତିଥିବାବେଳେ ଶିବା ଥାପ୍ପା (୬୦କେଜି) ଏବଂ ଅନ୍ୟ ୩ଜଣ ଭାରତୀୟ ବକ୍ସର ରୌପ୍ୟ ଜିତିଛନ୍ତି। ଶିବାଙ୍କୁ ଛାଡ଼ି ରୌପ୍ୟ ଜିତିଥିବା ଅନ୍ୟ ବକ୍ସରମାନେ ହେଲେ ଗୋବିନ୍ଦ ସାହାଣୀ (୪୯କେଜି), ରାଜ୍ୟଗୋଷ୍ଠୀ ବ୍ରୋଞ୍ଜ ପଦକ ବିଜୟୀ ମହମ୍ମଦ ହୁସାମୁଦ୍ଦିନ (୫୬କେଜି) ଓ ଦୀନେଶ ଡାଗର (୬୯କେଜି)। ୫୬କେଜି ଟାଇଟଲ ମୁକାବିଲା ଦୁଇ ଭାରତୀୟ ବିଷ୍ଟ ଓ ହୁସାମୁଦ୍ଦିନଙ୍କ ମଧ୍ୟରେ ହୋଇଥିଲା, ଯାହାକି ଏକ ବିରଳ ଦୃଷ୍ଟାନ୍ତ। ଉଭୟ ବକ୍ସର ସର୍ଭିସେସ୍ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସ୍‌ଏସ୍‌ସିବି)ର ହୋଇଥିବାରୁ ପରସ୍ପରଙ୍କ ଟେକ୍‌ନିକ୍ ବିଷୟରେ ଅବଗତ। ତେଣୁ ଫାଇନାଲ ଲଢେଇ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ କିନ୍ତୁ ବିଷ୍ଟ ବାଜି ମାରି ନେଇଥିଲେ। ଅନ୍ୟପକ୍ଷରେ ଥାଇଲାଣ୍ଡର ଥିତିସାନ ପାନ୍‌ମୋଦଙ୍କ ବିପକ୍ଷ ଟାଇଟଲ ମୁକାବିଲାର ଓପନିଂ ରାଉଣ୍ଡରେ ସାହାଣୀ ବିଜୟ ଲାଭ କରିଥିଲେ ମଧ୍ୟ ଜଜ୍‌ମାନେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ପାନ୍‌ମୋଦ୍‌ଙ୍କ ସପକ୍ଷରେ ଯାଇଥିଲେ। ଶେଷରେ ଥାଇ ବକ୍ସର ଏହି ବାଉଟ୍‌କୁ ୩–୨ରେ ଜିତିଥିଲେ। ତିନିଥର ଏସିଆନ ପଦକ ବିଜେତା ଥାପ୍ପା (୬୦କେଜି) ସ୍ଥାନୀୟ ଫେଭରାଇଟ୍ ଆର୍‌ସ୍ଲାନ୍ ଖାତାଏଭ୍‌ଙ୍କଠାରୁ ୧–୪ରେ ହାରିଯାଇଥିଲେ। ସେହିପରି ଗତବର୍ଷ ଇଣ୍ଡିଆ ଓପନ୍‌ରେ ରୌପ୍ୟ ଜିତିଥିବା ଡାଗର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜେତା ଇଂଲଣ୍ଡର ପ୍ୟାଟ୍ ମ୍ୟାକ୍‌କୋରମାକ୍‌ଙ୍କଠାରୁ ହାରିଯାଇଥିଲେ। ଅନ୍ୟପକ୍ଷରେ ସୁମିତ ସାଙ୍ଗୱାନ (୯୧କେଜି), ପୂର୍ବତନ ୟୁଥ୍ ୱାର୍ଲ୍ଡ ଚାମ୍ପିୟନ ସଚିନ ସିୱାଚ (୫୨କେଜି) ଓ ନବୀନ କୁମାର (+୯୧କେଜି) ପ୍ରମୁଖ ସେମାନଙ୍କ ସେମିଫାଇନାଲ ବାଉଟ୍ ହାରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



TVS 3 YEAR WARRANTY
FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com Authorised Main Dealers: BALASORE: Sita TVS, Ph: 7852935605. BARIPADA: Allied TVS, Ph: 7852935617. BHADRAK: Sanjay TVS, Ph : 7854962653. BARBIL: Anjali TVS, Ph.: 7852944821. KEONJHAR: Kumar Automotives, Ph : 9870326414. Authorised Dealers : Jaleswar, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph : 9437238807; Joda, N & B Motors, Ph : 9439084443; Harichandanpur, Laranya Motors, Ph : 9437633978; Dhenkikot, Ali Motors, Ph : 7008797779; Betnoti, Sai Motors, Ph : 9776142684; Karanjia, Avoni Metal Traders, Ph: 9437037270; Dhamnagar, Sanju Automobiles, Ph : 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph : 9040123010.
dentsuindia/dha bal/08/19

# ସିନ୍ଦୂର ପିନ୍ଧାଇ ବଳପୂର୍ବକ ନାବାଳିକାଙ୍କୁ ବିବାହ

■ଉଦ୍ଧାର କଲା ଚାଇଲ୍ଡଲାଇନ୍
■ପୋଲିସ ପକ୍ଷରୁ ତଦନ୍ତ ଜାରି

ଆନନ୍ଦପୁର,୧୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ବଡ଼ଶଗଡ ବଡନାଳ ସାହିରେ ବଳପୂର୍ବକ ସିନ୍ଦୂର ପିନ୍ଧାଇ ଜଣେ ନାବାଳିକାଙ୍କୁ ବିବାହ କରାଯିବା ଘଟଣା ପଦାକୁ ଆସିଛି। ସୂଚନା ପାଇବା ପରେ ଆନନ୍ଦପୁର ଚାଇଲ୍ଡଲାଇନର ସଦସ୍ୟମାନେ ଦିନକ ତଳେ ବିବାହ କରିଥିବା ଏହି ୧୧ ବର୍ଷୀୟା ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କୁ ବିବାହ କରିଥିବା ଅଭିଯୁକ୍ତ ନାବାଳକ ଫେରାର ଥିବା ଜଣାପଡିଛି।

ଉଦ୍ଧାର ନାବାଳିକା ବଧୂଙ୍କ ଘର ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା କେସଡିହା ସାହି ଅଞ୍ଚଳରେ। ଗତ ସପ୍ତାହରେ ତାଙ୍କ ସମ୍ପର୍କୀୟ ଘର ଆନନ୍ଦପୁର ଥାନା ବାଉଁଶଗଡ ବଡନାଳ ସାହିକୁ ସେ ବୁଲି ଆସିଥିଲେ। ସେଠାରେ ଶନିବାର ୧୬ବର୍ଷର ଜଣେ ନାବାଳକ ତାଙ୍କୁ ଜୋର ଜବରଦସ୍ତ ଟାଣିଆଣି ମୁଣ୍ଡରେ ସିନ୍ଦୁର ଲଗାଇ ବିବାହ କରିଥିଲେ। ଏହି ନାବାଳିକାଙ୍କ ପରିବାରବର୍ଗ ଏକଥା ଜାଣିବା ପରେ ବାଉଁଶଗଡ ଆସି ଝିଅକୁ ନେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସେମାନେ ଗ୍ରାମର ଜଣେ ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ସହାୟତାରେ ଆନନ୍ଦପୁର ଚାଇଲ୍ଡଲାଇନ୍‌କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଚାଇଲ୍ଡଲାଇନ୍ ପକ୍ଷରୁ ଆନନ୍ଦପୁର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସତ୍ୟଭାମା ସେଠୀ ଏନେଇ ଆନନ୍ଦପୁର ଥାନାକୁ ଜଣାଇଥିଲେ। ଏହି କ୍ରମରେ ରବିବାର ଆନନ୍ଦପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ନେଇ ସିଡିପିଓ ସେଠୀ, ସୁପରଭାଇଜର୍ ଛବିଲତା ଜେନା, ଆନନ୍ଦପୁର ଚାଇଲ୍ଡଲାଇନର ସଦସ୍ୟ ଆଇନଜୀବୀ ଭାଗୀରଥି ଦାଶ, ଆନନ୍ଦ ସାହୁ, ସସ୍ମିତା ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପୁଅର ପରିବାରବର୍ଗ ଝିଅ ନିଜ ଇଚ୍ଛାରେ ବିବାହ କରିଥିବା କହୁଥିବାବେଳେ ନାବାଳିକାଙ୍କ ମା' ଓ ବାପା ଜୋର ଜବରଦସ୍ତ ଏହି ବାହାଘର ହୋଇଥିବା ଅଭିଯୋଗ କରିଛନ୍ତି। ବିବାହିତ ନାବାଳକ ଫେରାର ଥିବାରୁ ପୋଲିସ ଓ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷ ଉଦ୍ଧାର ନାବାଳିକାଙ୍କୁ ଥାନା ଆଣି ପରେ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଇବା ନେଇ ବ୍ୟବସ୍ଥା କରାଯାଉଥିବା ଚାଇଲ୍ଡଲାଇନ୍ ସଦସ୍ୟ ଭାଗୀରଥି ଦାଶ ସୂଚନା ଦେଇଛନ୍ତି।

# ବାଇକରୁ ଖସି ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ବାଲିଆପାଳ,୧୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ଥାନା ରେମୁ ଛକଠାରେ ରବିବାର ବାଇକରୁ ଖସି ପଡି ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବସ୍ତା ଥାନା ଚାଷୀପଡା ଗ୍ରାମ ନାରାୟଣ ସାହୁଙ୍କ ସ୍ତ୍ରୀ କୁଞ୍ଜଲତା (୫୪)। ସେ କୁମ୍ଭାରୀ ଗ୍ରାମସ୍ଥିତ ବାପଘରକୁ ଆସୁଥିଲେ। ନାରାୟଣ ଗାଡି ଚଳାଉଥିବା ବେଳେ କୁଞ୍ଜଲତା ପଛରେ ବସିଥିଲେ। ରେମୁ ଛକ ନିକଟରେ ହଠାତ ଜଣେ ସାଇକେଲ ଆରୋହୀ ଆଗକୁ ଆସିଯିବାରୁ ନାରାୟଣ ବାଇକର ବ୍ରେକ ମାରିଥିଲେ। ଏହି ସମୟରେ କୁଞ୍ଜଲତା ତଳକୁ ଖସିପଡିଥିଲେ ଓ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଲୋକେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୁଞ୍ଜଲତା ନିଶ୍ଚିନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟତ୍ରୀ ଥିଲେ।




# ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଚୋରି

ପାଟଣା, ୧୦।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଚେମେଣା ପଞ୍ଚାୟତ ଅଙ୍ଗିକଳାସ୍ଥିତ ଏବିସିଡିଆର୍ ୟୁନାଇଟେଡ ଜ୍ଞାନମନ୍ଦିର ଆଇସିଟି ଲ୍ୟାବ କକ୍ଷରୁ ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଚୋରି ହୋଇଛି। ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଏହି କକ୍ଷର ତାଲା ଭାଙ୍ଗି କମ୍ପ୍ୟୁଟର ଓ କମ୍ପ୍ୟୁଟର ସରଞ୍ଜାମ ଚୋରି କରି ନେଇଯାଇଛନ୍ତି। ପ୍ରଧାନ ଶିକ୍ଷକ ହୃଷୀକେଶ ମହାନ୍ତ ଏ ନେଇ ଶନିବାର ଡୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଚୋରୀ ସାମଗ୍ରୀ ମଧ୍ୟରେ ୨ଟି ସିପିୟୁ, ୧୧ ମନିଟର, ୩୫ ହେଡ୍‌ଫୋନ ଓ ୨ଟି ୱେବ କ୍ୟାମେରା ରହିଛି। ଥାନା ଏସ୍‌ଆଇ ଗୁରୁପ୍ରସାଦ ଦେଓ ଏକ ମାମଲା(ନଂ.୨୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ଭୋଗରାଇ ତହସିଲରେ ଶୀତଳଯୁଦ୍ଧ

■ଆଜିଠୁ କର୍ମଚାରୀଙ୍କ କଲମଛାଡ଼, ଧାରଣା
■ଫସାଇବା ପାଇଁ ଚକ୍ରାନ୍ତ: ତହସିଲଦାର

ଭୋଗରାଇ, ୧୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ତହସିଲ କାର୍ଯ୍ୟାଳୟରେ ଏକ ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଛି। ନବନିଯୁକ୍ତ ତହସିଲଦାରଙ୍କ ସ୍ତ୍ରୀ ଦୁଇଜଣ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବା ଘଟଣାକୁ ବିରୋଧ କରି ତହସିଲର ସମସ୍ତ କର୍ମଚାରୀ ସୋମବାରଠାରୁ ସମୂହ ଭାବେ କଲମଛାଡ ଓ ଧାରଣା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ସମ୍ପୃକ୍ତ ଦୁଇ କର୍ମଚାରୀ ତହସିଲଦାରଙ୍କ ସ୍ତ୍ରୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ବିବାଦ ସମାଧାନର ବାଟ ଫିଟୁ ନ ଥିବାରୁ ଏହି ଘଟଣା ଜିଲାପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ତହସିଲରେ ପ୍ରଶାସନ ଓ କର୍ମଚାରୀଙ୍କ ଶୀତଳଯୁଦ୍ଧ ପରିସ୍ଥିତି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନାନୁଯାୟୀ, ଗତ ଶୁକ୍ରବାର ତହସିଲଦାର ସନତ କୁମାର ନାୟକ ନ ଥିବାବେଳେ ତାଙ୍କ ସ୍ତ୍ରୀ ଅର୍ପିତା ପିଲାଙ୍କ ସହିତ ସରକାରୀ ବାସଭବନରେ ଥିଲେ। ସନ୍ଧ୍ୟାରେ ତହସିଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ୱାଚମ୍ୟାନ୍ ରବିଶଙ୍କର ନନ୍ଦୀ (୫୮) ଓ ପିଅନ ବରେନ୍ଦ୍ର ପଟ୍ଟାୟତ (୫୯) ଅର୍ପିତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସେ ଶନିବାର ଭୋଗରାଇ ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୩୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ ରବିଶଙ୍କର ଓ ବରେନ୍ଦ୍ରଙ୍କୁ ଘରକାମ କରିବାକୁ ବାଧ୍ୟ କରାଯାଉଥିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଏଥିପାଇଁ ସେମାନଙ୍କୁ ୨ଘଣ୍ଟା କ୍ୱାର୍ଟର୍ସରେ ଆଣ୍ଠେଇବା ପାଇଁ ବାଧ୍ୟ କରାଯାଇଥିଲା ବୋଲି ରବିବାର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଭୋଗରାଇ ତହସିଲର ସମସ୍ତ କର୍ମଚାରୀ ଏହି ଦୁଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମର୍ଥନ କରି ଘଟଣାର ସମାଧାନ ନହେଲେ ସୋମବାର ଠାରୁ ସମୂହ ଆନ୍ଦୋଳନ କରିବାକୁ ଚେତାବନୀ ଦେବାରୁ ଘଟଣାଟି ଭିନ୍ନମୋଡ ନେଇଛି। ଏହି ପରିପ୍ରେକ୍ଷୀରେ ନବନିଯୁକ୍ତ ତହସିଲଦାର ତାଙ୍କ ପ୍ରତିକ୍ରିୟାରେ ତହସିଲର କେତେକ ଅସାଧୁ କର୍ମଚାରୀ ଓ ସ୍ଥାନୀୟ ନେତା ମିଳିତ ହୋଇ ତାଙ୍କୁ ଫସେଇବା ପାଇଁ ଚକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି।




33
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ମନ୍ଦିର କୋଠ ପରିଚାଳନା ନେଇ ବୈଠକ

କେନ୍ଦୁଝର, ୧୦।୩ (ସ୍ୱ.ପ୍ର.)- କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିସରରେ ସଦର ଉପଖଣ୍ଡ ଅନ୍ତର୍ଗତ ସମସ୍ତ କାର୍ଯ୍ୟରତ କୋଠ ତହସିଲଦାରମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜରାଜୁଡା ଅମଳର ଏହି ସବୁ ମନ୍ଦିରର ଭୂସମ୍ପତ୍ତିର ସୁରକ୍ଷା କରିବା ସହିତ ମନ୍ଦିରର ପରିଚାଳନା ଦାୟିତ୍ୱ କୋଠ ତହସିଲଦାର ମାନେ କରିଥାନ୍ତି। ମନ୍ଦିରରେ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମନ୍ଦିରର ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା । ବିଶେଷ କରି ମନ୍ଦିରମାନଙ୍କରେ ପ୍ରଚଳିତ ରୀତିନୀତି, ପୂଜାପଦ୍ଧତି, ଯାନିଯାତ୍ରା ଓ ପାରିପାର୍ଶ୍ୱିକ ଅବସ୍ଥା ସମ୍ପର୍କରେ ଆଲୋଚନା ହେବା ସହ ମନ୍ଦିରମାନଙ୍କରେ ଥିବା ସମ୍ପତ୍ତି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ବାରାହାଟିପୁରା ଶ୍ରୀ ନୀଳକଣ୍ଠେଶ୍ୱର ମହେଶଙ୍କ କୋଠ ତହସିଲଦାର ବଳରାମ ପଣ୍ଡା, ଶ୍ରୀ ରଘୁନାଥଜୀଉ ମନ୍ଦିର, ଚକର ଅତୁଲ୍ୟଧନ ପତି, ମଲାରପଦା ଶ୍ରୀ ଭୁବନେଶ୍ୱର ମହାଦେବଙ୍କ ପଙ୍କଜ ସିଂ, ରାଜନଗର ଦଧିବାମନଜୀଉଙ୍କ କୋଠ ତହସିଲଦାର ପ୍ରଦୀପ କୁମାର ପାଣି, ବଣୁଆ ଯୋଗେଶ୍ୱର ମହେଶଙ୍କ ରବୀନ୍ଦ୍ରନାଥ ରାଉତ, ଗୋନାସିକା ବ୍ରହ୍ମେଶ୍ୱର ମହାଦେବଙ୍କ କୋଠ ତହସିଲଦାର ପଦ୍ମଲୋଚନ ପରିଡା, ଶୁଆକାଟୀ ପାଟେଶ୍ୱର ମହେଶଙ୍କ ଦୈତାରୀ ବାରିକ, ଦେବୋତ୍ତର ସୁପରଭାଇଜର ପଞ୍ଚାନନ ସାହୁ, ବଳଦେବଜୀଉ ମନ୍ଦିରର ମ୍ୟାନେଜର ପ୍ରସନ୍ନ କୁମାର ରାଉତ, ଦେବୋତ୍ତର ବରିଷ୍ଠ କର୍ମଚାରୀ ରାଜକିଶୋର ପଣ୍ଡା ଓ ଦ୍ୱାରିକା ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ତିନିମାସରେ ଥରେ ଏପରି ବୈଠକ ଅନୁଷ୍ଠିତ ହୋଇ ବିସ୍ତୃତ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

### କସିପଦାରେ 'ମୁଁ ହିରୋ, ମୁଁ ଓଡ଼ିଶା'

ରୂପ୍‌ସା, ୧୦।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତ ଯୁବବାହିନୀ ଆନୁକୂଲ୍ୟରେ ଶିବ ମନ୍ଦିରରେ 'ମୁଁ ହିରୋ, ମୋ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବଂଶୀଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ଜୀବନ ପ୍ରଦୀପ ଦାଶ, ମୁଖ୍ୟବକ୍ତା ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ସମ୍ମାନନୀୟ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଶ୍ରୀମତୀ ପଟ୍ଟନାୟକ, ସରପଞ୍ଚ ସଞ୍ଜୟ କୁମାର ସେଠୀ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିକାଶଧାରାରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଯୁବବାହିନୀ ସମ୍ପାଦକ ମାନସ ରଞ୍ଜନ ବେହେରା ବିବରଣୀ ପାଠ କରିଥିଲେ। ସଭାପତି ସୁଶାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ କମଳାକାନ୍ତ ବେହେରାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫେଲ୍ ମାରିଛି ପାନୀୟଜଳ ଯୋଗାଣ ପ୍ରକଳ୍ପ

**ଆଗକୁ ଜଳକଷ୍ଟ ବଢ଼ିବା ଆଶଙ୍କା**

ତେଲକୋଇ, ୧୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏବେ ପାନୀୟଜଳ ଚିନ୍ତା। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ସାଙ୍ଗକୁ ଭୂତଳ ଜଳସ୍ତର ହ୍ରାସ ଜଳାଭାବର ମୁଖ୍ୟ କାରଣ ହୋଇଛି। ଜଳ ଯୋଗାଣ ବିଭାଗ ପକ୍ଷରୁ ୨୨ ପଞ୍ଚାୟତରେ ଗୋଟିଏ ଲେଖାଁଏ ଓଭରହେଡ ଟାଙ୍କି ନିର୍ମାଣ କରାଯାଇ ୭୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପାନୀୟଜଳ ଯୋଗାଣ ଲାଗି ହୋଇଥିବା ବ୍ୟବସ୍ଥା ଫେଲ ମାରିଛି। ଏଥିରୁ ମାତ୍ର ୨/୩ଟି ଓଭର ହେଡ ଟାଙ୍କିରୁ ପାନୀୟଜଳ ଯୋଗାଣ ହେଉଥିବା ବେଳେ ଅନ୍ୟ ସମସ୍ତ ଓଭର ହେଡ ଟାଙ୍କି ଅଚଳ ହୋଇପଡ଼ିଛି। କେତେକ ସ୍ଥାନରେ ବିଦ୍ୟୁତ ସମସ୍ୟା ଯୋଗୁ ପାଣି ଉଠାଯାଇପାରୁନାହିଁ। ଆଉ କେଉଁଠି ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗି ପଡ଼ିଥିବା ବେଳେ ପାଇପ ସବୁ ନଷ୍ଟ ହୋଇଯାଇଛି। ବ୍ଲକ ଅଧୀନ ୨୨ଟି ପଞ୍ଚାୟତରେ ୧୬ଶହରୁ ଊର୍ଦ୍ଧ୍ୱ ନଳକୂପ ଥିଲେ ମଧ୍ୟ ଭୂତଳ ଜଳସ୍ତର ହ୍ରାସ ଏବଂ ମରାମତି ଅଭାବରୁ ୫୦ପ୍ରତିଶତ ନଳକୂପ ଅଚଳ ହୋଇପଡ଼ିଛି। କେତେକ ସ୍ଥାନରେ ନଳକୂପରୁ ନାଲି ପାଣି ବାହାରୁଥିବାରୁ ଲୋକେ ବାଧ୍ୟ ହୋଇ ଝରଣା ଓ ନଦୀର ଦୂଷିତ ଜଳ ବ୍ୟବହାର କରୁଛନ୍ତି। ଆଗକୁ ଖରାଦିନ। ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ପାନୀୟଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉନାହିଁ କି ନଳକୂପକୁ ମରାମତି କରାଯାଉନାହିଁ। ପାନୀୟ ଜଳ ଯୋଗାଣ ପାଇଁ ସରକାର ପଞ୍ଚାୟତକୁ ଅନୁଦାନ ଦେଇଥିବା ବେଳେ ପାନୀୟଜଳ ପ୍ରକଳ୍ପ ମରାମତି ନ ହେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରଶାସନ ଆବଶ୍ୟକ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏହି ଅଞ୍ଚଳରେ ଜଳାଭାବ ସମସ୍ୟା ଉତ୍କଟ ହେବା ଆଶଙ୍କା ରହିଛି । ଏସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲ୍ଲୀପ କୁମାର ବାରାଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟକୁ ସମୀକ୍ଷା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଓଭରହେଡ ଟାଙ୍କିକୁ ଶୀଘ୍ର ସଚଳ କରିବା ଯୋଜନା କରାଯିବା ସାଙ୍ଗକୁ ଅଚଳ ନଳକୂପ ମରାମତି ପାଇଁ ପଞ୍ଚାୟତଗୁଡ଼ିକୁ ଚିଠି କରାଯାଇଛି ବୋଲି ଜଳ ଯୋଗାଣର ଯନ୍ତ୍ରୀ ବିନୟ କୁମାର ସାହୁ କହିଛନ୍ତି।


ଅଚଳ ହୋଇପଡ଼ିଥିବା ଜଳ ଯୋଗାଣ ପ୍ରକଳ୍ପ ।

# 'ଆଧ୍ୟାତ୍ମିକ ଚେତନା ହିଁ ମୁକ୍ତିର ମାର୍ଗ'

ରୂପ୍‌ସା, ୧୦।୩(ଡି.ଏନ.ଏ.)

ଆଧ୍ୟାତ୍ମିକ ଚେତନା ହିଁ ମୁକ୍ତିର ମାର୍ଗଦର୍ଶକ। ସମାଜରେ ଧର୍ମୀୟ ଭାବନାର ଅବକ୍ଷୟ ଘଟୁଛି। କେବଳ ଆଧ୍ୟାତ୍ମିକ ଜ୍ଞାନ ଓ ଚେତନା ହିଁ ଜୀବଜଗତକୁ ଧ୍ୱଂସମୁଖରୁ ଉଦ୍ଧାର କରୁଛି ବୋଲି ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବରେ ମୁଖ୍ୟଅତିଥି ବିଧାୟକ ଜୀବନ ପ୍ରଦୀପ ଦାଶ ଓ ମୁଖ୍ୟବକ୍ତା ଅଧ୍ୟାପକ କେଦାର ମହାନ୍ତି ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ରବିବାର ଠାକୁରଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଡା. ଅଜିତ କୁମାର ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ବିଜୟକେତନ ପଟ୍ଟନାୟକ, ଜେନେରାଲ ମ୍ୟାନେଜର ଶ୍ରୀ କୁଅଁର, ରିତିକ ନିତ୍ୟାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କର ଜୀବନ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଓ ସମ୍ପାଦକ ଶିବ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ଠାକୁରଙ୍କ ପୂଜାର୍ଚ୍ଚନା, ସଙ୍ଗୀତାଞ୍ଜଳୀ, ଭଜନକୀର୍ତ୍ତନ ପୂର୍ବକ ଏକ ବିଶାଳ ଶୋଭାଯାତ୍ରାରେ ମହିଳା, ପୁରୁଷ ଭକ୍ତମାନେ ନଗର ପରିକ୍ରମା କରିଥିଲେ। ଡା. ଶମ୍ଭୁନାଥ ଜେନା ମାଗଣା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କର୍ମକର୍ତ୍ତା ଅଙ୍କୁର ତରାଇ, ସମୀର ପାତ୍ର, ଅଭିରାମ ଜେନା, କେଶବ ପୁହାର ଓ ଜଳଦର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ବିଧାୟକ ଜୀବନପ୍ରଦୀପ ଦାଶ ଉଦ୍‌ବୋଧନ ଦେଉଛନ୍ତି।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୧୦।୩

ଭଦ୍ରକ ପୁରୁଣାବଜାରସ୍ଥିତ ଧନାଟୋଲା ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ମହମ୍ମଦ ଆଜାଦ୍ ଅଲ୍ଲୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶେଖ୍ ସୈଫୁର୍ ରହେମାନ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସିଆର୍‌ସିସି ଶେଖ୍ ମୋଜିବୁର ରହେମାନ ଓ ଶେଖ୍ ମୁସ୍ତାକ ଗୌହର ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷକ ମହମ୍ମଦ ଆଜାଦ୍ ଅଲ୍ଲୀଙ୍କୁ ସହକାରୀ ଶିକ୍ଷକ ଶେଖ୍ ଫସିଉଦ୍ଦିନ କାଦରୀଙ୍କ ନେତୃତ୍ୱରେ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପହାର ଦିଆଯାଇ ସମ୍ମାନିତ କରାଯାଇଥିଲା। ଶିକ୍ଷକମାନଙ୍କର କେବେ ଅବସର ନ ଥାଏ ବୋଲି ଏହି ଅବସରରେ କୁହାଯାଇଥିଲା। ଶିକ୍ଷକ ମୀର ଇରସାଦ ଅଲ୍ଲୀ, ଶେଖ୍ ଫରହାନ, ଶେଖ୍ ସୁଲତାନ, ଶେଖ୍ ତାଜମହମ୍ମଦ, ଲକ୍ଷ୍ମଣ ମାରାଣ୍ଡି, ମହମ୍ମଦ ଅଖତର ଅହେମଦ ଓ ନମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ସଭା

ବାଲିଆପାଳ, ୧୦।୩(ସ୍ୱ.ପ୍ର.)

କବି ଓ ଲେଖକ ପୁସ୍ତକ ମାଧ୍ୟମରେ ସାଧାରଣ ଜନତାଙ୍କ ସ୍ୱରକୁ ଜାଗ୍ରତ କରାନ୍ତୁ, ଫଳରେ ସମାଜରେ ସମତା ପ୍ରତିଷ୍ଠା ହୋଇପାରିବ ବୋଲି ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବେଳାଭୂମି ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଲଙ୍ଗଳେଶ୍ୱର ମହାଦେବ ମନ୍ଦିର ନିକଟସ୍ଥ କୁସଡ଼ିହାଠାରେ ଆୟୋଜିତ ସାନ୍ଧ୍ୟ ଅଧିବେଶନରେ ନାରୀନେତ୍ରୀ ସାରଦା ଗିରି ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷକନେତା ତଥା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ମୁଖ୍ୟଅତିଥି, କବି ଓ ନାଟ୍ୟକାର ସୁକୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ପୁସ୍ତକ କିପରି ଘରେ ଘରେ ଧର୍ମଗ୍ରନ୍ଥ ଭାବେ ପୂଜା ପାଉଛି ତାହା ବର୍ଣ୍ଣନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଶିଶୁ ସାହିତ୍ୟିକା ଶୈଳବାଳା ବେହେରା, ପ୍ରାବନ୍ଧିକ ଅଜିତ କୁମାର ମହାନ୍ତି, ଉତ୍କଳ ସମ୍ମିଳନୀର ବାଲିଆପାଳ ଶାଖା ସମ୍ପାଦକ ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

ରମାରଞ୍ଜନ ରାଉତ ମଞ୍ଚ ଆହ୍ୱାନ, କବି ବ୍ରଜେନ୍ଦ୍ର ନାଥ ଗିରି ଅତିଥି ପରିଚୟ ଏବଂ ପୁସ୍ତକ ମେଳା କମିଟି ସମ୍ପାଦକ ସୁରେନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଲେଖିକା ମିନତୀ ଦେବୀ ପଣ୍ଡାଙ୍କ ରଚିତ ଗୀତି କବିତା ପୁସ୍ତକ ଉନ୍ମୋଚନ ହୋଇଥିଲା। ପୁସ୍ତକ ମେଳା କମିଟି ପକ୍ଷରୁ କବି ସୁକୁମାର ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଦିତ୍ୟ କୁମାର ରାଉତ, ବିଶ୍ୱନାଥ ଗିରି, ଚିତ୍ତରଞ୍ଜନ ସାହୁ, ଭବାନୀ ଶଙ୍କର ଘୋଷ, ହରେକୃଷ୍ଣ ସି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପଞ୍ଚମ ଦିବସରେ ଆଦିବାସୀ ସାହିତ୍ୟ ଓ ସଂସ୍କୃତି ଦିବସ ଭାବେ ପାଳନ କରାଯାଇଥିଲା। ଏଥିରେ ଦାକ୍ଷିନ ମୁର୍ମ ଅଧ୍ୟକ୍ଷତା କରିଥିଲେ। ଅର୍ଜୁନ ମୁର୍ମୁ ମୁଖ୍ୟଅତିଥି ଏବଂ ଶ୍ୟାମାଚରଣ ମାର୍ଣ୍ଡି ମୁଖ୍ୟବକ୍ତା ଏବଂ ନଗେନ୍ଦ୍ର ହେମ୍ବ୍ରମ, ଇଂ. ଭୀମଚରଣ ଟୁଡୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଲଙ୍ଗଳେଶ୍ୱର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

## ଘସିପୁରା ପାଇଁ ଖବରଦାତା ଆବଶ୍ୟକ

ଘସିପୁରା ଅଞ୍ଚଳ ଲାଗି ଖବରଦାତା ଆବଶ୍ୟକ। ପ୍ରାର୍ଥୀ ଯୁକ୍ତ ୩ ପାସ୍ କରିଥିବେ। ଅଭିଜ୍ଞ ତଥା ସ୍ୱଚ୍ଛ ନିର୍ଭୁଲ ଖବର ପ୍ରେରଣ ପାଇଁ ସମର୍ଥ ଥିବା ପ୍ରାର୍ଥୀମାନେ ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର -୧୦ ଠିକଣାରେ କିମ୍ବା recruitment@ dharitri.com ରେ ଫଟୋ ଓ ସମ୍ପୂର୍ଣ୍ଣ ବିବରଣୀ ସହିତ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ ଆବେଦନ କରିପାରିବେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛଳକୁ ମରେ;**
**ସବୁ ଚିରାକନା ଗଣ୍ଠିଲି କରେ,**
**ହକାଳି ହକାଳି ଶୁଖେଇ ମରେ ।**

ଗଣ୍ଠିଲି ଯାକ ଚିରାକନାକୁ ଧୋଇ ଶୁଖାଇବା ବଡ଼ କଷ୍ଟକର କାମ ହୋଇଥାଏ। ଏହା ଜାଣିବା ସତ୍ତ୍ୱେ ନିରୀହ ବ୍ୟକ୍ତି ନିଜ ଦୁଃଖକଷ୍ଟକୁ ଭୁଲି ସେଭଳି କାର୍ଯ୍ୟରେ ହାତଦେବାକୁ ବାଧ୍ୟ ହୋଇଥାନ୍ତି। ସାଧାରଣତଃ ସରଳ ପ୍ରକୃତି ବ୍ୟକ୍ତିଙ୍କ ଉପରେ ସମସ୍ତେ ଦାଉ ସାଧିଥାନ୍ତି। ଅନ୍ୟର ଛନ୍ଦ କପଟ ଜାଣୁ ନ ଥିବା ବ୍ୟକ୍ତି ସ୍ଥଳବିଶେଷରେ ହଇରାଣ ହରକତ ହେବା ସହ ଦୁଃଖଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛତରଛିଆଇ ପଟ;**
**ଛ'ମାସ ଜଗିଲି ଯମୁନା ଘାଟ,**
**ଦିନେ ନ ପାଇଲି ଭେଟ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ। ଯାହା ଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ନ ହୋଇ ପାରିବା କାରଣରୁ ମନରେ ଖେଦ ଭାବ ସୃଷ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନିଷେଧ ସତ୍ତ୍ୱେ ଭାରିଯାନ ଚଳାଚଳ

**ବଢୁଛି ଅସନ୍ତୋଷ**

କେନ୍ଦୁଝର, ୧୦।୩(ସ୍ୱ.ପ୍ର.)

କଡାକଡି ନିଷେଧ ସତ୍ତ୍ୱେ ନରଣପୁର-ହରିଚନ୍ଦନପୁର-ବ୍ରାହ୍ମଣୀପାଳ ରାସ୍ତାରେ ଚାଲିଛି ଭାରୀଯାନ। ପୂର୍ତ୍ତ ବିଭାଗ ଦ୍ୱାରା ଆଦାୟ ହେଉଥିବା ଟୋଲ ଗେଟ ଦେଇ ଅବାଧରେ ଚାଲିଥିଲେ ହେଁ ରୋକା ଯାଉନଥିବାରୁ ରାସ୍ତା ନଷ୍ଟ ହେବା ସହ ଦୁର୍ଘଟଣାର କାରଣ ହେଉଛି । ଫଳରେ କଟକଣା ବୋର୍ଡରେ ସୀମିତ ହୋଇ ରହିଛି । ତେବେ କାହା ଆଦେଶରେ ନିଦ୍ଦିଷ୍ଟ ଭାରୀ ଯାନ ଚଳାଚଳ କୁ ଅନୁମୋତି ଦିଆଯାଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ପୋଲିସ ବିଭାଗର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଏହାକୁ ପ୍ରୋତ୍ସାହିତ କରୁଥିବା ବେଳେ ପୂର୍ତ୍ତ ବିଭାଗ ଟୋଲ ଗେଟ କର୍ମଚାରୀ ମାନେ ଏହା ଦ୍ୱାରା ଲାଭବାନ ହେଉଥିବା ଅଭିଯୋଗ ହେଉଛି । କେତେକ ଭାରୀଯାନ ବାଇପାସରୁ ହରିଡାଗୋଠ ନିକଟରେ ଓହ୍ଲାଇ ଏହି ରାସ୍ତାରେ ଯାତାୟତ କରୁଥିବା ଅଭିଯୋଗ ହେଉଛି । ସେହିପରି ରାସ୍ତା କଡରେ ଏହି ସବୁ ଭାରୀଯାନ ଠିଆ ହୋଇ ରହୁଥିଲେ ହେଁ ଧରପଗଡ ହେଉନାହିଁ । ଫଳରେ ଏହାକୁ ନେଇ ଉକ୍ତ ଅଞ୍ଚଳରେ ଅସନ୍ତୋଷ ବଢୁଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF

| MORE SPACE • SAME PRICE | | | | | | | |
|---|---|---|---|---|---|---|---|
| For Single Day | | For 7 Days | | For 15 Days | | For 30Days | |
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

DANCE CLASS
Ollywood Choreographer Famous Trainer
Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାରଖାନା ସମ୍ପ୍ରସାରଣକୁ ବିରୋଧ

ଝୁମ୍ପୁରା ୧୦।୩ (ଡି.ଏନ.ଏ.)



କାରଖାନାର ଖଣିଜ ସାମଗ୍ରୀ ପଡ଼ି ରହିଥିବାରୁ ରାସ୍ତା ଅବରୋଧ ।

**ଆରଡେଣ୍ଟ ଷ୍ଟିଲ କାରଖାନା**

- ପ୍ରଭାବିତ ଅଞ୍ଚଳ ସମସ୍ୟା ନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଫେରାଦ
- ଗ୍ରାମବାସୀଙ୍କୁ ଉପେକ୍ଷା କରି ଜନଶୁଣାଣି ଅଭିଯୋଗ
- ବର୍ଜ୍ୟବସ୍ତୁ ଯୋଗୁ ଗାଁ ପରିବେଶ ବିପର୍ଯ୍ୟସ୍ତ

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଫୁଲଝର ଗ୍ରାମ ପଞ୍ଚାୟତରେ ନିକଟରେ ଗଢ଼ି ଉଠିଥିବା ଆରଡେଣ୍ଟ ଷ୍ଟିଲ କାରଖାନାର ସମ୍ପ୍ରସାରଣ ପ୍ରସ୍ତାବକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଠାରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମକୁ ସେମାନେ ବର୍ଜନ କରି କାରଖାନା କର୍ତ୍ତୃପକ୍ଷ ଆଞ୍ଚଳିକ ବିକାଶ ପ୍ରତି କିଭଳି ଅବହେଳା ପ୍ରଦର୍ଶନ କରିଆସୁଛନ୍ତି ସେ ନେଇ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି।

୧୦ବର୍ଷ ତଳେ ଏହି ଅଞ୍ଚଳରେ ଆରଡେଣ୍ଟ ଷ୍ଟିଲ କାରଖାନା ହେବା ସମୟରେ ସ୍ଥାନୀୟ ଲୋକେ ନିଯୁକ୍ତି ସୁବିଧା ପାଇବେ ବୋଲି ଆଶା କରିଥିଲେ। କାରଖାନା ପକ୍ଷରୁ ମଧ୍ୟ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ଏସବୁ ପ୍ରତାରଣାରେ ପରିଣତ ହୋଇଛି। ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦୂରେ ଥାଉ ପାରିପାର୍ଶ୍ୱିକ ଉନ୍ନତି ପ୍ରତି ପ୍ଲାଣ୍ଟ କର୍ତ୍ତୃପକ୍ଷ ଆଖିବୁଜି ଦେଇଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଲ୍ଲେଖନୀୟ ଯେ, କାରଖାନା ସମ୍ପ୍ରସାରଣ ପାଇଁ ଗତ ମାସ ୨୮ ତାରିଖରେ ଜନଶୁଣାଣି କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିଲା। ଜନଶୁଣାଣି ଫୁଲଝର ପଞ୍ଚାୟତରେ ନ କରି ୨୫କି.ମି. ଦୂର ବାଂଶପାଳ ବ୍ଲକ କାର୍ଯ୍ୟାଳୟ ପରିସରରେ କରିବ ପ୍ଲାଣ୍ଟ କର୍ତ୍ତୃପକ୍ଷ ସଜବାଜ ହୋଇଥିଲେ। ଫୁଲଝର ପଞ୍ଚାୟତରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି କାରଖାନା କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଥିବା ଅଭିଯୋଗ କରି ଗ୍ରାମବାସୀ ଜନ ଶୁଣାଣିକୁ ବର୍ଜନ କରିଥିଲେ। ସେହିଦିନ ଫୁଲଝର ଗ୍ରାମରେ ଜମିହରାପ୍ରଜା ଓ ଶ୍ରମିକମାନଙ୍କର ଏକ ବୈଠକ ବସିଥିଲା। କାରଖାନା ସମ୍ପ୍ରସାରଣ ପ୍ରସଙ୍ଗ ନେଇ ଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା କୁନା ନାଏକ, ଆନନ୍ଦ ନାଏକ, ଦୁଆଶୀ ନାଏକ, ମୁରଲୀ ବାରିକ, ଜଗଦିଶ ମୁଣ୍ଡା, ସୁବମ ମୁଣ୍ଡା, ନାରାୟଣ ମୁଣ୍ଡା, ରାଜୁ ସୋରେନ, ପୂର୍ଣ୍ଣ ମହାନ୍ତ, ହରେକୃଷ୍ଣ ମହାନ୍ତ, ପ୍ରତାପ ମହାନ୍ତ, ସନାତନ ମହାନ୍ତ, ଡମ୍ବରୁ ମହାନ୍ତ ପ୍ରମୁଖ ଅଭିଯୋଗ କରିଥିଲେ। କାରଖାନା ସମ୍ପ୍ରସାରଣ ହେଲେ ମୁଖ୍ୟତଃ ଭୂୟାଁ, ମୁଣ୍ଡା ସମ୍ପ୍ରଦାୟର ଜନଜାତି ବିସ୍ଥାପିତ ହେବେ ବୋଲି ବୈଠକରେ କୁହାଯାଇ ଏହାକୁ ଦୃଢ଼ ବିରୋଧ କରାଯିବା ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷେ ବଂାଶପାଳ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି ଗ୍ରାମବାସୀଙ୍କ ଅନୁପସ୍ଥିତରେ ଅନୁଷ୍ଠିତ ହୋଇଥିଲା। କେବଳ କେତେଜଣ ପ୍ରାୟୋଜିତ ଲୋକଙ୍କୁ ନେଇ ଜନଶୁଣାଣି କରାଯାଇ କାରଖାନାକୁ ସମ୍ପ୍ରସାରଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମବାସୀ ଏହାକୁ ବିରୋଧ କରି ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିବା ଜଣାପଡ଼ିଛି। ପୂର୍ବରୁ ଗ୍ରାମ୍ୟ ରାସ୍ତା ଅବରୋଧ, ଜଙ୍ଗଲ ଜମିକୁ କବଜାରେ ରଖିବା, ପ୍ରାକୃତିକ ଜଳସ୍ରୋତ ଅବରୋଧ, ଜଙ୍ଗଲ କାଟିବା ସାଙ୍ଗକୁ ଜଙ୍ଗଲ ନଷ୍ଟ, ଜଙ୍ଗଲ ମଧ୍ୟ ଦେଇ ୩୩ କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଲାଇନ ନେବା ଏବଂ ନିଯୁକ୍ତି ସୁଯୋଗ ଦେବା ପରିବର୍ତ୍ତେ ଶ୍ରମିକ ଛଟେଇ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଥିବା କହିଛନ୍ତି। ସେମାନେ ଏ ନେଇ ନୟାକୋଟ ଥାନାରେ ମଧ୍ୟ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। କାରଖାନା କର୍ତ୍ତୃପକ୍ଷ ପ୍ରଶାସନକୁ ଧରାଧରି କରି ଗ୍ରାମବାସୀଙ୍କ ଦାବିକୁ ଉପେକ୍ଷା କରୁଥିବା ସେମାନେ ଦର୍ଶାଇଛନ୍ତି। କାରଖାନା ଯୋଗୁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଥିବା ଗ୍ରାମବାସୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ କାରଖାନାର ସିନିୟର ମ୍ୟାନେଜର ପ୍ରଶାନ୍ତ ରଥଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ। ବାଂଶପାଳ ତହସିଲଦାର ଆଶିଷ କୁମାର ମହାପାତ୍ର କାରଖାନା ସଂକ୍ରାନ୍ତ ସମସ୍ତ ରିପୋର୍ଟ ଜିଲାପାଳଙ୍କୁ ଦେଇଥିବା କହିଛନ୍ତି।

## କୃଷକ ସମ୍ପର୍କ ମେଳା

ହାଟଡିହୀ, ୧୦।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗେଡମା ପଞ୍ଚାୟତ ଜଳସରପୁରରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ମେଳାରେ ଆନନ୍ଦପୁର ବିଧାୟକ ମାୟାଧର ଜେନା ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ବିଧାୟକ ଜେନା କୃଷକମାନଙ୍କ ଉନ୍ନତି ନିମନ୍ତେ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଇବା ସହିତ କାଳିଆ ଯୋଜନା ମାଧ୍ୟମରେ ଦିଆଯାଉଥିବା ଅର୍ଥକୁ ହିତାଧିକାରୀମାନେ କିପରି ଠିକ୍ ଭାବେ ପାଇବେ ସେନେଇ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲା କୃଷକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ସୁରେନ୍ଦ୍ର ଜେନା, ହାଟଡିହୀ ବ୍ଲକ ପୂର୍ବତନ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଗେଡମା ସରପଞ୍ଚ ଆନନ୍ଦ ଚନ୍ଦ୍ର ମହାନ୍ତି, କଳିଗାଁ ସରପଞ୍ଚ ଅମରେନ୍ଦ୍ର ଧଳ, ଜିଲା କୃଷି ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ସାହୁ, ଆନନ୍ଦପୁର ଜିଲା କୃଷି ଅଧିକାରୀ କମଳ କୁମାର ନାୟକ, ସହକାରୀ ଯନ୍ତ୍ରୀ ରଘୁନାଥ ବେହେରା, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଉଦୟ ନାରାୟଣ ଧର ଉପସ୍ଥିତ ରହି ବିଭିନ୍ନ ପ୍ରକାରର ଚାଷ ସମ୍ପର୍କରେ ମତ ଉପସ୍ଥାପନ କରିବା ସହିତ ମିଶ୍ରିତ ଚାଷକୁ ଗୁରୁତ୍ୱ ଦେଇଥିଲେ। ବହୁ ସଂଖ୍ୟାରେ ଚାଷୀ, ଲୋକପ୍ରତିନିଧି, ବିଭାଗୀୟ ଅଧିକାରୀ ନିଜର ମତ ରଖିଥିଲେ।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଓଲଟିଲା ଟ୍ରକ

କୋଲିମାଟି, ୧୦।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନରେ ଥିବା ୨୦ ନଂ ଜାତୀୟ ରାଜପଥ କୋଲିମାଟି କୁମଡ ଘାଟି କଡରେ ଘଟଗାଁ ପଟୁ ଆସୁଥିବା ଏକ ଦଶ ଚକିଆ ଟ୍ରକ ଓଲଟି ପଡିବା ଫଳରେ ଚାଳକ ଗୁରୁତର ହୋଇଥିବାବେଳେ ହେଲପର ଆହତ ହୋଇଥିଲେ। ଟ୍ରକଟି ରାସ୍ତାକଡ଼ରେ ଥିବା ବାଇକ ଉପରେ ଧକ୍କା ଦେଇଥିବାରୁ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ଘସିପୁରା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡିକୁ ଜବତ କରିଥିଲେ।

### ମହୁଲି ଭାଟିରେ ଚଢ଼ାଉ

କେନ୍ଦୁଝର ୧୦।୩ (ସ୍ୱ.ପ୍ର.)-ସଦର ଥାନା ଅନ୍ତର୍ଗତ ବିଭିନ୍ନ ନାଳ କୂଳରେ ଚାଲିଛି ମହୁଲି ଭାଟି। ଏନେଇ ଅବକାରୀ ବିଭାଗ ଧରପଗଡ କରୁନଥିବା ବେଳେ ରବିବାର ସଦର ଥାନା ପୋଲିସ ଚଢ଼ାଉ କରି ପଳାଶପଙ୍ଗା ପଂଚାୟତ କଣ୍ଡରାପଶି ନିକଟରେ ଅରଡେଇ ନଦୀ କୂଳରେ ଚାଲିଥିବା ବେଆଇନ ମଦ ଭାଟି ଧରପଗଡ କରିବା ସହ ନଷ୍ଟ କରିଥିବା ଜଣାପଡିଛି। ପାଖାପାଖି ୨୦ କୁଇଣ୍ଟାଲ ପୋଚ ଜବତ କରି ନଷ୍ଟ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

ହାଟଡିହୀ, ୧୦। ୩ (ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ମୁକ୍ତେଶ୍ୱର ଶିବ ମନ୍ଦିର ପରିସରରେ ୨୪ ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାରଠାରୁ ଏହି ଯଜ୍ଞ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ଏହି ଯଜ୍ଞରେ ଲୋକମାନଙ୍କ ସମାଗମ କିଭଳି ହେବ ସେନେଇ ଆଲୋଚନା ହେବା ସହିତ ଶାନ୍ତିଶୃଙ୍ଖଳା ପାଇଁ ସୋସୋ ପୋଲିସକୁ ଅବଗତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା।

### ଟୁକୁଣା, ସୁନ୍ଦରାପାଳ ଆୟୁଷ୍ମାନ ଯୋଜନାରେ ସାମିଲ

ହାଟଡିହୀ, ୧୦।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ଟୁକୁଣା ଓ ସୁନ୍ଦରାପାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଯୋଜନାରେ ସାମିଲ ହୋଇଛି। ଆନନ୍ଦପୁର ବିଧାୟକ ମାୟାଧର ଜେନା ଅତିଥି ଭାବେ ଟୁକୁଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ, ସୁରେନ୍ଦ୍ର ଜେନା, ଡାକ୍ତର ଗାର୍ଗୀ ମିଶ୍ର, ପ୍ରିୟମ୍ବଦା ରାଉତ, ବିପିଓ ଶୁଭେନ୍ଦୁ ପୁହାଣ, ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ରୋଗୀମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

### ନୂତନ ଡାକ୍ତରଙ୍କ ଯୋଗଦାନ



ହାଟଡିହୀ, ୧୦।୩(ସ୍ୱ.ପ୍ର.)- ହାଟଡିହୀ ଡାକ୍ତର ଖାନାରେ ନୂତନ ଭାବେ ନିଯୁକ୍ତ ଡାକ୍ତର ଅନ୍ନଦା ଜେନାଙ୍କୁ ହାଟଡିହୀ ବିକାଶ ମଞ୍ଚ ତରଫରୁ ସ୍ୱାଗତ କରାଯାଇଛି। ବିକାଶ ମଂଚ ସଭାପତି ନିତ୍ୟାନନ୍ଦ ପହିଙ୍କ ନେତୃତ୍ୱରେ ସମ୍ପାଦକ ସନାତନ ଜେନା, ସଭ୍ୟ କାମପାଳ ନାୟକ, ସୁରେନ୍ଦ୍ର ବାରିକ, ଘନଶ୍ୟାମ ପହି, ନୃସିଂହ ସେଠୀ, ଶାନ୍ତନୁ ନାୟକ, ସଦାଶିବ ଚକ୍ର ପ୍ରମୁଖ ସଭ୍ୟମାନେ ଉପସ୍ଥିତ ରହି ନବ ନିଯୁକ୍ତ ଡାକ୍ତରଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସଭାପତି ନିତ୍ୟାନନ୍ଦ ପହି ଡାକ୍ତରଖାନାର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୧୦ ବର୍ଷ ହେଲା କେହି ଡାକ୍ତର ନଥିଲେ। ଏଥିପାଇଁ ବିକାଶ ମଞ୍ଚ ତରଫରୁ ଗଣଧାରଣା ଦିଆଯାଇଥିଲା ।ଏପରିକି ରାସ୍ତାରୋକୋ ପାଇଁ ଡାକରା ଦିଆଯାଇଥିଲା। ଦାବି ପୂରଣ ହୋଇଥିବାରୁ ମଞ୍ଚ ତରଫରୁ କେନ୍ଦୁଝର ଜିଲାପାଳଙ୍କୁ ସାଧୁବାଦ ଜଣାଯାଇଥିଲା।

## ସେବା ଯୋଗାଇବାରେ ବିଏସଏନଏଲ ବିଫଳ

ବଡବିଲ, ୧୦।୩(ସ୍ୱ.ପ୍ର.)

- ବ୍ୟାଙ୍କ, ପୋଷ୍ଟାଲରେ ସେବା ବ୍ୟାହତ
- ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ

କେନ୍ଦୁଝର ଜିଲା ବଡବିଲ ସ୍ଥିତ ବିଏସଏନଏଲ(ଭାରତୀୟ ସଞ୍ଚାର ନିଗମ ଲିମିଟେଡ) କର୍ତ୍ତୃପକ୍ଷ ଅଞ୍ଚଳରେ ନିରବଚ୍ଛିନ୍ନ ମୋବାଇଲ, ଫିକ୍ସଡ ଲାଇନ ଓ ବ୍ରଡବ୍ୟାଣ୍ଡ ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ସପ୍ତାହେ ହେଲା ଫିକ୍ସଡ ଲାଇନ, ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣଭାବେ ବିଚ୍ଛିନ୍ନ ହୋଇଯାଇଥିବାବେଳେ ମୋବାଇଲ ନେଟୱାର୍କ ମଧ୍ୟ ଗାଏବ ହୋଇଯାଇଥିଲା। ଯ'ଦ୍ୱାରା ବ୍ୟାଙ୍କ ଓ ପୋଷ୍ଟାଲ ବିଭାଗରେ ବେଶୀ ସମସ୍ୟା ଦେଖାଯାଇଥିଲା। ଉପଭୋକ୍ତାମାନେ ମୋବାଇଲ ଯୋଗେ ଯୋଗାଯୋଗ କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଭିନ୍ନ ବ୍ୟାଙ୍କ ଗୁଡିକ ବିଏସଏନଲର ଲିଜ ଲାଇନ ଉପରେ ନିର୍ଭରଶୀଳ ହୋଇଥିବାବେଳେ ଇଣ୍ଟରନେଟ ଫେଲ ହେବା ଯୋଗୁ ଦେଣନେଣ କାରବାର କରିବାକୁ ସକ୍ଷମ ହୋଇପାରୁନଥିଲେ। ଅନ୍ୟପେକ୍ଷ ପୋଷ୍ଟାଲ ବିଭାଗର ବିଭିନ୍ନ ଇଣ୍ଟରନେଟ ସମ୍ପର୍କିତ କାର୍ଯ୍ୟ ହୋଇପାରୁ ନ ଥିବାରୁ ଲୋକେ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ତେବେ ସ୍ଥାନୀୟ ବିଏସଏନଏଲ କାର୍ଯ୍ୟାଳୟରେ ଏ ସମ୍ପର୍କରେ ପଚାରିବାରୁ ରାସ୍ତା କାମ ଚାଲିଥିବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି ଓ କାମ ଚାଲିଛି ବୋଲି ଉତ୍ତର ମିଳୁଛି। ହେଲେ ସମାନ୍ତରାଳ ଭାବେ ବଡବିଲରେ ଅନ୍ୟ ଟେଲିକମ ସେବା ପ୍ରଦାନକାରୀ ଘରୋଇ ସଂସ୍ଥା ଗୁଡିକର ମୋବାଇଲ ନେଟୱାର୍କ ଫେଲ ହେଉ ନ ଥିବାବେଳେ କେବଳ ବିଏସଏନଏଲର ନେଟୱାର୍କ ଫେଲ ହେବା ବିଭାଗୀୟ ଅଧିକାରୀଙ୍କ ଅପାରଗତା ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ନେଇ ଉପରିସ୍ଥ ଜିଲା ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କ ହସ୍ତକ୍ଷେପ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ମହିଳାଙ୍କ ସୁରକ୍ଷା ଓ ସମସ୍ୟା ନେଇ ଆଲୋଚନା

କେନ୍ଦୁଝର, ୧୦।୩ (ସ୍ୱ.ପ୍ର.)

ବିଶ୍ୱ ମହିଳା ଦିବସରେ ହରିଚନ୍ଦନପୁର ବ୍ଲକ ଦୁର୍ଗମ ତେନ୍ତଲାପଶି ଗ୍ରାମରେ ଶକ୍ତିବାହିନୀ ନାରୀ ସଙ୍ଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଜୁଙ୍ଗା, ବକ୍ସିବାରିଗାଁ, ତେନ୍ତଲାପଶି ଗ୍ରାମର ମହିଳାମାନେ ସାମିଲ ହୋଇ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ କୀର୍ତ୍ତି ସଂସ୍ଥାର ସମ୍ପାଦକ ଦୁଷ୍କର ବାରିକ ଯୋଗଦେଇ ନାରୀଙ୍କ ସୁରକ୍ଷା ପାଇଁ ଥିବା ସରକାରୀ ଯୋଜନା ଓ ଆଇନଗତ ବ୍ୟବସ୍ଥା ବିଷୟରେ କହିଥିଲେ। ସଙ୍ଗଠନର ସଭ୍ୟା ମମତା ସୋରେନ, ବେଲ ଜୁଆଙ୍ଗ, ପ୍ରଜ୍ଞା ପାରମିତା ଗୁୟାଁ, ଗୁରୁବାରୀ ମୁଣ୍ଡା, ଚିଲିରି ନାଏକ ସାମ୍ପ୍ରତିକ ପରିସ୍ଥିତିରେ ନାରୀଙ୍କ ପରିବାର ଓ ସାମାଜ ମଧ୍ୟରେ ସ୍ଥିତି, ସମସ୍ୟା ଆଦି ଉପରେ ଆଲୋଚନା କରିଥିଲେ। ସଂଗଠନର ଅନିତା ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପିକ୍ଅପ୍ ଓଲଟି ୨ ଗୁରୁତର, ୪ ଆହତ



ଦୁର୍ଘଟଣା ଘଟିଥିବା ପିକଅପ ଭ୍ୟାନ।

ଯୋଡା, ୧୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ତଥା ବିଲେଇପଦା ଫାଣ୍ଡି ଅଧୀନରେ ଥିବା ଇଙ୍ଗାଣୀଝରଣଠାରେ ଏକ ପିକ୍ଅପ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ୨ ଜଣ ଯାତ୍ରୀ ଗୁରତର ହୋଇଥିବା ବେଳେ ୪ ଆହତ ହୋଇଛନ୍ତି। ବିଲେଇପଦା–ଯୋଡା ରାଜପଥ ସମ୍ପୂର୍ଣ୍ଣ ଟ୍ରାଫିକ ଜାମ ଥିବାରୁ ରବିବାର ସକାଳ ୮ ଟା ସମୟରେ ପିକଅପ ଗାଡିଟି ଯୋଡାସହରକୁ ଇଙ୍ଗାଣୀଝରଣ ରାସ୍ତା ଦେଇ ଆସୁଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ଗାଡିର ଡାଲାରେ ବସିଥିବା ସୁନେଇ ନାଏକ ଓ ସୁର ନାଏକ ଗୁରୁତର ଆହତ ହୋଇଥିଲେ । ଗୁରୁତରଙ୍କୁ ଉଦ୍ଧାର କରି ଯୋଡ଼ାରୁ ଚମ୍ପୁଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ମାନଙ୍କ ମଧ୍ୟରେ ଗୀତା ନଏକ, ରାସ, ନାଏକ, ସୁନ୍ଦୁରି କାଣ୍ଡି, ପଙ୍କଜିନି କାଣ୍ଡି ଯୋଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

## ଖାଲଖମା ଯୋଗୁ ଘଟୁଛି ଦୁର୍ଘଟଣା



ସହରର ଗାନ୍ଧୀ ଛକ ରାସ୍ତା ପାଲଟିଛି ମରଣଯନ୍ତା।

କେନ୍ଦୁଝର, ୧୦।୩ (ସ୍ୱ.ପ୍ର.)

କେନ୍ଦୁଝର ସହରର ଗାନ୍ଧୀ ଛକ ପାଲଟିଛି ମରଣଯନ୍ତା। ଏହି ଛକ ନିକଟରେ ବାରମ୍ବାର ଦୁର୍ଘଟଣା ଘଟି ବହୁ ଲୋକ ମୃତାହତ ହେଉଥିଲେ ହେଁ ପ୍ରଶାସନର ଚେତା ପଶୁନି । ଫଳରେ ଅସନ୍ତୋଷ ବଢୁଛି। ତିନି ଦିନ ତଳେ ଜଣେ ବ୍ୟକ୍ତିଙ୍କର ବସ ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ଏହା ମଧ୍ୟରେ ବହୁ ଦୁର୍ଘଟଣା ଘଟି ଲୋକେ ଆହତ ହୋଇଛନ୍ତି। ଏନଏଚ ୪୯ରେ ଥିବା ଏହି ଛକରେ ରାସ୍ତା ଭାଙ୍ଗି ଅସୁରକ୍ଷିତ ଅବସ୍ଥାରେ ରହିଛି । ଫଳରେ ଗାଡି ଯାତାୟତ କରିବାରେ ସମସ୍ୟା ସୃଷ୍ଟି ହେବା ସହ ବାଇକ ଆରୋହୀମାନେ ଖାଲରେ ପଡି ଆହତ ହେଉଛନ୍ତି। ଏପରିକି କିଛି ଦିନ ତଳେ ଚିହ୍ନ ପଡି ଥିବା ଦେଖି କିଛି ସାମାଜିକ କର୍ମୀ ସଫେଇ କରିଥିଲେ । କିନ୍ତୁ ଏଠାରେ ଥିବା ବିପଦପୂର୍ଣ୍ଣ ଖାଲଖମା ମରାମତି କରାଯାଉନାହିଁ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବା ଲାଗି ସାଧରଣରେ ଦାବି ହୋଇଛି।

## ମୋଟର ସାଇକେଲ ଚୋର ଗିରଫ

କେନ୍ଦୁଝର, ୧୦।୩ (ସ୍ୱ.ପ୍ର.)

କେନ୍ଦୁଝର ଟାଉନ ଥାନା ପୋଲିସ ରବିବାର ଏକ ଆନ୍ତଃରାଜ୍ୟ ମୋଟର ସାଇକେଲ ଚୋରଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗିରଫ କରିଛି। ତାଙ୍କ ନାମ ସୋନୁ ମୁଣ୍ଡା। ଘର ଝାଡ଼ଖଣ୍ଡ ରାଜ୍ୟରେ। ପୋଲିସ ତାଙ୍କ ପାଖରୁ ଏକ ବାଇକ ଜବତ କରିଥିବା ଜଣାପଡିଛି। ଚୋରିର ୨୪ ଘଣ୍ଟା ମଧ୍ୟରେ ବାଇକ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଝାଡ଼ଖଣ୍ଡରୁ ଗିରଫ କରିବାକୁ ପୋଲିସ ସକ୍ଷମ ହୋଇଛି । ଗତ ୮ ତାରିଖ ଦିନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏକ ଟିଭିଏସ୍ ଆପାଚି ଚୋରି ହୋଇଥିଲା । ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗର ସମ୍ପୃକ୍ତିଥିବା ପୋଲିସ ଜାଣିବାକୁ ପାଇଥିବା ବେଳେ ଏନେଇ ତଦନ୍ତ ଜାରି ରହିଛି।

## ଆନନ୍ଦପୁରରେ ହେବ କେନ୍ଦ୍ରୀୟ ବିଦ୍ୟାଳୟ

ଆନନ୍ଦପୁର, ୧୦।୩(ସ୍ୱ.ପ୍ର.)

ଆନନ୍ଦପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ନେଇ ପୁନର୍ବାର କେନ୍ଦ୍ର କ୍ୟାବିନେଟରେ ପ୍ରସ୍ତାବ ଗୃହୀତ ହୋଇଛି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାରା ଦେଶରେ ମୋଟ ୫୦ ଗୋଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଓଡ଼ିଶାରେ ୪ଟି କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରୁ କେନ୍ଦୁଝର ଜିଲାର ଆନନ୍ଦପୁର ଓ ଚମ୍ପୁଆ ସ୍ଥାନ ପାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏବଂ କେନ୍ଦ୍ର ଆଇନବିଭାଗ ମନ୍ତ୍ରୀ ରବି ଶଙ୍କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜ୍ୟରେ ଗଞ୍ଜାମ ଜିଲାର ଛତ୍ରପୁର ଏବଂ ରାୟଗଡାର ଗୁଣୁପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ନେଇ ମଧ୍ୟ ପ୍ରସ୍ତାବ ମଞ୍ଜୁର ହୋଇଛି। ଆନନ୍ଦପୁର ଜନସାଧାରଣଙ୍କ ଦ୍ୱାରା ହୋଇଥିବା ଦାବିକୁ ସାକାର କରିବା ନେଇ କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ କ୍ୟାବିନେଟ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟର କାର୍ଯ୍ୟକାରିତା ନେଇ ବାରମ୍ବାର ପ୍ରସ୍ତାବ ରଖିଥିଲେ। ଶେଷରେ ଏହା ସାକାର ନେଇଛି। ଜିଲାରେ ଦୁଇଟି ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ପାଇଁ ମଞ୍ଜୁରୀ ମିଳିଛି। ଏହା କିପରି ଖୁବ ଶୀଘ୍ର କାର୍ଯ୍ୟକ୍ଷମ ହେବ ସେନେଇ ଏମ୍‌ପି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିବା ସୂଚନା ମିଳିଛି। ଆନନ୍ଦପୁର ଜନସାଧାରଣ, ଜିଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ ଏମପି ଲାଗୁରୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦୁଇ ଖଣିର ପରିବେଶ ଜନଶୁଣାଣି ଶିବିର

ବଡବିଲ, ୧୦।୩(ସ୍ୱ.ପ୍ର.)

**ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦାବି**

କେନ୍ଦୁଝର ଜିଲା ଯୋଡା ଖଣି ସର୍କଲରେ ଥିବା ଦୁଇଟି ଖଣିର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଶୁକ୍ରବାର ନୂଆଗାଁ ଆଇରନ ଓର ମାଇନ୍ସ ଏବଂ ଶନିବାର ଠାକୁରାଣୀସ୍ଥିତ କେ.ପି. ଏଣ୍ଟରପ୍ରାଇଜର୍ସ ଖଣିର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଉଭୟ ସ୍ଥାନରେ ଲୋକେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର, ଗମନାଗମନ, ଶିକ୍ଷା, ପାନୀୟ ଜଳ, ସ୍ୱାସ୍ଥ୍ୟସେବାର ସୁବିଧା ଦାବି କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରୁଗୁଡ଼ି ଥାନା ଅନ୍ତର୍ଗତ ନୂଆଗାଁ ଆଇରନ ଓର ମାଇନ୍ସର ଖଣି ଲିଜଭୁକ୍ତ ଅଞ୍ଚଳରେ ଖଣିର ୭୬୭.୨୮୪ ହେକ୍ଟର ପରିମିତ ଅଞ୍ଚଳରେ ଉତ୍ପାଦନ କ୍ଷମତା ବାର୍ଷିକ ୫.୬୨ ମିଲିୟନ ଟନରୁ ୭.୯୯ ମିଲିୟନ ଟନକୁ ବୃଦ୍ଧି ତଥା ବେନିଫିକେଶନ ପ୍ଲାଣ୍ଟ, କ୍ରସର ଏବଂ ସ୍କ୍ରିନିଂ ପ୍ଲାଣ୍ଟର ସ୍ଥାପନା ନିମିତ୍ତ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଦଲକିଗ୍ରାମ ପଡିଆଠାରେ କେପି ଏଣ୍ଟରପ୍ରାଇଜର୍ସ ଖଣିର ୨୨୮.୦୪ ହେକ୍ଟର ପରିମିତ ଅଞ୍ଚଳରେ ଠାକୁରାଣୀ ଲୌହ ଖଣିର ଉତ୍ପାଦନ କ୍ଷମତା ବାର୍ଷିକ ୫.୫ ମିଲିୟନ ଟନରୁ ୭.୯୯ ମିଲିୟନ ଟନକୁ ବୃଦ୍ଧି ତଥା କ୍ରସିଂ ଓ ସ୍କ୍ରିନିଂ ପ୍ଲାଣ୍ଟର ସ୍ଥାପନା ନିମିତ୍ତ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଉଭୟ ଜନଶୁଣାଣିରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଭକ୍ତ ଚରଣ ବେହେରା ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଏହି ଜନଶୁଣାଣି ଶିବିର ଦ୍ୱୟ ଅନୁଷ୍ଠିତ ହୋଇଥିଲା।

## ଭିଭିପାଟ ମେଶିନ ବ୍ୟବହାର ନେଇ ସଚେତନତା

କେନ୍ଦୁଝର/ ଆନନ୍ଦପୁର/ ଚମ୍ପୁଆ, ୧୦।୩ (ସ୍ୱ.ପ୍ର./ ଡି.ଏନ.ଏ.)



ଇଭିଏମ୍ ମେଶିନ ବ୍ୟବହାର ନେଇ ଦରବାରହଲରେ ସଚେତନତା କାର୍ଯ୍ୟକ୍ରମ।

ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ମୁକ୍ତ ନିର୍ବାଚନ କରିବା ପାଇଁ ଇଭିଏମ ଓ ଭିଭିପାଟ ମେଶିନ ବ୍ୟବହାର କରିବା ନେଇ ଭାରତ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଦକ୍ଷେପ ନେଇଛନ୍ତି। ଏଣୁ ଏହି ମେଶିନ ବ୍ୟବହାର ନେଇ ରବିବାର ସ୍ଥାନୀୟ ଦରବାରହଲ ଠାରେ ଏକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅଭିଯାନ ଉପଖଣ୍ଡ, ବ୍ଲକ ଓ ଜିଲା ସ୍ତରରେ ଅନୁଷ୍ଠିତ ହୋଇଛି । ଜିଲାପାଳ ଆଶିଷ ଠାକରେ ଙ୍କ ଅଧ୍ୟକ୍ଷତାରେ ଦରବାର ହଲ ଠାରେ ଜିଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ୬ ଟି ନିର୍ବାଚନ ମଣ୍ଡଳୀର ହାଟ, ବଜାର, ଜନଗହଳୀପୂର୍ଣ୍ଣ ସ୍ଥାନରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଜିଲାପାଳ କହିଥିଲେ । ଆସିଷ୍ଟାଣ୍ଟ କଲେକ୍ଟର, କିରଣ କୁମାର ନାୟକ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆନନ୍ଦପୁର ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଭିଏମ ଓ ଭିଭିପାଟ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟରମାନଙ୍କୁ ଅଧିକରୁ ଅଧିକ ସଚେତନ କରାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ ଜରିଆରେ ଇଭିଏମ ଏବଂ ଭିଭିପାର୍ଟର କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚଳିତ ନିର୍ବାଚନରେ ପ୍ରଥମ ଥର ପାଇଁ ଭିଭିପାଟର ବ୍ୟବସ୍ଥା କରାଯାଇଥିବାରୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ଭିଭିପାଟ ଦ୍ୱାରା ଭୋଟରମାନେ ନିଜେ ଭୋଟ ଦେଇଥିବା ପ୍ରାର୍ଥୀଙ୍କୁ ପ୍ରକୃତ ପକ୍ଷେ ଭୋଟ ଯାଇଛି କି ନାହିଁ ତାହା ଜାଣିବା ପାଇଁ ଏହାର ବ୍ୟବହାର କରାଯାଉଛି। ଇଭିଏମରେ ଭୋଟର ଭୋଟ ଦେବା ପରେ ସେ କାହାକୁ ଭୋଟ ଦେଲେ ଭିଭିପାଟ ୭ ସେକେଣ୍ଡ ପାଇଁ ପ୍ରଦର୍ଶିତ ହେବ। ରବିବାର ଅନୁଷ୍ଠିତ ଏହି ସଚେତନତ କାର୍ଯ୍ୟକ୍ରମରେ ଉପଜିଲାପାଳ ସାହୁଙ୍କ ସମେତ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ରେଭେନ୍ୟୁ ଅଫିସର କୀର୍ତ୍ତନ ବିହାରୀ ଓଝା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ, ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଦିଲ୍ଲୀପ କୁମାର ଦାଶ, ଅତିରିକ୍ତ ଉପଜିଲାପାଳ ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ରହି ସଚେତନ ସୃଷ୍ଟି କରିଥିଲେ।

ଚମ୍ପୁଆ ବ୍ଲକ୍ ସଭା ଗୃହ ଠାରେ ଇଭିଏମ୍–ଭିଭିପାଟ୍‌ର ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମର ପ୍ରତିନିଧି, ସମାଜର ବିଭିନ୍ନ ବର୍ଗର ଲୋକ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ । ବର୍ତ୍ତମାନ ପରିପ୍ରେକ୍ଷୀରେ ଉପଖଣ୍ଡର ବିଭିନ୍ନ ଗାଁରେ ଗାଁରେ ଭୋଟର ସଚେତନତା ଅଭିଯାନ ଜାରି ରହିଛି । ଉକ୍ତ ଅଭିଯାନରେ ବିଡିଓ ନୁପୁର ଚାନ୍ଦଗୋଟିଆ ଉପସ୍ଥିତ ରହି ଇଭିଏମ୍ ଏକ ସହଜ, ସରଳ ଓ ସୁନ୍ଦର ପ୍ରକ୍ରିୟା ବୋଲି ମତବ୍ୟକ୍ତ କରିବା ସହିତ ଭିଭିପାଟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତହସିଲଦାର ଆଲୋକ କୁମାର ପଟେଲ, ସହକାରୀ ଜିଲାପାଳ ସପନ କୁମାର ସାହୁ,ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ଗିରି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକ, ଏପିଓ ପୂର୍ଣ୍ଣଚନ୍ଦ୍ର ନାୟକ, ଜିପିଇଓ ଦିଗମ୍ବର ପ୍ରଧାନଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ।